# ଧରିତ୍ରୀ
DHARITRI

ମଙ୍ଗଳବାର, ମେ ୧୨/୨୦୨୦ (୧୬ ପୃଷ୍ଠା) | Tuesday, May 12/2020

୪୬ଶ ଭାଗ ୧୬୬ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-




**ପିଲାବେଳର ଭିଡିଓ ଶେୟାର କଲେ ଅନନ୍ୟା**

ବଲିଉଡ୍ ଅଭିନେତ୍ରୀ ଅନନ୍ୟା ପାଣ୍ଡେ ନିଜର ପିଲାବେଳର ଏକ ଭିଡିଓ ସୋସିଆଲ ମିଡିଆରେ ଶେୟାର କରିଛନ୍ତି। ଏଥିରେ ସେ ତାଙ୍କ ମା'ଙ୍କ ସହ ଥିବା ଦେଖିବାକୁ ମିଳିଛି। ୧୦

୧୭ **ସାନିଆ ମିର୍ଜାଙ୍କୁ ପୁରସ୍କାର**

ଷ୍ଟାର ଟେନିସ ଖେଳାଳି ସାନିଆ ମିର୍ଜା ପ୍ରଥମ ଭାରତୀୟ ଭାବେ ଫେଡ୍ କପ୍ ହାର୍ଟ ଆୱାର୍ଡ ଜିତିଛନ୍ତି।



# ୪୦୦ ଟପିଲା ଆକ୍ରାନ୍ତଙ୍କ ସଂଖ୍ୟା

**୩୭ ନୂଆ ପଜିଟିଭ୍ ଚିହ୍ନଟ**

- ଗଞ୍ଜାମ ଜିଲାରେ ରହିଛନ୍ତି ସର୍ବାଧିକ ୩୭.୨%
- ରାଜ୍ୟରେ ଅଧିକ ଆକ୍ରାନ୍ତ ହୋଇଛନ୍ତି ଯୁବପିଢ଼ି
- ସୁସ୍ଥ ହେଲେ ଆଉ ୧୭, କରୋନା ମୁକ୍ତ ହେଲା ୨ ଜିଲା

ଭୁବନେଶ୍ୱର, ୧୧।୫(ବ୍ୟୁରୋ)

କଟକଣା ମାନୁନି କରୋନା। ପ୍ରବାସୀ ଓଡ଼ିଆ ଫେରିବା ପରେ ରାଜ୍ୟରେ ପ୍ରତିଦିନ ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ି ଚାଲିଛି। ସୋମବାର ୩୭ଜଣ ନୂଆ ପଜିଟିଭ୍ ଚିହ୍ନଟ ହେବା ପରେ ରାଜ୍ୟରେ ଆକ୍ରାନ୍ତଙ୍କ ସଂଖ୍ୟା ୪୧୪ ଛୁଇଁଛି। ତେବେ ନୂଆ ଆକ୍ରାନ୍ତଙ୍କ ମଧ୍ୟରୁ ଗଞ୍ଜାମରେ ସର୍ବାଧିକ ୨୯ଜଣ ଥିବାବେଳେ ସୁନ୍ଦରଗଡ଼ ୩, ମୟୂରଭଞ୍ଜ, ଯାଜପୁର, କେନ୍ଦ୍ରାପଡ଼ା, କଟକ ଓ ବୌଦ୍ଧରେ ଜଣେ ଲେଖାଏ ଚିହ୍ନଟ ରହିଥିବା ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।



ରାଜ୍ୟର ମୋଟ ଆକ୍ରାନ୍ତଙ୍କ ମଧ୍ୟରୁ ଗଞ୍ଜାମ ଜିଲାରେ ସର୍ବାଧିକ ୩୭.୨ ପ୍ରତିଶତ ରହିଥିବାବେଳେ ଯାଜପୁର ୧୪.୭, ଖୋର୍ଦ୍ଧା ୧୨.୧, ବାଲେଶ୍ୱର ୧୦.୧, ଭଦ୍ରକ ୭.୫, ସୁନ୍ଦରଗଡ଼ ୩.୯, ଅନୁଗୋଳ ୩.୬, ମୟୂରଭଞ୍ଜ ୨.୨, କେନ୍ଦ୍ରାପଡ଼ା ୨.୨, ଜଗତସିଂହପୁର ଜିଲାରେ ୧.୨ ପ୍ରତିଶତ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସେପଟେ ଓଡ଼ିଶାରେ କରୋନା ସଂକ୍ରମିତଙ୍କ ମଧ୍ୟରେ ଯୁବପିଢ଼ି ସବୁଠାରୁ ଅଧିକ ଆକ୍ରାନ୍ତ ହୋଇଛନ୍ତି। ଇତିମଧ୍ୟରେ ୪୧୧ଜଣ ଆକ୍ରାନ୍ତଙ୍କ ସଂକ୍ରାନ୍ତରେ ସବିଶେଷ ତଥ୍ୟ ମିଳିଥିବାବେଳେ ସେମାନଙ୍କ ମଧ୍ୟରୁ ୧୫ରୁ ୪୦ ବର୍ଷ ବୟସ ମଧ୍ୟରେ ୨୫୬ଜଣ ଆକ୍ରାନ୍ତ ରହିଛନ୍ତି। ଏହାତଳକୁ ୪୧ରୁ ୬୦ବର୍ଷ ବୟସ ମଧ୍ୟରେ ୧୧୪ଜଣ, ୬୦ ବର୍ଷରୁ ଅଧିକ ବୟସର ୨୮ ଜଣ ଏବଂ ଶୂନ (୦)ରୁ ୧୪ ବର୍ଷ ବୟସ ମଧ୍ୟରେ ୧୩ ଜଣ ଚିହ୍ନଟ ହୋଇଛନ୍ତି। ଆକ୍ରାନ୍ତଙ୍କ ମଧ୍ୟରେ ୩୫୨ଜଣ ପୁରୁଷ ଓ ୫୯ଜଣ ମହିଳା ରହିଛନ୍ତି।

ଗୋଟିଏ ପଟେ ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ି ଚାଲିଥିବାବେଳେ ଦିନକୁ ଦିନ ଅଧିକ ସଂଖ୍ୟାରେ ସୁସ୍ଥ ହେଉଥିବା ଖବର ମିଳିଛି। ଏହା ରାଜ୍ୟବାସୀ ଓ ସରକାରଙ୍କୁ ଆଶ୍ୱସ୍ତି ଦେଇଛି। ସୋମବାର ଗୋଟିଏ ଦିନରେ ଆଉ ୧୭ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ଏକାଥରକେ ଏତେ ସଂଖ୍ୟା ଗୋଟିଏ ଦିନରେ ସୁସ୍ଥ ହେବା ରାଜ୍ୟ ପାଇଁ ଶୁଭ ଖବର ବୋଲି କୁହାଯାଉଛି। ସମସ୍ତଙ୍କୁ ହସ୍ପିଟାଲରୁ ଡିସ୍‌ଚାର୍ଜ କରିଦିଆଯାଇଛି। ଏମାନଙ୍କ ମଧ୍ୟରୁ ଖୋର୍ଦ୍ଧାର ୫ଜଣ ଥିବାବେଳେ ସୁନ୍ଦରଗଡ଼ର ୪, ଭଦ୍ରକର ୩, ଝାରସୁଗୁଡ଼ା ୨, ବାଲେଶ୍ୱରର ୨, ଦେବଗଡ଼ର ଜଣେ ରହିଛନ୍ତି। ଫଳରେ ଝାରସୁଗୁଡ଼ା ଓ ଦେବଗଡ଼ ଜିଲା ☞ପୃଷ୍ଠା-୪

# ଗ୍ରାମାଞ୍ଚଳକୁ ସଂକ୍ରମଣ ମୁକ୍ତ ରଖିବା ଚ୍ୟାଲେଞ୍ଜ

**ମୁଖ୍ୟମନ୍ତ୍ରୀମାନଙ୍କୁ ପ୍ରଧାନମନ୍ତ୍ରୀଙ୍କ ପରାମର୍ଶ**

- ଆଗକୁ ସନ୍ତୁଳିତ ରଣନୀତି ଆବଶ୍ୟକ
- ଲକ୍‌ଡାଉନ୍ କୋହଳ ନିଷ୍ପତ୍ତି ରାଜ୍ୟ ଉପରେ ଛାଡ଼ିବାକୁ ପ୍ରସ୍ତାବ

ନୂଆଦିଲ୍ଲୀ, ୧୧।୫(ପି.ଟି.)

କରୋନା ମହାମାରୀର ମୁକାବିଲା ଲାଗି ଆଗକୁ ସନ୍ତୁଳିତ ରଣନୀତି ପ୍ରସ୍ତୁତ କରିବା ସହ ଏହାକୁ କାର୍ଯ୍ୟକାରୀ କରିବାକୁ ହେବ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସୋମବାର ମୁଖ୍ୟମନ୍ତ୍ରୀମାନଙ୍କ ସହ ଆଲୋଚନାବେଳେ କହିଛନ୍ତି। ଦେଶପାଇଁ ସବୁଠୁ ବଡ଼ ଚ୍ୟାଲେଞ୍ଜ ହେଲା ଗ୍ରାମାଞ୍ଚଳଗୁଡ଼ିକ କରୋନା ସଂକ୍ରମଣରୁ ମୁକ୍ତ ରଖିଛି ବୋଲି ଆମକୁ ସୁନିଶ୍ଚିତ କରିବାକୁ ହେବ। ଭିଡିଓ କନ୍‌ଫରେନ୍ସରେ ମୁଖ୍ୟମନ୍ତ୍ରୀମାନେ ସେମାନଙ୍କ ରାଜ୍ୟର କରୋନା ସ୍ଥିତି ସମ୍ପର୍କରେ ପ୍ରଧାନମନ୍ତ୍ରୀଙ୍କୁ ଅବଗତ କରାଇବା ସହ ଲକ୍‌ଡାଉନକୁ ନେଇ କେତେକ ପରାମର୍ଶ ଦେଇଥିଲେ।

ମହାମାରୀ ବିରୋଧରେ ରାଜ୍ୟଗୁଡ଼ିକର ଲଢ଼େଇକୁ ପ୍ରଧାନମନ୍ତ୍ରୀ ଉଚ୍ଚ ପ୍ରଶଂସା କରିଛନ୍ତି। ଏହି ସଫଳତା ପାଇଁ ସାରା ବିଶ୍ୱର ନଜର ଭାରତ ଉପରେ ରହିଛି। ଯେଉଁଠି ସାମାଜିକ ଦୂରତ୍ୱ ନିୟମ ପାଳନ ହୋଇନାହିଁ କିମ୍ବା ଲକ୍‌ଡାଉନ ଗାଇଡ୍‌ଲାଇନ କାର୍ଯ୍ୟକାରିତାରେ ତ୍ରୁଟି ହୋଇଛି, ସେଠାରେ ସମସ୍ୟା ବଢ଼ିଛି। ତେଣୁ ଲକ୍‌ଡାଉନବେଳେ ଲୋକମାନେ ଯିଏ ଯେଉଁଠି ଅଛନ୍ତି ସେହିଠାରେ ରହିବା ସୁନିଶ୍ଚିତ କରିବା ଜରୁରୀ ଥିଲା। ତେବେ ଲୋକମାନେ ଘରକୁ ଫେରିବା ଲାଗି ବ୍ୟଗ୍ର ହେଲେ, ଯେଉଁଥିପାଇଁ ନିଷ୍ପତ୍ତି ବଦଳାଇବାକୁ ପଡିଲା। ଘରକୁ ଫେରିବା ମାନବୀୟ ପ୍ରକୃତି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ତୃତୀୟ ପର୍ଯ୍ୟାୟ ଲକ୍‌ଡାଉନ ଆସନ୍ତା ୧୭ରେ ଶେଷ ହେବାକୁ ଥିବାବେଳେ ଏହା ପୂର୍ବରୁ ପ୍ରଧାନମନ୍ତ୍ରୀ ରାଜ୍ୟ ମୁଖ୍ୟମନ୍ତ୍ରୀମାନଙ୍କ ସହ




ପରାମର୍ଶ ଲାଗି ସୋମବାର ପଞ୍ଚମଥର ପାଇଁ ଭିଡିଓ କନ୍‌ଫରେନ୍ସରେ ଆଲୋଚନା କରିଥିଲେ। ବୈଠକରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଅଂଶଗ୍ରହଣ କରି ଏବେ ରାଜନୀତି କରିବାର ସମୟ ନୁହେଁ ବୋଲି କହିବା ସହ ସଂଘୀୟ ବ୍ୟବସ୍ଥାକୁ ନଷ୍ଟ କରା ନ ଯାଉ ବୋଲି ପରାମର୍ଶ ଦେଇଥିଲେ। ସେହିପରି ଚଳିତ ମାସରେ ଟ୍ରେନ୍ ଓ ବିମାନ ଚଳାଚଳ ଆରମ୍ଭ ନ କରିବାକୁ ତାମିଲନାଡୁ ମୁଖ୍ୟମନ୍ତ୍ରୀ ଇ. ପାଲାନିସାମୀ ପ୍ରଧାନମନ୍ତ୍ରୀଙ୍କୁ ଅନୁରୋଧ କରିଥିଲେ। ଅନ୍ୟପକ୍ଷରେ କୃଷି ବଜାର, ସାଧାରଣ ପରିବହନ, ବଜାର ଓ ଶପିଂ ମଲ୍‌ଗୁଡ଼ିକ କେତେକ ସର୍ତ୍ତାବଳୀ ସହ ଖୋଲିବା ଜରୁରୀ ବୋଲି ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଜଗନମୋହନ ରେଡ୍ଡୀ ପ୍ରସ୍ତାବ ଦେଇଥିଲେ। ଅର୍ଥନୀତିକୁ ସଜାଡିବାକୁ ହେଲେ ସ୍ୱାଭାବିକ ଅବସ୍ଥା ଫେରାଇ ଆଣିବାକୁ ☞ପୃଷ୍ଠା-୪

## ଅର୍ଥନୀତିକୁ ବଞ୍ଚାଇବା ପାଇଁ ଏସ୍‌ଓପି ଜରୁରୀ: ମୁଖ୍ୟମନ୍ତ୍ରୀ

- ଜିଲା ବଦଳରେ କ୍ଷୁଦ୍ର ଅଞ୍ଚଳକୁ ୟୁନିଟ୍ ଭାବେ ଧରାଯାଉ
- କରୋନା ଯୁଦ୍ଧରେ ପଞ୍ଚାୟତିରାଜ ଅନୁଷ୍ଠାନକୁ ସାମିଲ କରାଯାଉ
- ଅଧିକରୁ ଅଧିକ ଟ୍ରେନ୍ ଚଳାଚଳ ଉପରେ ଗୁରୁତ୍ୱ

ଭୁବନେଶ୍ୱର, ୧୧।୫(ବ୍ୟୁରୋ)

କରୋନା ଲକ୍‌ଡାଉନ୍ ଯୋଗୁ ଅର୍ଥନୀତି ଏକ ପ୍ରକାର ସ୍ଥାଣୁ ହୋଇଯାଇଛି। ଅର୍ଥନୈତିକ କାର୍ଯ୍ୟକଳାପକୁ ପୁନର୍ଜୀବିତ କରିବା ପାଇଁ କେନ୍ଦ୍ର ସରକାର ଏକ ନ୍ୟାଶନାଲ ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଜ୍ୟୁର(ଏସ୍‌ଓପି) ପ୍ରସ୍ତୁତ କରିବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କେନ୍ଦ୍ର ସରକାରଙ୍କୁ ପ୍ରସ୍ତାବ ଦେଇଛନ୍ତି। ସୋମବାର ଅପରାହ୍ନରେ ଭିଡିଓ କନଫରେନ୍ସ ମାଧ୍ୟମରେ ଆଲୋଚନା ବେଳେ ମୁଖ୍ୟମନ୍ତ୍ରୀ ପ୍ରଧାନମନ୍ତ୍ରୀଙ୍କୁ କରୋନା ମୁକାବିଲା ଓ ଭୁଶୁଡ଼ି ଯାଉଥିବା ଅର୍ଥନୀତିକୁ ସଜାଡ଼ିବା ଲାଗି କେତେକ ପ୍ରସ୍ତାବ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ☞ପୃଷ୍ଠା-୪

ସ୍ପଷ୍ଟ କଲା ଅର୍ଥ ମନ୍ତ୍ରଣାଳୟ

## କେନ୍ଦ୍ର ସରକାରୀ କର୍ମଚାରୀଙ୍କ ଦରମା କାଟ ହେବ ନାହିଁ

ଭୁବନେଶ୍ୱର, ୧୧।୫(ବ୍ୟୁରୋ): କେନ୍ଦ୍ର ସରକାରୀ କର୍ମଚାରୀଙ୍କର ଦରମା କାଟ ହେବ ନାହିଁ। ଏ ନେଇ ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ସ୍ପଷ୍ଟ କରାଯାଇଛି। କରୋନା ଲକ୍‌ଡାଉନ୍ ଯୋଗୁ ଦେଶର ଅର୍ଥନୀତି ଦିନକୁ ଦିନ ବିଗୁଡୁଥିବାରୁ କେନ୍ଦ୍ର ସରକାର କର୍ମଚାରୀଙ୍କ ଦରମା କାଟ କରିବା ନେଇ କେତେକ ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲା। ଏହା ସମ୍ପୂର୍ଣ୍ଣ ଭିତ୍ତିହୀନ। ସେଭଳି କୌଣସି ପ୍ରସ୍ତାବ ନାହିଁ। କୌଣସି କର୍ମଚାରୀଙ୍କର ଦରମା କାଟ ହେବ ନାହିଁ ବୋଲି ମନ୍ତ୍ରଣାଳୟ ପକ୍ଷରୁ ଟୁଇଟ କରି ସ୍ପଷ୍ଟ କରାଯାଇଛି।

**ଆଜିର ସମ୍ପାଦକୀୟ**

**ସମାପ୍ତ ନା ସମ୍ପ୍ରସାରଣ**

**ଆଜିର ମନ୍ତବ୍ୟ**

“ବିଦେଶୀ ନିବେଶ ଆକୃଷ୍ଟ କରିବା ଲାଗି ଭାଜପା ଶାସିତ ରାଜ୍ୟ ଶ୍ରମ ଆଇନକୁ ବଦଳାଇବା ଲଜ୍ଜାଜନକ।

– ଶକ୍ତିସିଂ ଗୋହିଲ, କଂଗ୍ରେସ ମୁଖପାତ୍ର



ବ୍ରହ୍ମପୁରରୁ ଝାଡ଼ଖଣ୍ଡ ଅଭିମୁଖେ ଚାଲି ଚାଲି ବାହାରିଥିବା ଶ୍ରମିକମାନେ ସୋମବାର ଭୁବନେଶ୍ୱରରେ ପହଞ୍ଚିଛନ୍ତି।

## ୧୬ରେ ଆଣ୍ଡାମାନ ଛୁଇଁବ ମୌସୁମୀ

**ରାଜ୍ୟରେ ୫ ଦିନ ଯାଏ ଝଡ଼ବର୍ଷା**

ଭୁବନେଶ୍ୱର, ୧୧।୫(ବ୍ୟୁରୋ)

ଦକ୍ଷିଣ ଆଣ୍ଡାମାନ ଏବଂ ଏହାର ଉପକୂଳରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି। ଏହାର ପ୍ରଭାବରେ ଦକ୍ଷିଣ ପୂର୍ବ ବଙ୍ଗୋପସାଗର ଏବଂ ଆଣ୍ଡାମାନ ଉପକୂଳରେ ଆସନ୍ତା ୧୩ ତାରିଖରେ ଏକ ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହାର ୭୨ ଘଣ୍ଟା ପରେ ଲଘୁଚାପ ଆହୁରି ଘନୀଭୂତ ହୋଇ ଅବପାତରେ ପରିଣତ ହେବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ଆଣ୍ଡାମାନ ଉପକୂଳରେ ସୃଷ୍ଟି ହୋଇଥିବା ପାଗ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ଆଗମନ ପାଇଁ ବାଟ ଫିଟାଇଛି। ଆସନ୍ତା ୧୬ ତାରିଖ ସୁଦ୍ଧା ମୌସୁମୀ ଦକ୍ଷିଣ ପୂର୍ବ ବଙ୍ଗୋପସାଗର, ଦକ୍ଷିଣ ଆଣ୍ଡାମାନ ଏବଂ ନିକୋବରର କେତେକ ଅଞ୍ଚଳକୁ ଛୁଇଁବ ବୋଲି ପୂର୍ବାନୁମାନ କରାଯାଇଛି। ଏଥିଯୋଗୁ ସେହି ସବୁ ଅଞ୍ଚଳରେ ପ୍ରବଳ ବର୍ଷା ହେବ ବୋଲି ମଧ୍ୟ ସୂଚନା ଦିଆଯାଇଛି।

ଏହା ଛଡ଼ା ରାଜସ୍ଥାନରୁ ଛତିଶଗଡ଼ ଏବଂ ବିହାର ଓ ଛତିଶଗଡ଼ ☞ପୃଷ୍ଠା-୪

# ଆଜିଠାରୁ ଚାଲିବ ଯାତ୍ରୀବାହୀ ଟ୍ରେନ୍

- ନୂଆ ଗାଇଡ୍‌ଲାଇନ ଜାରି କଲା ରେଲୱେ
- ପ୍ରଥମ ପର୍ଯ୍ୟାୟରେ ଚାଲିବ ୧୫ ଯୋଡ଼ା ଟ୍ରେନ୍
- ଲକ୍ଷଣ ନ ଥିବା ଯାତ୍ରୀଙ୍କୁ ମିଳିବ ଅନୁମତି
- ଆଇଆରସିଟିସି ୱେବ୍‌ସାଇଟ ନ ଖୋଲିବାରୁ ୪ଟା ବଦଳରେ ୬ଟାରୁ ହେଲା ଟିକେଟ ବୁକିଂ

ନୂଆଦିଲ୍ଲୀ, ୧୧।୫ (ପି.ଟି.)

କରୋନା ମହାମାରୀ ପାଇଁ ପାଖାପାଖି ୫୦ ଦିନ ହେଲା ଦେଶରେ ଯାତ୍ରୀବାହୀ ଟ୍ରେନ୍ ସେବା ବନ୍ଦ ରହିଥିବାବେଳେ ମଙ୍ଗଳବାରଠାରୁ ପର୍ଯ୍ୟାୟକ୍ରମେ କେତେକ ରୁଟ୍‌ରେ ୧୫ ଯୋଡ଼ା ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ ଆରମ୍ଭ ହେବାକୁ ଯାଉଛି। ଏଥିପାଇଁ ରେଲୱେ ପକ୍ଷରୁ ନୂଆ ଗାଇଡ୍‌ଲାଇନ ଜାରି କରାଯାଇଛି। ଯାତ୍ରୀମାନଙ୍କର ସ୍ୱାସ୍ଥ୍ୟ ଯାଞ୍ଚ ବାଧ୍ୟତାମୂଳକ ହୋଇଥିବାରୁ ସେମାନଙ୍କୁ ଟ୍ରେନ୍ ଛାଡ଼ିବାର ୯୦ ମିନିଟ ପୂର୍ବରୁ ଷ୍ଟେଶନରେ ପହଞ୍ଚିବାକୁ ହେବ। ଯେଉଁମାନଙ୍କଠାରେ ରୋଗର କୌଣସି ଲକ୍ଷଣ ନ ଥିବ ସେମାନଙ୍କୁ ଟ୍ରେନ୍ ଯାତ୍ରା ଲାଗି ଅନୁମତି ମିଳିବ ବୋଲି ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ଜାରି ଏସ୍‌ଓପିରେ କୁହାଯାଇଛି। ଯାତ୍ରୀମାନେ ନିଜର ଖାଦ୍ୟ ଓ ବସ୍ତ୍ର ସାଙ୍ଗରେ ଆଣି ଆସିବେ। ଯାତ୍ରୀଙ୍କ ପାଇଁ ମାସ୍କ ପିନ୍ଧିବା ଓ ସାମାଜିକ ଦୂରତ୍ୱ ରକ୍ଷା କରିବା ସହ ଆରୋଗ୍ୟ ସେତୁ ଆପ୍ ଡାଉନଲୋଡ୍ କରିବା ବାଧ୍ୟତାମୂଳକ।

ଲକ୍‌ଡାଉନ ଯୋଗୁ ☞ପୃଷ୍ଠା-୪

## ୧୩ରୁ ଭୁବନେଶ୍ୱରରୁ ଦିଲ୍ଲୀ ଗଡ଼ିବ ରେଳ

**କଟକ, ଭଦ୍ରକ, ବାଲେଶ୍ୱରରେ ରହଣି**

ଭୁବନେଶ୍ୱର, ୧୧।୫(ବ୍ୟୁରୋ)

ଦୀର୍ଘ ଦେଢ଼ମାସ ଲକ୍‌ଡାଉନ୍ ପରେ ମଙ୍ଗଳବାର ଠାରୁ ବିଭିନ୍ନ ପର୍ଯ୍ୟାୟରେ ରାଜ୍ୟରେ ରେଳ ଚଳାଚଳ କରିବ। ଏ ନେଇ ଭାରତୀୟ ରେଲୱେ ପକ୍ଷରୁ ଘୋଷଣା କରାଯାଇଛି। ସୋମବାର ଅପରାହ୍ନରୁ ଟିକେଟ ବୁକିଂ ଆରମ୍ଭ ହୋଇଛି। ରାଜଧାନୀ ନୂଆଦିଲ୍ଲୀରୁ ଦେଶର ୧୫ଟି ଷ୍ଟେଶନ ମଧ୍ୟରେ ୧୫ ଯୋଡ଼ା ଟ୍ରେନ୍ ଚଳାଚଳ କରିବ। ଟ୍ରେନ୍ ଯେଉଁ ରୁଟ୍‌ରେ ଯିବ ପୁଣି ସେହି ରୁଟ୍‌ରେ ଫେରିବ। ଆସନ୍ତା ୧୩ ତାରିଖରେ ଭୁବନେଶ୍ୱରରୁ ନୂଆଦିଲ୍ଲୀକୁ ଯିବ ଟ୍ରେନ୍। ୧୪ ତାରିଖରେ ଦିଲ୍ଲୀରୁ ଫେରିବ। ଓଡ଼ିଶାର ୩ଟି ଷ୍ଟେଶନରେ ଟ୍ରେନ୍ ରହିବ। ସେହି ଷ୍ଟେଶନଗୁଡ଼ିକ ହେଲା, କଟକ, ଭଦ୍ରକ ଓ ବାଲେଶ୍ୱର। ରାଜ୍ୟ ଭିତରେ ଏହି ୩ଟି ଷ୍ଟେଶନ ସହିତ ମୋଟ ୧୨ଟି ଷ୍ଟେଶନରେ ଅଟକିବ। ସୋମବାର ଭିଡିଓ କଫରେନ୍ସରେ ଆଲୋଚନା ବେଳେ ମୁଖ୍ୟମନ୍ତ୍ରୀ ଅଧିକ ରେଳ ଚଳାଇବାକୁ ପ୍ରଧାନମନ୍ତ୍ରୀଙ୍କୁ ପ୍ରସ୍ତାବ ଦେଇଛନ୍ତି। କେବଳ ଇ- ଟିକେଟ କରିଥିବା ଯାତ୍ରୀମାନେ ରେଳରେ ଯାତ୍ରା କରିପାରିବା ନେଇ କେନ୍ଦ୍ର ସରକାରଙ୍କ ପକ୍ଷରୁ ଏଓପି ଜାରି କରାଯାଇଛି।

# କରୋନା ମାଡ଼: ଦୋହଲିଯିବ ପର୍ଯ୍ୟଟନ ଶିଳ୍ପ

**୬୦ରୁ ୮୦% ହ୍ରାସ ପାଇପାରେ ଅନ୍ତର୍ଜାତୀୟ ପର୍ଯ୍ୟଟନ**

- କ୍ଷତି ହୋଇପାରେ ୯୧୦ ବିଲିୟନରୁ ୧.୨ ଟ୍ରିଲିୟନ ଡଲାର ରାଜସ୍ୱ
- ବିପଦରେ ପଡ଼ିପାରେ ପ୍ରାୟ ୧୨୦ ନିୟୁତ ପ୍ରତ୍ୟକ୍ଷ ନିଯୁକ୍ତି




ନୂଆଦିଲ୍ଲୀ, ୧୧।୫

କରୋନା ସଂକ୍ରମଣ (କୋଭିଡ୍-୧୯) ଯୋଗୁ ୨୦୨୦ରେ ଅନ୍ତର୍ଜାତୀୟ ପର୍ଯ୍ୟଟନ ୬୦ରୁ ୮୦ ପ୍ରତିଶତ ହ୍ରାସ ପାଇପାରେ। ଏହାଦ୍ୱାରା ୯୧୦ ବିଲିୟନରୁ ୧.୨ ଟ୍ରିଲିୟନ ଡଲାର ରାଜସ୍ୱ କ୍ଷତି ଘଟିବ ଏବଂ ଲକ୍ଷାଧିକ ଲୋକଙ୍କ ଜୀବନଜୀବିକାକୁ ବିପଦରେ ପଡ଼ିବ ବୋଲି ଜାତିସଂଘର ସ୍ୱତନ୍ତ୍ର ଏଜେନ୍ସି 'ବିଶ୍ୱ ପର୍ଯ୍ୟଟନ ସଂଗଠନ' (ୟୁଏନ୍‌ଡବ୍ଲ୍ୟୁଟିଓ) ପକ୍ଷରୁ କୁହାଯାଇଛି।

ଏହି ମହାମାରୀ ବିଶ୍ୱର ୨୧୨ ଦେଶକୁ ବ୍ୟାପିଥିବାବେଳେ ସଂକ୍ରମିତଙ୍କ ସଂଖ୍ୟା ୪୨ ଲକ୍ଷ ଟପିଲାଣି। ସେହିପରି ୨ ଲକ୍ଷ ୮୫ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କ ଜୀବନଗଲାଣି। ଏହାର ଗମ୍ଭୀର ପ୍ରଭାବ ପର୍ଯ୍ୟଟନ ଶିଳ୍ପ ଉପରେ ପଡ଼ିଛି। ୨୦୨୦ର ପ୍ରଥମ ତ୍ରୈମାସିକରେ ଅନ୍ତର୍ଜାତୀୟ ପର୍ଯ୍ୟଟକଙ୍କ ଆଗମନରେ ୨୨% ହ୍ରାସ ପାଇସାରିଲାଣି। ବିଭିନ୍ନ ଗନ୍ତବ୍ୟସ୍ଥଳରୁ ମିଳିଥିବା ତଥ୍ୟରୁ ଏହା ଜଣାପଡ଼ିଛି ବୋଲି ୟୁଏନ୍‌ଡବ୍ଲ୍ୟୁଟିଓ ପକ୍ଷରୁ କୁହାଯାଇଛି। ଜାତିସଂଘର ଏହି ସ୍ୱତନ୍ତ୍ର ଏଜେନ୍ସିର କହିବାନୁଯାୟୀ, ବିଶ୍ୱରେ ବର୍ତ୍ତମାନ ଦେଖାଦେଇଥିବା ସ୍ୱାସ୍ଥ୍ୟ ସମସ୍ୟା ଯୋଗୁ ୨୦୧୯ ତୁଳନାରେ ବାର୍ଷିକ ପର୍ଯ୍ୟଟନ ୬୦ରୁ ୮୦ ପ୍ରତିଶତ ହ୍ରାସ ପାଇପାରେ। ୟୁଏନ୍‌ଡବ୍ଲ୍ୟୁଟିଓ ମହାସଚିବ ଜୁରାବ ପୋଲୋଲିକାଶଭିଲି କହିଛନ୍ତି, ବିଶ୍ୱ ଏକ ଅପ୍ରତ୍ୟାଶିତ ସ୍ୱାସ୍ଥ୍ୟ ଏବଂ ଅର୍ଥନୈତିକ ସଙ୍କଟର ସମ୍ମୁଖୀନ ହୋଇଛି। ଏହାଦ୍ୱାରା ଅର୍ଥବ୍ୟବସ୍ଥାର ଅନ୍ୟତମ ଶ୍ରମ ଆଧାରିତ କ୍ଷେତ୍ର ପର୍ଯ୍ୟଟନ ଶିଳ୍ପ ବ୍ୟାପକ କ୍ଷତିଗ୍ରସ୍ତ ହୋଇଛି।

ମାର୍ଚ୍ଚରେ ପର୍ଯ୍ୟଟକଙ୍କ ଆଗମନ ୫୭ ପ୍ରତିଶତ ହ୍ରାସ ପାଇଥିଲା। ସେହି ସମୟରେ ବହୁ ଦେଶରେ ଲକ୍‌ଡାଉନ୍ ଆରମ୍ଭ ହେବା ସହିତ ଯାତ୍ରାରେ କଟକଣା ☞ପୃଷ୍ଠା-୪



## କଟକଣା ବିରୋଧରେ ଜର୍ମାନୀରେ ବିକ୍ଷୋଭ

ଜର୍ମାନୀରେ କରୋନା କଟକଣାକୁ ବିରୋଧ କରି ବିଭିନ୍ନ ସ୍ଥାନରେ ବିକ୍ଷୋଭ କରାଯାଇଛି। କେତେକ ସ୍ଥାନରେ ବିକ୍ଷୋଭ ହିଂସାତ୍ମକ ରୂପ ନେଇଥିଲା। ପୂର୍ବ ବର୍ଲିନ୍‌ର ଆଲେକ୍‌ଜାଣ୍ଡରପ୍ଲାଜ୍‌ଠାରେ ବିକ୍ଷୋଭକାରୀ ପୋଲିସ ଉପରକୁ ବୋତଲ ଫିଙ୍ଗିବାରୁ ୮୬ ଜଣଙ୍କୁ ଅଟକ ରଖାଯାଇଛି। ସେହିପରି ଅନ୍ୟ ଏକ ବିକ୍ଷୋଭସ୍ଥଳରେ ୪୫ ଜଣଙ୍କୁ ଅଟକ ରଖାଯାଇଛି।



ବିପଦପୂର୍ଣ୍ଣ ଯାତ୍ରା: ମୁମ୍ବାଇରୁ ଟ୍ରକ୍‌ରେ ଚଢ଼ି ମଧ୍ୟପ୍ରଦେଶ ଯାଉଛନ୍ତି ପ୍ରବାସୀ ଶ୍ରମିକ।

## ଦକ୍ଷିଣ କୋରିଆରେ ଦ୍ୱିତୀୟ ପର୍ଯ୍ୟାୟ ସଂକ୍ରମଣ

**ସିଓଲ,୧୧।୫:** ଦକ୍ଷିଣ କୋରିଆରେ ଦ୍ୱିତୀୟ ପର୍ଯ୍ୟାୟ କରୋନା ସଂକ୍ରମଣ ଆରମ୍ଭ ହୋଇଥିବା ନେଇ ସତର୍କ କରିଦିଆଯାଇଛି। କଟକଣା କୋହଳ ହେବା ପରେ ରବିବାର ସଂକ୍ରମଣ ମାସକ ମଧ୍ୟରେ ସର୍ବାଧିକ ରହିଛି। ଦକ୍ଷିଣ କୋରିଆ ରାଷ୍ଟ୍ରପତି ମୁନ୍ ଜାଏ-ଇନ୍ କହିଛନ୍ତି, ସଂକ୍ରମଣ ସମ୍ପୂର୍ଣ୍ଣ ବନ୍ଦ ନ ହେବା ପର୍ଯ୍ୟନ୍ତ ବିପଦ ଟଳିଗଲା ବୋଲି କୁହାଯାଇପାରିବ ନାହିଁ। ଭୂତାଣୁ ଯେକୌଣସି ସମୟରେ ପୁଣି ଥରେ କାୟା ମେଲାଇପାରେ। ରବିବାର ଦକ୍ଷିଣ କୋରିଆରେ ୩୪ଟି ନୂଆ ସଂକ୍ରମଣ ମାମଲା ସାମନାକୁ ଆସିଛି, ଯାହା କି ଏପ୍ରିଲ ୯ରୁ ଇତିମଧ୍ୟରେ ସର୍ବାଧିକ। ଏହି ଘଟଣା ପରେ ସିଓଲରେ ସମସ୍ତ ନାଇଟ୍ କ୍ଲବ୍ ବନ୍ଦ କରିବାକୁ ନିଷ୍ପତ୍ତି ନିଆଯାଇଛି।

# ୪୬୮ ଟ୍ରେନ୍‌ରେ ଫେରିଲେଣି ୫ ଲକ୍ଷ ଶ୍ରମିକ

**ନୂଆଦିଲ୍ଲୀ,୧୧।୫ (ପି.ଟି.)**

ଲକ୍‌ଡାଉନ ଯୋଗୁ ବିଭିନ୍ନ ରାଜ୍ୟରେ ଅଟକି ରହିଥିବା ପ୍ରବାସୀ ଶ୍ରମିକମାନଙ୍କୁ ସେମାନଙ୍କ ରାଜ୍ୟକୁ ଫେରାଇ ଆଣିବା ଲାଗି ଶ୍ରମିକ ସ୍ପେଶିଆଲ ଟ୍ରେନ୍ ଚଳାଚଳ କରାଯାଉଛି। ମେ' ୧ରୁ ଇତିମଧ୍ୟରେ ୪୬୮ଟି ସ୍ୱତନ୍ତ୍ର ଟ୍ରେନ୍ ଯୋଗେ ୫ ଲକ୍ଷରୁ ଅଧିକ ଶ୍ରମିକ ଘରକୁ ଫେରିଛନ୍ତି। ଏଣିକି ରେଳୱେ ପ୍ରତିଦିନ ୧୦୦ ଶ୍ରମିକ ସ୍ପେଶିଆଲ ଟ୍ରେନ୍ ଚଳାଇବାକୁ ନିଷ୍ପତ୍ତି ନେଇଛି। ୩୬୩ଟି ଟ୍ରେନ୍ ଗନ୍ତବ୍ୟସ୍ଥଳରେ ପହଞ୍ଚିସାରିଥିବାବେଳେ ୧୦୫ଟି ଟ୍ରେନ୍ ଗନ୍ତବ୍ୟସ୍ଥଳ ଅଭିମୁଖେ ଯାତ୍ରା କରୁଛି। ଉତ୍ତରପ୍ରଦେଶକୁ ସର୍ବାଧିକ ୧୭୨ଟି ଟ୍ରେନ୍ ଯାଇଥିବାବେଳେ ବିହାରକୁ ୧୦୦ ସ୍ୱତନ୍ତ୍ର ଟ୍ରେନ ପଠାଯାଇଛି। ଝାଡ଼ଖଣ୍ଡକୁ ୨୨, ମଧ୍ୟପ୍ରଦେଶକୁ ୩୦ଟି ଏବଂ ଓଡିଶାକୁ ୨୫ଟି ଟ୍ରେନ ପଠାଯାଇଥିବାବେଳେ ପଶ୍ଚିମବଙ୍ଗକୁ ୨ଟି ଓ ତାମିଲନାଡୁକୁ ଗୋଟିଏ ଟ୍ରେନ୍ ପଠାଯାଇଛି।

ନୂଆ ଗାଇଡ୍‌ଲାଇନ ଅନୁଯାୟୀ ଏଣିକି ସ୍ୱତନ୍ତ୍ର ଟ୍ରେନ୍‌ରେ ୧୨୦୦ ପରିବର୍ତ୍ତେ ୧୭୦୦ ଶ୍ରମିକ ଯାଇପାରିବେ। ସେହିପରି ଏହି ଟ୍ରେନ୍‌ଗୁଡ଼ିକ ଗନ୍ତବ୍ୟସ୍ଥଳ ଷ୍ଟେଶନ ବ୍ୟତୀତ ଅନ୍ୟ ୩ଟି ସ୍ଥାନରେ ରହଣି କରିବା ଲାଗି ଅନୁମତି ମିଳିଛି। ଏଥିପାଇଁ ରାଜ୍ୟଗୁଡ଼ିକ ପକ୍ଷରୁ ଅନୁରୋଧ କରାଯାଇଥିଲା।




■ ଦିନକୁ ଚାଲିବ ୧୦୦ ଶ୍ରମିକ ସ୍ପେଶିଆଲ ଟ୍ରେନ୍

■ ୩ ସ୍ଥାନରେ ରହଣିକୁ ମିଳିଲା ଅନୁମତି

# ଇଟାଲୀକୁ ଟପି ୪ର୍ଥ ସ୍ଥାନରେ ରୁଷିଆ

**ୱାଶିଂଟନ/ମସ୍କୋ/ଲଣ୍ଡନ, ୧୧।୫**

ବିଗିଡ଼ିବାରେ ଲାଗିଛି କରୋନା ସ୍ଥିତି। ବିଶ୍ୱକୁ ଥରହର କରି ଆତଙ୍କର ବାତାବରଣ ସୃଷ୍ଟିକରିଛି ଏହି ମହାମାରୀ ଭୂତାଣୁ। ସୋମବାର ସୁଦ୍ଧା ବିଶ୍ୱରେ ସଂକ୍ରମିତଙ୍କ ସଂଖ୍ୟା ବଢ଼ି ୪୨ ଲକ୍ଷ ୨୧ ହଜାର ଅତିକ୍ରମ କରିଥିବା ବେଳେ ଗଲାଣି ୨.୮୫ ଲକ୍ଷ ଜୀବନ। ସବୁଠାରୁ ବଡ଼କଥା ହେଲା ଉଗ୍ର ସଂକ୍ରମଣ ସ୍ଥିତି। ସୋମବାର ଗୋଟିଏ ଦିନରେ ୪୪ ହଜାର ନୂଆ ମାମଲା ସାମ୍ନାକୁ ଆସିଛି ଓ ହଜାରରୁ ଉର୍ଦ୍ଧ୍ୱ ଲୋକଙ୍କ ଜୀବନ ଯାଇଛି। କେବଳ ଆମେରିକାରେ ଏବେ ୧୩.୭୦ ଲକ୍ଷ କରୋନା ଆକ୍ରାନ୍ତ ରହିଥିବା ବେଳେ ମୃତ୍ୟୁସଂଖ୍ୟା ୮୦ ହଜାର ୮୭୫ରେ ପହଞ୍ଚିଛି। ଗତ କିଛିଦିନ ମଧ୍ୟରେ ରୁଷିଆରେ ଭୟଙ୍କର ଭାବେ ସଂକ୍ରମଣ ସ୍ଥିତି ଦେଖିବାକୁ ମିଳିଛି। ବର୍ତ୍ତମାନ ଏଠାରେ ୨.୨୧ ଲକ୍ଷ କରୋନା ରୋଗୀ ଥିବାବେଳେ ଏହି ସଂଖ୍ୟା ଇଟାଲୀକୁ ଟପିଛି। ଇଟାଲୀରେ ୨.୧୯ ଲକ୍ଷ କରୋନା ସଂକ୍ରମିତ ଅଛନ୍ତି। ଫ୍ରାନ୍ସ, ଜର୍ମାନୀ ପରେ ଇଟାଲୀକୁ ଟପି ରୁଷିଆ ଏବେ ବିଶ୍ୱର ସର୍ବାଧିକ କରୋନା ରୋଗୀ ତାଲିକାର ଚତୁର୍ଥ ସ୍ଥାନ ଅଧିକାର କରିଛି। ଯଦିଓ ରୁଷିଆରେ ମୃତ୍ୟୁସଂଖ୍ୟା ୨ ହଜାର ରହିଛି, ତେବେ ଭବିଷ୍ୟତ ସ୍ଥିତି ଜଟିଳ ହେବା ଆଶଙ୍କା ଏଠାରେ ଦେଖାଦେଇଛି।

ଆମେରିକା ପ୍ରଥମ ସ୍ଥାନରେ ରହିଥିବା ବେଳେ ସ୍ପେନ୍ ଦ୍ୱିତୀୟରେ ରହିଛି। ଏଠାରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧିପାଇ ୨.୬୮ ଲକ୍ଷ ଟପିଛି। ସ୍ପେନ୍‌ରେ ୨୬,୭୪୪ ମୁଣ୍ଡ କରୋନା ନେଇଥିବା ବେଳେ ଇଟାଲୀରେ ଯାଇଛି ୩୦,୫୬୦ ଜୀବନ। ବିଶ୍ୱର ତୃତୀୟ ସର୍ବାଧିକ ସଂକ୍ରମିତ ତାଲିକାର ତୃତୀୟ ସ୍ଥାନରେ ରହିଛି ବ୍ରିଟେନ। ଏଠାରେ ସୋମବାର ସୁଦ୍ଧା ୨,୨୩ ଲକ୍ଷ ସଂକ୍ରମିତ ଥିବାବେଳେ ମୃତ୍ୟୁସଂଖ୍ୟା ୩୨ ହଜାର ଟପିଛି। ୨୪ ଘଣ୍ଟାରେ ଏଠାରେ ୩,୯୦୦ ନୂଆ ମାମଲା ସାମ୍ନାକୁ ଆସିଛି ଓ ୨୧୦ ଜଣ ପ୍ରାଣ ହରାଇଛନ୍ତି। ରୁଷିଆ ଭଳି ବ୍ରିଟେନରେ କରୋନା ଭୟଙ୍କର ତାଣ୍ଡବ ରଚିଚାଲିଛି। ଫ୍ରାନ୍ସରେ ୧.୭୬ ଲକ୍ଷ, ଜର୍ମାନୀରେ ୧.୭୧ ଲକ୍ଷ ସଂକ୍ରମିତ ଅଛନ୍ତି। ଏହି ଦୁଇଦେଶରେ ପ୍ରାଣ ହରାଇଥିବା ବ୍ୟକ୍ତିଙ୍କ ସଂଖ୍ୟା ଯଥାକ୍ରମେ ୨୬,୩୮୦ ଓ ୭,୫୭୦ରେ ପହଞ୍ଚିଛି। ବ୍ରାଜିଲ, ତୁର୍କୀ, ଇରାନରେ ଲକ୍ଷାଧିକ ସଂକ୍ରମିତ ଅଛନ୍ତି। ଏହି ୩ ଦେଶରେ ମୃତ୍ୟୁବରଣ କରିଥିବା ଲୋକଙ୍କ ସଂଖ୍ୟା ଯଥାକ୍ରମେ ୧୧,୨୦୭; ୩,୭୮୬ ଓ ୬,୬୮୫ କୁ ବୃଦ୍ଧିପାଇଛି।

ଅନ୍ୟଦେଶଗୁଡ଼ିକ ମଧ୍ୟରେ ଚାଇନାରେ ୪,୬୩୩, ବେଲଜିୟମରେ ୮,୭୦୭, ନେଦରଲାଣ୍ଡରେ ୫,୪୫୬, ମେକ୍ସିକୋରେ ୩,୪୬୫, ସ୍ୱିଡେନରେ ୩,୨୫୬, ଭାରତରେ ୨,୨୫୪, ସୁଇଜରଲାଣ୍ଡରେ ୧,୮୩୭ ଜଣ ପ୍ରାଣ ହରାଇଛନ୍ତି। ବିଶ୍ୱରେ ଯଦିଓ ଏପର୍ଯ୍ୟନ୍ତ ୧୫.୧୦ ଲକ୍ଷ ଲୋକ ଆରୋଗ୍ୟ ଲାଭ କଲେଣି, ତଥାପି କରୋନା ଭୂତାଣୁ ଦାଉରୁ ରକ୍ଷାଲାଗି ସଫଳ ଔଷଧ ବାହାରି ନ ଥିବାରୁ ଲୋକଙ୍କ ମନରେ ଆତଙ୍କ ଦେଖାଦେଇଛି। ଏଭଳି ସ୍ଥିତିରେ ସାମାଜିକ ଦୂରତ୍ୱ ରକ୍ଷା ସହ ଲକ୍‌ଡାଉନ୍‌କୁ ମାନିଚଳିବା ଉପରେ ଗୁରୁତ୍ୱ ଦିଆଯାଉଛି। ପରିସ୍ଥିତି ଯେତିକି ସ୍ୱାଭାବିକ ହେଉଛି, ତା'ଠାରୁ ଅଧିକ ଯତ୍ନବାନ ନ ହେଲେ ଭୂତାଣୁ କର ଲେଉଟାଇବାର ଆଶଙ୍କାକୁ ଏଡ଼ାଇ ଦିଆଯାଇ ନ ପାରେ ବୋଲି କୁହାଯାଉଛି।

■ ବିଶ୍ୱରେ ଆକ୍ରାନ୍ତଙ୍କ ସଂଖ୍ୟା ୪୨.୨୧ ଲକ୍ଷ

■ ମୋଟ ଗଲାଣି ୨.୮୫ ଲକ୍ଷ ଜୀବନ

■ ଆମେରିକାରେ ୮୦ ହଜାରରୁ ଉର୍ଦ୍ଧ୍ୱ ମୃତ

■ ଗୋଟିଏ ଦିନରେ ୪୪ ହଜାର ନୂଆ ମାମଲା

# ଭାରତକୁ ଡବ୍ଲ୍ୟୁଏଚ୍‌ଓର ପ୍ରଶଂସା

**ନୂଆଦିଲ୍ଲୀ, ୧୧।୫:** ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ(ଡବ୍ଲ୍ୟୁଏଚ୍‌ଓ) ପକ୍ଷରୁ ଭାରତକୁ ପ୍ରଶଂସା କରାଯାଇଛି। ଡବ୍ଲ୍ୟୁଏଚ୍‌ଓର ମୁଖ୍ୟ ବୈଜ୍ଞାନିକ ସୌମ୍ୟା ସ୍ୱାମିନାଥନ୍ ସୋମବାର କହିଛନ୍ତି, ବର୍ତ୍ତମାନ କରୋନା ଭାଇରସ୍ ଯୋଗୁ ଆମେରିକା ଓ ୟୁରୋପୀୟ ଦେଶଗୁଡ଼ିକରେ ସ୍ଥିତି ଜଟିଳ ରହିଛି। ହେଲେ ଭାରତରେ ମୃତ ଓ ଆକ୍ରାନ୍ତଙ୍କ ସଂଖ୍ୟା ଅପେକ୍ଷାକୃତ କମ୍ ରହିଛି। ଏଥିସହ କୋଭିଡ୍-୧୯ ଟିକା ବାହାର କରିବାରେ ଭାରତର ସହଯୋଗ ମହତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। କରୋନା ସଂକ୍ରମଣ ନେଇ ସାରା ବିଶ୍ୱ ସତର୍କ ଓ ପ୍ରସ୍ତୁତ ରହିବା ଦରକାର ବୋଲି ସେ କହିଛନ୍ତି। କେବଳ ଟିକା ବିକଶିତ କିମ୍ବା ପରୀକ୍ଷା କଲେ ଚଳିବନି, ଏହାର ସଫଳ ପ୍ରସ୍ତୁତି ଓ ଭୂତାଣୁ ଦୂର ଲାଗି ବିଭିନ୍ନ ପଦକ୍ଷେପ ଗ୍ରହଣ କରିବା ଜରୁରୀ।

ନ୍ୟାଶନାଲ ଟେକ୍ନୋଲୋଜି ଦିବସ ଅବସରରେ ଉଦ୍‌ବୋଧନ ଦେଇ ସେ କହିଛନ୍ତି, ଭାରତର କରୋନା ସ୍ଥିତିନେଇ ବିଭାଗୀୟ ମନ୍ତ୍ରୀ, କର୍ମକର୍ତ୍ତାଙ୍କୁ ପ୍ରଶଂସା କରିଥିଲେ। ଗୋଷ୍ଠୀ ସଂକ୍ରମଣ ରୋକିବା କ୍ଷେତ୍ରରେ ଭାରତ ସଫଳ ହୋଇଛି। ବିଶ୍ୱରେ ୩୯.୭୬ ଲକ୍ଷ ଲୋକ କରୋନା ସଂକ୍ରମିତ ହୋଇଥିବା ବେଳେ ଭାରତରେ ମାତ୍ର ୬୭ ହଜାର ମାମଲା ଦେଖାଯିବା ଭଲ କଥା। ହେଲେ ସହରାଞ୍ଚଳ ଜନସଂଖ୍ୟା ଘନତ୍ୱ ଯୋଗୁ ସତର୍କ ରହିବାକୁ ସେ ପରାମର୍ଶ ଦେଇଛନ୍ତି। ଦୁର୍ବଳ ସ୍ୱାସ୍ଥ୍ୟସେବା, ଦାରିଦ୍ର୍ୟ ପରିସ୍ଥିତିକୁ ବିଗାଡ଼ିପାରେ ବୋଲି ସ୍ୱାମିନାଥନ୍ ସତର୍କ କରିଛନ୍ତି।



ସୌମ୍ୟା ସ୍ୱାମିନାଥନ୍

# 'ଏହା ରାଜନୀତି କରିବା ସମୟ ନୁହେଁ'

**ନୂଆଦିଲ୍ଲୀ, ୧୧।୫:** ପଶ୍ଚିମବଙ୍ଗରେ କରୋନା ଭାଇରସ୍ ସ୍ଥିତି ଭୟଙ୍କର ହେବାରେ ଲାଗିଛି। ଏକ୍ଷେତ୍ରରେ କେନ୍ଦ୍ର ସରକାର ଆମକୁ ସହଯୋଗ କରୁନାହାନ୍ତି। ରାଜ୍ୟ-ରାଜ୍ୟ ମଧ୍ୟରେ ଭେଦଭାବ କରାଯାଇ ରାଜନୀତି କରାଯାଉଛି। ସଂଘୀୟ ବ୍ୟବସ୍ଥାର ଅବମାନନା କରାଯାଉଛି। ଏଭଳି ସ୍ଥିତିରେ ସହଯୋଗ କରାଯିବା ବଦଳରେ ରାଜନୈତିକ ଆକ୍ରୋଶ ରଖି ଆମକୁ ଅଣଦେଖା କରାଯାଉଛି ବୋଲି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ତଥା ଟିଏମ୍‌ସି ମୁଖ୍ୟ ମମତା ବାନାର୍ଜୀ ଅଭିଯୋଗ କରିଛନ୍ତି। ସୋମବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପଞ୍ଚମ ଥର ଲାଗି କରୋନା ସ୍ଥିତି ସମୀକ୍ଷା ସହ ରାଜ୍ୟ ମୁଖ୍ୟମନ୍ତ୍ରୀଙ୍କୁ ନେଇ ଭିଡିଓ କନ୍‌ଫରେନ୍ସିଂ କରିଥିବା ବେଳେ ମମତା ଆପତ୍ତି ଉଠାଇଥିଲେ। ଲକ୍‌ଡାଉନ୍ କୋହଳ କରିବା, ଦାଦନ ଶ୍ରମିକ ପ୍ରସଙ୍ଗ, ଆର୍ଥିକ ସ୍ଥିତି ସମ୍ପର୍କରେ ଆଲୋଚନା କରିବାକୁ ସେ ଦାବି କରିଥିଲେ। ଗଣମାଧ୍ୟମ ଆଗରେ ସେ କେନ୍ଦ୍ର କୌଣସି ସହାୟତା କରୁ ନ ଥିବା ଅଭିଯୋଗ କରିଛନ୍ତି।

ଏପ୍ରିଲ ୨୦ରେ ଇଣ୍ଟର ମିନିଷ୍ଟରିଆଲ ଟିମ୍ ପଶ୍ଚିମବଙ୍ଗ ଗସ୍ତକରି କରୋନା ସ୍ଥିତି ସମୀକ୍ଷା କରିଥିଲେ। ସ୍ୱରାଷ୍ଟ୍ରମନ୍ତ୍ରୀ ଫୋନ୍‌କରି ଜଣାଇବାର ୩ ଘଣ୍ଟା ପୂର୍ବରୁ ସେମାନେ ପହଞ୍ଚି ଯାଇଥିଲେ। ଗସ୍ତ ପୂର୍ବରୁ ଅବଗତ କରା ନ ଯିବାକୁ ନେଇ ମଧ୍ୟ ମମତା ବର୍ଷିଛନ୍ତି। ହଠାତ୍ କେନ୍ଦ୍ରୀୟ ଟିମ୍ ବେଙ୍ଗଲ ଆସିବା ଓ ହଟ୍‌ସ୍ପଟ୍‌ରେ ରାଜ୍ୟର ସହଯୋଗ ନ ପାଇବା କଥା କହିବା ଠିକ୍‌ନୁହେଁ। କେନ୍ଦ୍ର ସବୁ ରାଜ୍ୟକୁ ଠିକ୍ ଭାବେ ଏଭଳି ସମୟରେ ଦେଖିବା ଉଚିତ୍ ବୋଲି ମମତା କହିଛନ୍ତି।



ମମତା ବାନାର୍ଜୀ

# ବୁଧବାରରୁ ସୁପ୍ରିମକୋର୍ଟରେ ଜଣିକିଆ ଖଣ୍ଡପୀଠ

**ନୂଆଦିଲ୍ଲୀ,୧୧।୫**

ସୁପ୍ରିମକୋର୍ଟରେ ବୁଧବାରଠାରୁ ପ୍ରଥମ ଥର ଲାଗି କେତେକ ମାମଲାର ଶୁଣାଣି ଜଣିକିଆ ଖଣ୍ଡପୀଠରେ ହେବ। ବହୁସଂଖ୍ୟାରେ ମାମଲା ବିଚାର ଅପେକ୍ଷାରେ ପଡ଼ିରହିଥିବାରୁ ଜଣିକିଆ ଖଣ୍ଡପୀଠରେ ସେଗୁଡ଼ିକର ଶୁଣାଣି ଲାଗି ନିଷ୍ପତ୍ତି ହୋଇଛି। ୭ ବର୍ଷ କିମ୍ବା ଏହାଠାରୁ କମ୍ ଜେଲ୍‌ଦଣ୍ଡ ହେବାକୁ ଥିବା ଅପରାଧ ମାମଲାରେ ଜାମିନ ଓ ଆଗୁଆ ଜାମିନ ଆବେଦନର ଶୁଣାଣି ଏହି ଖଣ୍ଡପୀଠରେ ହେବ। ପୂର୍ବରୁ ଏଭଳି ମାମଲା ର ଶୁଣାଣି ଦୁଇଜଣିଆ ଖଣ୍ଡପୀଠରେ ହେଉଥିଲା। ଗତବର୍ଷ ସେପ୍ଟେମ୍ବରରେ ସର୍ବୋଚ୍ଚ ଅଦାଲତ ନିୟମରେ ପରିବର୍ତ୍ତନ କରି ଜଣିକିଆ ଖଣ୍ଡପୀଠରେ ଜାମିନ ଓ ମାମଲା ସ୍ଥାନାନ୍ତର ପିଟିଶନଗୁଡ଼ିକ ଜଣିକିଆ ଖଣ୍ଡପୀଠରେ କରିବାକୁ ନିଷ୍ପତ୍ତି ନେଇଥିଲେ। ଆଇନ ମନ୍ତ୍ରଣାଳୟ ତଥ୍ୟ ଅନୁଯାୟୀ ଗତବର୍ଷ ଜୁଲାଇ ପର୍ଯ୍ୟନ୍ତ ସୁପ୍ରିମକୋର୍ଟରେ ୧୧.୫ ଲକ୍ଷରୁ ଅଧିକ ମାମଲାରେ ବିଚାର ଅପେକ୍ଷାରେ ପଡ଼ିରହିଥିଲା। କରୋନା ସଂକ୍ରମଣ ଲାଗି ସାରା ଦେଶ ଲକ୍‌ଡାଉନରେ ରହିଥିବାରୁ ସର୍ବୋଚ୍ଚ ଅଦାଲତରେ କେତେକ ଅତି ଗୁରୁତ୍ୱପୂର୍ଣ୍ଣ ମାମଲାର ଶୁଣାଣି ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ହେଉଛି।



ପ୍ରଦୂଷଣକୁ ଖାତିର ନାହିଁ: ଅମୃତ୍‌ସର ଉପକଣ୍ଠରେ ଜଣେ କୃଷକ ଜମିରେ ନଡ଼ା ଜାଳୁଛନ୍ତି।

# ୨୪ ଘଣ୍ଟାରେ ୩,୫୪୦ ନୂଆ ମାମଲା

**ନୂଆଦିଲ୍ଲୀ, ୧୧।୫:** ଭାରତରେ ସୋମବାର ସୁଦ୍ଧା କରୋନା ସଂକ୍ରମିତଙ୍କ ସଂଖ୍ୟା ୭୦,୭୧୭କୁ ବୃଦ୍ଧି ପାଇଥିବା ବେଳେ ଦେଶରେ ମୋଟ ୨,୨୨୯ ବ୍ୟକ୍ତି ଏଥିଯୋଗୁ ପ୍ରାଣ ହରାଇଲେଣି। ସବୁଠାରୁ ଅଧିକ ସଂକ୍ରମିତ ମହାରାଷ୍ଟ୍ରରେ ଥିବା ବେଳେ ଗୁଜରାଟ ଦ୍ୱିତୀୟ ଓ ତାମିଲନାଡୁ ତୃତୀୟ ସ୍ଥାନରେ ରହିଛନ୍ତି। ମହାରାଷ୍ଟ୍ରରେ ୨୩,୪୦୧ ଭୂତାଣୁ ଆକ୍ରାନ୍ତ ରହିଥିବା ବେଳେ ପ୍ରାଣ ହରାଇଲେଣି ୮୬୮ ଜଣ। ଗତ ୨୪ ଘଣ୍ଟା ମଧ୍ୟରେ ଭାରତରେ ୩,୫୪୦ ନୂଆ ମାମଲା ସାମ୍ନାକୁ ଆସିଛି। ଗୁଜରାଟରେ ମୋଟ ୮,୫୪୨ ସଂକ୍ରମିତ ଥିବାବେଳେ ପ୍ରାଣ ହରାଇଲେଣି ୫୧୩ ବ୍ୟକ୍ତି, ତାମିଲନାଡୁରେ ମଧ୍ୟ ୮,୦୦୨ ରୋଗୀ ରହିଥିବା ବେଳେ ମୃତକଙ୍କ ସଂଖ୍ୟା ୫୩ରେ ପହଞ୍ଚିଛି। ଦିଲ୍ଲୀକୁ ପଛରେ ପକାଇ ତାମିଲନାଡୁ ତୃତୀୟ ସର୍ବାଧିକ କରୋନା ସଂକ୍ରମିତ ରାଜ୍ୟ ଭାବେ ଉଭାହୋଇଛି। ରାଜଧାନୀ ଦିଲ୍ଲୀରେ ୭୩ ଜୀବନ ଯାଇଥିବା ବେଳେ ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ି ୭,୨୩୩ରେ ପହଞ୍ଚିଛି। ମଧ୍ୟପ୍ରଦେଶ, ରାଜସ୍ଥାନ, ଉତ୍ତରପ୍ରଦେଶ, ପଶ୍ଚିମବଙ୍ଗ, ଆନ୍ଧ୍ରପ୍ରଦେଶରେ ରୋଗୀସଂଖ୍ୟା ଦ୍ରୁତ ଗତିରେ ବଢ଼ିବାରେ ଲାଗିଛି। ଏହି ୫ ରାଜ୍ୟରେ ଯଥାକ୍ରମେ ୩,୭୮୫, ୩,୯୪୦, ୩,୫୭୩, ୨,୦୬୩ ଓ ୨,୦୧୮ ସଂକ୍ରମିତ ଅଛନ୍ତି।

■ ୭୦,୭୧୭କୁ ବଢ଼ିଲା ସଂକ୍ରମିତଙ୍କ ସଂଖ୍ୟା

■ ଦେଶରେ ଗଡ଼ିଲାଣି ୨,୨୨୯ ମୁଣ୍ଡ

# ବ୍ରିଟେନରେ କୋହଳ ହେଲା ଲକ୍‌ଡାଉନ

**ଲଣ୍ଡନ,୧୧।୫ (ପି.ଟି.):** ବ୍ରିଟିଶ ପ୍ରଧାନମନ୍ତ୍ରୀ ବୋରିସ୍ ଜନ୍‌ସନ ଲକ୍‌ଡାଉନ ନିୟମରେ କେତେକ ପରିବର୍ତ୍ତନ କରିଛନ୍ତି। ଜନସାଧାରଣଙ୍କୁ ସାମାଜିକ ଦୂରତ୍ୱ ରକ୍ଷା ସହିତ ଘର ବାହାରେ ଅଧିକ ସମୟ ରହିବାର ସୁଯୋଗ ମିଳିବ। ଏକ ଟେଲିଭିଜନ ମାଧ୍ୟମରେ ଉଦ୍‌ବୋଧନ ଦେବା ଅବସରରେ ଜନ୍‌ସନ ୫ ସ୍ତରୀୟ ସତର୍କତା ବ୍ୟବସ୍ଥା କଥା କହିଛନ୍ତି। କରୋନା ସଂକ୍ରମଣ ତଥ୍ୟ ଆଧାରରେ ସରକାର ନିୟମିତ ଭାବେ ସ୍ଥିତି ସମୀକ୍ଷା କରିବେ। କରୋନା ମୁକାବିଲାରେ ଅଗ୍ରଗତି କେତେକାଂଶରେ ସନ୍ତୋଷଜନକ ହୋଇଥିଲେ ବି ସବୁ ସର୍ତ୍ତ ପୂରଣ ହୋଇପାରିନି। ତେଣୁ ଚଳିତ ସପ୍ତାହରେ ଲକ୍‌ଡାଉନ ଉଠାଇଦେବା ଠିକ୍ ସମୟ ନୁହେଁ ବୋଲି ଜନ୍‌ସନ କହିଛନ୍ତି।

# ନିଜ ଜାହାଜ ଉପରେ ଇରାନର କ୍ଷେପଣାସ୍ତ୍ର ମାଡ଼

**ତେହେରାନ,୧୧।୫:** ଓମାନ ଉପସାଗରରେ ଇରାନର ଏକ ନୌସେନା ଜାହାଜ ସମରାଭ୍ୟାସରେ ନିୟୋଜିତ ଥିବାବେଳେ କ୍ଷେପଣାସ୍ତ୍ର ମାଡ଼ରେ ୧୯ ନାବିକ ନିହତ ହୋଇଥିବାବେଳେ ୧୫ ଜଣ ଆହତ ହୋଇଛନ୍ତି। ରବିବାର ସମରାଭ୍ୟାସ ବେଳେ କୋନାରକ୍ ନାମକ ଏହି ସହାୟକ ଜାହାଜ କ୍ଷେପଣାସ୍ତ୍ରର ଟାର୍ଗେଟ ରେଞ୍ଜ୍ ନିକଟକୁ ଚାଲିଆସିଥିଲା। ଫଳରେ ଭୁଲ୍‌ବଶତଃ ଉକ୍ତ ଜାହାଜ ଉପରେ କ୍ଷେପଣାସ୍ତ୍ର ମାଡ଼ ହୋଇଥିଲା। ଆହତଙ୍କ ମଧ୍ୟରୁ ୧୨ ଜଣଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବାବେଳେ ଅନ୍ୟ ତିନିଜଣଙ୍କୁ ଚିକିତ୍ସା ପରେ ଛାଡିଦିଆଯାଇଛି। ଉତ୍‌ନିର୍ମିତ ଏହି ୪୭ ମିଟର ଲମ୍ବ ଜାହାଜ ୧୯୮୮ରୁ ନୌସେନାରେ ସାମିଲ ହୋଇଥିଲା।

**୧୯ ନାବିକ ମୃତ**




# ଶିକ୍ଷାରେ ବିପର୍ଯ୍ୟୟ ଆଣିବ କରୋନା

**ନୂଆଦିଲ୍ଲୀ,୧୧।୫ (ପି.ଟି.)**

କୋଭିଡ୍-୧୯ ମହାମାରୀ ସାରା ବିଶ୍ୱର ଶିକ୍ଷାକୁ ଗୁରୁତର ପ୍ରଭାବିତ କରିବାକୁ ଯାଉଛି। ଯଦି ତୁରନ୍ତ ମହତ୍ୱାକାଂକ୍ଷୀ ନୀତି କାର୍ଯ୍ୟକାରୀ କରା ନଯାଏ ତେବେ ପିଲାମାନଙ୍କର ଶିକ୍ଷା ବିପର୍ଯ୍ୟୟ ଆଡକୁ ଠେଲିହୋଇଯିବ ବୋଲି ବିଶ୍ୱ ବ୍ୟାଙ୍କ ବିଶେଷଜ୍ଞମାନଙ୍କ ଏକ ଟିମ୍ ମତ ଦେଇଛି। ସେମାନଙ୍କ କହିବା ଅନୁଯାୟୀ ମହାମାରୀ ପୂର୍ବରୁ ବିଶ୍ୱରେ ଶିକ୍ଷା ସଙ୍କଟ ଦେଖାଦେଇଥିଲା। ସ୍ଥାୟୀ ବିକାଶ ଲକ୍ଷ୍ୟ-୪ରୁ ଅଧିକାଂଶ ରାଷ୍ଟ୍ର ବିଚ୍ୟୁତ ହୋଇସାରିଥିଲେ। ସବୁ ଝିଅପୁଅଙ୍କୁ ସମ୍ପୂର୍ଣ୍ଣ ମାଗଣା, ଉପଯୁକ୍ତ ଗୁଣାତ୍ମକ ପ୍ରାଥମିକ ଓ ମାଧ୍ୟମିକ ଶିକ୍ଷା ଯୋଗାଇଦେବା ସମେତ ଅନ୍ୟ କେତେକ ଲକ୍ଷ୍ୟ ଏହି ପର୍ଯ୍ୟାୟରେ ରଖାଯାଇଥିଲା। ଶିକ୍ଷା ଉପରେ ମହାମାରୀର ପ୍ରଭାବ ହ୍ରାସ କରିବା ପାଇଁ ବିଶ୍ୱବ୍ୟାଙ୍କ ଜାତିସଂଘର ବିଭିନ୍ନ ସଂସ୍ଥା ସହ ଏକାଠି ମିଶି ଗାଇଡ୍‌ଲାଇନ ପ୍ରସ୍ତୁତ କରୁଛି।

ମହାମାରୀ ପୂର୍ବରୁ ପ୍ରାଥମିକ ଓ ମାଧ୍ୟମିକ ସ୍କୁଲ ଶିକ୍ଷା ବୟସର ୨୫ କୋଟି ୮୦ ଲକ୍ଷ ପିଲା ପାଠପଢ଼ାଠାରୁ ଦୂରେଇ ରହିଥିଲେ ତଥା କ୍ୱଚିତ୍ ଶିକ୍ଷା ଲାଭ କରିଥିଲେ। କୋଭିଡ୍-୧୯ ଯୋଗୁ ଦୀର୍ଘଦିନ ହେଲା ଶିକ୍ଷାନୁଷ୍ଠାନଗୁଡ଼ିକ ବନ୍ଦ ରହିଛି। ମହାମାରୀ ଯୋଗୁ ବିଶ୍ୱ ମାନ୍ଦାବସ୍ଥା ଗୁରୁତର ହେବାକୁ ଥିବାରୁ ଏହା ମଧ୍ୟ ଶିକ୍ଷା ବ୍ୟବସ୍ଥାକୁ ବିପର୍ଯ୍ୟସ୍ତ କରିବ।

ଏହି ସମସ୍ୟା ହ୍ରାସ କରିବା ସହ ସଙ୍କଟକୁ ସୁଯୋଗରେ ପରିବର୍ତ୍ତନ କରିବାକୁ ବିଶ୍ୱବ୍ୟାଙ୍କ ଟିମ୍ କେତେକ ପରାମର୍ଶ ଦେଇଛନ୍ତି। ସ୍କୁଲ୍ ବନ୍ଦ ରହିଥିବାରୁ ପିଲାଙ୍କ ପାଠପଢ଼ା କ୍ଷତି ଭରଣା ଲାଗି ଯୋଜନା ପ୍ରସ୍ତୁତ କରିବାକୁ ହେବ। ଅନ୍‌ଲାଇନ ଶିକ୍ଷା କିମ୍ବା ଭିଡିଓ କନ୍‌ଫରେନ୍ସ ଜରିଆରେ ପିଲାମାନଙ୍କ ଏହି କ୍ଷତିକୁ ଭରଣା କରଯାଇପାରିବ ବୋଲି ବିଶ୍ୱବ୍ୟାଙ୍କ ପକ୍ଷରୁ କୁହାଯାଇଛି। ଶିକ୍ଷା ସହ ପିଲାମାନଙ୍କ ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦେବାକୁ ହେବ। ବିଭିନ୍ନ ଦେଶରେ ସ୍କୁଲ ଖୋଲିବା ପାଇଁ ଯୋଜନା ହେଉଛି। ତେବେ ସ୍କୁଲ ଖୋଲିଲେ ମଧ୍ୟ କେତେକ ପିଲା ପଢ଼ିବାକୁ ନ ଆସିପାରନ୍ତି। ସେମାନଙ୍କୁ ଫେରାଇ ଆଣିବା ଲାଗି ପଦକ୍ଷେପ ନେବାକୁ ହେବ। ବିଦ୍ୟାଳୟର ଶିକ୍ଷା ପରିବେଶକୁ ସୁସ୍ଥ ରଖିବାକୁ ହେବ। ପିଲାମାନେ ସ୍କୁଲ୍‌କୁ ଫେରି ବକେୟା ରହିଯାଇଥିବା ପାଠକୁ ଭରଣା କରିବା ପାଇଁ ନୂଆ ଟେକ୍‌ନୋଲୋଜିର ବ୍ୟବହାର କରିବାକୁ ହେବ ବୋଲି 'ଦି କୋଭିଡ୍-୧୯ ପାଣ୍ଡେମିକ୍: ଶକ୍‌ସ ଟୁ ଏଜୁକେଶନ ଆଣ୍ଡ ପଲିସି ରେସ୍‌ପନ୍ସ' ନାମରେ ବିଶ୍ୱବ୍ୟାଙ୍କ ପକ୍ଷରୁ ପ୍ରକାଶିତ ରିପୋର୍ଟରେ କୁହାଯାଇଛି।

**ସଙ୍କଟରୁ ମୁକୁଳିବା ଲାଗି ମହତ୍ୱାକାଂକ୍ଷୀ ଯୋଜନା ଜରୁରୀ: ବିଶ୍ୱବ୍ୟାଙ୍କ**



**ସଂକ୍ଷେପରେ**

## କ୍ୱାରାଣ୍ଟାଇନ୍‌ରେ ଏମ୍ସର ୪ ଡାକ୍ତର, ୨ ଆଟେଣ୍ଡାଣ୍ଟ

**ଭୁବନେଶ୍ୱର,୧୧।୫(ବ୍ୟୁରୋ):** ଭୁବନେଶ୍ୱର ଏମ୍ସ ହସ୍ପିଟାଲରେ କାର୍ଯ୍ୟରତ ୪ ଡାକ୍ତର ଓ ୨ ଆଟେଣ୍ଡାଣ୍ଟଙ୍କୁ ସୋମବାର କ୍ୱାରାଣ୍ଟାଇନ୍‌ରେ ରଖାଯାଇଛି। ଏମ୍ସରେ ମହାରାଷ୍ଟ୍ରର ଜଣେ ଦୁର୍ଘଟଣାଗ୍ରସ୍ତ ଡ୍ରାଇଭରଙ୍କ ଚିକିତ୍ସାରେ ନିୟୋଜିତ ଥିବାରୁ ସେମାନଙ୍କୁ ବାଧତାମୂଳକ କ୍ୱାରାଣ୍ଟାଇନ୍‌ରେ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ଦୁର୍ଘଟଣାଜନିତ ମାମଲା ଥିବାରୁ ଡାକ୍ତର ଓ ଆଟେଣ୍ଡାଣ୍ଟ ସମ୍ପୃକ୍ତ ଡ୍ରାଇଭରଙ୍କ ଚିକିତ୍ସା କରିଥିଲେ। ପରବର୍ତ୍ତୀ ସମୟରେ ସମ୍ପୃକ୍ତ ଡ୍ରାଇଭରଙ୍କ ଗସ୍ତ ବିବରଣୀକୁ ଆଧାର କରି ନମୁନା ସଂଗ୍ରହ କରାଯିବା ସହ ସ୍ୱାବ୍ ଟେଷ୍ଟ କରାଯାଇଥିଲା। ତାଙ୍କର କରୋନା ପଜିଟିଭ ବାହାରିଥିବାରୁ ଏଭଳି ନିର୍ଦ୍ଦେଶ ଦିଆଯାଇଛି।

## କଂଗ୍ରେସ ଦେଇଥିବା ପ୍ରସ୍ତାବ ରଖିଲେନି ସରକାର: ନିରଞ୍ଜନ

**ଭୁବନେଶ୍ୱର, ୧୧।୫(ବ୍ୟୁରୋ):** ଓଡ଼ିଶାରେ କରୋନା ପରିସ୍ଥିତି ଜଟିଳ ହେବାରେ ଲାଗିଛି। ଗଞ୍ଜାମ ଜିଲାରେ ୪୦ହଜାରରୁ ଅଧିକ ଲୋକ ଆସି ପହଞ୍ଚିଥିବାବେଳେ ଆହୁରି ମଧ ଆସିବେ। ସେମାନଙ୍କ ଲାଗି ସମ୍ପୂର୍ଣ୍ଣ ବ୍ୟବସ୍ଥା ଖାଲି ୩ଜଣ ପ୍ରଶାସନିକ ଅଧିକାରୀଙ୍କୁ ଦେଇଦେଲେ ହେବନାହିଁ। ଅନ୍ୟାନ୍ୟ ସହଯୋଗୀ କାର୍ଯ୍ୟକ୍ରମ ସେଠାରେ ଆରମ୍ଭ କରିବାର ଆବଶ୍ୟକତା ରହିଛି ବୋଲି ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକ କହିଛନ୍ତି। ନିରଞ୍ଜନ ସୋମବାର ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ କହିଛନ୍ତି ଯେ, ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର ରବିବାର ଗଣମାଧମ ଜରିଆରେ କହିଲେ, ଗାଁ ମଝିରେ କ୍ୱାରାଣ୍ଟାଇନ ସେଣ୍ଟର ଖୋଲାଯାଇଛି। ରାତିରେ କେହି ରହୁନାହାନ୍ତି, ଘରକୁ ପଳାଉଛନ୍ତି। ତେଣୁ ଏସବୁ କାର୍ଯ୍ୟକ୍ରମକୁ ଆହୁରି ସୁଚାରୁରୂପେ କରିବାକୁ ସରକାରଙ୍କୁ ସେ ନିବେଦନ କରିଛନ୍ତି। ଆମେ ଯାହା ପ୍ରସ୍ତାବ ଦେଲୁ ସରକାର ଆମ କଥା ଶୁଣିଲେନାହିଁ। ଏବେ ମଧ ସମୟ ଅଛି ସେଠାର ବିଭିନ୍ନ ରାଜନୈତିକ ଲୋକ, ସେବାକାରୀ ସଂସ୍ଥା, ନାଗରିକ ସମାଜକୁ ନେଇ ମନୋବଳ ସୃଷ୍ଟି କରାଯାଉ। ଅନ୍ୟ ଜିଲାର ଯେଉଁ ଦାଦନ ଶ୍ରମିକ ଖଟିବାକୁ ରାଜ୍ୟ ବାହାରକୁ ଯାଇଛନ୍ତି, ସେମାନେ ଫେରିନାହାନ୍ତି। ଫେରିଲେ ଗଞ୍ଜାମ ଭଳି ଭୟାବହ ସ୍ଥିତି ଦେଖାଯାଇପାରେ ବୋଲି ସେ କହିଛନ୍ତି।

## ରକ୍ତଭଣ୍ଡାର ପରିଚାଳନାରେ ତ୍ରୁଟି ଅଭିଯୋଗ

**ଭୁବନେଶ୍ୱର, ୧୧।୫(ବ୍ୟୁରୋ):** ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଜିଲାରେ ଥିବା ରକ୍ତଭଣ୍ଡାର ପରିଚାଳନାରେ ଗୁରୁତର ତ୍ରୁଟି ତଥା ପ୍ରଶାସନିକ ଅବହେଳା ଯୋଗୁ ଜଣେ ଗରିବ ମହିଳାଙ୍କ ମୃତ୍ୟୁ ଘଟିଛି। ରକ୍ତ ଅଭାବରୁ ମହିଳାଙ୍କ ମୃତ୍ୟୁ ହେବା ନେଇ ଭାଜପା ପକ୍ଷରୁ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ପୁରୁଣା ଜିଲା ଚିକିତ୍ସାଳୟ ବିଲ୍ଡିଂରେ ରକ୍ତଭଣ୍ଡାର ପୂର୍ବପରି ରହିଛି। ମାତ୍ର ନୂଆ ଜିଲା ଚିକିତ୍ସାଳୟ ଯେଉଁଠାରେ ଏବେ କାର୍ଯ୍ୟକ୍ଷମ ହୋଇଛି, ସେଠାରେ ରକ୍ତଭଣ୍ଡାରର ବ୍ୟବସ୍ଥା ନାହିଁ। ଗରିବ ରୋଗୀଙ୍କ ପାଇଁ ଲକ୍‌ଡାଉନ୍ ସମୟରେ ରକ୍ତଭଣ୍ଡାରରୁ ରକ୍ତ ସଂଗ୍ରହ କରାଯାଇ ନ ପାରିବା ଦୁଃଖ ଓ ପରିତାପର ବିଷୟ ବୋଲି ଭାଜପା ଯୁବମୋର୍ଚ୍ଚା ସଭାପତି ଟଙ୍କଧର ତ୍ରିପାଠୀ କହିଛନ୍ତି।

# ଲକ୍ଷଣ ନ ଥିଲେ ଘରେ ରହିପାରିବେ ସଂକ୍ରମିତ

**ଭୁବନେଶ୍ୱର, ୧୧।୫(ବ୍ୟୁରୋ)**

- ହାତରେ ଲାଗିବ ଅଲିଭା କାଳି, ବ୍ୟାଣ୍ଡ
- ଘରେ ସୁବିଧା ନ ଥିଲେ ସରକାରୀ କ୍ୱାରାଣ୍ଟାଇନ ଯିବେ
- ସରକାରଙ୍କଠାରୁ ଆବଶ୍ୟକ ପଡ଼ିବ ଅନୁମତି

ରାଜ୍ୟରେ ପ୍ରତିଦିନ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ସେମାନଙ୍କ ମଧ୍ୟରୁ ଅଧିକାଂଶ ଆକ୍ରାନ୍ତଙ୍କ ମଧ୍ୟରେ ଲକ୍ଷଣ ନ ଥିବା ଜଣାପଡିଛି। ତେଣୁ ଲକ୍ଷଣ ନ ଥିବା ଏବଂ ସ୍ୱଳ୍ପ ଲକ୍ଷଣ ଥିବା ସଂକ୍ରମିତଙ୍କୁ ହୋମ୍ କ୍ୱାରାଣ୍ଟାଇନରେ ରଖିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ସୋମବାର ସୂଚନା ଦିଆଯାଇଛି। ପ୍ରଥମ ପର୍ଯ୍ୟାୟରେ ସୋମବାର ଏଭଳି ବ୍ୟବସ୍ଥା ପ୍ରଥମକରି ସହରାଞ୍ଚଳରେ ଲାଗୁ କରାଯାଇଛି। କେନ୍ଦ୍ର ସରକାରଙ୍କ ଗାଇଡ୍‌ଲାଇନ ଅନୁଯାୟୀ ରାଜ୍ୟ ସରକାର ଏଭଳି ବ୍ୟବସ୍ଥା କରିଥିବା ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ କୁମାର ମହାପାତ୍ର କହିଛନ୍ତି। ସେ କହିଛନ୍ତି ଯେ, କରୋନା ସଂକ୍ରମିତ ରୋଗୀଙ୍କୁ ହସ୍ପିଟାଲରୁ ଡିସ୍‌ଚାର୍ଜ କରିବା ଓ ସ୍ୱଳ୍ପ ତଥା ଲକ୍ଷଣ ନ ଥିବା ରୋଗୀଙ୍କୁ ହୋମ୍ କ୍ୱାରାଣ୍ଟାଇନରେ ରହିବା ପାଇଁ ଗାଇଡ୍‌ଲାଇନ ଜାରି କରାଯାଇଛି। ସ୍ୱଳ୍ପ ଲକ୍ଷଣ କିମ୍ବା ଆଦୌ ଲକ୍ଷଣ ନ ଥିବା ରୋଗୀଙ୍କ ଭିତରେ ଲକ୍ଷଣ ପ୍ରକାଶ ପାଇବାର ୧୦ଦିନ ପରେ ଅଥବା ୩ ଦିନ ଧରି ଜ୍ୱର ନ ଥିଲେ ସେମାନଙ୍କୁ ହସ୍ପିଟାଲରୁ ଡିସ୍‌ଚାର୍ଜ କରାଯିବ। ସେହିପରି ଗୁରୁତର ରୋଗୀଙ୍କ କ୍ଷେତ୍ରରେ ଲକ୍ଷଣ ପ୍ରକାଶ ବନ୍ଦ ହେବାର ୩ ଦିନ ପରେ ଡିସ୍‌ଚାର୍ଜ ହୋଇପାରିବେ। ସେମାନେ ଡିସ୍‌ଚାର୍ଜ ହେବାପରେ ୭ ଦିନ କ୍ୱାରାଣ୍ଟାଇନରେ ରହିବେ ବୋଲି କେନ୍ଦ୍ର ପକ୍ଷରୁ କୁହାଯାଇଥିବା ବେଳେ ରାଜ୍ୟ ସରକାର ଗାଇଡ୍‌ଲାଇନରେ ପରିବର୍ତ୍ତନକରି ୧୪ଦିନ ଘରୋଇ ସଙ୍ଗରୋଧରେ ରହିବାକୁ କହିଛନ୍ତି। ଏହି ନୂଆ ବ୍ୟବସ୍ଥା ଦ୍ୱାରା କୋଭିଡ୍ ହସ୍ପିଟାଲଗୁଡିକରେ ପର୍ଯ୍ୟାପ୍ତ ବେଡ୍ ବ୍ୟବସ୍ଥା ଅନ୍ୟ ନୂଆ ରୋଗୀଙ୍କ ଲାଗି ଉପଲବ୍ଧ କରାଯାଇପାରିବ ବୋଲି ମହାପାତ୍ର କହିଛନ୍ତି।

ଅନ୍ୟପଟେ ହୋମ୍ କ୍ୱାରାଣ୍ଟାଇନରେ ରହିବା ପାଇଁ ରାଜ୍ୟ ସରକାର ଜାରି କରିଥିବା ଗାଇଡ୍‌ଲାଇନ ଅନୁସାରେ ଉକ୍ତ ବ୍ୟକ୍ତିଙ୍କ ଘର ସମ୍ମୁଖରେ କ୍ୱାରାଣ୍ଟାଇନ ଷ୍ଟିକର ଲଗାଯିବ। ଏହାସହିତ ସମ୍ପୃକ୍ତ ରୋଗୀଙ୍କ ହାତରେ ଅଲିଭା କାଳି ଓ ବ୍ୟାଣ୍ଡ ଲଗାଯିବ। ଯଦି ଘରେ ଅଲଗା ଶୌଚାଳୟ ବା କଠୋରି ନ ଥିବ ତେବେ ସମ୍ପୃକ୍ତ ରୋଗୀ ସରକାରଙ୍କ ଦ୍ୱାରା କରାଯାଇଥିବା କ୍ୱାରାଣ୍ଟାଇନ ସେଣ୍ଟରରେ ରହିବେ। ତେବେ ଏଥିପାଇଁ ରୋଗୀଙ୍କୁ ଏକ ନିର୍ଦ୍ଧାରିତ ଫର୍ମାଟରେ ଅନୁମତି ଆଣିବାକୁ ପଡ଼ିବ। ସାମାଜିକ ଦୂରତ୍ୱ ଓ ସଙ୍ଗରୋଧ ନିୟମକୁ କଡ଼ାକଡ଼ି ପାଳନ କରିବେ ବୋଲି ସେ ସରକାରଙ୍କୁ ଜଣାଇବେ। ପ୍ରଥମ ପର୍ଯ୍ୟାୟରେ ସହରାଞ୍ଚଳରେ ଏହି ବ୍ୟବସ୍ଥା ଲାଗୁହେବ। ଗାଁ ଗୁଡ଼ିକରେ ଯେହେତୁ ସମସ୍ତ ଘରେ ଏଭଳି ଶୌଚାଳୟ ଏବଂ କଠୋରି ନ ଥିବ ତେଣୁ ଭବିଷ୍ୟତରେ ଯେଉଁଠି ଏଭଳି ବ୍ୟବସ୍ଥା ଥିବ ସେଠାରେ ଏହି ନିୟମ ଲାଗୁ କରାଯିବ ବୋଲି ପ୍ରଦୀପ୍ତ କହିଛନ୍ତି।



ଭୁବନେଶ୍ୱର ରସୁଲଗଡ଼ ପ୍ରବେଶପଥଠାରେ ସୋମବାର ବିଏମ୍‌ସି ସ୍ୱାସ୍ଥ୍ୟକର୍ମୀମାନେ ପ୍ରବାସୀଙ୍କୁ କାଳି ଷ୍ଟାମ୍ପ୍ ଲଗାଇ କ୍ୱାରାଣ୍ଟାଇନ୍ ପଠାଉଛନ୍ତି।

## ବିଶୁଦ୍ଧ ପାନୀୟ ଜଳ ଯୋଗାଣ ନେଇ ଉଚ୍ଚସ୍ତରୀୟ ବୈଠକ

**ଭୁବନେଶ୍ୱର, ୧୧।୫(ବ୍ୟୁରୋ):** ପୁରୀ ଜିଲାର ବିଭିନ୍ନ ନିର୍ବାଚନମଣ୍ଡଳୀରେ ବୃହତ୍ ପାନୀୟଜଳ ଯୋଗାଣ ପ୍ରକଳ୍ପ କାର୍ଯ୍ୟକାରିତା ନେଇ ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ ସଞ୍ଜୟ ଦାସବର୍ମାଙ୍କ ଅଧ୍ୟକ୍ଷତାରେ ସୋମବାର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଛି। ସତ୍ୟବାଦୀ ବ୍ଲକର ୪୬, କୃଷ୍ଣପ୍ରସାଦ ବ୍ଲକ ୯୯, ବ୍ରହ୍ମଗିରି ବ୍ଲକ ୬୯, କୃଷ୍ଣପ୍ରସାଦ ବ୍ଲକର ୭ଟି ପଞ୍ଚାୟତ, କଣାସ ବ୍ଲକର ୧୨୬, ବ୍ରହ୍ମଗିରି ବ୍ଲକର ୧୮ଟି ଗ୍ରାମ ପାଇଁ ପାନୀୟ ଜଳ ଯୋଗାଣ ପ୍ରକଳ୍ପ କରିବା ଉପରେ ବୈଠକରେ ଗୁରୁତ୍ୱ ଦିଆଯାଇଛି। ସେହିପରି ବ୍ରହ୍ମଗିରି ଭଣ୍ଡାରିକୁଦାର ଗୋବର୍ଦ୍ଧନପୁରଠାରେ ୫୯ଟି ଗ୍ରାମକୁ ନିର୍ମାଣାଧୀନ ଥିବା ବୃହତ୍ ପାନୀୟ ଜଳ ପ୍ରକଳ୍ପର ଅଗ୍ରଗତି ନେଇ ବର୍ମା ସମୀକ୍ଷା କରିଛନ୍ତି। ଏହି ପ୍ରକଳ୍ପଗୁଡ଼ିକୁ ଯଥାଶୀଘ୍ର କାର୍ଯ୍ୟକାରୀ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ସେହିଭଳି ଚିଲିକା ହ୍ରଦ ମଧ୍ୟରେ ଥିବା ମହିଷା ଓ ବ୍ରହ୍ମପୁର ଗ୍ରାମରେ ୨କୋଟି ୯୪ ଲକ୍ଷ ଟଙ୍କା ବ୍ୟୟରେ କାର୍ଯ୍ୟକାରୀ ହେବାକୁ ଥିବା ସ୍ୱତନ୍ତ୍ର ପାନୀୟ ଜଳ ପ୍ରକଳ୍ପ ଉପରେ ବର୍ମା ଗୁରୁତ୍ୱ ପ୍ରଦାନ କରିଛନ୍ତି। ପୁରୀ ସଦର ବ୍ଲକ ଅନ୍ତର୍ଗତ ବ୍ରହ୍ମଗିରି ନିର୍ବାଚନମଣ୍ଡଳୀର ୧୧ ପଞ୍ଚାୟତ ଏବଂ ପୁରୀ ନିର୍ବାଚନମଣ୍ଡଳୀର ୧୯ ପଞ୍ଚାୟତକୁ ବୃହତ୍ ପାନୀୟ ଜଳ ପ୍ରକଳ୍ପ ମାଧ୍ୟମରେ ବିଶୁଦ୍ଧ ପାନୀୟ ଜଳ ଯୋଗାଇଦେବାକୁ ରାଜ୍ୟସ୍ତରୀୟ ମଞ୍ଜୁର ପାଇଁ ବୈଠକରେ ସବିଶେଷ ଆଲୋଚନା କରାଯାଇଛି। ସେହିପରି ପୁରୀ ସଦର, ଗୋପ, ଡେଲାଙ୍ଗ, କାକଟପୁର ଓ ଅସ୍ତରଙ୍ଗ ବ୍ଲକରେ ବିଶୁଦ୍ଧ ପାନୀୟ ଜଳ ଆବଶ୍ୟକତାକୁ ଆଖି ଆଗରେ ରଖି ଏହାକୁ କାର୍ଯ୍ୟକାରୀ କରିବା ପାଇଁ ଆଲୋଚନା ହୋଇଛି। ଏଥିସହିତ କ୍ୱାରାଣ୍ଟାଇନ୍ ସେଣ୍ଟରଗୁଡ଼ିକରେ ଶୌଚାଳୟ ଓ ପାନୀୟ ଜଳର ପର୍ଯ୍ୟାପ୍ତ ବ୍ୟବସ୍ଥା କରିବା ଉପରେ ଧ୍ୟାନଦେବାକୁ ବିଭାଗୀୟ ଅଧିକାରୀଙ୍କୁ ସେ ନିର୍ଦ୍ଦେଶ ଦେଇଛନ୍ତି।

# ଖାତା ଦେଖିବେ ଅଧିକ ଶିକ୍ଷକ

**କଟକ ଅଫିସ,୧୧।୫**

- ୬୦ କେନ୍ଦ୍ରରେ ୨୩ ହଜାର ମୂଲ୍ୟାୟନକାରୀ
- ସାମାଜିକ ଦୂରତ୍ୱ ରକ୍ଷା ସହ ମାସ୍କ ପିନ୍ଧିବା ବାଧତାମୂଳକ

ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ପକ୍ଷରୁ ମାଟ୍ରିକ ପରୀକ୍ଷା ଖାତା ମୂଲ୍ୟାୟନ ଆସନ୍ତା ୨୦ ତାରିଖରୁ ଆରମ୍ଭ ହେବ। ରାଜ୍ୟ ମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ ପରୀକ୍ଷା ଓ ମଧ୍ୟମା ପରୀକ୍ଷାର ଖାତା ଦେଖା ମଧ ଏହି ତାରିଖରୁ ଆରମ୍ଭ କରାଯିବ ବୋଲି ବୋର୍ଡ ପକ୍ଷରୁ ସୋମବାର ସୂଚନା ଦିଆଯାଇଛି। ଏଥିନିମନ୍ତେ ୬୦ଟି ମୂଲ୍ୟାୟନ କେନ୍ଦ୍ର ନିର୍ଦ୍ଧାରଣ କରାଯାଇଛି। ସେହିପରି ଗତବର୍ଷ ତୁଳନାରେ ଚଳିତବର୍ଷ ମୂଲ୍ୟାୟନକାରୀ ସଂଖ୍ୟା ୬ହଜାରକୁ ବୃଦ୍ଧି କରାଯାଇଛି। ଗତବର୍ଷ ୧୭ହଜାର ଶିକ୍ଷକ ମୂଲ୍ୟାୟନ ଦାୟିତ୍ୱରେ ଥିବାବେଳେ ଚଳିତ ଥର ୨୩ ହଜାର ମୂଲ୍ୟାୟନକାରୀ ନିଯୁକ୍ତ ହେବେ ବୋଲି ବୋର୍ଡର ପରୀକ୍ଷା ନିୟନ୍ତ୍ରକ ଡ. ନିହାର ରଞ୍ଜନ ମହାନ୍ତି ସୂଚନା ଦେଇଛନ୍ତି।

କରୋନା କଟକଣା ଯୋଗୁ ଖାତା ଦେଖାରେ ବିଳମ୍ବ ହୋଇଥିଲେ ସୁଦ୍ଧା ଏହି ପ୍ରକ୍ରିୟାକୁ ପୁନର୍ବାର ତ୍ୱରାନ୍ୱିତ କରିଛନ୍ତି ବୋର୍ଡ କର୍ତ୍ତୃପକ୍ଷ। ଗତ ମାର୍ଚ୍ଚ ୧୮ ଓ ୧୯ ତାରିଖରେ ଖାତା ଦେଖା ଦାୟିତ୍ୱରେ ନିୟୋଜିତ ହୋଇଥିବା ମୁଖ୍ୟ ମୂଲ୍ୟାୟନକାରୀ, ଡେପୁଟି ମୁଖ୍ୟ ମୂଲ୍ୟାୟନକାରୀ, ମୂଲ୍ୟାୟନକାରୀ, ତଦନ୍ତ ଅଧିକାରୀମାନଙ୍କୁ ୨୦ ତାରିଖରେ ମୂଲ୍ୟାୟନ କେନ୍ଦ୍ରରେ ଯୋଗଦେବାକୁ ନିର୍ଦ୍ଦେଶ ରହିଛି। ଜିଲା ଶିକ୍ଷାଧିକାରୀ ଏହି ପ୍ରକ୍ରିୟାକୁ ତଦାରଖ କରିବେ। ନୂତନ ଭାବେ ନିଯୁକ୍ତ ହୋଇଥିବା ମୂଲ୍ୟାୟନକାରୀଙ୍କ ତାଲିକା ବୋର୍ଡର ନିଜସ୍ୱ ୱେବସାଇଟରେ ଉପଲବ୍ଧ ରହିଛି। ଏହାଛଡ଼ା କେତେଜଣ ମୂଲ୍ୟାୟନକାରୀ କରୋନା କଟକଣା ଯୋଗୁ ନିଜସ୍ୱ ଜିଲାକୁ ଫେରିଯାଇଛନ୍ତି। ଏଭଳି ସ୍ଥଳେ ମୂଲ୍ୟାୟନକାରୀଙ୍କ ନିଜସ୍ୱ ଜିଲାରେ ଥିବା ମୂଲ୍ୟାୟନକେନ୍ଦ୍ରରେ ସେମାନଙ୍କୁ ନିୟୋଜିତ କରିବାକୁ ବୋର୍ଡର ନିର୍ଦ୍ଦେଶ ରହିଛି। ଖାତା ଦେଖାର ସମୟ ଭିନ୍ନଭିନ୍ନ କରାଯାଇଛି। ପ୍ରଥମ ଭାଷା (ଓଡ଼ିଆ ) ଓ ସାମାଜିକ ବିଜ୍ଞାନର ପରୀକ୍ଷା ଖାତା ସକାଳ ୮ଟାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ମୂଲ୍ୟାୟନ କରାଯିବ। ସେହିପରି ଇଂଲିଶ ଓ ସାଧାରଣ ବିଜ୍ଞାନ ସକାଳ ୯ଟାରୁ ଅପରାହ୍ନ ୩ଟା, ହିନ୍ଦୀ, ସଂସ୍କୃତ ଓ ଗଣିତ ଖାତାର ମୂଲ୍ୟାୟନ ସକାଳ ୯.୩୦ରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ହେବ। ଖାତା ଦେଖା ସମୟରେ ସାମାଜିକ ଦୂରତ୍ୱ ବଜାୟ ରଖାଯିବା ସହ ପ୍ରତ୍ୟେକ ମୂଲ୍ୟାୟନକାରୀ ମାସ୍କ ପିନ୍ଧିବା ବାଧତାମୂଳକ କରାଯାଇଛି। ମୂଲ୍ୟାୟନକେନ୍ଦ୍ରକୁ ପ୍ରବେଶ କରିବା ସମୟରେ ହ୍ୟାଣ୍ଡ ସାନିଟାଇଜର ବ୍ୟବହାର କରିବାକୁ ମଧ ନିର୍ଦ୍ଦେଶ ଦିଆଯାଇଛି।

## ରାଶନ କାର୍ଡ-ଆଧାର ସଂଯୋଗ ସମୟସୀମା ବଢ଼ିଲା

**ନୂଆଦିଲ୍ଲୀ,୧୧।୫ :** ରାଶନ କାର୍ଡ ସହ ଆଧାର ନମ୍ବର ସଂଯୋଗ ସମୟସୀମାକୁ ସେପ୍ଟେମ୍ବର ୩୦ ପର୍ଯ୍ୟନ୍ତ ବଢ଼ାଇଦିଆଯାଇଛି। ଯେଉଁମାନେ ଆଜି ପର୍ଯ୍ୟନ୍ତ ଆଧାର ନମ୍ବର ସଂଯୋଗ କରିନାହାନ୍ତି, ସେମାନେ ସେପ୍ଟେମ୍ବର ପର୍ଯ୍ୟନ୍ତ ଖାଦ୍ୟଶସ୍ୟ ପାଇପାରିବେ। ଏହା ପରେ ଯଦି ଆଧାର ନମ୍ବର ସଂଯୋଗ ନ କରନ୍ତି ତେବେ ରାଶନ କାର୍ଡ ରଦ୍ଦ ହୋଇଯିବ ଓ ହିତାଧିକାରୀ ଖାଦ୍ୟଶସ୍ୟ ପାଇବାରୁ ବଞ୍ଚିତ ହେବେ ବୋଲି କେନ୍ଦ୍ର ଖାଦ୍ୟ ଓ ଯୋଗାଣ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ସୂଚନାଯୋଗ୍ୟ ୨୦୧୭ ଫେବୃୟାରୀ ୭ରେ ରାଶନ କାର୍ଡ ସହ ଆଧାର ସଂଯୋଗ କରିବାକୁ ଖାଦ୍ୟ ଯୋଗାଣ ଓ ସାଧାରଣ ବଣ୍ଟନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ପରେ ଏହି ସମୟସୀମାକୁ ଏକାଧିକ ଥର ବଢ଼ାଯାଇଥିଲା।

# ୫୦% କମିଛି ଚାଷୀ ଆତ୍ମହତ୍ୟା

**ଜଳନ୍ଧର,୧୧।୫**



ଦେଶବ୍ୟାପୀ ଲକ୍‌ଡାଉନ ଯୋଗୁ ସମସ୍ତ କ୍ଷେତ୍ର ପ୍ରଭାବିତ ହୋଇଛି। ପ୍ରାକୃତିକ ଦୁର୍ବିପାକର ଚିର ସହଚର ପାଲଟିଥିବା କୃଷି କ୍ଷେତ୍ର ମଧ ଏଥିରୁ ବାଦ୍ ପଡ଼ି ନାହିଁ। ଏହାସତ୍ତ୍ୱେ ଚାଷୀ ଭାଙ୍ଗି ଯାଇନାହିଁ।

**ପଞ୍ଜାବରେ ଲକ୍‌ଡାଉନ ପ୍ରଭାବ**

କୃଷି କ୍ଷେତ୍ରରେ କରୋନା କଟକଣା କୋହଳ କରାଯାଇଥିବାରୁ ଚାଷୀ ସବୁକିଛି ଭୁଲି ଯାଇ ଶସ୍ୟ ଉତ୍ପାଦନରେ ଲାଗି ପଡ଼ିଛି। ଯାହାକି ପଞ୍ଜାବରେ ଚଳିତବର୍ଷର ଚାଷୀ ଆତ୍ମହତ୍ୟା ହାରକୁ ଦେଖିଲେ ସହଜରେ ଅନୁମେୟ ହୋଇଯାଉଛି। କେନ୍ଦ୍ର ସରକାର ମାର୍ଚ୍ଚ ୨୫ରୁ ଦେଶବ୍ୟାପୀ ଲକ୍‌ଡାଉନ ଜାରି କରିଥିବାବେଳେ ଏହାର ୨ଦିନ ପୂର୍ବରୁ ଅର୍ଥାତ୍ ମାର୍ଚ୍ଚ ୨୩ରୁ ପଞ୍ଜାବ ରାଜ୍ୟ ସରକାର ରାଜ୍ୟରେ କର୍ଫ୍ୟୁ ଜାରି କରିଛନ୍ତି। ଏହାସତ୍ତ୍ୱେ ମାର୍ଚ୍ଚ ଓ ଏପ୍ରିଲରେ ରାଜ୍ୟରେ ଚାଷୀ ଆତ୍ମହତ୍ୟା ହାର ୫୦% ହ୍ରାସ ପାଇଥିବା ଜଣାପଡ଼ିଛି। ଲକ୍‌ଡାଉନ୍ ସମୟରେ ଚାଷୀଙ୍କ କାର୍ଯ୍ୟ ମନୋନିବେଶ ଆତ୍ମହତ୍ୟା ଭଳି କଠୋର ନିଷ୍ପତ୍ତିରୁ ଦୂରେଇ ରଖିବାରେ ସହାୟକ ହୋଇଥିବା ବିଶେଷଜ୍ଞମାନେ ମତପ୍ରକାଶ କରିଛନ୍ତି।

ଲକ୍‌ଡାଉନ ଯୋଗୁ ଦେଶର ଅର୍ଥନୀତି ବିଗିଡ଼ି ଯାଇଛି। ଗତ ୩ବର୍ଷରେ ପଞ୍ଜାବରେ ଚାଷୀଙ୍କ କୃଷି ଋଣ ଛାଡ଼ ଓ ଋଣ ଖାତାରୁ ନାମ ହଟାଇବା ସତ୍ତ୍ୱେ ଚାଷୀମାନେ ଯେଉଁ ପରିମାଣରେ ଆତ୍ମହତ୍ୟା କରୁଥିଲେ ତାହା ଲକ୍‌ଡାଉନ ସମୟରେ ବହୁ ପରିମାଣରେ ହ୍ରାସ ପାଇଛି। ଚାଷୀ ଆତ୍ମହତ୍ୟା ସମ୍ପର୍କିତ ରିପୋର୍ଟ ସଂଗ୍ରହ କରୁଥିବା ଭାରତୀୟ କିଷାନ ୟୁନିୟନ(ବିକେୟୁ) ପକ୍ଷରୁ ମିଳିଥିବା ତଥ୍ୟ ଅନୁସାରେ ଗତ ମାର୍ଚ୍ଚ ମାସରେ ୨୭ ଏବଂ ଏପ୍ରିଲ ମାସରେ ୧୬ ଜଣ ଚାଷୀ ଏଭଳି ଚରମ ପଦକ୍ଷେପ ନେଇଛନ୍ତି। ଗତ ବର୍ଷ ମାର୍ଚ୍ଚ ମାସରେ ୫୦ ଏବଂ ଏପ୍ରିଲରେ ୪୧ଜଣ ଚାଷୀ ଆତ୍ମହତ୍ୟା କରିଥିଲେ। ଏପରି କି ୨୦୧୮ରେ ମାର୍ଚ୍ଚରେ ୫୦ ଏବଂ ଏପ୍ରିଲ୍‌ରେ ୩୦ଜଣ ଆତ୍ମହତ୍ୟା କରିଥିଲେ। ଚଳିତ ବର୍ଷ ଲକ୍‌ଡାଉନ ଯୋଗୁ ଚାଷୀ ମୃତ୍ୟୁ ହାର କମିଛି। ଯାହାକି ସମସ୍ତଙ୍କୁ ଆଶ୍ୱସ୍ତି କରିଛି ବୋଲି ବିକେୟୁ ନେତା ସୁଖପାଲ ସିଂ କହିଛନ୍ତି। ପଟିଆଲାସ୍ଥିତ ପଞ୍ଜାବ ବିଶ୍ୱବିଦ୍ୟାଳୟର ପୂର୍ବତନ ଅର୍ଥନୀତି ପ୍ରଫେସର ତଥା କୃଷି ବିଶେଷଜ୍ଞ ଜିଆନ ସିଂଙ୍କ କହିବା ହେଲା ଲକ୍‌ଡାଉନ ଯୋଗୁ କୃଷକମାନେ ବିଭିନ୍ନ ସୋସିଆଲ ମିଡିଆ ମାଧ୍ୟମରେ ଏକାଠି ହୋଇ ବା ଅନେକ କ୍ଷେତ୍ରରେ ସେମାନେ ଏକତ୍ରିତ ବିଭିନ୍ନ ପ୍ରସଙ୍ଗରେ ନିଷ୍ପତ୍ତି ନେଉଛନ୍ତି। ଚାଷ ପାଇଁ ଭଡ଼ାରେ ନେଇଥିବା ଜମିର ଦେୟ ଅନେକ ସମୟରେ ଅଧିକ ହୋଇଯାଉଥିବାରୁ ସେମାନଙ୍କ ଉପରେ ଋଣଭାର ଅଧିକ ହୋଇଯାଇଥାଏ। ତେଣୁ ଲକ୍‌ଡାଉନ ସମୟରେ ସେମାନଙ୍କ ସାମୂହିକ ଆଲୋଚନା ବା ଏକତ୍ରୀକରଣ ଯୋଗୁ ଆତ୍ମହତ୍ୟା ଭଳି ଚରମ ପଦକ୍ଷେପ ନେବାରୁ ସେମାନଙ୍କୁ ବିରତ କରିଥାଇପାରେ ବୋଲି ଜିଆନ କହିଛନ୍ତି। ଏପରି କି ଲକ୍‌ଡାଉନ ଯୋଗୁ ଗହମ ଅମଳରେ ବିଳମ୍ବ ହୋଇଛି। ଏହାର କ୍ରୟ ଆସନ୍ତା ମାସ ୧୫ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ଜିଆନ ସୂଚନା ଦେଇଛନ୍ତି। ଦେଶରେ ଆବଶ୍ୟକ ହେଉଥିବା ଗହମରୁ ପଞ୍ଜାବ କେବଳ ୪୬% ପୂରଣ କରିଥାଏ। ଚାଷ ଜମି ଏବଂ ମଣ୍ଡିରେ ଶ୍ରମିକ ଅଭାବ ସତ୍ତ୍ୱେ ପଞ୍ଜାବରେ ଚଳିତବର୍ଷ ଏଯାବତ୍ ୧୧.୫ ନିୟୁତ ଟନ୍ ଗହମ ଉତ୍ପାଦନ ହୋଇସାରିଲାଣି। କେନ୍ଦ୍ରକୁ ୧୩.୫ନିୟୁତ ଟନ୍ ଗହମ ଯୋଗାଣ ଲକ୍ଷ୍ୟ ରହିଛି।

## ଛାତ୍ରୀଛାତ୍ରଙ୍କ ମାନସିକ ସ୍ଥିତି ସୁଦୃଢ଼ କରିବ 'ଭରସା'

**ଭୁବନେଶ୍ୱର, ୧୧।୫(ବ୍ୟୁରୋ)**

ବିଶ୍ୱବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ମାନସିକ ଚାପରୁ ମୁକ୍ତ ରଖିବା ଓ ସେମାନଙ୍କ ମାନସିକ ସ୍ଥିତିକୁ ଦୃଢ଼ କରିବା ପାଇଁ କେନ୍ଦ୍ର ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟ ଗୁରୁତ୍ୱ ଦେଇଛି। ଏହି ଉଦ୍ଦେଶ୍ୟରେ ପ୍ରସ୍ତୁତ ହୋଇଥିବା ହେଲ୍‌ପଲାଇନ 'ଭରସା'କୁ ସୋମବାର କେନ୍ଦ୍ର ମାନବ ସମ୍ବଳ ବିକାଶ ମନ୍ତ୍ରୀ ରମେଶ ପୋଖରିୟାଲ୍ ନିଶଙ୍କ ଲୋକାର୍ପିତ କରିଛନ୍ତି। ରାଜ୍ୟ ଉଚ୍ଚଶିକ୍ଷା ମନ୍ତ୍ରୀ ଅରୁଣ କୁମାର ସାହୁ ଲୋକସେବା ଭବନଠାରେ ଭିଡିଓ କନ୍‌ଫରେନ୍ସ ଜରିଆରେ ଯୋଗଦେଇ କହିଛନ୍ତି ଯେ, ସମ୍ପ୍ରତି ମହାମାରୀ କରୋନା ସଂକ୍ରମଣ ଯୋଗୁ ସାରା ବିଶ୍ୱ ଏକ ଅସ୍ୱାଭାବିକ ପରିସ୍ଥିତି ଦେଇ ଗତି କରୁଛି। ନିର୍ଦ୍ଦିଷ୍ଟ ଚିକିତ୍ସା ପଦ୍ଧତି ବାହାରି ନ ଥିବାବେଳେ ଏହା ସମସ୍ତଙ୍କ ପାଇଁ ଏକ ଆହ୍ୱାନ ସୃଷ୍ଟି କରିଛି। ଛାତ୍ରୀଛାତ୍ରମାନଙ୍କ ଉପରେ ଏହା ଚାପ ସୃଷ୍ଟି କରୁଛି। ମାତ୍ର ଏଥିରେ ପ୍ରଭାବିତ ନ ହୋଇ ଏବଂ ଚାପକୁ ଏଡ଼ାଇ ଛାତ୍ରୀଛାତ୍ରମାନେ ନିଜର ପଢ଼ା ଜାରି ରଖନ୍ତୁ ବୋଲି ମନ୍ତ୍ରୀ ସାହୁ କହିଛନ୍ତି। ଛାତ୍ରୀଛାତ୍ରମାନେ ବିଚଳିତ ନ ହୋଇ ଧର୍ଯ୍ୟଧରି ନିଜକୁ ମାନସିକ ଚାପରୁ ମୁକ୍ତ ରଖି ପାଠ ପଢ଼ିବା ସହିତ ସରକାରଙ୍କ ଦ୍ୱାରା ଜାରି କରାଯାଇଥିବା ନୀତିନିୟମକୁ ମାନି ଚଳିବାକୁ ମନ୍ତ୍ରୀ ସାହୁ ପରାମର୍ଶ ଦେଇଛନ୍ତି। ଏହି ହେଲ୍‌ପଲାଇନ ଓଡ଼ିଶା ବିଶ୍ୱବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ମାନସିକ ସ୍ୱାସ୍ଥ୍ୟ ଓ ସ୍ଥିତିକୁ ସୁଦୃଢ଼ ରଖିବା ଏବଂ ସେମାନଙ୍କ ଭବିଷ୍ୟତ ନିମନ୍ତେ ପ୍ରସ୍ତୁତ କରିବାରେ ସହାୟକ ହେବ ବୋଲି ସେ କହିଛନ୍ତି।

ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, କୋରାପୁଟ ଏବଂ ଆସୋସିଏଶନ ଅଫ୍ ହେଲ୍‌ଥ ସାଇକୋଲୋଜିଷ୍ଟର ମିଳିତ ସହଯୋଗରେ ମାନସିକ ଅବସ୍ଥାର ପୁନଃ ସଂସ୍ଥାପନ ସେବା ହେଲ୍‌ପଲାଇନ 'ଭରସା' ପ୍ରସ୍ତୁତ କରାଯାଇଛି। ଏଥିରେ ଏକ ଟେଲିଫୋନ୍ ନମ୍ବର-୦୮୦୪୬୮୦୧୦୧୦ ଦିଆଯାଇଛି। ସମସ୍ତ ବିଶ୍ୱବିଦ୍ୟାଳୟ ଛାତ୍ରୀଛାତ୍ରଙ୍କୁ ଅନ୍‌ଲାଇନ ମାଧ୍ୟମରେ ସେମାନଙ୍କ ମାନସିକ ସ୍ଥିତିକୁ ସୁଦୃଢ଼ କରିବା ଏବଂ ଆତ୍ମବିଶ୍ୱାସ ଦୃଢ଼କରିବା ପାଇଁ ପରାମର୍ଶ ଦିଆଯିବ। ମନସ୍ତତ୍ତ୍ୱବିତ୍‌ମାନେ ଛାତ୍ରୀଛାତ୍ରଙ୍କୁ ସେମାନଙ୍କ ପ୍ରଶ୍ନର ଉତ୍ତର ଦେବା ସହିତ ମାନସିକସ୍ତରରେ ସ୍ଥିରତା ଆଣିବା ଦିଗରେ ଆବଶ୍ୟକ ପରାମର୍ଶ ଦେବେ। ରାଜ୍ୟର ଯେକୌଣସି ସହବନ୍ଧିତ ମହାବିଦ୍ୟାଳୟ/ବିଶ୍ୱବିଦ୍ୟାଳୟ ଛାତ୍ରୀଛାତ୍ରମାନେ ନିଜର ଆବେଗିକ ଓ ମାନସିକ ଅବସ୍ଥିତି ନେଇ ହେଲ୍‌ପଲାଇନ ନମ୍ବରକୁ ଫୋନ କରିପାରିବେ।

# ଭୁବନେଶ୍ୱର ବିମାନବନ୍ଦର ହେବ ନନ୍-ଟଚ୍ ବିମାନବନ୍ଦର

**ଭୁବନେଶ୍ୱର, ୧୧।୫(ବ୍ୟୁରୋ)**




ଲକ୍‌ଡାଉନ୍ ହଟିବା ପରେ ବିମାନ ସେବା ସ୍ୱାଭାବିକ ହୋଇପାରେ। ତେଣୁ ବିମାନ ସେବା ଆରମ୍ଭ ହେଲେ ଯାତ୍ରୀ ଓ କର୍ମଚାରୀଙ୍କୁ କିପରି ସୁରକ୍ଷା ଦିଆଯିବ ସେଥିପାଇଁ ଭୁବନେଶ୍ୱର ବିମାନବନ୍ଦରରେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ବିମାନ ବନ୍ଦରକୁ ନନ୍-ଟଚ୍ କରିବା ପାଇଁ ସମସ୍ତ ଦିଗ ପ୍ରତି ଧ୍ୟାନ ଦିଆଯାଉଛି। ଟର୍ମିନାଲ ପରିସରରେ ପ୍ରବେଶଠାରୁ ଆରମ୍ଭ କରି ଟିକେଟ୍, ଚେକ୍-ଇନ୍ କାଉଣ୍ଟର ସବୁଠି ବିନା ସ୍ପର୍ଶ ବା ନନ୍-ଟଚ୍‌ରେ କାର୍ଯ୍ୟ କରିବା ପାଇଁ ଭୁବନେଶ୍ୱରର ବିମାନ ବନ୍ଦର କର୍ତ୍ତୃପକ୍ଷ ଯୋଜନା କରୁଛନ୍ତି। କରୋନା ସଂକ୍ରମଣ ରୋକିବା ପାଇଁ ଏଭଳି ପଦକ୍ଷେପ ନିଆଯାଉଥିବା ଜଣାପଡ଼ିଛି। ପ୍ରବେଶ ପଥରେ ପୂର୍ବରୁ ଟିକେଟ ତଥା ପରିଚୟ ପତ୍ର ଦେଖାଇବାବେଳେ ସୁରକ୍ଷା କର୍ମୀ ତାହାକୁ ହାତରେ ଧରି ଯାଞ୍ଚ କରୁଥିଲେ। କିନ୍ତୁ ଏବେ ଆଉ ସେଭଳି ହେବ ନାହିଁ। ଯାତ୍ରୀମାନେ ଟେବୁଲ ଉପରେ ପରିଚୟ ପତ୍ର ଓ ଟିକେଟ୍ ଆଦି ରଖିବା ପରେ ସୁରକ୍ଷା କର୍ମୀ ନୂତନ ଯନ୍ତ୍ର ସାହାଯ୍ୟରେ ତାହାକୁ ଯାଞ୍ଚ କରିବେ।

ଅନ୍ୟପଟେ ଲକ୍‌ଡାଉନ୍ ସମୟରେ ଭୁବନେଶ୍ୱର ବିମାନବନ୍ଦରର ଆଧୁନିକୀକରଣ କାର୍ଯ୍ୟ ଜାରି ରହିଛି। ବିମାନବନ୍ଦର ପରିସରରେ ଏୟାର ଟ୍ରାଫିକ୍ କଣ୍ଟ୍ରୋଲ ବା ଏଟିସି ଟାୱାର, ପାରାଲାଲ୍ ଟାକ୍ସି ବେ' କାମ ମଧ ଆରମ୍ଭ ହୋଇଛି ବୋଲି ଭୁବନେଶ୍ୱର ବିମାନ ବନ୍ଦର ନିର୍ଦ୍ଦେଶକ ଭି.ଭି. ରାଓ କହିଛନ୍ତି।

# ଅଧିକ ଶ୍ରମିକ ସ୍ପେଶାଲ ଟ୍ରେନ୍ ଚଳାଇବା ଉପରେ ଗୁରୁତ୍ୱ

## ମୁଖ୍ୟ ଶାସନ ସଚିବଙ୍କୁ ଚିଠି ଲେଖିଲା ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ

**ଭୁବନେଶ୍ୱର,୧୧।୫(ବ୍ୟୁରୋ)**

**ରେଳ ଲାଇନ, ସଡ଼କ ପଥରେ ଯାଉଥିବା ଶ୍ରମିକଙ୍କ ପାଇଁ ଖାଇବା ପିଇବା ବ୍ୟବସ୍ଥା କରିବାକୁ ପରାମର୍ଶ**

କରୋନା (କୋଭିଡ୍-୧୯) ସଂକ୍ରମଣ ଆଶଙ୍କାରେ ଦୀର୍ଘ ଦେଢ଼ମାସରୁ ଊର୍ଦ୍ଧ୍ୱ କାଳ ଧରି ସମଗ୍ର ଦେଶ ଲକ୍‌ଡାଉନ୍‌ରେ ରହିଛି। କଳକାରଖାନା, ବ୍ୟବସାୟ ପ୍ରତିଷ୍ଠାନ ସବୁ କିଛି ବନ୍ଦ ରହିଛି। ବିଭିନ୍ନ ରାଜ୍ୟରେ ଫସି ରହିଥିବା ଅସହାୟ ଶ୍ରମିକମାନେ ନିଜ ଘରକୁ ଫେରିବାକୁ ବ୍ୟାକୁଳ ହେଉଛନ୍ତି। ବସ୍, ଟ୍ରେନ୍ ଚଳାଚଳ ବନ୍ଦ ଥିବାରୁ ଅନେକ ଶ୍ରମିକ ପିଲାଛୁଆଙ୍କୁ ଧରି ଭୋକ ଉପାସରେ ମାଇଲ ମାଇଲ ଦୂର ରାଜପଥ ଓ ଟ୍ରେନ୍ ଲାଇନ ଉପରେ ଚାଲି ଚାଲି ଯାଉଛନ୍ତି। ଲାଇନ ଉପରେ ଯାଉଥିବା ବେଳେ ଟ୍ରେନ୍ ଧକ୍କାରେ କେତେକ ଶ୍ରମିକଙ୍କର ପ୍ରାଣହାନି ହୋଇଛି। କୌଣସି ସୁବିଧା ନ ଥିବାରୁ ଶ୍ରମିକମାନେ ନିଜ ପେଟରୁ କାଟି ବସ୍‌ଭଡା ଦେଇ ଆସୁଛନ୍ତି। ଏ ନେଇ କେନ୍ଦ୍ର ସରକାର ଉଦ୍‌ବେଗ ପ୍ରକାଶ କରିବା ସହ ସେହି ଶ୍ରମିକମାନେ ଯେପରି ଚାଲି ଚାଲି ନ ଯିବେ ସେଥିପାଇଁ କେନ୍ଦ୍ର ସରକାର ଶ୍ରମିକ ସ୍ପେଶାଲ ଟ୍ରେନ୍ ଚଳାଇବା ଆରମ୍ଭ କରିଛନ୍ତି। ସେହି ଟ୍ରେନ୍‌ଗୁଡିକୁ ରାଜ୍ୟକୁ ଯିବା ଲାଗି ଅନୁମତି ଦେବାକୁ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ରାଜ୍ୟ ସରକାରଙ୍କୁ ଅନୁରୋଧ କରିଛନ୍ତି। ସୋମବାର ମନ୍ତ୍ରଣାଳୟ ସଚିବ ଅଜୟ ଭାଲ୍ଲା ସମସ୍ତ ରାଜ୍ୟର ମୁଖ୍ୟ ଶାସନ ସଚିବଙ୍କୁ ଚିଠି ଲେଖିଛନ୍ତି। ଯଦି କୌଣସି ଶ୍ରମିକ ରେଳ ଧାରଣା କିମ୍ବା ରାସ୍ତାରେ ଚାଲି ଚାଲି ଯାଉଥିବା ନଜରକୁ ଆସିବ ସେମାନଙ୍କୁ ବୁଝାଶୁଝା କରି ନିକଟରେ ଥିବା ଅସ୍ଥାୟୀ ଆଶ୍ରୟ ସ୍ଥଳକୁ ନେଇ ଖାଦ୍ୟ ପାନୀୟ ବ୍ୟବସ୍ଥା କରିବାକୁ କୁହାଯାଇଛି। ଶ୍ରମିକ ସ୍ପେଶାଲ ଟ୍ରେନ୍ କିମ୍ବା ବସ୍‌ରେ ସେମାନଙ୍କ ଘରକୁ ଯିବାକୁ ଅନୁମତି ଦେବାକୁ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ରେଳ ମନ୍ତ୍ରଣାଳୟ ସହିତ ସମନ୍ୱୟ ରକ୍ଷା କରି ବହୁ ସଂଖ୍ୟାରେ ଶ୍ରମିକ ସ୍ପେଶାଲ ଟ୍ରେନ୍ ଚଳାଇବାକୁ ପରାମର୍ଶ ଦିଆଯାଇଛି। ଏହାଦ୍ୱାରା ଅସହାୟ ଅବସ୍ଥାରେ ଥିବା ଶ୍ରମିକମାନେ ସୁବିଧାରେ ନିଜର ଗନ୍ତବ୍ୟସ୍ଥଳକୁ ଯାଇ ପାରିବେ ବୋଲି ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି।

ଧରିତ୍ରୀ
DHARITRI
ମଙ୍ଗଳବାର, ୧୨ ମେ, ୨୦୨୦




## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ଛୋଟୁ
ପରିବାରବର୍ଗ


ରାଜଶ୍ରୀ
ପରିବାରବର୍ଗ


ଆଲୋକ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ସମୁଦ୍ରରେ ଲୀନ ହୋଇଯିବ ବ୍ୟାଙ୍କକ୍-ଭେନିସ୍-ନ୍ୟୁୟର୍କ

**ୱାଶିଂଟନ,୧୧।୫**



ଗ୍ଲୋବାଲ ୱାର୍ମିଂ (ବିଶ୍ୱତାପନ) ଯୋଗୁ ଜଳବାୟୁ ପରିବର୍ତ୍ତନ ହେବା ସହିତ ପୃଥିବୀର ବାୟୁମଣ୍ଡଳର ତାପମାତ୍ରା ବୃଦ୍ଧି ପାଇବାରେ ଲାଗିଛି। ଏଥିଯୋଗୁ ଆସନ୍ତା ୮୦ ବର୍ଷ ମଧ୍ୟରେ ଅର୍ଥାତ୍ ୨୧୦୦ ମସିହା ବେଳକୁ ବାୟୁମଣ୍ଡଳର ତାପମାତ୍ରା ୩.୫ ଡିଗ୍ରୀ ସେଲ୍‌ସିୟସ୍ ବଢ଼ିବାର ଆଶଙ୍କା ଦେଖାଦେଇଛି। ଏପରି ହେଲେ ମେରୁ ଅଞ୍ଚଳରେ ଥିବା ହିମବାହ ତରଳିବା ପ୍ରକ୍ରିୟା ତ୍ୱରାନ୍ୱିତ ହେବ। ଫଳରେ ସମୁଦ୍ରର ଜଳସ୍ତର ପ୍ରାୟ ୧.୩ ମିଟର ବୃଦ୍ଧି ପାଇବ। ଏପରି ହେଲେ ବହୁ ଉପକୂଳ ଅଞ୍ଚଳ ସମୁଦ୍ର ଗର୍ଭରେ ଲୀନ ହୋଇଯିବ। ଏଥିଯୋଗୁ ୭୭ କୋଟିରୁ ଅଧିକ ଲୋକ ନିଜର ବାସସ୍ଥାନ ହରାଇବେ ବୋଲି ପରିବେଶ ବିଜ୍ଞାନୀ ସତର୍କ ସୂଚନା ଦେଇଛନ୍ତି। ଏଥିନେଇ କ୍ଲାଇମେଟ୍ ଆଟମସ୍‌ଫିୟରିକ୍ ସାଇନ୍ସ ପତ୍ରିକାରେ ରିପୋର୍ଟ ପ୍ରକାଶ ପାଇଛି। ଏଭଳି ଧାରା ଜାରି ରହିଲେ ୨୩୦୦ ମସିହା ସୁଦ୍ଧା ସମୁଦ୍ର ଜଳସ୍ତର ୫.୬ ମିଟର ପର୍ଯ୍ୟନ୍ତ ବଢ଼ିଯିବ ବୋଲି ୧୦୦ରୁ ଅଧିକ ପରିବେଶ ବିଜ୍ଞାନୀ ମତପୋଷଣ କରିଛନ୍ତି। ୨୧୦୦ ମସିହା ମଧ୍ୟରେ ସମୁଦ୍ର ଜଳସ୍ତର ୦.୬ରୁ ୧.୩ ମିଟର ପର୍ଯ୍ୟନ୍ତ ବଢ଼ିବାର ଆଶଙ୍କା ରହିଛି। ସେହିପରି ପରବର୍ତ୍ତୀ ୨୦୦ବର୍ଷ ମଧ୍ୟରେ ଏହା ୧.୬ରୁ ୫.୬ ମିଟର ବଢ଼ିବ ବୋଲି ଅନୁମାନ କରାଯାଉଛି। ଏପରି ହେଲେ ସମୁଦ୍ର ଆଁରେ ଉପକୂଳବର୍ତ୍ତୀ ବହୁ ସହର ବୁଡ଼ିଯିବ ବୋଲି ସିଙ୍ଗାପୁରର ନନୟାଙ୍ଗ୍ ଟେକ୍ନିକାଲ ବିଶ୍ୱବିଦ୍ୟାଳୟର ଏସିଆନ୍ ସ୍କୁଲ୍ ଅଫ୍ ଏନଭାଇରନ୍‌ମେଣ୍ଟର ପ୍ରଫେସର ବେଞ୍ଜାମିନ୍ ହର୍ଟନ ସୂଚିତ କରିଛନ୍ତି। ସମୁଦ୍ରର ଜଳସ୍ତର ବଢ଼ିଲେ ବ୍ୟାଙ୍କକ୍, ମାୟାମି, ଆଲେକଜାଣ୍ଡ୍ରିଆ, ଭେନିସ୍, ନ୍ୟୁୟର୍କ ଭଳି ସହର ସମୁଦ୍ର ଗର୍ଭରେ ଲୀନ ହୋଇଯିବ। ୧୯୯୨ରୁ ୨୦୧୭ ମଧ୍ୟରେ ମେରୁ ଅଞ୍ଚଳରୁ ୬୪୦ ହଜାର କୋଟି ଟନ୍ ଓଜନର ହିମବାହ ତରଳି ଥିବା ଗବେଷକ କହିଛନ୍ତି। ଏଥିଯୋଗୁ ଗତ ୧୦ ବର୍ଷ ମଧ୍ୟରେ ସମୁଦ୍ର ଜଳସ୍ତର ପ୍ରତିବର୍ଷ ୪ ମିଲିମିଟର ବୃଦ୍ଧି ପାଇବାରେ ଲାଗିଛି। ଗ୍ରୀନ୍‌ହାଉସ୍ ଗ୍ୟାସ୍ ପରିମାଣ ବାୟୁମଣ୍ଡଳରେ ବୃଦ୍ଧିପାଉଥିବାରୁ ସମୁଦ୍ର ଜଳସ୍ତର ୧୦ଗୁଣା ଅଧିକ ବେଗରେ ବଢୁଛି ବୋଲି ଜାତିସଂଘର ଆଇପିସିସି(ଇଣ୍ଟର ଗଭର୍ନମେଣ୍ଟାଲ୍ ପ୍ୟାନେଲ୍ ଅନ୍ କ୍ଲାଇମେଟ୍ ଚେଞ୍ଜ୍) ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି। ସମୁଦ୍ରର ଜଳସ୍ତର ବୃଦ୍ଧି ପୃଥିବୀ ଉପରେ ବଡ଼ ବିପଦ ମାଡ଼ି ଆସୁଥିବାର ସଙ୍କେତ ବୋଲି ପରିବେଶ ବିଜ୍ଞାନୀ କହିଛନ୍ତି।

**ପ୍ରଥମ ପୃଷ୍ଠାରୁ...**

## ୧୬ରେ ଆଣ୍ଡାମାନ...

ଉପରେ ମଧ୍ୟ ଆଉ ଦୁଇଟି ଟ୍ରପ ଲାଇନ ସୃଷ୍ଟି ହୋଇଛି। ଏହାର ପ୍ରଭାବରେ ରାଜ୍ୟରେ ଆସନ୍ତା ୫ ଦିନ ଯାଏ ବିଭିନ୍ନ ସ୍ଥାନରେ ଝଡ଼ବର୍ଷା ହେବାର ସମ୍ଭାବନା ରହିଛି। ଏ ନେଇ ପାଣିପାଗ ବିଭାଗ ପକ୍ଷରୁ ସତର୍କ କରାଯାଇଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଆସନ୍ତା ୨୪ ଘଣ୍ଟା ମଧ୍ୟରେ କୋରାପୁଟ, ରାୟଗଡ଼ା, କନ୍ଧମାଳ, ଗଞ୍ଜାମ, ଗଜପତି, ନୟାଗଡ଼, ଖୋର୍ଦ୍ଧା, ପୁରୀ, କଟକ, ଢେଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର ଏବଂ ରାଜ୍ୟର ଅନ୍ୟାନ୍ୟ ଭାଗରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଛି। ତେବେ ଏହି ସମୟରେ ରାୟଗଡ଼ା, ଗଜପତି, ଗଞ୍ଜାମ, କନ୍ଧମାଳ, ନୟାଗଡ଼, କଟକ, ଢେଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର ଏବଂ ବୌଦ୍ଧ ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ଘଡ଼ଘଡ଼ି ସହ ଝଡ଼ବର୍ଷା ହେବ। ପବନର ବେଗ ୩୦ରୁ ୪୦ କି.ମି. ହେବ ବୋଲି ଅନୁମାନ କରାଯାଇଛି। ପାଣିପାଗ ବିଭାଗ ପକ୍ଷରୁ ଏ ନେଇ ୟେଲୋ ୱାର୍ନିଂ ଜାରି କରାଯାଇଛି। ଗତ ୪୮ ଘଣ୍ଟା ମଧ୍ୟରେ ରାଜ୍ୟର କେତେକ ସ୍ଥାନରେ ବର୍ଷା ହୋଇଯାଇଛି। କେନ୍ଦୁଝରରେ ସର୍ବାଧିକ ୩୧.୮ ମିଲିମିଟର ବର୍ଷା ରେକର୍ଡ କରାଯାଇଥିବା ବେଳେ କଟକ ୧୬.୪ ଏବଂ ଭୁବନେଶ୍ୱରରେ ସର୍ବାଧିକ ୧୪.୩ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। ସୋମବାର ରାଜ୍ୟର କେତେକ ସ୍ଥାନରେ ତାତି ମଧ୍ୟ ବୃଦ୍ଧି ପାଇଛି। ମିଳିଥିବା ସୂଚନା ଅନୁଯାୟୀ ତାଳଚେରରେ ସର୍ବାଧିକ ତାପମାତ୍ରା ୪୧ ଡିଗ୍ରି ସେଲସିୟସ ରେକର୍ଡ କରାଯାଇଥିବା ବେଳେ ଭବାନୀପାଟଣା ୪୦.୫, ଟିଟିଲାଗଡ଼ ୪୧, ମାଲକାନଗିରି ୪୦.୫, ସୋନପୁର ୩୯ ଏବଂ ପାରଳାଖେମୁଣ୍ଡିରେ ସର୍ବାଧିକ ୪୦ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି।

## ୪୦୦ ଟପିଲା...

କରୋନା ମୁକ୍ତ ହୋଇଯାଇଛି। ଝାରସୁଗୁଡ଼ା ଜିଲାରେ ଏପ୍ରିଲ ୨୯ରେ ଜଣେ ଓ ମେ' ୨ରେ ଆଉଜଣେ କରୋନା ପଜିଟିଭ୍ ଚିହ୍ନଟ ହୋଇଥିଲେ। ଏହି ଦୁଇଜଣ ସୋମବାର ସୁସ୍ଥ ହୋଇଛନ୍ତି। ସେହିପରି ଦେବଗଡ଼ ଜିଲାରେ ଏପ୍ରିଲ ୨୯ରେ ଜଣେ ମାତ୍ର କରୋନା ପଜିଟିଭ୍ ଚିହ୍ନଟ ହୋଇଥିଲେ। ଏହି ଆକ୍ରାନ୍ତଙ୍କ ଜଣକ ମଧ୍ୟ ସୁସ୍ଥ ହୋଇଛନ୍ତି। ତେଣୁ ବର୍ତ୍ତମାନ ଦେବଗଡ଼, ଢେଙ୍କାନାଳ, କଳାହାଣ୍ଡି, ଝାରସୁଗୁଡ଼ା ଆଦି ୪ଜିଲା କରୋନାମୁକ୍ତ ହୋଇଯାଇଛି। ଏମାନଙ୍କୁ ମିଶାଇ ରାଜ୍ୟରେ ମୋଟ ୮୫ଜଣ ସୁସ୍ଥ ହୋଇଛନ୍ତି। ସେହିପରି ୪୪୬ଜଣ ସନ୍ଦିଗ୍ଧ ବିଭିନ୍ନ ହସ୍ପିଟାଲ ଆଇସୋଲେଶନରେ ଅଛନ୍ତି।

## ରାଜ୍ୟରେ କରୋନା ସ୍ଥିତି

| ଜିଲା | ସଂକ୍ରମିତ | ସୁସ୍ଥ | ସକ୍ରିୟ | ମୃତ |
|---|---|---|---|---|
| ଗଞ୍ଜାମ | ୧୫୪ | ୦ | ୧୫୩ | ୧ |
| ଯାଜପୁର | ୬୧ | ୨ | ୫୯ | ୦ |
| ଖୋର୍ଦ୍ଧା | ୫୦ | ୩୭ | ୧୧ | ୨ |
| ବାଲେଶ୍ୱର | ୪୨ | ୧୧ | ୩୧ | ୦ |
| ଭଦ୍ରକ | ୩୧ | ୧୫ | ୧୬ | ୦ |
| ସୁନ୍ଦରଗଡ଼ | ୧୬ | ୧୦ | ୬ | ୦ |
| ଅନୁଗୋଳ | ୧୫ | ୦ | ୧୫ | ୦ |
| କେନ୍ଦ୍ରାପଡ଼ା | ୯ | ୨ | ୭ | ୦ |
| ମୟୂରଭଞ୍ଜ | ୯ | ୦ | ୯ | ୦ |
| ଜଗତ୍‌ସିଂହପୁର | ୫ | ୦ | ୫ | ୦ |
| ବୌଦ୍ଧ | ୪ | ୦ | ୪ | ୦ |
| କଟକ | ୩ | ୧ | ୨ | ୦ |
| ପୁରୀ | ୩ | ୧ | ୨ | ୦ |
| ବଲାଙ୍ଗୀର | ୨ | ୦ | ୨ | ୦ |
| ଝାରସୁଗୁଡ଼ା | ୨ | ୨ | ୦ | ୦ |
| କଳାହାଣ୍ଡି | ୨ | ୨ | ୦ | ୦ |
| କେନ୍ଦୁଝର | ୨ | ୦ | ୨ | ୦ |
| ଦେଓଗଡ଼ | ୧ | ୧ | ୦ | ୦ |
| ଢେଙ୍କାନାଳ | ୧ | ୧ | ୦ | ୦ |
| କୋରାପୁଟ | ୧ | ୦ | ୧ | ୦ |
| ନୟାଗଡ଼ | ୧ | ୦ | ୧ | ୦ |
| ମୋଟ | ୪୧୪ | ୮୫ | ୩୨୬ | ୩ |

**ପ୍ରଥମ ପୃଷ୍ଠାରୁ...**

## ଗ୍ରାମାଞ୍ଚଳକୁ ସଂକ୍ରମଣ...

ହେବ ବୋଲି ସେ କହିଥିଲେ। ଯାତ୍ରୀବାହୀ ଟ୍ରେନ୍ ସେବା ଆରମ୍ଭ ନ କରିବାକୁ ତେଲଙ୍ଗାନା ମୁଖ୍ୟମନ୍ତ୍ରୀ କେ. ଚନ୍ଦ୍ରଶେଖର ରାଓ ପ୍ରସ୍ତାବ ଦେଇଥିବାବେଳେ ରାଜ୍ୟ ଭିତରେ ଅର୍ଥନୈତିକ କାର୍ଯ୍ୟ ପରିଚାଳନା ନିଷ୍ପତ୍ତି ରାଜ୍ୟ ସରକାର ନେବା ପାଇଁ ଛତିଶଗଡ଼ ମୁଖ୍ୟମନ୍ତ୍ରୀ ଭୂପେଶ ବାଘେଲ କହିଥିଲେ। ରାଜ୍ୟକୁ ଆର୍ଥିକ କ୍ଷମତା ଦେବା ସହ ଲକ୍‌ଡାଉନ ଅବଧି ବଢ଼ାଇବା ପାଇଁ ପଞ୍ଜାବ ମୁଖ୍ୟମନ୍ତ୍ରୀ ଅମରିନ୍ଦର ସିଂ ପ୍ରସ୍ତାବ ରଖିଥିଲେ। ଲକ୍‌ଡାଉନ ଆଉ ୨ ସପ୍ତାହ ବଢ଼ାଯାଉ ବୋଲି ଆସାମ ମୁଖ୍ୟମନ୍ତ୍ରୀ ସର୍ବାନନ୍ଦ ସୋନୋୱାଲ କହିଥିଲେ।

ଲକ୍‌ଡାଉନ ଯୋଗୁ ହଜାର ହଜାର ଶ୍ରମିକ ଅଟକି ରହିଥିବାରୁ ଏହାକୁ ନେଇ ସବୁ ରାଜ୍ୟ ଉଦ୍‌ବେଗ ପ୍ରକାଶ କରିଥିଲେ। କାମଧନ୍ଦା ହରାଇ ଭୋକ ଉପାସରେ ପ୍ରବାସୀ ଶ୍ରମିକମାନେ ଶହ ଶହ କିଲୋମିଟର ଚାଲି ଚାଲି ଘରକୁ ଫେରୁଛନ୍ତି। ସ୍ୱତନ୍ତ୍ର ଟ୍ରେନ୍ ଚଳାଇବା ସତ୍ତ୍ୱେ ଅନେକ ଶ୍ରମିକଙ୍କ ଦୁଃଖ ଦୂର ହୋଇନାହିଁ। ଦାଦନ ଶ୍ରମିକ, କ୍ଷୁଦ୍ର ଓ ମଧ୍ୟମ ଶିଳ୍ପସଂସ୍ଥା ଲାଗି ଆର୍ଥିକ ସହାୟତା ସମ୍ପର୍କରେ କେତେକ ରାଜ୍ୟର ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ। ରେଡ୍, ଅରେଞ୍ଜ ଏବଂ ଗ୍ରୀନ୍ ଜୋନ୍ ଆଧାରରେ ଲକ୍‌ଡାଉନ କଟକଣା ପର୍ଯ୍ୟାୟକ୍ରମେ କୋହଳ କରାଯିବା ନିଷ୍ପତ୍ତି ରାଜ୍ୟ ପ୍ରଶାସନ ଉପରେ ଛାଡ଼ିବା ପାଇଁ ପ୍ରସ୍ତାବ ଦିଆଯାଇଥିଲା। ମହାରାଷ୍ଟ୍ର, ଗୁଜରାଟ, ତାମିଲନାଡୁ ଭଳି ରାଜ୍ୟରେ କୋଭିଡ୍-୧୯ ସଂକ୍ରମଣ ଦ୍ରୁତ ବେଗରେ ମାଡ଼ିଚାଲିଥିବାରୁ ଲକ୍‌ଡାଉନରୁ ବାହାରିବା କଷ୍ଟକର ହେବ ବୋଲି କୁହାଯାଉଛି।

## ଅର୍ଥନୀତିକୁ ବଞ୍ଚାଇବା...

କହିଛନ୍ତି ଯେ, ଉତ୍ପାଦନ ଏବଂ ମୂଲ୍ୟ ଯୁକ୍ତ ପ୍ରକ୍ରିୟା କେବଳ ରାଜ୍ୟ ମଧ୍ୟରେ ସୀମାବଦ୍ଧ ନୁହେଁ, ରାଜ୍ୟ ସୀମା ବାହାରେ ମଧ୍ୟ ଏହାର ଆନ୍ତଃ ସଂଯୋଗ ରହିଛି। ଆର୍ଥିକ ବ୍ୟବସ୍ଥାକୁ ପୁନର୍ଜୀବିତ କରିବା କ୍ଷେତ୍ରରେ ଜାତୀୟ ସ୍ତରର ଏସ୍‌ଓପି ହିଁ ଏଥିପାଇଁ ସାମୂହିକ ବଳ ଯୋଗାଇ ପାରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ରାଜ୍ୟରେ ବର୍ତ୍ତମାନ ଚାଲୁ ରହିଥିବା କେନ୍ଦ୍ରୀୟ ଯୋଜନାଗୁଡ଼ିକୁ କେନ୍ଦ୍ର ସରକାର ପ୍ରୋତ୍ସାହନମୂଳକ ଯୋଜନାରେ ପରିଣତ କରିପାରିବେ। କରୋନା ପରିଚାଳନା କ୍ଷେତ୍ରରେ ପଞ୍ଚାୟତିରାଜ ଅନୁଷ୍ଠାନଗୁଡ଼ିକୁ ସିଧାସଳଖ ଉପଯୋଗ କରାଯାଇ ପାରିବ। ସେଥିପାଇଁ ଜାତୀୟ ସ୍ତରରେ ନୀତି ନିର୍ଦ୍ଧାରଣ ଓ ସଂଶୋଧନର ଆବଶ୍ୟକତା ରହିଛି। କୋଭିଡ-୧୯ ଯୁଦ୍ଧ ଦୀର୍ଘଦିନ ଧରି ଚାଲିବାକୁ ଥିବାରୁ ପଞ୍ଚାୟତିରାଜ ଅନୁଷ୍ଠାନଗୁଡ଼ିକୁ ଏଥିରେ ପ୍ରତ୍ୟକ୍ଷ ସାମିଲ କରିବା ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ମିଳିଥିବା ସୂଚନା ଅନୁଯାୟୀ ରାଜ୍ୟ ସରକାର ଜିଲା ବଦଳରେ ଏକ କ୍ଷୁଦ୍ର, ବିଜ୍ଞାନ ସମ୍ମତ ୟୁନିଟ୍‌କୁ ଏକ ଜୋନ୍ ଭାବେ ଧରିବାକୁ ପ୍ରସ୍ତାବ ଦେଇଛନ୍ତି। ଯାହା ଫଳରେ ରାଜ୍ୟ ସରକାର ସ୍ଥାନୀୟ ପ୍ରଶାସନକୁ ସେହି ଅଞ୍ଚଳ ଉପରେ ନିଷ୍ପତ୍ତି ନେବାକୁ ଅନୁମତି ଦେଇ ପାରିବେ। ଲକ୍‌ଡାଉନ୍ ଏବଂ ଅନ୍ୟାନ୍ୟ ନିୟମାବଳୀଗୁଡ଼ିକ ଜାତୀୟସ୍ତରରେ ଗ୍ରହଣୀୟ ହେଉଥିବା ଏକ ସିଦ୍ଧାନ୍ତ ନୀତି ଭାବେ ପ୍ରଣୟନ କରିବାକୁ ଦାବି କରାଯାଇଛି। ଏଥିସହ ଅଧିକ ରେଳ ଚଳାଚଳ ପାଇଁ ପ୍ରଧାନମନ୍ତ୍ରୀଙ୍କୁ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରସ୍ତାବ ଦିଆଯାଇଛି। ରେଳ ଚଳାଚଳ ବନ୍ଦ ରହିଥିବାରୁ ଅନ୍ୟ ରାଜ୍ୟରେ ଫସି ରହିଥିବା ଶ୍ରମିକମାନେ ବହୁ ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି। ସେହି ଲୋକମାନଙ୍କ ପାଇଁ ଅନ୍ୟ ରାଜ୍ୟ ସହିତ ଯୋଗାଯୋଗ କରି ରେଳ ଚଳାଚଳ ବୃଦ୍ଧି କରିବାକୁ ମୁଖ୍ୟମନ୍ତ୍ରୀ ପ୍ରଧାନମନ୍ତ୍ରୀଙ୍କୁ ପ୍ରସ୍ତାବ ଦେଇଛନ୍ତି।

କରୋନା(କୋଭିଡ୍-୧୯) ସଂକ୍ରମଣକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ୨୦୨୦ ମାର୍ଚ୍ଚ ୨୪ରୁ ୩ଟି ପର୍ଯ୍ୟାୟରେ ସମଗ୍ର ଦେଶକୁ ଲକ୍‌ଡାଉନ୍ ଘୋଷଣା କରିଛନ୍ତି। ଆଉ ସପ୍ତାହେ ପରେ ତୃତୀୟ ପର୍ଯ୍ୟାୟ ଲକ୍‌ଡାଉନ୍ ଅବଧି ଶେଷ ହେବ। ୪୮ ଦିନ ଲକ୍‌ଡାଉନ୍ ପରେ ମଧ୍ୟ ଦେଶରେ କରୋନା ସଂକ୍ରମଣ ସ୍ଥିତିରେ ସୁଧାର ଆସୁ ନାହିଁ। ପ୍ରତ୍ୟେକ ଦିନ ଆକ୍ରାନ୍ତଙ୍କ ସଂଖ୍ୟା ହୁ ହୁ ବଢି ଚାଲିଛି। ଏଭଳି ସ୍ଥିତିରେ ଲକ୍‌ଡାଉନ୍ ବଢ଼ାଯିବ କି ନାହିଁ। ତଳି ତଳାନ୍ତ ହେବାକୁ ଯାଉଥିବା ଦେଶର ଅର୍ଥନୀତିକୁ କିଭଳି ସମ୍ଭାଳିବାକୁ ପଡ଼ିବ। ବୃଦ୍ଧି ପାଉଥିବା କରୋନା ସଂକ୍ରମଣକୁ କିପରି ମୁକାବିଲା କରାଯିବ ଏବଂ ଅନ୍ୟାନ୍ୟ ପ୍ରସଙ୍ଗରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବିଭିନ୍ନ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ସହିତ ମାରାଥନ ଆଲୋଚନା କରିଛନ୍ତି।

## ଆଜିଠାରୁ ଚାଲିବ...

ଗତ ଦେଢ଼ମାସରୁ ଊର୍ଦ୍ଧ୍ୱ ଦିନ ହେଲା ଯାତ୍ରୀବାହୀ ଟ୍ରେନ ଚଳାଚଳ ବନ୍ଦ ରହିଥିବାବେଳେ କେବଳ ମାଲ୍‌ଗାଡ଼ି ଚାଲୁଥିଲା। ବିଭିନ୍ନ ରାଜ୍ୟରେ ଅଟକି ରହିଥିବା ଶ୍ରମିକମାନଙ୍କୁ ଫେରାଇନେବା ପାଇଁ ରାଜ୍ୟ ସରକାରମାନଙ୍କ ଅନୁରୋଧ କ୍ରମେ କେନ୍ଦ୍ର ସରକାର ମେ' ୧ରୁ ଶ୍ରମିକ ସ୍ପେଶିଆଲ ଟ୍ରେନ୍ ଚଳାଇବାକୁ ଅନୁମତି ଦେଇଥିଲେ। ମଙ୍ଗଳବାର ପ୍ରଥମ ଥର ପାଇଁ ଯାତ୍ରୀମାନଙ୍କ ନିମନ୍ତେ ଟ୍ରେନ ଚଳାଚଳ ଆରମ୍ଭ ହେଉଛି। ଚାଲିବାକୁ ଥିବା ୧୫ ଯୋଡ଼ା ଟ୍ରେନ୍ ବାତାନୁକୂଳିତ। ସେଗୁଡ଼ିକ ଦିଲ୍ଲୀରୁ ଦେଶର ସମସ୍ତ ପ୍ରମୁଖ ସହରକୁ ଚଳାଚଳ କରିବ। ମଙ୍ଗଳବାର ନୂଆଦିଲ୍ଲୀରୁ ବାହାରି ଡିବ୍ରୁଗଡ଼, ବେଙ୍ଗାଲୁରୁ ଓ ବିଳାସପୁର ଯାତ୍ରା କରିବ। ସେହିଦିନ ହାୱଡା, ରାଜେନ୍ଦ୍ର ନଗର (ପାଟନା), ବେଙ୍ଗାଲୁରୁ, ମୁମ୍ବାଇ ସେଣ୍ଟ୍ରାଲ ଓ ଅହମଦାବାଦ ଷ୍ଟେଶନରୁ ଗୋଟିଏ ଲେଖାଏ ଟ୍ରେନ୍ ନୂଆଦିଲ୍ଲୀ ଅଭିମୁଖେ ଛାଡ଼ିବ। ସବୁ ଟ୍ରେନ୍‌ର ଭଡା ରାଜଧାନୀ ଏକ୍ସପ୍ରେସ ସହ ସମାନ ରହିଛି। ଲକ୍‌ଡାଉନ ଥିବାରୁ ଯାତ୍ରୀମାନେ ଇ-ଟିକେଟ କରିବା ପରେ ଷ୍ଟେଶନରେ ପ୍ରବେଶ ଅନୁମତି ମିଳିବ। ୭ ଦିନ ପର୍ଯ୍ୟନ୍ତ ଅଗ୍ରିମ ଟିକେଟ କରାଯାଇପାରିବ। ତେବେ ଆର୍‌ଏସି, ୱେଟିଂ ଲିଷ୍ଟ ଟିକେଟ କିମ୍ବା ଅନ୍‌ବୋର୍ଡ ବୁକିଂ ଆଦିକୁ ଅନୁମତି ମିଳିବ ନାହିଁ। ଟ୍ରେନ୍ ଛାଡିବା ପୂର୍ବରୁ ୨୪ ଘଣ୍ଟା ମଧ୍ୟରେ ଯାତ୍ରୀ ଚାହିଁଲେ ଟିକେଟ ବାତିଲ କରିବେ। ତେବେ ବାତିଲ ଟିକେଟର ୫୦ ପ୍ରତିଶତ ଭଡ଼ା ଫେରସ୍ତ ମିଳିବ। କୋଚଗୁଡ଼ିକରେ ଏସି ତାପମାତ୍ରା ସାମାନ୍ୟ ଅଧିକ ରଖିବାକୁ ଗାଇଡ୍‌ଲାଇନରେ କୁହାଯାଇଛି।

ସ୍ୱତନ୍ତ୍ର ଟ୍ରେନ୍ ନୂଆଦିଲ୍ଲୀରୁ ଡିବ୍ରୁଗଡ଼, ଅଗରତାଲା, ହାୱାଡା, ପାଟନା, ବିଳାସପୁର, ରାଞ୍ଚି, ଭୁବନେଶ୍ୱର, ସିକନ୍ଦରାବାଦ, ବେଙ୍ଗାଲୁରୁ, ଚେନ୍ନାଇ, ଥିରୁଭାନନ୍ତପୁରମ୍, ମାଡ଼ଗାଓଁ, ମୁମ୍ବାଇ ସେଣ୍ଟ୍ରାଲ, ଅହମଦାବାଦ ଓ ଜମ୍ମୁ ତାୱି ପର୍ଯ୍ୟନ୍ତ ଚାଲିବ। ଟ୍ରେନ୍ ଯାତ୍ରା ପାଇଁ ସୋମବାର ଅପରାହ୍ଣ ୪ଟାରୁ ଅଗ୍ରିମ ଟିକେଟ ବୁକିଂ ଆରମ୍ଭ ହେବାର ଥିଲା। ତେବେ ଆଇଆରସିଟିସି ୱେବ୍‌ସାଇଟ ନ ଖୋଲିବାରୁ ସନ୍ଧ୍ୟା ୬ଟାରୁ ବୁକିଂ ଆରମ୍ଭ ହେଉଥିବା ଜଣାପଡ଼ିଛି।

ଯାତ୍ରୀମାନେ ସାଙ୍ଗରେ ଖାଦ୍ୟ ଓ ପାଣି ଆଣି ଆସିବାକୁ କୁହାଯାଇଛି। ସେମାନଙ୍କୁ ରେଲୱେ ପକ୍ଷରୁ ବ୍ଲାଙ୍କେଟ୍ କିମ୍ବା ବେଡ୍‌ସିଟ ମିଳିବ ନାହିଁ। ତେଣୁ ଯାତ୍ରୀ ସେଗୁଡ଼ିକୁ ସାଙ୍ଗରେ ଧରି ଆସିବାକୁ ହେବ। ତତ୍କାଳ ଓ ପ୍ରିମିୟମ ତତ୍କାଳ ସୁବିଧା ମିଳିବ ନାହିଁ। ଟ୍ରେନ୍‌ଗୁଡ଼ିକ ଅଳ୍ପକେତେକ ସ୍ଥାନରେ ରହଣି କରିବ। ଯେଉଁମାନଙ୍କଠାରେ ରୋଗର କୌଣସି ଲକ୍ଷଣ ନ ଥିବ କେବଳ ସେହି ଯାତ୍ରୀମାନଙ୍କୁ ଟ୍ରେନ୍‌ରେ ଯିବା ଲାଗି ଅନୁମତି ମିଳିବ।

## କରୋନା ମାଡ଼:...

କରାଯାଇଥିଲା। ବିମାନବନ୍ଦର ଏବଂ ଦେଶଗୁଡ଼ିକର ସୀମା ବନ୍ଦ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଏହାଦ୍ୱାରା ୬୭ ନିୟୁତ ଅନ୍ତର୍ଜାତୀୟ ଆଗମନ ହୋଇ ନ ପାରିବା ସହ ସେଥିରୁ ପ୍ରାପ୍ତ ହେବାକୁ ଥିବା ପ୍ରାୟ ୮୦ ବିଲିୟନ ଡଲାର କ୍ଷତି ଘଟିଥିଲା। ବିଶେଷକରି ଏସିଆ ଏବଂ ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ଅଧିକ ପ୍ରଭାବ (୩୩ ନିୟୁତ ଆଗମନ ହ୍ରାସ) ଦେଖିବାକୁ ମିଳିଥିଲା। ସେହିପରି ୟୁରୋପରେ ୨୨ ନିୟୁତ ଆଗମନ ହ୍ରାସ ହୋଇଥିଲା।

ସାମ୍ପ୍ରତିକ ପରିସ୍ଥିତିକୁ ଦେଖିଲେ ଏହି ବର୍ଷ ପର୍ଯ୍ୟଟକଙ୍କ ଆଗମନରେ ୫୮%ରୁ ୭୮% ହ୍ରାସ ହୋଇପାରେ। ହେଲେ ଏହା ଯାତ୍ରା କଟକଣା ଓ ସୀମା ବନ୍ଦର ଅବଧି ଉପରେ ନିର୍ଭର କରେ। ଅନ୍ତର୍ଜାତୀୟ ସୀମା ଧୀରେ ଧୀରେ ଖୋଲିବାର ସମ୍ଭାବ୍ୟ ତାରିଖକୁ ଆଧାର କରି ୟୁଏନ୍‌ଡବ୍ଲ୍ୟୁଟିଓ ୨୦୨୦ ପାଇଁ ୩ଟି ସମ୍ଭାବନାର ଚିତ୍ର ଆଙ୍କିଛି। ପ୍ରଥମ ହେଲା, ଅନ୍ତର୍ଜାତୀୟ ସୀମା ଖୋଲି ଜୁଲାଇ ପ୍ରାରମ୍ଭରେ ଯାତ୍ରା କଟକଣା କୋହଳ ହେଲେ ପର୍ଯ୍ୟଟକଙ୍କ ଆଗମନରେ ୫୮% ହ୍ରାସ ହୋଇପାରେ। ଦ୍ୱିତୀୟରେ, ଯଦି ସେପ୍ଟେମ୍ବର ଆରମ୍ଭରେ ଯାତ୍ରା କଟକଣା କୋହଳ ହେବ, ତା'ହେଲେ ପର୍ଯ୍ୟଟକଙ୍କ ଆଗମନ ୭୦ ପ୍ରତିଶତ ହ୍ରାସ ପାଇପାରେ। ସେହିପରି ଯାତ୍ରା କଟକଣା ଯଦି ଡିସେମ୍ବର ପ୍ରଥମ ସପ୍ତାହରେ କୋହଳ ହୁଏ ତେବେ ପର୍ଯ୍ୟଟକଙ୍କ ଆଗମନରେ ୭୮ ପ୍ରତିଶତ ହ୍ରାସ ଘଟିପାରେ। ଏହି ପରିପ୍ରେକ୍ଷୀରେ ବିଦେଶ ଭ୍ରମଣ ଚାହିଦା ହ୍ରାସର ପ୍ରଭାବ ସ୍ୱରୂପ ୮୫୦ ନିୟୁତରୁ ୧.୧ ବିଲିୟନ ଅନ୍ତର୍ଜାତୀୟ ପର୍ଯ୍ୟଟକଙ୍କୁ ହରାଇବାକୁ ପଡ଼ିପାରେ। ଫଳରେ ୯୧୦ ବିଲିୟନରୁ ୧.୨ ଟ୍ରିଲିୟନ ଡଲାର ପର୍ଯ୍ୟଟନ ରାଜସ୍ୱ କ୍ଷତି ହୋଇପାରେ। ଏହାସହିତ ପର୍ଯ୍ୟଟନ କ୍ଷେତ୍ରରେ ୧୦୦ରୁ ୧୨୦ ନିୟୁତ ପ୍ରତ୍ୟକ୍ଷ ନିଯୁକ୍ତି ବିପଦରେ ପଡ଼ିପାରେ। ୧୯୫୦ ମସିହାଠାରୁ ହେଉଥିବା ରେକର୍ଡକୁ ଦେଖିଲେ ଅନ୍ତର୍ଜାତୀୟ ପର୍ଯ୍ୟଟନ ପାଇଁ ଏହା ସବୁଠାରୁ ଖରାପ ସମୟ। ଏହାର ପ୍ରଭାବ ବିଶ୍ୱର ବିଭିନ୍ନ ଅଞ୍ଚଳରେ ଏବଂ ବିଭିନ୍ନ ସମୟରେ ଅନୁଭୂତ ହେବ। ହେଲେ ଏସିଆ ଏବଂ ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ପ୍ରଥମେ ସ୍ଥିତି ସ୍ୱାଭାବିକ ହେବା ଆଶା କରାଯାଉଛି ବୋଲି ୟୁଏନ୍‌ଡବ୍ଲ୍ୟୁଟିଓ କହିଛି। ତେବେ ଅନ୍ତର୍ଜାତୀୟ ଚାହିଦାଠାରୁ ଘରୋଇ ଚାହିଦା ଦ୍ୱାରା ଶୀଘ୍ର ପୁନରୁଦ୍ଧାର ହେବ ବୋଲି ୟୁଏନ୍‌ଡବ୍ଲ୍ୟୁଟିଓ ବିଶେଷଜ୍ଞଙ୍କ ସର୍ଭେରୁ ଆଶା କରାଯାଉଛି। ତେବେ ସଂଖ୍ୟାଧିକ ବିଶେଷଜ୍ଞ ଆଶା ଅନୁଯାୟୀ ଚଳିତବର୍ଷର ଶେଷ ତିନିମାସ, ଅଧିକନ୍ତୁ ୨୦୨୧ରେ ସ୍ଥିତିରେ ସୁଧାର ଆସିବ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
ଏକାଦଶସ୍ଥ ମଙ୍ଗଳ ପ୍ରଭାବରେ କର୍ମକ୍ଷେତ୍ରରେ କେତେକ ଅପ୍ରୀତିକର ପରିସ୍ଥିତିର ସାମନା କରିବାକୁ ପଡ଼ିପାରେ। ଆପଣଙ୍କ ଦୃଢ଼ ଓ କଠୋରୋକ୍ତି ଫଳରେ ମୁହଁ ସାମନାରେ କଥା କହିବାକୁ ଅନ୍ୟମାନେ ପଛେଇ ରହିବେ। ଭଲ ଭଲ କହୁଥିବା ଲୋକମାନେ ପଛରେ ବିଭିନ୍ନ ପ୍ରକାର କଥା କହୁଥିବା ଶୁଣିବାକୁ ପାଇପାରନ୍ତି।

**ବୃଷ**
କୌଣସି ବନ୍ଧୁ କିମ୍ବା ସହକର୍ମୀ ସହଯୋଗର ହାତ ବଢ଼ାଇବେ, ଫଳରେ ଆଜିର କାମ ଅଟକିବ ନାହିଁ। ଆଲୋଚନା କ୍ଷେତ୍ରରେ କାର୍ଯ୍ୟବ୍ୟସ୍ତତା ଯୋଗୁ କେତେକ କାମ ଠିକ୍ ସମୟରେ କରିପାରିବେ ନାହିଁ। ଆନୁଷ୍ଠାନିକ କାମରେ ଯାଇ ଜଣେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ ଲାଭ କରିପାରନ୍ତି ଓ ନିଜର ସ୍ୱାର୍ଥ ହାସଲ କରିପାରନ୍ତି।

**ମିଥୁନ**
କୌଣସି ବ୍ୟକ୍ତିଙ୍କୁ ଅପ୍ରିୟ କଟୁସତ୍ୟ କହି ସେମାନଙ୍କ ସହ ତିକ୍ତତା ସୃଷ୍ଟି ହେବାର ଆଶଙ୍କା ରହିଛି। ନୂତନ କର୍ମାରମ୍ଭ ପାଇଁ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇବେ ଓ କାମଟି ମଧ୍ୟ ହାସଲ କରିବେ। ରାଜନୀତି, ସଂଗଠନ, ସଭାସମିତି ଓ ଆନୁଷ୍ଠାନିକ କ୍ଷେତ୍ରରେ ନୂତନ କାମ ଆରମ୍ଭ କରି ପ୍ରଶଂସିତ ହେବେ।

**କର୍କଟ**
ଆଜି ଯାହା, ଯେତିକି ଓ ଯେମିତି ପାଇବା କଥା ତାହା ନ ପାଇ ଅନୁତପ୍ତ ହୋଇପାରନ୍ତି। ଅର୍ଥର ଅଭାବ ରହିବ ନାହିଁ ତଥାପି ଆଉ କେତେକ ଅପୂରଣୀୟ ଆଶା ଦୁଶ୍ଚିନ୍ତାର କାରଣ ହେବ। ମାଲିମକଦ୍ଦମା,ବ୍ୟବସାୟ ଓ ପରିବହନ, କ୍ରୀଡ଼ା, ସଙ୍ଗୀତ ଓ ଚଳଚ୍ଚିତ୍ର ତଥା ପ୍ରତିଯୋଗିତାରେ ସଫଳତା ଅର୍ଜନ କରିବେ।

**ସିଂହ**
ଆଜି ଯାହା ଚାହୁଁଛନ୍ତି ତାହା ପାଇବାରେ ଅସୁବିଧା ରହିବ ନାହିଁ। ସୁନାମ ଅର୍ଜନ କରିବେ ଓ ସମସ୍ୟାଗୁଡ଼ିକର ସରଳ ସମାଧାନ କରିବାରେ ସଫଳ ହେବେ। କଚେରି ମାମଲାର ଶୁଣାଣିରୁ ମନ ଖୁସି ରହିବ।

**କନ୍ୟା**
ଜମା ପଡୁ ନ ଥିବା ବନ୍ଧୁ କିମ୍ବା ଶତ୍ରୁତା କରୁଥିବା ଲୋକଟି ମନକୁ ବାଧିଲା ଭଳି କଥା କହିପାରେ। ବ୍ୟବସାୟରେ କଳହର ସମ୍ଭାବନା ରହିଛି। କୌଣସି ବ୍ୟକ୍ତି ଦ୍ୱାରା ପ୍ରଭାବିତ ହୋଇ ଅସମ୍ମାନିତ ହୋଇପାରନ୍ତି। ଅତିପ୍ରିୟ ବନ୍ଧୁଙ୍କଠାରୁ ଗୁରୁତ୍ୱପୂର୍ଣ୍ଣ ଖବରଟିଏ ପାଇ ଖୁସି ଅନୁଭବ କରିବେ।

**ତୁଳା**
ସାହାଯ୍ୟ ପାଇଁ ପ୍ରତିଶ୍ରୁତି ଦେଇଥିବା କୌଣସି ବନ୍ଧୁଙ୍କୁ ଆଜି ହଁ କରିପାରିବେନି କିମ୍ବା ନାହିଁ ମଧ୍ୟ କରିପାରିବେନି। ଅବଶ୍ୟ ଶତ୍ରୁଠାରୁ ଦୂରତା ରଖି କାମ କରିବା ଭଲ ହେବ, ନତୁବା ହଇରାଣ ହେବାକୁ ପଡ଼ିପାରେ। ତରବରିଆ ଭାବରେ ନିଜର କାମଗୁଡ଼ିକୁ ସମ୍ପନ୍ନ କରିବାରେ ବ୍ୟସ୍ତତା ବଢିଯିବାର ଆଶଙ୍କା ରହିଛି।

**ବିଛା**
ପ୍ରତିବନ୍ଧକ ମଧ୍ୟରେ ଯାହା ଦୀର୍ଘଦିନ ହେଲା ହୋଇ ପାରି ନ ଥିଲା ଆଜି ତାହା ସମ୍ପନ୍ନ ହୋଇଯିବ। ପରିବହନ, ଶିଳ୍ପ ଓ ବ୍ୟବସାୟ, ବାଣିଜ୍ୟରେ ପ୍ରତିବନ୍ଧକ ଦୂରେଇବା ପାଇଁ ପ୍ରଯତ୍ନ କଲେ ସଫଳତା ପାଇପାରିବେ। ସନ୍ଦେହ ଓ ଭୁଲ୍ ବୁଝାମଣା ହେତୁ ନିଜ ପରିବାରର ସଦସ୍ୟଙ୍କ ତରଫରୁ ସମସ୍ୟା ଆସିପାରେ।

**ଧନୁ**
ଭାଗ୍ୟାଧିପଙ୍କ ସୁପ୍ରଭାବରେ ଆଜି ପାରିବାରିକ କ୍ଷେତ୍ର, ପ୍ରକାଶନ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ। କଠୋର କଥା କହିବା କାରଣରୁ ପରିବାରରେ ନିଜ ନିଜ ମଧ୍ୟରେ ସାମୟିକ କଳହ ଦେଖାଦେଇପାରେ। ଅଫିସ୍ କାମରେ ସବୁକଥାକୁ ହାଲୁକା ଭାବେ ଗ୍ରହଣ କଲେ କ୍ଷତିରେ ପଡିବେ।

**ମକର**
ଦୁଃଖଦ ଖବର ପାଇ ବିଚଳିତବୋଧ କରିପାରନ୍ତି। ଉପରିସ୍ଥ ଅଧିକାରୀମାନେ କାମ ହାସଲ ସକାଶେ ଆପଣଙ୍କ ସହଯୋଗ ଲୋଡ଼ିପାରନ୍ତି। ପାଖ, ପଡ଼ୋଶୀମାନେ ବିଭିନ୍ନ ପ୍ରକାରର ଝମେଲା ସୃଷ୍ଟି କରିବାର ଆଶଙ୍କା ରହିଛି। ପରିବହନ, ନିର୍ମାଣ, ସଭାସମିତି, ଗବେଷଣା ଓ ରଚନାତ୍ମକ କାର୍ଯ୍ୟରୁ ସୁଫଳ ପାଇବେ।

**କୁମ୍ଭ**
ସାଧାରଣ କଥାକୁ କେନ୍ଦ୍ରକରି ପାଟିତୁଣ୍ଡ ଲାଗିରହିବ। ପାରିବାରିକ ସମସ୍ୟାର ସମାଧାନ ସକାଶେ ନିଜର ବନ୍ଧୁମାନଙ୍କ ସାହାଯ୍ୟ ଭିକ୍ଷା କରିପାରନ୍ତି। ବାକ୍ ଅସଂଯମତା ଯୋଗୁ ସୁସମ୍ପର୍କ ବ୍ୟାହତ ହେବାର ଆଶଙ୍କା ରହିଛି। କଳା, କ୍ରୀଡା, ସଙ୍ଗୀତ ଓ ଚଳଚ୍ଚିତ୍ର ତଥା ରାଜନୀତି ଓ ସାହିତ୍ୟ କ୍ଷେତ୍ରରେ ସମସ୍ୟା ସମାଧାନ ହୋଇଯିବ।

**ମୀନ**
ଅଯଥା ବ୍ୟସ୍ତତା ପ୍ରକାଶ କରି ଅଶାନ୍ତି ରହି ପାରନ୍ତି। ପାଖ ପଡ଼ୋଶୀଙ୍କ ଅସୁବିଧାକୁ ସୁଧାରିବା ସକାଶେ ସୁପରାମର୍ଶ ଦେବାରେ ପ୍ରଶଂସିତ ହେବେ। ପରିସ୍ଥିତି ବଶତଃ ଧାରକରଜ କରି ଆବଶ୍ୟକତାକୁ ଚଳାଇ ନେଇପାରନ୍ତି। ବ୍ୟବସାୟ ଓ ପରିବହନରେ ଦେଖିଚାହିଁ ପଦକ୍ଷେପ ନିଅନ୍ତୁ, ନତୁବା ସମସ୍ୟା ଉପୁଜିପାରେ।

ଆଜି ଜ୍ୟେଷ୍ଠ କୃଷ୍ଣ ଷଷ୍ଠୀ ମଙ୍ଗଳବାର, ମେ ୧୨ ତାରିଖ, ବିଶ୍ୱ ଶ୍ୱାସରୋଗ ଦିବସ (ମେ୨ୟ ମଙ୍ଗଳବାର), ଅନ୍ତର୍ଜାତୀୟ ନର୍ସ ଦିବସ, ରାଶି ନକ୍ଷତ୍ର-ଉତ୍ତରାଷାଢ଼ା। ଧନୁ ଦିବା ଘ.୧୦ .୧୭ମି. ଗତେ, ମକର ଚନ୍ଦ୍ର, ମକର ରାଶିର ଘାତବାର, ଷଷ୍ଠୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୭ .୫୦ମି. ଗତେ. ଘ.୧୦.୨୫ମି. ମଧ୍ୟେ, ଦିବା ଘ.୦୧.୦୦ମି. ଗତେ ଘ.୦୨ .୪୩ମି. ମଧ୍ୟେ, ଘ.୦୩.୩୫ମି. ଗତେ ଘ.୦୫.୧୮ମି. ମଧ୍ୟେ, ସନ୍ଧ୍ୟା ଘ.୦୬.୧୦ମି. ଗତେ ଘ.୦୬.୫୪ମି. ମଧ୍ୟେ, ଘ.୦୯.୦୭ମି. ଗତେ ଘ.୧୧ .୨୦ମି. ମଧ୍ୟେ, ଘ.୦୧.୩୩ମି. ଗତେ ଘ.୦୩ ୦୨.ମି. ମଧ୍ୟେ ଅମୃତବେଳା। ଅପରାହ୍ଣ ଘ.୦୨.୫୬ମି. ଗତେ ଘ.୦୪.୩୩ମି. ମଧ୍ୟେ ରାହୁକାଳ।


Classified



**SALE**

ଶାଳଗାଁ ଷ୍ଟେସନ୍ ପାଖରେ 2,80,000ରେ ପ୍ଲଟ୍ ମିଳୁଛି। 8908492594 (ନଗଦ/କିସ୍ତି)
D-17082

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଆହା ଆହା ତୋ'ର ଯୋଉ ଗୁଣ**
**ଛ ଭଜା ମୋର ନ ଡୁଉଣ**
**ଭାତକୁ ନ ଅଣ୍ଟେ ଲୁଣ।**

ଯେତେବେଳେ ଘରର ମୁଖ୍ୟ ଅଯୋଗ୍ୟ ଓ ଅପାରଗ ହୋଇଯାଏ ସେତେବେଳେ ଘରର ଆର୍ଥିକ ସ୍ଥିତି ବିଗିଡ଼ି ଯିବାକୁ ବେଶି ଡେରି ଲାଗି ନ ଥାଏ। ସାଧାରଣତଃ ସ୍ୱାମୀ ଉପରେ ସ୍ତ୍ରୀ ନିର୍ଭରଶୀଳ। ସ୍ୱାମୀ ତା'ର ବଳ ଓ ସାହା ଭରସା। ପରନ୍ତୁ ସ୍ୱାମୀ ଯଦି ଅଯୋଗ୍ୟ ହୁଏ ତା' ହେଲେ ସ୍ତ୍ରୀର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇଯାଏ। ସ୍ତ୍ରୀକୁ ପୋଷିପାରୁ ନ ଥିବା ବ୍ୟକ୍ତି ସ୍ୱାମୀପଣକୁ ଯୋଗ୍ୟ ହେଉ ନ ଥିବା ସ୍ଥଳେ ଭାତକୁ ଲୁଣ ଯୋଗାଇ ପାରୁ ନ ଥିବା ଅପାରଗ ସ୍ୱାମୀ ପ୍ରତି ଏଭଳି କ୍ଷଭୋକ୍ତି ପ୍ରକାଶ କରାଯାଇଛି।

**ଆସ ଯା କରୁଥା**
**କର୍ମ ଘିନି ବୁଲୁଥା ।**

ପ୍ରାରବ୍ଧ କର୍ମ ଅନୁସାରେ ବ୍ୟକ୍ତି ଫଳ ଭୋଗ କରିଥାଏ। ଯାହା ଭାଗ୍ୟରେ ଯାହା ଘଟିବାର ଥାଏ ବା ପାଇବାର ଥାଏ ତାକୁ ତାହା ଅବଶ୍ୟ ଭୋଗିବାକୁ ହିଁ ପଡ଼ିଥାଏ। ଭାଗ୍ୟ ସହ ଭଗବାନ ଅନୁକୂଳ ନ ରହିଲେ ବ୍ୟକ୍ତି ଆଗକୁ ବଢ଼ିପାରୁ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ-ଫ୍ରେଣ୍ଡ୍‌ସ ପବ୍ଲିଶର୍ସ

## ସଂକ୍ଷେପରେ

### ଶରୀର ଦାନ କରିବେ ଭବାନୀ ଚରଣ ପଟ୍ଟନାୟକ



**ଭୁବନେଶ୍ୱର,୧୧ା୫(ବ୍ୟୁରୋ):** ଶରୀର ଦାନ କରିବେ ବରିଷ୍ଠ ସ୍ୱାଧୀନତା ସଂଗ୍ରାମୀ ପଦ୍ମଶ୍ରୀ ଭବାନୀ ଚରଣ ପଟ୍ଟନାୟକ। ମୃତ୍ୟୁ ପରେ ସେ ତାଙ୍କ ଶରୀରକୁ କଟକ ଏସ୍‌ସିବି ମେଡିକାଲ କଲେଜକୁ ଦାନ କରିବେ ବୋଲି ୯୯ତମ ଜନ୍ମ ଦିବସ ଅବସରରେ ପଟ୍ଟନାୟକ ଘୋଷଣା କରିଛନ୍ତି। ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ସୋମବାର ସକାଳେ ପଟ୍ଟନାୟକଙ୍କୁ ତାଙ୍କ ବାସଭବନରେ ସୌଜନ୍ୟମୂଳକ ସାକ୍ଷାତ କରି ଜନ୍ମଦିନର ଶୁଭେଚ୍ଛା ଜଣାଇବା ସମୟରେ ପଟ୍ଟନାୟକ ମନ୍ତ୍ରୀଙ୍କୁ ଏନେଇ ଜଣାଇଥିଲେ। ମାନବ ସମାଜର କଲ୍ୟାଣ ଉଦ୍ଦେଶ୍ୟରେ ତାଙ୍କର ଦେହାନ୍ତ ପରେ ଶରୀର ଦାନ କରିବା ନିଷ୍ପତ୍ତିକୁ ମନ୍ତ୍ରୀ ସ୍ୱାଗତ କରିବା ସହ କୃତଜ୍ଞତା ଜ୍ଞାପନ କରିଥିଲେ। ୧୯୨୨ ମେ’ ୧୧ ତାରିଖରେ ପୁରୀ ଜିଲା ନିମାପଡାଠାରେ ଜନ୍ମଗ୍ରହଣ କରିଥିବା ଭବାନୀ ଚରଣ ପଟ୍ଟନାୟକ ମହାତ୍ମା ଗାନ୍ଧୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ୧୯୪୨ରେ ସତ୍ୟାଗ୍ରହ ଆନ୍ଦୋଳନରେ ଯୋଗ ଦେଇଥିଲେ। ସେ ପ୍ରବାଦପୁରୁଷ ବିଜୁ ପଟ୍ଟନାୟକଙ୍କର ଜଣେ ଅନ୍ତରଙ୍ଗ ସହଯୋଗୀ ଭାବେ କାର୍ଯ୍ୟ କରିବାସହ ୧୯୬୧, ୧୯୬୬ ଏବଂ ୧୯୭୮ରେ ୩ଥର ଲୋକସଭା ଓ ରାଜ୍ୟସଭାକୁ ନିର୍ବାଚିତ ହୋଇଥିଲେ।

### ଅଭିଯୋଗ ପରେ ଜିଲାପାଳଙ୍କୁ ପତ୍ର ଲେଖିଲେ ବିଡିଓ

ଖୋର୍ଦ୍ଧା ଅଫିସ,୧୧ା୫ : ଖୋର୍ଦ୍ଧା ଜିଲା ବୋଲଗଡ ବିଡିଓ ଶୁଭଶ୍ରୀ ତ୍ରିପାଠୀଙ୍କ କାର୍ଯ୍ୟରେ ଅବହେଳା ଓ ଅସହଯୋଗ ମନୋଭାବ ଆଦି ଅଭିଯୋଗ ଆଣି କାର୍ଯ୍ୟାନୁଷ୍ଠାନ ପାଇଁ ସ୍ଥାନୀୟ ଲୋକ ପ୍ରତିନିଧିମାନେ ଶୁକ୍ରବାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଏକ ପତ୍ର ପ୍ରଦାନ କରିଥିଲେ। ତେବେ ସମସ୍ତ ଅଭିଯୋଗକୁ ବିଡିଓ ତ୍ରିପାଠୀ ଖଣ୍ଡନ କରିବା ସହ ସୋମବାର ଜିଲାପାଳଙ୍କୁ ଏକ ପତ୍ର ଲେଖିଛନ୍ତି। ସେ ପତ୍ରରେ ଉଲ୍ଲେଖ କରିଛନ୍ତି ଯେ, ଗତ ୩ମାସ ହେବ ସେ ବୋଲଗଡ ବ୍ଲକରେ ବିଡିଓ ଭାବେ କାର୍ଯ୍ୟରେ ଯୋଗଦାନ କରିଛନ୍ତି। ପଞ୍ଚାୟତ ସ୍ତରରେ କୌଣସି ସମସ୍ୟା ସୃଷ୍ଟି ହେଲେ ବିଡିଓଙ୍କ ସହ ଆଲୋଚନା ପରିବର୍ତ୍ତେ ଲୋକ ପ୍ରତିନିଧିମାନେ ଉପରସ୍ତରୀୟ ଅଧିକାରୀଙ୍କ ସହ ଯୋଗାଯୋଗ କରୁଛନ୍ତି। ଉକ୍ତ ବ୍ଲକରେ ମହିଳା ଜନ ପ୍ରତିନିଧି କୌଣସି ସରକାରୀ କାର୍ଯ୍ୟରେ ଯୋଗଦାନ କରୁନାହାନ୍ତି। ପଞ୍ଚାୟତ ଗସ୍ତ ସମୟରେ ସେମାନଙ୍କ ସ୍ୱାମୀ ଏବଂ ସମ୍ପର୍କୀୟମାନେ କାର୍ଯ୍ୟରେ ହସ୍ତକ୍ଷେପ କରୁଛନ୍ତି। ଏହାକୁ ବିରୋଧ କଲେ ବିଡିଓ ଜନପ୍ରତିନିଧିଙ୍କୁ ଦୁର୍ବ୍ୟବହାର କରୁଥିବା ଅପପ୍ରଚାର କରୁଛନ୍ତି। ଅନେକେ ଲୋକ ପ୍ରତିନିଧି ବିଭିନ୍ନ ସରକାରୀ କାର୍ଯ୍ୟ ବେଆଇନ ଭାବେ ହାସଲ ଲାଗି ଚାପ ସୃଷ୍ଟି କରୁଛନ୍ତି। କୋଭିଡ-୧୯ କାର୍ଯ୍ୟରେ ବ୍ୟସ୍ତ ରହୁଥିବା ବେଳେ ବିଲ୍ ପାସ ଲାଗି ବାଧ କରୁଛନ୍ତି। ଏଭଳି ବିଭିନ୍ନ ପ୍ରସଙ୍ଗ ଉପରେ ତ୍ରିପାଠୀ ପତ୍ରରେ ଉଲ୍ଲେଖ କରିଥିବା ଜଣାପଡିଛି। ଜିଲାପାଳ ଏଥିରେ ହସ୍ତକ୍ଷେପ କରିବା ଲାଗି ସେ ନିବେଦନ କରିଛନ୍ତି।

# ବସ୍ତିରୁ ବ୍ୟାପିଥିଲା ମୁମ୍ବାଇ ପୋଲିସଙ୍କୁ ସଂକ୍ରମଣ

ଭୁବନେଶ୍ୱର,୧୧ା୫ (ବ୍ୟୁରୋ)



**ଓଡ଼ିଶା ପୋଲିସଙ୍କୁ ଘାରିଲା ସଂକ୍ରମଣ ଭୟ**

- ମୁମ୍ବାଇ ପୋଲିସ ସହ କଟକ-ଭୁବନେଶ୍ୱର ପୋଲିସ କମିଶନରଙ୍କ ଆଲୋଚନା
- ଭିଡିଓ କନ୍‌ଫରେନ୍ସରେ ଟିପ୍‌ସ ଦେଲେ ମୁମ୍ବାଇ ଯୁଗ୍ମ ପୋଲିସ କମିଶନର

ଲକ୍‌ଡାଉନ୍ କଟକଣାକୁ ପାଳନ କରିବା ସହ କରୋନା ସଂକ୍ରମଣ ରୋକିବାରେ ପୋଲିସ ପ୍ରମୁଖ ଭୂମିକା ଗ୍ରହଣ କରୁଛି। ହେଲେ ଏବେ ଦିନରାତି ଜଗିରହୁଥିବା ପୋଲିସ ନିଜେ ସଂକ୍ରମଣର ଶିକାର ହୋବାରେ ଲାଗିଛି। ମୁମ୍ବାଇରେ ୩ଶହରୁ ଊର୍ଦ୍ଧ୍ୱ ପୋଲିସ କୋଭିଡ୍-୧୯ରେ ଆକ୍ରାନ୍ତ ହୋଇଥିବାବେଳେ ୩ଜଣଙ୍କ ମୃତ୍ୟୁ ଘଟିଛି। ଏହି ଘଟଣା ପରେ ଓଡ଼ିଶା ପୋଲିସଙ୍କୁ ମଧ ଚିନ୍ତା ଘାରିଛି। ଏନେଇ କଟକ-ଭୁବନେଶ୍ୱର ପୋଲିସ କମିଶନର ସୁଧାଂଶୁ ଷଡ଼ଙ୍ଗୀ ମୁମ୍ବାଇ ପୋଲିସର ଯୁଗ୍ମ କମିଶନର ନୱାଲ ବଜାଜଙ୍କ ସହ ଆଲୋଚନା କରି କେତେକ ପରାମର୍ଶ ନେଇଛନ୍ତି।

ସୋମବାର କମିଶନରେଟ ପୋଲିସ ମୁଖ୍ୟାଳୟରେ କମିଶନର ଷଡ଼ଙ୍ଗୀଙ୍କ ଅଧ୍ୟକ୍ଷତାରେ ଭିଡ଼ିଓ କନ୍‌ଫରେନ୍ସ ମାଧ୍ୟମରେ ବୈଠକ ହୋଇଥିଲା। ମୁମ୍ବାଇ ପୋଲିସ ଯୁଗ୍ମ କମିଶନର ବଜାଜ କହିଥିଲେ, ମୁମ୍ବାଇର ବିଭିନ୍ନ ବସ୍ତି ଅଞ୍ଚଳରେ ରହୁଥିବା ପୋଲିସଙ୍କ ଦ୍ୱାରା ଏହା ଥାନାକୁ ବ୍ୟାପିଛି। ବସ୍ତିରେ ରହୁଥିବା ପୋଲିସ ସଂକ୍ରମିତ ହୋଇ କାର୍ଯ୍ୟସ୍ଥଳରେ ଅନ୍ୟମାନଙ୍କୁ ସଂକ୍ରମିତ କରିଛନ୍ତି। ଏଥିସହ କଣ୍ଟେନ୍‌ମେଣ୍ଟ ଜୋନ୍‌ରେ ପୋଲିସ କାର୍ଯ୍ୟ କରୁଥିବାବେଳେ ଓ ଯାଞ୍ଚବେଳେ ସଂକ୍ରମିତ ହୋଇଥିଲେ। ତେବେ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ବଜାଜ କହିଛନ୍ତି, ବୟସ ଅନୁସାରେ ପୋଲିସ କର୍ମଚାରୀଙ୍କୁ ୩ କାଟାଗୋରୀ (କ, ଖ, ଗ)ରେ ବିଭକ୍ତ କରାଯାଇଛି। ‘କ’ରେ ୫୫ରୁ ଅଧିକ ବୟସ୍କ ପୋଲିସ ଅଛନ୍ତି। ସେମାନଙ୍କୁ କିଛି କାର୍ଯ୍ୟ କରିବାକୁ ଦିଆଯାଉନାହିଁ। ‘ଖ’ରେ ୫୦ରୁ ୫୫ବର୍ଷର ପୋଲିସ ରହିନ୍ତି। ‘ଗ’ କାଟେଗୋରିରେ ୪୫ ବର୍ଷରୁ ୫୦ବର୍ଷର ପୋଲିସ କର୍ମଚାରୀ ଅଛନ୍ତି। ସ୍ୱାସ୍ଥ୍ୟାବସ୍ଥା ଦେଖି ଏମାନଙ୍କୁ କାର୍ଯ୍ୟ ଦିଆଯାଉଛି। ସେହିଭଳି ଅଭିଯୁକ୍ତଙ୍କୁ ଗିରଫ ସମୟରେ କେତେକ ଗାଇଡ୍‌ଲାଇନ୍ ପାଳନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଯଦି କେହି କ୍ୱାରାଣ୍ଟାଇନ୍ ନିୟମ ଭାଙ୍ଗୁଛନ୍ତି ଡାକ୍ତରୀ ଟିମ୍ ସହ ପୋଲିସ ଯାଉଛି। ପୋଲିସ ଦୂରରେ ରହୁଛି, ସୁରକ୍ଷା ପୋଷାକ ପିନ୍ଧି ଡାକ୍ତରୀ ଟିମ୍ ଉକ୍ତ ବ୍ୟକ୍ତିଙ୍କୁ କାବୁ କରି ଆମ୍ବୁଲାନ୍ସରେ କ୍ୱାରାଣ୍ଟାନ୍ ସେଣ୍ଟର ନେଉଛି। ଡ୍ୟୁଟି ସମୟରେ ଲୋକଙ୍କ ପାଖକୁ ଯିବାକୁ ପୋଲିସଙ୍କୁ ବାରଣ କରାଯିବା ସହ ମାସ୍କ ପିନ୍ଧିବା ଓ ପକେଟରେ ସାନିଟାଇଜର ରଖି ହାତକୁ ବାରମ୍ବାର ସାନିଟାଇଜ୍ କରିବାକୁ କୁହାଯାଉଛି। ମୁହଁରେ ଭାଇଜର ପିନ୍ଧିବା ସହ ନିୟମିତ ସ୍କ୍ରିନିଂ କରାଯାଉଛି ବୋଲି ବଜାଜ ସୂଚନା ଦେବା ସହ ଏହାକୁ ପାଳନ କରିବାକୁ ପରାମର୍ଶ ଦେଇଛନ୍ତି। ଏହି ଆଧାରରେ କମିଶନରେଟ ପୋଲିସ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରିପାରେ ବୋଲି ସୂଚନା ମିଳିଛି। ଏହି ଆଲୋଚନାରେ ଭୁବନେଶ୍ୱର ଡିସିପି ଅନୁପ ସାହୁ, ଟ୍ରାଫିକ ଡିସିପି ସାଗରିକା ନାଥ,କଟକ ଡିସିପି ଅଖିଳେଶ୍ୱର ସିଂ, ଡିସିପି (ସିକ୍ୟୁରିଟି) ନିର୍ମଳ ଶତପଥୀ ଓ ଡାକ୍ତର ଟିମ୍ ଉପସ୍ଥିତ ରହିଥିଲେ।

# କୋଭିଡ୍ ଚିକିତ୍ସାକୁ ଦୃଢ଼ୀଭୂତ କରିବା ପାଇଁ ମକ୍ ଡ୍ରିଲ

ଭୁବନେଶ୍ୱର, ୧୧ା୫(ବ୍ୟୁରୋ)





କୋଭିଡ୍ ହସ୍ପିଟାଲ ଏବଂ କୋଭିଡ୍ ସ୍ୱାସ୍ଥ୍ୟ କେନ୍ଦ୍ର ଗୁଡ଼ିକରେ ସ୍ୱାସ୍ଥ୍ୟସେବାକୁ ଦୃଢ଼ୀଭୂତ କରିବା ସହ ସ୍ୱାସ୍ଥ୍ୟକର୍ମୀଙ୍କ ଦକ୍ଷତା ବୃଦ୍ଧି ପାଇଁ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିସହିତ ମକ୍ ଡ୍ରିଲ୍ ମାଧ୍ୟମରେ ପ୍ରସ୍ତୁତିକୁ ଜୋର୍‌ଦାର କରାଯାଉଛି। ଏହି ପରିପ୍ରେକ୍ଷୀରେ ପୁରୀର ଗୋପବନ୍ଧୁ ଆୟୁର୍ବେଦିକ୍ ମେଡିକାଲ କଲେଜସ୍ଥିତ ଜିଲା କୋଭିଡ୍ ସ୍ୱାସ୍ଥ୍ୟ କେନ୍ଦ୍ର ଏବଂ ଆଇଡି ହସ୍ପିଟାଲଠାରେ ୨ଟି ମକ୍ ଡ୍ରିଲ୍ ଅନୁଷ୍ଠିତ ହୋଇଛି। ଏଥିରେ ସ୍ୱାସ୍ଥ୍ୟସେବାରେ ନିୟୋଜିତ ଏକ ସମ୍ପୂର୍ଣ୍ଣ ଦଳ ସହ ସମାଜିକକର୍ମୀମାନେ ଅଂଶଗ୍ରହଣ କରିଥିଲେ। ଏସ୍‌ସିବି ମେଡିକାଲ କଲେଜର ଏକ ବିଶେଷଜ୍ଞ ଦଳ ଏବଂ ଜାତିସଂଘ ପପୁଲେଶନ ଫଣ୍ଡ, ୟୁନିସେଫ୍ ଏବଂ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ସହାୟତାରେ ଏହି ମକ୍‌ଡ୍ରିଲ୍ ଅନୁଷ୍ଠିତ ହୋଇଥିଲା। ଏହି ମକ୍ ଡ୍ରିଲ୍‌ରେ କୋଭିଡ୍ ମୁକାବିଲାର ବିଭିନ୍ନ ଦିଗ ଅର୍ଥାତ୍ ଏକକାଳୀନ ଅଧିକ ସଂଖ୍ୟକ ରୋଗୀ ଆସିଲେ ପରିସ୍ଥିତିର ସାମ୍ନା ଓ ରୋଗୀଙ୍କ ଯାଞ୍ଚ, ପୃଥକବାସ, ଚିକିତ୍ସା ଏବଂ ହସ୍ପିଟାଲକୁ ରୋଗୀଙ୍କୁ ସ୍ଥାନାନ୍ତର ଆଦି ବିଭିନ୍ନ ବିଷୟରେ ମକ୍ ଡ୍ରିଲ୍ କରାଯାଇଥିଲା। ସ୍ୱାସ୍ଥ୍ୟସେବାରେ ନିୟୋଜିତ କର୍ମଚାରୀଙ୍କୁ ସଂକ୍ରମଣ ପ୍ରତିରୋଧ ପାଇଁ ଅଭ୍ୟାସ, ବ୍ୟକ୍ତିଗତ ସୁରକ୍ଷା ଉପକରଣ(ପିପିଇ)ର ବ୍ୟବହାର, ହସ୍ପିଟାଲ ବର୍ଜ୍ୟବସ୍ତୁର ପରିଚାଳନା ସମ୍ପର୍କରେ ବିଶେଷ ତାଲିମ ଦିଆଯାଇଥିଲା। ପାରାମେଡିକ୍ସ, ଆମ୍ବୁଲାନ୍ସ ଚାଳକ, ରୋଗୀମାନଙ୍କୁ ସେବା ଯୋଗାଉଥିବା ସହାୟକ ଏବଂ ଚିକିତ୍ସା ସେବା ସହ ସମ୍ପୃକ୍ତ ସମସ୍ତଙ୍କ ଭୂମିକା ସମ୍ପର୍କରେ ମକ୍ ଡ୍ରିଲ୍ କରାଯାଇଥିଲା। ଆଇଡି ହସ୍ପିଟାଲର ୮ଜଣ ଡାକ୍ତର, ମେଡିକାଲ ଅଫିସର, ଆୟୁଷ ଚିକିତ୍ସକ ଏବଂ ପ୍ରାୟ ୧୫ ଜଣ ଷ୍ଟାଫ୍ ନର୍ସଙ୍କ ସହ ସହାୟତା କରୁଥିବା କର୍ମଚାରୀ ଏବଂ ଆମ୍ବୁଲାନ୍ସ ଦଳ ମକ୍ ଡ୍ରିଲ୍‌ରେ ଭାଗ ନେଇଥିଲେ। ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ନୀଳକଣ୍ଠ ମିଶ୍ର ଏବଂ ପୁରୀର ଅତିରିକ୍ତ ଜିଲାପାଳ ବିନୟ କୁମାର ଦାସ ଉପସ୍ଥିତ ଥିଲେ। ଆଗାମୀ ଦିନରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ବିଭିନ୍ନ କୋଭିଡ୍ ହସ୍ପିଟାଲରେ ଏହିଭଳି ମକ୍ ଡ୍ରିଲ୍ ନିମନ୍ତେ ଯୋଜନା ରହିଥିବା ସୂଚନା ଦିଆଯାଇଛି।



କରୋନା ସମୟରେ ଘରୋଇ ବିଦ୍ୟାଳୟ ଫି’ ବନ୍ଦ ସହ ଅନ୍ୟ କେତେକ ଦାବି ନେଇ ଓଡ଼ିଶା ଅଭିଭାବକ ମହାସଂଘ ପକ୍ଷରୁ ଭୁବନେଶ୍ୱର ସୂଚନା ଭବନ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

# ରାସ୍ତାକୁ ଓହ୍ଲାଇଲା ଅଭିଭାବକ ମହାସଂଘ

**ଘରୋଇ ବିଦ୍ୟାଳୟ ଫି’ ପ୍ରସଙ୍ଗ**

**ଭୁବନେଶ୍ୱର,୧୧ା୫(ବ୍ୟୁରୋ):** କରୋନା ପାଇଁ ଘରୋଇ ବିଦ୍ୟାଳୟଗୁଡ଼ିକ ରି-ଆଡ୍‌ମିଶନ ଫି, ପରିବହନ ଖର୍ଚ୍ଚ, ଇନ୍‌ଫ୍ରାଷ୍ଟ୍ରକ୍ଚର ଫି, କମ୍ପ୍ୟୁଟର ଫି, ଡେ’ ବୋର୍ଡିଂ ଫି ଆଦି ୩ ମାସ ପର୍ଯ୍ୟନ୍ତ ନ ନେବାକୁ ମୁଖ୍ୟମନ୍ତ୍ରୀ ଜଣାଇଥିଲେ। ହେଲେ ଘରୋଇ ବିଦ୍ୟାଳୟ କର୍ତ୍ତୃପକ୍ଷ ଫୋନ କରି ଫି ମାଗୁଥିବା ଅଭିଯୋଗ କରିଛି ଓଡିଶା ଅଭିଭାବକ ମହାସଂଘ। ସୋମବାର ମହାସଂଘ କର୍ମକର୍ତ୍ତା ସୂଚନା ଭବନ ସମ୍ମୁଖରେ ଧାରଣା ଦେବାସହ ଫି ନ ମାଗିବାକୁ ବିଦ୍ୟାଳୟଗୁଡ଼ିକୁ ନିର୍ଦ୍ଦେଶ ଦେବାକୁ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି। ମହାସଂଘ ଅଧ୍ୟକ୍ଷ ବାସୁଦେବ ଭଟ୍ଟ କହିଛନ୍ତି, ଓଡିଶା ମାନବିକ ଅଧିକାର କମିଶନଙ୍କ ନିର୍ଦ୍ଦେଶ ସତ୍ତ୍ୱେ ସ୍କୁଲ୍‌ଗୁଡ଼ିକ ନିଜେ ବହି ବିକ୍ରି କରୁଥିବାରୁ ଜାଣିଶୁଣି ତାଲିକା ପ୍ରକାଶ କରୁନାହାନ୍ତି। ସରକାର ପଦକ୍ଷପ ନ ନେଲେ ସାରା ରାଜ୍ୟରେ ଆନ୍ଦୋଳନ ଜୋରଦାର ହେବ। ଘରୋଇ ବିଦ୍ୟାଳୟ ପ୍ରୀତି ପାଇଁ ଲକ୍ଷ ଲକ୍ଷ ଅଭିଭାବକ ଆଜି ଯେଉଁ ମାନସିକ ଯନ୍ତ୍ରଣା ଭୋଗୁଛନ୍ତି ସେଥିପାଇଁ ସରକାର ଦାୟୀ ବୋଲି ଭଟ୍ଟ କହିଛନ୍ତି। ସବୁ ଜିଲାରେ ଏପରି ଧାରଣା ଦିଆଯାଇଥିଲା। ଭୁବନେଶ୍ୱର କାଯ୍ୟକ୍ରମରେ ବିଧାୟକ ସୁରେଶ ରାଉତରାଙ୍କ ସମେତ ମହାସଂଘ ଅଧ୍ୟକ୍ଷ ଭଟ୍ଟ ଭୁବନେଶ୍ୱର ଆବାହକ ଶଙ୍କର ସାମନ୍ତରାୟ, ସାଧାରଣ ସମ୍ପାଦକ ଅଶୋକ ପାଇକରାୟ, ମହାସଂଘର ସହ ଅଧ୍ୟକ୍ଷ ପ୍ରସନ୍ନ ବିଷୋୟୀ, ଭୂମୋହନ ପଟ୍ଟନାୟକ ପ୍ରମୁଖ ସାମିଲ ଥିଲେ।

## ୨୭ ପ୍ରବାସୀ ଶ୍ରମିକଙ୍କୁ ବାଟରେ ଓହ୍ଲାଇଦେଲେ ଟ୍ରକ୍ ଚାଳକ

ଯାଁଳା,୧୧ା୫(ଡି.ଏନ୍.ଏ.)

କରୋନା ଲାଗି ଦେଶରେ ତୃତୀୟ ପର୍ଯ୍ୟାୟ ଲକ୍‌ଡାଉନ୍ ଜାରି ରହିଛି। ବିଭିନ୍ନ ରାଜ୍ୟରେ ଫସି ରହିଥିବା ପ୍ରବାସୀ ଶ୍ରମିକମାନେ ନିଜ ଚେଷ୍ଟାରେ ଘରକୁ ଫେରୁଥିବା ବେଳେ ରାସ୍ତାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହିକ୍ରମରେ ୧୬ନଂ. ଜାତୀୟ ରାଜପଥ ଯାଁଳା ପଞ୍ଚାୟତ ତଳଖେତା ଛକ ନିକଟରେ ଟ୍ରକ୍ ଚାଳକ ୨୭ଜଣ ପ୍ରବାସୀ ଶ୍ରମିକଙ୍କୁ ଗାଡିରୁ ଓହ୍ଲାଇ ଦେଇଥିବା ଦେଖିବାକୁ ମିଳିଛି। ସୂଚନା ଅନୁଯାୟୀ, ବିଶାଖାପାଟଣାରୁ ଏକ ଟ୍ରକ୍‌ରେ ବିହାରର ୬, ପଶ୍ଚିମବଙ୍ଗର ୧୦ ଓ ଯାଜପୁର ଅଞ୍ଚଳର ୧୧ଜଣ ଘରକୁ ଫେରୁଥିଲେ। ମାତ୍ର କୌଣସି କାରଣକୁ ନେଇ ଟ୍ରକ୍ ଚାଳକ ସମସ୍ତ ଶ୍ରମିକଙ୍କୁ ତଳଖେତା ଛକ ନିକଟରେ ଓହ୍ଲାଇ ଦେଇଥିଲେ। ସ୍ଥାନୀୟ ଲୋକେ ଗାଡି ସହ ଚାଳକଙ୍କୁ ଅଟକାଇ ପୋଲିସ ଜିମା ଦେଇଥିଲେ। ପରେ ପୋଲିସ ସମସ୍ତ ପ୍ରବାସୀ ଶ୍ରମିକଙ୍କୁ ପି.ଏନ୍ କଲେଜରେ ହୋଇଥିବା କ୍ୱାରାଣ୍ଟାଇନ କେନ୍ଦ୍ରକୁ ପଠାଇଥିବା ଜଣାପଡିଛି।

## ବରିଷ୍ଠ ନାଗରିକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବ ବିଏମ୍‌ସି

ଭୁବନେଶ୍ୱର, ୧୦ା୫(ବ୍ୟୁରୋ)

ଭୁବନେଶ୍ୱରରେ କରୋନା ସଂକ୍ରମଣକୁ ରୋକିବା ଦିଗରେ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଆଉ ପାଦେ ଆଗେଇଛି। ଚଳିତ ମାସ ଏବଂ ଜୁନ୍ ପ୍ରଥମ ଓ ଦ୍ୱିତୀୟ ସପ୍ତାହରେ ଭୁବନେଶ୍ୱରର ସମସ୍ତ ୬୭ ୱାର୍ଡରେ ପର୍ଯ୍ୟାୟକ୍ରମେ ବରିଷ୍ଠ ନାଗରିକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବ। ଏନେଇ ବିଏମ୍‌ସି ସ୍ୱାସ୍ଥ୍ୟ ବିଭାଗ ସହାୟତାରେ ସମସ୍ତ ୱାର୍ଡରେ ସାଧାରଣ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଖୋଲିବ। ରାଜ୍ୟ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଦ୍ୱାରା ଜାରି ହୋଇଥିବା ଚିଠି (ନଂ.୨୪୪୪/ଆରଆଣ୍ଡଡିଏମ୍ (ଡିଏମ୍))କୁ ଭିତ୍ତି କରି ବିଏମ୍‌ସି ଏହି ସେବା ଯୋଗାଇବ ବୋଲି ଜଣାପଡ଼ିଛି। ତେବେ ଶିବିର ପରିଚାଳନା ପାଇଁ ଆବଶ୍ୟକ ସ୍ୱାସ୍ଥ୍ୟ କର୍ମୀ ଓ ସୁରକ୍ଷା ଯୋଗାଇ ଦିଆଯିବ। କରୋନା ସଂକ୍ରମଣ ହେଲେ ବରିଷ୍ଠ ନାଗରିକଙ୍କୁ ଅଧିକ ବିପଦ ଥିବାରୁ ବରିଷ୍ଠ ନାଗରିକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ପ୍ରତି ବିଏମ୍‌ସି ଅଧିକ ଗୁରୁତ୍ୱ ଦେଉଛି।

# ଚେନ୍ନାଇରୁ ବୋଟ୍‌ରେ ଆସିଲେ ୪୨ ଶ୍ରମିକ



**ସମୁଦ୍ରରେ ୫ ଦିନ ଯାତ୍ରା, କ୍ୱାରାଣ୍ଟାଇନ୍‌କୁ ଗଲେ ସମସ୍ତେ**

**ବ୍ରହ୍ମପୁର ଅଫିସ,୧୧ା୫:** ଗଞ୍ଜାମ ଜିଲାକୁ ପୁଣି ବୋଟ୍‌ରେ ଆସିଲେ ପ୍ରବାସୀ ଶ୍ରମିକ। ସୋମବାର ସନ୍ଧ୍ୟାରେ ଚେନ୍ନାଇରୁ ସମୁଦ୍ରରେ ୪୨ ଜଣ ଶ୍ରମିକ ମାର୍କଣ୍ଡିରେ ପହଞ୍ଚିଛନ୍ତି। ଏମାନଙ୍କ ମଧ୍ୟରେ ମାର୍କଣ୍ଡି ଅଞ୍ଚଳର ୩୩ ଜଣ ଥିବା ବେଳେ ଗୋପାଳପୁରର ୩, ନୂଆଗାଁର ୫ ଓ ଗାରମପେଟାର ଜଣେ ଥିବା ଜଣାପଡିଛି। ଚେନ୍ନାଇରେ ଲକ୍‌ଡାଉନ୍ ଯୋଗୁ ଏମାନେ ଅଟକି ରହିଥିଲେ। ଖାଦ୍ୟାଭାବ ଦେଖାଦେବାରୁ ସେମାନେ ପରିବାର ଲୋକଙ୍କୁ ଜଣାଇଥିଲେ। ପରେ ପରିବାର ଲୋକେ ଟଙ୍କା ପଠାଇଥିଲେ। ପାଇବା ପରେ ସେଠାରେ ୧ ଲକ୍ଷ ୮୦ ହଜାର ଟଙ୍କା ଦେଇ ଏକ ବୋଟ୍ କିଣିଥିଲେ। ସେମାନେ ମେ ୬ରେ ଚେନ୍ନାଇରୁ ସମୁଦ୍ରରେ ୫ ଦିନରେ ୧୮୬୩ କି.ମି.ଯାତ୍ରା କରିବା ପରେ ସୋମବାର ସନ୍ଧ୍ୟାରେ ମାର୍କଣ୍ଡିରେ ପହଞ୍ଚିଛନ୍ତି। ପରେ ସମସ୍ତଙ୍କୁ ମାର୍କଣ୍ଡି ବାତ୍ୟାଆଶ୍ରୟସ୍ଥଳୀସ୍ଥିତ କ୍ୱାରାଣ୍ଟାଇନ୍ ସେଣ୍ଟରରେ ରଖାଯିବା ନେଇ ସରପଞ୍ଚ ଡାଳି ନାୟକ ସୂଚନା ଦେଇଛନ୍ତି।

# କ୍ୱାରାଣ୍ଟାଇନ୍ ଛାଡ଼ି ବାହାରେ ବୁଲୁଛନ୍ତି ପ୍ରବାସୀ

ପୁରୀ ଅଫିସ,୧୧ା୫

**ସହରଠୁ ଦୂରରେ କ୍ୱାରାଣ୍ଟାଇନ୍ ସେଣ୍ଟର କରିବାକୁ ଦାବି**

ମହାମାରୀ କରୋନା ରାଜ୍ୟରେ ଭୟଙ୍କର ରୂପ ଧାରଣ କଲାଣି। ଇତିମଧ୍ୟରେ ଆକ୍ରାନ୍ତଙ୍କ ସଂଖ୍ୟା ୪୦୦ ଟପିଗଲାଣି। ଦିନକୁ ଦିନ ଆକ୍ରାନ୍ତଙ୍କ ସଂଖ୍ୟା ବଢିଚାଲିଛି। ସଂକ୍ରମଣକୁ ରୋକିବା ପାଇଁ ରାଜ୍ୟ ସରକାର ବିଭିନ୍ନ ପଦକ୍ଷେପ ନେଉଛନ୍ତି। ରାଜ୍ୟକୁ ଏବେ ପ୍ରବାସୀ ଓଡ଼ିଆଙ୍କ ଆଗମନ ଜୋର୍ ଧରିଥିବାବେଳେ ସରକାର କେତେକ ଗାଇଡ୍ ଲାଇନ ପ୍ରସ୍ତୁତ କରିଛନ୍ତି। ଏହାକୁ ସମସ୍ତେ ମାନିବା ପାଇଁ ନିର୍ଦ୍ଦେଶ ରହିଛି। ହେଲେ କେତେଜଣ ପ୍ରବାସୀ ଗାଇଡ୍‌ଲାଇନକୁ ଆଦୌ ମାନୁନାହାନ୍ତି। ସେମାନେ କ୍ୱାରାଣ୍ଟାଇନରେ ରହୁଥିଲେ ମଧ ଅଧିକାଂଶ ସମୟ ବାହାରେ ବୁଲୁଛନ୍ତି। ସେମାନଙ୍କ ପାଇଁ ସଂକ୍ରମଣ ବଢ଼ିପାରେ ବୋଲି ପୁରୀ ସହରବାସୀ ଆଶଙ୍କା କରି ଭୟଭୀତ ହୋଇପଡ଼ିଛନ୍ତି। ତେଣୁ ସହର ବାହାରେ କ୍ୱାରାଣ୍ଟାଇନ ସେଣ୍ଟର କରିବା ଲାଗି ଦାବି କରିଛନ୍ତି। ଅନ୍ୟପକ୍ଷେ ପ୍ରବାସୀ ବାହାରେ ବୁଲିବା ଘଟଣାକୁ ସେଣ୍ଟରର ନୋଡାଲ ଅଫିସର ଅସ୍ୱୀକାର କରିଛନ୍ତି।

ଦୀର୍ଘ ୩୭ ଦିନ ପରେ ରବିବାର ପୁରୀ ସହରରେ ୨ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏ ନେଇ ସହରବାସୀଙ୍କ ମଧ୍ୟରେ ଏକପ୍ରକାର ଆତଙ୍କ ଖେଳିଯାଇଛି। ରାଜ୍ୟ ବାହାରୁ ଆସୁଥିବା ପ୍ରବାସୀଙ୍କ ପାଇଁ ବି ଅନେକେ ଚିନ୍ତାରେ ପଡ଼ିଛନ୍ତି। ପ୍ରବାସୀମାନଙ୍କ ଲାଗି ପ୍ରଶାସନ ପକ୍ଷରୁ କ୍ୱାରାଣ୍ଟାଇନ ସେଣ୍ଟର କରାଯାଇଛି। କିନ୍ତୁ ସେମାନଙ୍କ ମଧ୍ୟରୁ କେତେଜଣ କ୍ୱାରାଣ୍ଟାଇନ ସେଣ୍ଟର ବାହାରକୁ ଆସି ଦୋକାନ ବଜାରରେ ବୁଲୁଥିବା ଶୁଣିବାକୁ ମିଳିଛି। ପ୍ରଶାସନ ପକ୍ଷରୁ ମୋଚିସାହି କଲ୍ୟାଣମଣ୍ଡପରେ କ୍ୱାରାଣ୍ଟାଇନ ସେଣ୍ଟର ହୋଇଛି। ଏଠାରେ ପ୍ରାୟ ୧୦୦ ଜଣଙ୍କ ରହିବା ଲାଗି ବ୍ୟବସ୍ଥା କରାଯାଇଛି। ବର୍ତ୍ତମାନ ସୁଦ୍ଧା ଏଠାରେ ୩୬ଜଣ ସଙ୍ଗରୋଧ ଭାବେ ରହୁଛନ୍ତି। ତେବେ ଏମାନଙ୍କ ମଧ୍ୟରୁ କେତେଜଣ ମୋଚିସାହି ବଜାରରେ ବୁଲୁଥିବା ଦୋଳମଣ୍ଡପ ସାହିବାସିନ୍ଦା ଆଡଭୋକେଟ ଜ୍ୟୋତିପ୍ରକାଶ ମିଶ୍ର ଅଭିଯୋଗ କରିଛନ୍ତି। ତେଣୁ ଏ ଦିଗରେ ପ୍ରଶାସନ ଦୃଷ୍ଟି ଦେବାକୁ ସେ ମତ ରଖିଛନ୍ତି। କେବଳ ଜ୍ୟୋତି ପ୍ରକାଶ ନୁହଁନ୍ତି ପିସିସି ମୁଖପାତ୍ର ବିନାୟକ ଦାସମହାପାତ୍ର ମଧ୍ୟ ସମାନ ଅଭିଯୋଗ କରିଛନ୍ତି। ସହର ଭିତରେ କ୍ୱାରାଣ୍ଟାଇନ ସେଣ୍ଟର ନ କରି ସହର ବାହାରେ ଏହା କରିବା ଉଚିତ୍ ହୋଇଥାନ୍ତା ବୋଲି ସେମାନେ କହିଛନ୍ତି। ତେବେ ଏଭଳି ଅଭିଯୋଗ ସଂକ୍ରାନ୍ତରେ ଏହି ସେଣ୍ଟରର ନୋଡାଲ ଅଫିସର ଇଞ୍ଜିନିୟର ପ୍ରମୋଦ କୁମାର ଭୋଇଙ୍କୁ ପଚାରିବାରେ ସେ ଏହାକୁ ଅସ୍ୱୀକାର କରିଥିଲେ। ସେଣ୍ଟର ପଛପଟେ ଉଚ୍ଚ ପାଚେରି ଥିବାବେଳେ ସମ୍ମୁଖ ଭାଗ ଗେଟ୍‌ରେ ତାଲା ପଡୁଛି। ଏଠାରେ ସୁରକ୍ଷା କର୍ମୀ ଜଗି ରହୁଛନ୍ତି। ତେଣୁ କେହି ବାହାରକୁ ଯିବାର ସୁଯୋଗ ନାହିଁ ବୋଲି ଭୋଇ କହିଛନ୍ତି।


**ଏସ୍.ଇ. ରେଳପଥ ଟେଣ୍ଡର**

ଇ-ଟେଣ୍ଡର ବିଜ୍ଞପ୍ତି ନଂ.: ଇଏଲ୍-ସିଓଏନ୍-କେଜିପି-ରାଣିତାଲ-୨୦-୦୮, ତାରିଖ: ୦୮ା୦୫ା୨୦୨୦। ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ଡିଭିଜନାଲ ଇଲେକ୍ଟ୍ରିକାଲ ଇଞ୍ଜିନିୟର (ସିଓଏନ୍)/ଖଡ଼ଗପୁର, ଦକ୍ଷିଣ ପୂର୍ବ ରେଳପଥଙ୍କ ଦ୍ୱାରା ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ଆମନ୍ତ୍ରଣ କରାଯାଉଛି। ଟେଣ୍ଡର ୱେବ୍‌ସାଇଟ୍ www.ireps.gov.in ରେ ଅପ୍‌ଲୋଡ୍ ହୋଇଛି। ଇ-ଟେଣ୍ଡର ଧାର୍ଯ୍ୟ ତାରିଖ ଅର୍ଥାତ୍ ତା୦୮ା୦୬ା୨୦୨୦ରିଖ ୧୨.୦୦ ଘଟିକାରେ ବନ୍ଦ ହେବ। **କାର୍ଯ୍ୟର ସଂକ୍ଷିପ୍ତ ବର୍ଣ୍ଣନା:** ଖଡ଼ଗପୁର ଡିଭିଜନରେ ନାରାୟଣଗଡ଼ ଓ ଭଦ୍ରକ ମଧ୍ୟରେ ୩ୟ ଲାଇନ୍ କାର୍ଯ୍ୟ ସଂକ୍ରାନ୍ତରେ ଆର୍‌ଏନ୍‌ଟିଏଲ୍ (ଇନ୍)ରୁ ଆର୍‌ଏନ୍‌ଟିଏଲ୍-ଜଙ୍କସନ୍ କ୍ୟାବିନ୍ (ଏକ୍ସ) ପର୍ଯ୍ୟନ୍ତ ଆର୍‌ସି ଓ ପିଏସ୍‌ଆଇ କାର୍ଯ୍ୟ ସମେତ ୨୫କେଭି ଓଏଚ୍‌ଇର ଯୋଗାଣ, ସ୍ଥାପନ, ପରୀକ୍ଷଣ ଓ କମିଶନିଂ (ପର୍ଯ୍ୟାୟ II) । **ଟେଣ୍ଡର ମୂଲ୍ୟ:** ₹୯,୦୪,୨୧,୦୩୮.୩୦। **ସମାପ୍ତି ଅବଧି:** ୧୨ (ବାର) ମାସ। **ଧାର୍ଯ୍ୟ ତାରିଖ:** ୦୮ା୦୬ା୨୦୨୦। ଆଗ୍ରହୀ ଟେଣ୍ଡରଦାତାମାନେ ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ/ବର୍ଣ୍ଣନା/ସ୍ୱତନ୍ତ୍ରତା ଏବଂ ନିଜର ବିଡ୍ ଅନ୍‌ଲାଇନ୍‌ରେ ଦାଖଲ କରିବା ପାଇଁ ୱେବ୍‌ସାଇଟ୍ www.ireps.gov.in[ଇ-ଟେଣ୍ଡର → କାର୍ଯ୍ୟ→ଟେଣ୍ଡର ଦେଖନ୍ତୁ→ସଂଗଠନ ଦ୍ୱାରା→ଆଇ ଆର୍ ଇଲେକ୍ଟ୍ରିକାଲ୍→ଦକ୍ଷିଣ ପୂର୍ବ ରେଳପଥ/ଡିୱାଇସିଇଇ-ସି-କେଜିପି-ଇଲେକ୍ଟ୍ରିକାଲ] ପରିଦର୍ଶନ କରିପାରନ୍ତି। ଏହି ସାମଗ୍ରୀଗୁଡ଼ିକ ପାଇଁ କୌଣସି କ୍ଷେତ୍ରରେ ମଧ ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ। ବି.ଦ୍ର.: ଅନ୍ୟ ସମସ୍ତ ଟେଣ୍ଡରରେ ଅଂଶଗ୍ରହଣ କରିବା ପାଇଁ ସମ୍ଭାବ୍ୟ ବିଡରମାନେ ନିୟମିତ ଭାବେ www.ireps.gov.in ପରିଦର୍ଶନ କରିପାରନ୍ତି। PR-29



**ପୂର୍ବ ତଟ ରେଳପଥ**

**ଭଡ଼ା ସୂତ୍ରରେ ଗାଡ଼ି**

ଫାଇଲ୍ ନଂ.DRM/Engg/KUR/20-21/E-Tender/04,ତା.08.05.2020ରିଖ

ଟେଣ୍ଡର ବିଜ୍ଞପ୍ତି ସଂ.e-Tender-EastKUR-35-2020,ତା.29.04.2020ରିଖ

**ବିବରଣୀ :** ଖୋର୍ଦ୍ଧା ରୋଡ଼ ମଣ୍ଡଳର ସହାୟକ ମଣ୍ଡଳ ଯନ୍ତ୍ରୀ-I/କଟକ ନିମନ୍ତେ 01 ଗୋଟି ହାଲୁକା ମୋଟର ଗାଡ଼ି (ଟାଟା ସୁମୋ/ବୋଲେରୋ କିମ୍ବା ଅନୁରୂପ ଗାଡ଼ି) ଭଡ଼ା ସୂତ୍ରରେ ନେବା ପାଇଁ ପ୍ରସ୍ତାବ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ:** 06.13 ଲକ୍ଷ, EMD : 12,300/-, ଟେଣ୍ଡର ଫର୍ମର ମୂଲ୍ୟ : 2,360/-, ଶେଷ ହେବା ଅବଧି : 15 ମାସ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.27.05.2020 ରିଖ 1500 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10(ଦଶ) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ମଣ୍ଡଳ ରେଳ ପ୍ରବନ୍ଧକ(ଇଂଜିନିୟରିଙ୍ଗ), ଖୋର୍ଦ୍ଧା ରୋଡ଼

PR-30/L/20-21



**ଟାଟା ପାୱାର**

**ଦି ଟାଟା ପାୱାର କମ୍ପାନୀ ଲିମିଟେଡ୍**

(କର୍ପୋରେଟ୍ କଣ୍ଟ୍ରାକ୍ଟସ ଡିପାର୍ଟମେଣ୍ଟ)

ଦି ଟାଟା ପାୱାର କମ୍ପାନୀ ଲିମିଟେଡ୍, ୨ୟ ମହଲା, ସହର ରିସିଭିଂ ଷ୍ଟେସନ ସହର ଏୟାରପୋର୍ଟ ରୋଡ୍, ଅନ୍ଧେରୀ ଇଷ୍ଟ, ମୁମ୍ବାଇ – ୪୦୦୦୫୯

CIN: L28920MH1919PLC000567

**ଟେଣ୍ଡର ଆମନ୍ତ୍ରଣ ବିଜ୍ଞପ୍ତି**

ଦି ଟାଟା ପାୱାର କମ୍ପାନୀ ଲିମିଟେଡ୍ ଯୋଗ୍ୟ ଭେଣ୍ଡରଙ୍କଠାରୁ ଓଡ଼ିଶାରେ ଟାଟା ପାୱାର ଡିଷ୍ଟ୍ରିବ୍ୟୁସନ ପାଇଁ ନିମ୍ନଲିଖିତ ପ୍ୟାକେଜ୍ କରାଯିବା ନିମନ୍ତେ ଟେଣ୍ଡର (୨ ପାର୍ଟ ବିଡ଼ିଂ) ଆମନ୍ତ୍ରଣ କରୁଛି।

| ଟେଣ୍ଡର ଅନୁସନ୍ଧାନ ନଂ. | କାର୍ଯ୍ୟ ବିବରଣୀ | ଆକଳିତ ମୂଲ୍ୟ/ଇଏମ୍‌ଡି | ଟେଣ୍ଡର ଅଂଶଗ୍ରହଣ ଫି (ଟ.) | ଟେଣ୍ଡର ଅଂଶଗ୍ରହଣ ଫି ପ୍ରଦାନ କରିବାର ଶେଷ ତାରିଖ, ସମୟ |
|---|---|---|---|---|
| ଟିପିସି/ଇଏନ୍‌ଜିଜି/ଇଏନ୍‌କ୍ୟୁ/୦୧୩/୨୦-୨୧ | ଏସଆଇଟିସି ପାଇଁ ରେଟ କଣ୍ଟ୍ରାକ୍ଟ ଓ ଏମ୍‌ପିଏଲ୍‌ଏସ୍ ଭିପିଏନ ଲିଙ୍କର ପରିଚାଳନା | ୦.୪୯ କୋଟି/ ୧.୨୫ ଲକ୍ଷ | ଟ.୫୦୦୦ | ୨୬ା୦୫ା୨୦୨୦, ୧୫୦୦ଘ. |
| ଟିପିସି/ଇଏନ୍‌ଜିଜି/ଇଏନ୍‌କ୍ୟୁ/୦୧୪/୨୦-୨୧ | ଏସ୍‌ଏଏନ୍ ସୁଇଚ୍ ଓ ଷ୍ଟୋରେଜର ଯୋଗାଣ | ୨.୪୨ କୋଟି/ ୫.୬୫ ଲକ୍ଷ | ଟ.୫୦୦୦ | ୨୬ା୦୫ା୨୦୨୦, ୧୫୦୦ଘ. |
| ଟିପିସି/ଇଏନ୍‌ଜିଜି/ଇଏନ୍‌କ୍ୟୁ/୦୧୫/୨୦-୨୧ | ମିଟର ରିଡିଂ କମ୍ ସ୍ପଟ୍ ବିଲିଂ/ବିଲ୍ ବିତରଣ ପାଇଁ ରେଟ୍ କଣ୍ଟ୍ରାକ୍ଟ | ୨୦.୭୧ କୋଟି/ ୫.୧୧ ଲକ୍ଷ | ଟ.୫୦୦୦ | ୨୬ା୦୫ା୨୦୨୦, ୧୫୦୦ଘ. |
| ଟିପିସି/ଇଏନ୍‌ଜିଜି/ଇଏନ୍‌କ୍ୟୁ/୦୧୬/୨୦-୨୧ | ୨ ବର୍ଷ ଅବଧି ପାଇଁ ଏଲ୍‌ଟି ଓ ଏଚଟି ନେଟ୍‌ୱର୍କର ରକ୍ଷଣାବେକ୍ଷଣ | ୧୮୭.୧ କୋଟି/ ୨୪.୮୨ ଲକ୍ଷ | ଟ.୫୦୦୦ | ୨୬ା୦୫ା୨୦୨୦, ୧୫୦୦ଘ. |

ସବିଶେଷ ଟେଣ୍ଡର ପାଇଁ, ଦୟାକରି https://www.tatapower.com ୱେବ୍‌ସାଇଟ୍‌ରେ ଟେଣ୍ଡର ସେକ୍ସନକୁ ପରିଦର୍ଶନ କରନ୍ତୁ। ଆଗ୍ରହୀ ବିଡରମାନେ ଉପରୋକ୍ତ ପ୍ରକାରେ ଶେଷ ତାରିଖ ଓ ସମୟ ପୂର୍ବରୁ ଟେଣ୍ଡର ଅଂଶଗ୍ରହଣ ଫି ଓ ପ୍ରାଧିକରଣ ପତ୍ର ଦାଖଲ କରିବାକୁ ହେବ, ଯାହା ପରେ ଟାଟା ପାୱାର ଇ-ଟେଣ୍ଡର ସିଷ୍ଟମରୁ ଲିଙ୍କକୁ ପୁନଶ୍ଚ ଯୋଗାଯୋଗ ଓ ବିଡ୍ ଦାଖଲ କରିବା ପାଇଁ ଶେୟାର କରାଯିବ। ଦୟାକରି ଧ୍ୟାନ ଦିଆଯିବା ଆବଶ୍ୟକ ଯେ ଟେଣ୍ଡର, ବିଡ୍ ଦାଖଲ, ବିଡ୍ ଦାଖଲ ତାରିଖ ସମ୍ପ୍ରସାରଣ ଇତ୍ୟାଦି ସମ୍ପର୍କିତ ଯୋଗାଯୋଗ କେବଳ ଟାଟା ପାୱାର ଇ-ଟେଣ୍ଡର ସିଷ୍ଟମ ଜରିଆରେ କରାଯିବ। ଆଉ ମଧ ପ୍ରଯୁଜ୍ୟ ଟେଣ୍ଡର ସମ୍ପର୍କିତ ସମସ୍ତ ଭବିଷ୍ୟତର ସଂଶୋଧନ ଯଦି କିଛି ଥାଏ ତାହାକୁ ୱେବ୍‌ସାଇଟ୍ https://www.tatapower.comର ଟେଣ୍ଡର ସେକ୍ସନ ଜରିଆରେ ସୂଚିତ କରାଯିବ।



**The Odisha Small Industries Corporation Ltd.**

( A Government of Odisha Undertaking) )

(An ISO:9001:2008 certified Govt.Company)

Industrial Estate, Madhupatna, CUTTACK – 753 010. Odisha.

Tel No. : 0671-2341204 ,2342816 Fax : 0671-2341875/2342561

e-mail: osicltd@gmail.com,osicmd@gmail.com, website: osicltd.in

**TENDER CALL NOTICE**

Ref No. 1521 /OSIC Dt. 11.05.2020

The Managing Director, OSIC Ltd., Cuttack invites tender from MSMEs duly empanelled with OSIC for execution of works as mentioned below. The bidding agency can bid for all or any no. of works described herein.

1) Supply and Installation of Road Divider Street Lighting from Salabani Chhak to Singida Nala under Gopalprasad GP of Talcher Block.

2) Execution of Solar energy based dual pump piped water supply system under GGY Scheme of BDO, Koira and BDO, Kutra.

| | |
|---|---|
| PERIOD OF AVAILABILITY OF TENDER DOCUMENT | 11.05.2020 to 25.05.2020 up to 4.00 PM |
| Last date of submission of tender | 26.05.2020 at 4.30 PM |
| DATE OF OPENING OF TENDER | 27.05.2020 at 3.00 PM (If the day is declared as holiday the tender will be opened in next working day) |
| Validity of Tender | 90 Calendar days from the last date of submission of tender |
| Tender BID Cost | Rs. 5000.00 |

The detailed tender call notice can be downloaded from the OSIC website www.osicltd.in . The tender for the work is to be dropped in the tender box kept in the office of the MD, OSIC Ltd, Cuttack or shall be received by Regd.Post/Speed Post/Courier within the schedule date and time. Authority reserves the right to accept or reject any or all tenders without assigning any reason thereof or the tendering process may be cancelled in Toto.

Any corrigendum/ changes/ modifications will appear in OSIC Ltd. website www.osicltd.in only.

**MANAGING DIRECTOR**

ଅତିମାନସ ଉପଲବ୍ଧି ହେଲା- ଯେଉଁ ସତ୍ୟ ଊର୍ଦ୍ଧ୍ୱ ଲୋକରୁ ଆସୁଛି- ତା'ସହିତ ନିମ୍ନଲୋକ ବା ଅଧୋଲୋକରୁ ଆସୁଥିବା ସତ୍ୟ ସହିତ ସଂପୂର୍ଣ୍ଣ ମିଳନର ଉପଲବ୍ଧି। -ଶ୍ରୀମା



# ସମାପ୍ତ ନା ସମ୍ପ୍ରସାରଣ

ଭାରତରେ ତୃତୀୟ ପର୍ଯ୍ୟାୟ ଲକ୍‌ଡାଉନ୍ ୧୭ ମେ'ରେ ସରିବାକୁ ଯାଉଛି। ଯଦି ଲକ୍‌ଡାଉନ୍ ୪.୦ କାର୍ଯ୍ୟକାରୀ ହୁଏ, ତେବେ ସଂକ୍ରମଣ ରୋକିବା ପାଇଁ ରେଳଗାଡ଼ି ବନ୍ଦ କରିଥିଲେ ତାହାର ଏକ ସକାରାତ୍ମକ ପ୍ରଭାବ ପଡ଼ିଥାଆନ୍ତା। ଉଲ୍ଲେଖଯୋଗ୍ୟ ଯେ, ୧୦ ମେ'ରେ ରେଳ ମନ୍ତ୍ରଣାଳୟ ପକ୍ଷରୁ ଘୋଷଣା କରାଯାଇଛି ୧୨ ମେ'ରୁ ଦେଶରେ ୧୫ ଯୋଡ଼ା ଟ୍ରେନ୍ ଚଳାଚଳ କରିବ। ଏଠାରେ ଓଡ଼ିଆରେ ଏକ ଢଗ ମନେପଡ଼େ-'ନଈ ନ ଦେଖୁଣୁ ଲଙ୍ଗଳା'। ସେହି ଦୃଷ୍ଟିରୁ ଦେଖିଲେ ଯେଉଁ କାର୍ଯ୍ୟକୁ ଅତିଶୀଘ୍ର କରିବାର ଥିଲା, ତାହା ହୋଇପାରିଲା ନାହିଁ। ଯଥା-ବିଦେଶରେ ରହୁଥିବା ପ୍ରବାସୀ ଭାରତୀୟଙ୍କୁ ଦେଶକୁ ଫେରାଇ ଅଣାଯାଇ ନ ଥାଆନ୍ତା। ଅନ୍ୟପଟେ ସଂକ୍ରମଣ ସମ୍ଭାଳିବା ଭଳି ପରିସ୍ଥିତିରେ ଥିବା ବେଳେ ପ୍ରବାସୀ ଶ୍ରମିକମାନଙ୍କୁ ନିଜ ନିଜ ଘରକୁ ଫେରିଯିବାର ସୁଯୋଗ ଦିଆଯାଇପାରିଥାଆନ୍ତା। କିନ୍ତୁ ତାହା କରାଗଲା ନାହିଁ। ଆଜି ଭାରତର ସ୍ଥିତିକୁ ଦେଖିଲେ ସମ୍ଭବତଃ ସମଗ୍ର ପୃଥିବୀରେ ଏହା ହେଉଛି ଏକମାତ୍ର ଦେଶ, ଯେଉଁଠାରେ ଏଭଳି ଅତ୍ୟଧିକ ମାତ୍ରାର ମଣିଷ ଦେଶର ଏମୁଣ୍ଡରୁ ସେମୁଣ୍ଡକୁ ଯିବାଆସିବା କରୁଛନ୍ତି। ତେବେ ଏ ଲକ୍‌ଡାଉନ୍‌ର ମାନେ କ'ଣ ? ସବୁବେଳେ ବାହୁସ୍ଫୋଟ ମାରିବା କିମ୍ବା ରାଜନୈତିକ ଫାଇଦା ଖୋଜିବା ଲୋକଙ୍କ ପାଇଁ ଓଡ଼ିଆରେ ଅନ୍ୟ ଏକ ଢଗ ଅଛି-'ଅତି ଚାଲାକରେ କୁଆ....ଖାଏ'। ଏବେ ଭାରତରେ ସେହିଭଳି ପରିସ୍ଥିତି ପରିଲକ୍ଷିତ ହେଉଛି। ଗୋଟିଏ ପଟେ କାରଖାନା ଚଳାଇବା ଲାଗି ନୂଆ ନିୟମାବଳୀ ଜାରି କରାଯାଇଥିବା ବେଳେ ସେପଟେ ଶ୍ରମିକଙ୍କୁ ନିଜ ଅଞ୍ଚଳକୁ ଫେରିଯିବା ଲାଗି ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଉଛି। କହିବାକୁ ଗଲେ ସରକାରଙ୍କ ନିଷ୍ପତ୍ତି ଉପରେ ଦ୍ୱନ୍ଦ୍ୱ ରାଜୁତି କରୁଛି।

ଭାରତୀୟ ସଂସଦୀୟ ବ୍ୟବସ୍ଥାକୁ ଦେଖିଲେ ପ୍ରଧାନମନ୍ତ୍ରୀ ହେଉଛନ୍ତି ସଂସଦର ଜଣେ ସଦସ୍ୟ। ସଂଖ୍ୟାଗରିଷ୍ଠ ସଦସ୍ୟମାନଙ୍କ ସମର୍ଥନ ପାଇ ସେ ପ୍ରଧାନମନ୍ତ୍ରୀ ହୋଇଥାଆନ୍ତି। ତେଣୁ କୌଣସି ନିଷ୍ପତ୍ତି ନିଆଯିବାରେ ସଂସଦ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବା କଥା। ଦେଖାଯାଉଛି, ହାତଗଣତି କ୍ୟାବିନେଟ ସଦସ୍ୟ ଓ ଅମଲାତନ୍ତ୍ରୀଙ୍କ ଦ୍ୱାରା ଦେଶ ଶାସିତ ହେଉଛି। ଲକ୍‌ଡାଉନ୍ କଥାକୁ ଆଲୋଚନା ପରିସରକୁ ନିଆଗଲେ, ପ୍ରତ୍ୟେକ ରାଜନୈତିକ ଦଳର ମତକୁ ଗୁରୁତ୍ୱ ଦିଆଯିବାର ଥିଲା। ଯେହେତୁ ଦେଶବ୍ୟାପୀ ତାଲାବନ୍ଦ କରାଯିବା ଲାଗି ପଦକ୍ଷେପ ନିଆଗଲା, ତାହାର ସାମାଜିକ ଓ ଅର୍ଥନୈତିକ ଦିଗ କ'ଣ ରହିବ, ସେ ନେଇ ସବୁ ଦଳର ନେତାଙ୍କ ମତ ବାରମ୍ବାର ନିଆଯିବା ଉଚିତ। ଅନୁରୂପ ଭାବେ ଗଣମାଧ୍ୟମ ପ୍ରତିନିଧି, ଶିକ୍ଷାବିତ୍, ଉଦ୍ୟୋଗୀ ଓ ସାମାଜିକ କର୍ମୀମାନଙ୍କୁ ବିଶ୍ୱାସକୁ ନିଆଯାଇ ସେମାନଙ୍କ ମତକୁ ପ୍ରାଧାନ୍ୟ ଦିଆଯାଇଥିଲେ, ଭିନ୍ନ ଏକ ପରିସ୍ଥିତି ସୃଷ୍ଟି ହୋଇପାରିଥାଆନ୍ତା। କିନ୍ତୁ ପ୍ରଧାନମନ୍ତ୍ରୀ କେବଳ ରାଜ୍ୟର ମୁଖ୍ୟମନ୍ତ୍ରୀମାନଙ୍କୁ ଭର୍ଚ୍ୟୁଆଲ ବୈଠକକୁ ଡାକି ସମଗ୍ର ଦେଶ ସକାଶେ ପଦକ୍ଷେପ ନେଉଛନ୍ତି। ଏଠାରେ ମଧ୍ୟ ରାଜ୍ୟର ମୁଖ୍ୟମନ୍ତ୍ରୀମାନେ ସବୁ ଦଳର ବିଧାୟକ, ବୁଦ୍ଧିଜୀବୀ ଓ ଅନ୍ୟ ପରାମର୍ଶଦାତାଙ୍କୁ ମତ ରଖିବାକୁ ସୁଯୋଗ ଦେଇଥିଲେ, ସେଥିରୁ ବାହାରିଥିବା ନିଷ୍କର୍ଷକୁ ଜାତୀୟ ସ୍ତରରେ ଉପସ୍ଥାପନ କରିପାରିଥାଆନ୍ତେ। ତା' ହେଲେ ଆଜି ଦେଶବ୍ୟାପୀ ଦେଖାଦେଇଥିବା ପ୍ରବାସୀ ଶ୍ରମିକ ଅଶାନ୍ତି ଓ ଆନ୍ତଃରାଜ୍ୟ କଜିଆ ଉପୁଜି ନ ଥାଆନ୍ତା। କେବଳ ପ୍ରଶାସନିକ ଅଧିକାରୀଙ୍କୁ ନେଇ ନିଆଯାଉଥିବା ନିଷ୍ପତ୍ତି ଫଳରେ ସବୁ କିଛି ବିଗିଡ଼ି ଯାଉଛି।

ଦେଶର ଭବିଷ୍ୟତ ନିର୍ଣ୍ଣୟ କରିବାର ଅଧିକାର ହାତଗଣତିଙ୍କ ମଧ୍ୟରେ ସୀମିତ ରହିଯାଉଥିବାରୁ ସମସ୍ୟା ବ୍ୟାପକ ହୋଇଗଲା ବେଳକୁ ବୁଦ୍ଧିଶୂନ୍ୟ ହୋଇଯାଉଛି। ଜନସଂଖ୍ୟା, ଭୌଗୋଳିକ ସ୍ଥିତି, ସାମାଜିକ ଓ ଅର୍ଥନୈତିକ ଆବଶ୍ୟକତା ଆଦି ଅନେକ ମୌଳିକ ଉପାଦାନ ରହିଛି, ଯାହାକୁ ତର୍ଜମା କରାଯାଇ ନିଷ୍ପତ୍ତି ନିଆଯିବା ଏକ ଗଣତାନ୍ତ୍ରିକ ଦେଶ ପାଇଁ ମଙ୍ଗଳଦାୟକ ହୋଇଥାଏ। ସମସ୍ତେ ଜାଣନ୍ତି କରୋନା ଭଳି ମହାମାରୀ ମଣିଷର ଜୀବନ ପ୍ରତି ବିପଦ ଆଣିଛି। ଏହା ମଧ୍ୟ ସତ୍ୟ ଯେ ଦୀର୍ଘଦିନ ଅର୍ଥନୈତିକ କାର୍ଯ୍ୟକଳାପକୁ ବାତିଲ କରିଦିଆଯାଇ ବ୍ୟବସ୍ଥାକୁ ସ୍ଥାଣୁ କରିଦିଆଗଲେ, ସମଗ୍ର ଜାତି ଉପରେ ଆର୍ଥିକ ସଙ୍କଟ ପଡ଼ିବା ଥୟ। ଆଜି ସେୟା ହିଁ ଘଟିଛି। ଯଦି ଲକ୍‌ଡାଉନ୍ ପୂର୍ବରୁ ଟ୍ରେନ୍ ଓ ବସ୍ ଯୋଗେ ଶ୍ରମିକମାନଙ୍କୁ ସେମାନଙ୍କ ଅଞ୍ଚଳକୁ ଫେରିଯିବା ଲାଗି ସୁଯୋଗ ଦିଆଯାଇଥାଆନ୍ତି, ତାହା ହେଲେ ଆଜି ସଂକ୍ରମଣ ସ୍ତର ବୃଦ୍ଧି ପାଉଥିବା ବେଳେ ଭିଡ଼ରେ ଦେହକୁ ଦେହ ଲଗାଲଗି ହୋଇ ସେମାନଙ୍କୁ ଯିବାକୁ ପଡ଼ି ନ ଥାନ୍ତା। ଭୂତାଣୁ ଗୋଷ୍ଠୀ ସଂକ୍ରମଣ ଆଡ଼କୁ ମୁହାଁଇଥିବା ବେଳେ ଲକ୍‌ଡାଉନ୍ ସମାପ୍ତ ନା ସମ୍ପ୍ରସାରଣ କରାଯିବ, ସେଥିମଧ୍ୟରୁ କେଉଁଠିକୁ ବଛାଯିବା ଉଚିତ ସେହି ଦୁଇ ନାବରେ ସମସ୍ତେ ଗୋଡ଼ ଦେଇଛେ।

# ପ୍ରଧାନମନ୍ତ୍ରୀ ମୋଦି-ବିଶ୍ୱନେତା



ଜଗତ ପ୍ରକାଶ ନଡ୍ଡା

ଗଭୀର ସଙ୍କଟ ଦେଇ ଗତି କରୁଥିବା ଦେଶକୁ ନେତୃତ୍ୱ ଦେବା, ନୂଆ ଆଦର୍ଶର ରାସ୍ତା ଦେଖାଇବା ତଥା ବିଶ୍ୱରେ ଭାରତକୁ ପ୍ରତିଷ୍ଠିତ କରିପାରୁଥିବା ରାଜନେତା କ୍ୱଚିତ ଜନ୍ମ ନେବା ଦେଖାଯାଆନ୍ତି। ଏକ ଗରିବ ପରିବାରରେ ଜନ୍ମ ହୋଇ ଦେଶର ପ୍ରଧାନମନ୍ତ୍ରୀ ପଦ ଅଳଙ୍କୃତ କରିବା, ବିପର୍ଯ୍ୟୟକୁ ଜଣେ ଯୋଦ୍ଧା ଭାବେ ସାମ୍ନା କରି ଦେଶକୁ ରକ୍ଷା କରିବା ସହିତ ବିଶ୍ୱ ସ୍ତରରେ ରାଷ୍ଟ୍ରକୁ ଅଗ୍ରଣୀ କରିବାରେ ଯେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି, ସେହି ବ୍ୟକ୍ତି ଆଉ କେହି ନୁହନ୍ତି, ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି।

ଏବେ କୋଭିଡ୍-୧୯ ମହାମାରୀ ସମୟରେ ଭାରତ ତାହାକୁ ସଫଳତାର ସହ କିପରି ପରିଚାଳନା କରୁଛି, ତାହା ବିଶ୍ୱକୁ ଦେଖାଇ ଦେବାକୁ ସକ୍ଷମ। ଏହାର ସବୁ ଶ୍ରେୟ ଯିବ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱକୁ, ଯିଏ ଠିକ୍ ସମୟରେ ଦେଶରେ ଲକ୍‌ଡାଉନ୍ ଲାଗୁ କରିଛନ୍ତି। କେବଳ ଏତିକି ନୁହେଁ, ସେ ମଧ୍ୟ ସାମାଜିକ ଦୂରତ୍ୱକୁ ନିଶ୍ଚିତ କରିବା ସହ ପ୍ରତ୍ୟେକଙ୍କ ପାଇଁ କରୋନା ଯୋଦ୍ଧା ମନ୍ତ୍ରକୁ ଗ୍ରହଣ କରାଇପାରିଛନ୍ତି। ପ୍ରଧାନମନ୍ତ୍ରୀଙ୍କର ଦୂରଦୃଷ୍ଟି, କଠୋର ଓ ସମୟୋପଯୋଗୀ ନିଷ୍ପତ୍ତି, ସୁବିଚାର ଓ ସାମଗ୍ରିକ ଦୃଷ୍ଟିକୋଣ ଯୋଗୁ ୧୩୦ କୋଟି ଭାରତୀୟ କରୋନା ଭାଇରସ୍ ସଂକ୍ରମଣରେ ସେଭଳି ଗୁରୁତର ଭାବେ ପୀଡ଼ିତ ହୋଇନାହାନ୍ତି। ଏହି କରୋନା ଭୂତାଣୁ ବିରୋଧୀ ଯୁଦ୍ଧରେ ଅନ୍ତର୍ଜାତୀୟ ସ୍ତରରେ ଭାରତର ନେତୃତ୍ୱ ଓ ରଣନୀତିକୁ ପ୍ରଶଂସା କରାଯାଇଛି ଏବଂ ବିଶ୍ୱ ଭାରତର ପଥ ଅନୁକରଣ କରିବାକୁ ଚାହିଁ ବସିଛି। ପ୍ରଧାନମନ୍ତ୍ରୀଙ୍କ ତ୍ୱରିତ ନିଷ୍ପତ୍ତି ସିଦ୍ଧ କରୁଛି ଯେ, ଭାରତ ଏ ଦିଗରେ ଯେଉଁ ପଦକ୍ଷେପ ନେଇଛି, ସେଥିରେ ବିଳମ୍ବ ହୋଇଛି ବୋଲି କହିପାରିବା ନାହିଁ, ବରଂ ସବୁ ଆହ୍ୱାନକୁ ଗ୍ରହଣ କରିନେଇଛି। ଏପ୍ରିଲ ପ୍ରାରମ୍ଭରେ ଭାରତ ପିପିଇ କିଟ୍ ଓ ଏନ୍-୯୫ ମାସ୍କ ଲାଗି ଅନ୍ୟ ଦେଶ ଉପରେ ନିର୍ଭରଶୀଳ ଥିଲା। ମାତ୍ର ଆଜି ଏହା ଆମେ ପ୍ରସ୍ତୁତ କରିବାରେ ସକ୍ଷମ। ଏଇ କିଛି ସପ୍ତାହ ହେବ ପ୍ରତିଦିନ ଆମେ ୨.୫ ଲକ୍ଷରୁ ଊର୍ଦ୍ଧ୍ୱ ପିପିଇ କିଟ୍ ଓ ୨ ଲକ୍ଷରୁ ଊର୍ଦ୍ଧ୍ୱ ଏନ-୯୫ ମାସ୍କ ତିଆରି କରିପାରୁଛୁ। ଆମ ପାଖରେ ଭେଣ୍ଟିଲେଟରର ଅଭାବ ନାହିଁ। ୫ ଲକ୍ଷରୁ ଅଧିକ ଆଇସୋଲେଶନ ବେଡ୍ ଏବଂ ପର୍ଯ୍ୟାପ୍ତ ଆଇସିୟୁ ବେଡ୍ ଯେକୌଣସି ଜରୁରିକାଳୀନ ପରିସ୍ଥିତିରେ ମୁକାବିଲା କରିବାକୁ ଯଥେଷ୍ଟ। ଦେଶସାରା ଭାରତୀୟ ରେଳପଥର ୫,୨୩୧ଟି ଡବାକୁ କୋଭିଡ୍ କେୟାର ସେଣ୍ଟର ଭାବେ ପ୍ରସ୍ତୁତ କରାଯାଇଛି। ସଙ୍କଟର ମୁକାବିଲା ପାଇଁ ଏତେ କମ୍ ସମୟରେ ଏଭଳି ପ୍ରସ୍ତୁତି ଭାରତର ସ୍ୱାସ୍ଥ୍ୟ ଭିତ୍ତିଭୂମିର ଉନ୍ନତି ସୁନିଶ୍ଚିତ କରିବାରେ ପ୍ରଧାନମନ୍ତ୍ରୀଙ୍କ ପ୍ରତିବଦ୍ଧତାକୁ ପ୍ରମାଣିତ କରୁଛି।

ଭାରତ ଏକ ବିକାଶଶୀଳ ଦେଶ। ବିବିଧତା ଏହାର ପରିଚୟ। ଆମ ଭଳି ଏକ ବିଶାଳ ଦେଶରେ ଟ୍ରାକିଂ, ଟେଷ୍ଟିଂ ଏବଂ ରିଲିଫ୍ ଲାଗି ପଦକ୍ଷେପ ନେବାରେ ବହୁ ସମସ୍ୟା ରହିଛି। କିନ୍ତୁ ପ୍ରଧାନମନ୍ତ୍ରୀ ମୋଦିଙ୍କ ସାହସିକ ପଦକ୍ଷେପ ଓ କୌଶଳ ଏହି ସ୍ଥିତିକୁ ନିୟନ୍ତ୍ରଣ କରିବା ଲକ୍ଷ୍ୟ କରାଯାଉଛି। ଫଳସ୍ୱରୂପ ମାର୍ଚ୍ଚ ଶେଷସୁଦ୍ଧା ପର୍ଯ୍ୟାପ୍ତ ଟେଷ୍ଟିଂ ନ ଥିବାରୁ ଚିନ୍ତାପ୍ରକଟ କରାଯାଇଥିଲା । କିନ୍ତୁ ଗତ କିଛି ଦିନ ମଧ୍ୟରେ ୧ ଲକ୍ଷ ୬୦ ହଜାରରୁ ଅଧିକ ଟେଷ୍ଟ କରାଯାଇ ଅଦ୍ୟାବଧି ମୋଟ ଟେଷ୍ଟ ସଂଖ୍ୟା ୧୫ ଲକ୍ଷରୁ ଅଧିକ ହୋଇଛି। ଏହି ସମୟରେ ଭାରତ ମଧ୍ୟ କରୋନା ମୃତ୍ୟୁ ହାର ନିୟନ୍ତ୍ରଣ କରିବାକୁ ସକ୍ଷମ ହୋଇପାରିଛି। ଏହି ପରିପ୍ରେକ୍ଷୀରେ ଦକ୍ଷିଣ କୋରିଆ, ଚାଇନା, ରୁଷିଆ ଏବଂ ଆମେରିକା ସମେତ ଅନ୍ୟ ଦେଶଗୁଡ଼ିକ ମଧ୍ୟରେ ଭାରତ ଅଧିକ ସଫଳତା ହାସଲ କରିଛି ବୋଲି ଜନ୍ ହପକିନ୍ସ ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରକାଶିତ ତଥ୍ୟରୁ ଜଣାପଡିଛି। ଦେଶର ୮ଟି ଉତ୍ତର-ପୂର୍ବ ରାଜ୍ୟ ମଧ୍ୟରୁ ୬ଟି ରାଜ୍ୟ କରୋନା ଭାଇରସ ମୁକ୍ତ ରହିଛି। ଅନେକ ରାଜ୍ୟରେ କୌଣସି ପଜିଟିଭ କେସ୍ ସାମ୍ନାକୁ ଆସିନାହିଁ। ଗୋଆ ବି କୋଭିଡ୍‌ମୁକ୍ତ । ଆରୋଗ୍ୟ ହାର ଲଗାତର ପରିସ୍ଥିତିର ଉନ୍ନତିକୁ ସୂଚାଉଛି। ଏବେ ଏହା ୩୧ ପ୍ରତିଶତକୁ ଟପିଯାଇଛି। ଏଥିରୁ ପ୍ରତୀୟମାନ ହେଉଛି ଯେ, ଆମେ ଠିକ୍ ଦିଗରେ ଅଗ୍ରସର ହେଉଛେ। ପ୍ରଧାନମନ୍ତ୍ରୀ ଶୀଘ୍ର ଲକ୍‌ଡାଉନ ଲାଗୁ କରି ନ ଥିଲେ, କରୋନା ସଂକ୍ରମିତଙ୍କ ସଂଖ୍ୟା ଭୟଙ୍କର ଭାବେ ବଢ଼ିଯାଇଥାଆନ୍ତା ବୋଲି ଅନେକ ଅନୁଧ୍ୟାନରୁ ସ୍ପଷ୍ଟ ହୋଇଛି। ଭାରତୀୟମାନେ ବି ପ୍ରଧାନମନ୍ତ୍ରୀଙ୍କ ଲକ୍‌ଡାଉନ ଘୋଷଣାକୁ ସହୃଦୟେ ଗ୍ରହଣ କରିଛନ୍ତି। ଗୁଗଲ ଡେଟା ଅନାଲିସିସ୍ ପ୍ରମାଣ କରିଛି ଯେ, ଅନ୍ୟ ଦେଶରେ ଲାଗୁ କରାଯାଇଥିବା ଲକ୍‌ଡାଉନ ଅପେକ୍ଷା ସଂଖ୍ୟାଧିକ ଭାରତୀୟ ଲକ୍‌ଡାଉନ କଟକଣାକୁ ପାଳନ କରିଛନ୍ତି। ଆମେରିକା, ସ୍ପେନ୍ ଓ ଇଟାଲୀଠାରୁ ଭାରତର ସ୍ଥିତି ଭଲ ରହିଛି। ବିଶେଷଜ୍ଞଙ୍କ ମତରେ, ଲକ୍‌ଡାଉନ ନିୟମକୁ କଠୋର ଭାବେ ଅନୁପାଳନ କରାଯିବା ଦ୍ୱାରା ସଂକ୍ରମିତ ସଂଖ୍ୟାକୁ ନିୟନ୍ତ୍ରଣ କରାଯାଇପାରିଛି। ବିବିଧ ମତ ଓ ଜାତିର ପରିଚୟ ନେଇ ରହିଥିବା ଏହି ବିଶାଳ ଦେଶରେ ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱ ଓ ତାଙ୍କ ଉପରେ ଥିବା ଲୋକଙ୍କ ବିଶ୍ୱାସ ଯୋଗୁ ଏହା କେବଳ ସମ୍ଭବ ହୋଇଛି।

ଏହି ଭୟଙ୍କର ଭାଇରସ୍‌ର ମୁକାବିଲା କରିବା ଲାଗି ପ୍ରଧାନମନ୍ତ୍ରୀ ମୋଦି ଦିନକୁ ନିରବଚ୍ଛିନ୍ନ ୧୭ରୁ ୧୮ ଘଣ୍ଟା କାମ କରୁଛନ୍ତି। କ୍ୟାବିନେଟ ମନ୍ତ୍ରୀ ଓ ୧୧ ଜଣିଆ ବିଶେଷଜ୍ଞଙ୍କୁ ନେଇ ଗଠିତ କୋର୍ କମିଟି ସହ ଭିଡିଓ କନ୍‌ଫରେନ୍ସରେ କଥା ହେଉଛନ୍ତି। ଏକ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ନେଇ କମିଟି ମଧ୍ୟ ଦିନରାତି କାମରେ ଲାଗିଛି। ଏହି ମହାମାରୀ ବିରୋଧରେ ଲଢ଼େଇ କରିବା ପାଇଁ ପ୍ରଧାନମନ୍ତ୍ରୀ ଦେଶର ସରକାରୀ ଓ ବେସରକାରୀ ଅନୁଷ୍ଠାନ, ଅର୍ନ୍ତଜାତୀୟ ସାମାଜିକ ଅନୁଷ୍ଠାନଗୁଡ଼ିକୁ ଏକାଠି କରି ସମାଜର ପ୍ରତ୍ୟେକ ସ୍ତରରେ ଯେଭଳି ସଚେତନତା ଆଣୁଛନ୍ତି, ତାହା ବାସ୍ତବରେ ପ୍ରଶଂସନୀୟ। ପିଏମ୍- କେୟାର୍ସ ଫଣ୍ଡ ଏହି ଲଢ଼େଇରେ ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ତଥା ଉପଯୋଗୀ ଅସ୍ତ୍ର ଭାବେ ସାବ୍ୟସ୍ତ ହୋଇଛି। ଗରିବ ଏବଂ ଅସହାୟମାନଙ୍କୁ ଖାଦ୍ୟ ଓ ଆଶ୍ରୟ ହେବା ଲାଗି ପ୍ରଧାନମନ୍ତ୍ରୀଙ୍କ ନିବେଦନକୁ ସରକାରୀ, ବେସରକାରୀ ଓ ଏନଜିଓଗୁଡ଼ିକ ଗ୍ରହଣ କରିଛନ୍ତି। କରୋନା ଭାଇରସ୍ ବିରୋଧରେ ଲଢ଼େଇ କରିବା ପାଇଁ ଗରିବମାନଙ୍କ ନିମନ୍ତେ ପ୍ରଧାନମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ସରକାର ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଯୋଜନାରେ ୧.୭୦ ଲକ୍ଷ କୋଟି ଟଙ୍କା ସହାୟତା ରାଶି ଘୋଷଣା କରିଛନ୍ତି। ସରକାର ଗରିବମାନଙ୍କୁ କରୋନା ପ୍ରଭାବରୁ ରକ୍ଷା କରିବା ନିମନ୍ତେ ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଯୋଜନାରେ ଏଯାବତ୍ ୩୪ ହଜାର କୋଟି ଟଙ୍କା ଆର୍ଥିକ ସହାୟତା ଡିଜିଟାଲ ପେମେଣ୍ଟ ମାଧ୍ୟମରେ ପ୍ରାୟ ୩୯ କୋଟି ହିତାଧିକାରୀଙ୍କୁ ପ୍ରଦାନ କରିଛନ୍ତି। ମୋଦି ସରକାର କୃଷକ ଓ ମହିଳାମାନଙ୍କ ଖାତାକୁ ସିଧାସଳଖ ଟଙ୍କା ପଠାଇଛନ୍ତି। ଗରିବମାନଙ୍କୁ ମାଗଣା ରାଶନ ସାମଗ୍ରୀ ଓ ରନ୍ଧନଗ୍ୟାସ୍ ବି ଯୋଗାଇ ଦେଇଛନ୍ତି। ଏହା ସହ ସରକାର ପ୍ରବାସୀ ଶ୍ରମିକ ଓ ପ୍ରବାସୀ ଭାରତୀୟଙ୍କୁ ଘରକୁ ଫେରିବା ଲାଗି ଜରୁରୀ ବ୍ୟବସ୍ଥା କରିଛନ୍ତି। ଏହି ସବୁ ପଦକ୍ଷେପରୁ ଜଣାପଡୁଛି ଯେ, ପ୍ରଧାନମନ୍ତ୍ରୀ ମୋଦି ଗରିବ, କୃଷକ, ଶ୍ରମିକ ଏବଂ ଗାଁଗୁଡ଼ିକର ଆବଶ୍ୟକତା ଓ କଲ୍ୟାଣ ଲାଗି ସମ୍ବେଦନଶୀଳ ରହିଛନ୍ତି। ପ୍ରଧାନମନ୍ତ୍ରୀଙ୍କ ପ୍ରେରଣାରେ ଭାରତୀୟ ଜନତା ପାର୍ଟି (ଭାଜପା) ଲୋକମାନଙ୍କ ସେବା କରିବା ଲକ୍ଷ୍ୟ ନେଇ ଅଭିଯାନ ଆରମ୍ଭ କରିଛି। ଦଳ ଏହାର ୪୦ ତମ ପ୍ରତିଷ୍ଠା ଦିବସ ଏପ୍ରିଲ ୬କୁ କରୋନା ମହାମାରୀ ବିରୋଧୀ ଲଢ଼େଇ ଉଦ୍ଦେଶ୍ୟରେ ସମର୍ପିତ କରିବା ସହ ପ୍ରଧାନମନ୍ତ୍ରୀ ଘୋଷଣା କରିଥିବା ପଞ୍ଚସୂତ୍ରୀ ଯୋଜନା ପାଳନ କରିବା ଲାଗି କର୍ମୀମାନଙ୍କୁ ନିବେଦନ କରିଛି। ଦେଶରେ ପ୍ରତ୍ୟେକ ଗରିବଙ୍କ ପାଖରେ ଖାଦ୍ୟ ଓ ରାଶନ ସାମଗ୍ରୀ ପହଞ୍ଚାଇବା ପାଇଁ ଏହା '# ଫିଡ୍ ଦି ନିଡି' ଆରମ୍ଭ କରିଛି। ଏବେସୁଦ୍ଧା ଦଳୀୟ କର୍ମୀମାନେ ୮କୋଟି ଗରିବଙ୍କୁ ଖାଦ୍ୟ ଓ ରାଶନ ସାମଗ୍ରୀ ଉପଲବ୍ଧ କରାଇବା ସହ '# ୱେର ଫେସ୍ କଭର ଷ୍ଟେ ସେଫ୍' ଅଭିଯାନରେ ଲକ୍ଷ ଲକ୍ଷ ମାସ୍କ ମଧ୍ୟ ବାଣ୍ଟିଛନ୍ତି। ଏହା ସହ ଦଳ ପକ୍ଷରୁ ବସ୍ତିଗୁଡ଼ିକରେ ସଚେତନତା କାର୍ଯ୍ୟକ୍ରମ ଜାରି ରହିଛି ଏବଂ ଲୋକମାନଙ୍କୁ ପିଏମ୍ କେୟାର୍ସ ଫଣ୍ଡକୁ ଦାନ ଦେବା ଲାଗି ପ୍ରେରଣା ଦେଉଛି। ପାର୍ଟି କର୍ମୀମାନେ ସହୃଦୟେ ପିଏମ କେୟାର୍ସ ଫଣ୍ଡକୁ ଦାନ ଦେଉଛନ୍ତି। ଆମେ ମଧ୍ୟ ଲୋକମାନଙ୍କୁ ଆରୋଗ୍ୟ ସେତୁ ଆପ୍ ଡାଉନଲୋଡ୍ କରିବା ପାଇଁ କହୁଛୁ। ଯେଉଁଭଳି ଦଳୀୟ କର୍ମୀମାନେ ନିଃସ୍ୱାର୍ଥପର ଭାବେ ନିଜକୁ ଉତ୍ସର୍ଗ କରିଛନ୍ତି, ତାହା ସମ୍ପୂର୍ଣ୍ଣ ନିଆରା। ଦେଶର ଲୋକମାନେ ଡାକ୍ତର, ନର୍ସ, ସ୍ୱାସ୍ଥ୍ୟ କର୍ମୀ, ସଫେଇ କର୍ମଚାରୀ, ପୋଲିସ, ବ୍ୟାଙ୍କ କର୍ମଚାରୀ ଏବଂ ସରକାରୀ ସେବା ଯୋଗାଇ ଦେଉଥିବା କରୋନା ଯୋଦ୍ଧାମାନଙ୍କୁ କୃତଜ୍ଞତା ଓ ସମ୍ମାନ ଜଣାଇବା ପାଇଁ ପାର୍ଟି ମଧ୍ୟ 'ଏଚ୍‌ଟିପିଏସ୍://ଥ୍ୟାଙ୍କ୍ୟୁ .ବିଜେପି.ଓଆର୍‌ଜି/'ପୋର୍ଟାଲ ଆରମ୍ଭ କରିଛି। ନରେନ୍ଦ୍ର ମୋଦି କେବଳ ଭାରତର ପ୍ରଧାନମନ୍ତ୍ରୀ ନୁହନ୍ତି, ବରଂ ସେ ନୂଆ ଭାରତର ଜଣେ ବୀର ଏବଂ ସାମାଜିକ ଚେତନାର ଅଗ୍ରଦୂତ। ତାଙ୍କ ନିବେଦନରେ 'ସ୍ୱଚ୍ଛ ଭାରତ' ଏକ ଜାତୀୟ ଲକ୍ଷ୍ୟ ଏବଂ 'ବେଟି ବଚାଓ ବେଟି ପଢ଼ାଓ' ଏକ ଜାତୀୟ ଆନ୍ଦୋଳନ ପାଲଟିଯାଇଛି। ସେହିପରି ଜନତା କର୍ଫ୍ୟୁ ହେଉ କି ସ୍ୱାସ୍ଥ୍ୟକର୍ମୀଙ୍କୁ ସମ୍ମାନ ଜଣାଇବା ହେଉ କିମ୍ବା ଦୀପ ଜଳାଇ ଏକତାର ବାର୍ତ୍ତାଦେବା, ଏସବୁଥିରେ କରୋନା ଭାଇରସ୍ ଲଢେଇରେ ନରେନ୍ଦ୍ର ମୋଦି ଏକ ଅଭିନବ ଦୃଷ୍ଟିକୋଣ ପ୍ରଦର୍ଶନ କରିଛନ୍ତି। ଏପରି କି ଏହି ସଙ୍କଟଜନକ ସମୟରେ ଭାରତ ବିଭିନ୍ନ ଦେଶକୁ ଔଷଧ ଏବଂ ଏହାର ବନ୍ଧୁ ରାଷ୍ଟ୍ରଗୁଡ଼ିକୁ ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀ ପଠାଇ ଅଭୂତପୂର୍ବ କାର୍ଯ୍ୟ କରିଛି। କରୋନା ବିରୋଧୀ ଲଢ଼େଇରେ ଭାରତ ବିଶ୍ୱ ନେତୃତ୍ୱ ଭାବେ ଉଭା ହୋଇଛି। ଏହି ଦୁର୍ଦ୍ଦିନରେ ମାନବ ସମାଜକୁ ରକ୍ଷା କରିବା ପାଇଁ ଯେଉଁ ବ୍ୟକ୍ତି ନିଷ୍ଠା, ନିଃସ୍ୱାର୍ଥପର ସେବା, ତ୍ୟାଗ ଓ ସଂଗ୍ରାମ କରିବାର ପ୍ରୟାସ ଜାରି ରଖିଛନ୍ତି, ତାଙ୍କୁ ବିଶ୍ୱ ଆଶାର କିରଣ ଭାବେ ମାନ୍ୟତା ଦେଇଛି। ଏଭଳି ବ୍ୟକ୍ତି କେବଳ ଆମ ଦେଶର ପ୍ରଧାନମନ୍ତ୍ରୀ ନୁହନ୍ତି, ବରଂ ସେ ଜଣେ ନିର୍ବିବାଦୀୟ ରାଜନେତା।

ରାଷ୍ଟ୍ରୀୟ ଅଧ୍ୟକ୍ଷ, ଭାଜପା

# ମାଙ୍କଡ଼ ହାତେ ଶାଳଗ୍ରାମ



ରାଜୀବ କର୍ମୀ

ଶିକ୍ଷା ପାଇବା ସମସ୍ତଙ୍କର ମୌଳିକ ଅଧିକାର। ଶିକ୍ଷା ସରକାରଙ୍କର ଅତ୍ୟାବଶ୍ୟକ ସେବା। ଶିକ୍ଷା ମୁକ୍ତ ଏବଂ ବାଧ୍ୟତାମୂଳକ। କିଏ, କେଉଁଠି କହିଛି ଏହାର ନିର୍ଦ୍ଦିଷ୍ଟ ପ୍ରମାଣ ନାହିଁ। ମାତ୍ର ଅନବରତ ମାନସ ମନ୍ଥନ ପରେ ଶିକ୍ଷା ବିଷୟକ ମତବାଦର ଉତ୍ପତ୍ତି। ଶିକ୍ଷା କେବେ ହେଲେ ଅଣବୈଷୟିକ ନୁହେଁ। ଶିକ୍ଷା ଉପରେ କାମ କରିବାକୁ ହେଲେ ସ୍ୱତନ୍ତ୍ର ଜ୍ଞାନ, ଧାରଣା ଏବଂ ଅଭିଜ୍ଞତାର ଆବଶ୍ୟକତା ଦରକାର। କେବଳ ଶ୍ରେଣୀ ଗୃହ ଭିତରେ ପାଠ ପଢ଼ି ଶିକ୍ଷା ଉପରେ ଅଭିଜ୍ଞତା ହାସଲ କରିବା ଅସମ୍ଭବ କିମ୍ବା ଯେ କୌଣସି ବୃତ୍ତିର କିମ୍ବା ଯୋଗ୍ୟତାର ବ୍ୟକ୍ତି ଶିକ୍ଷା ଉପରେ କାମ କରିପାରିବ ନାହିଁ।

ଆମ ଦେଶରେ ମୁଖ୍ୟତଃ ତିନି ପ୍ରକାର ଶିକ୍ଷା ପାଠ୍ୟକ୍ରମ ଚାଲିଛି। କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ପରିଷଦ, ଭାରତୀୟ ମାଧ୍ୟମିକ ଶିକ୍ଷା ପରିଷଦ ଏବଂ ରାଜ୍ୟ ମାଧ୍ୟମିକ ଶିକ୍ଷା ପରିଷଦ ଇତ୍ୟାଦି । ଉଭୟ ସରକାରୀ ଏବଂ ବେସରକାରୀ ବିଦ୍ୟାଳୟରେ ଉପରୋକ୍ତ ପାଠ୍ୟକ୍ରମରେ ପିଲା ପାଠ ପଢ଼ନ୍ତି। ଶିକ୍ଷାର ଲକ୍ଷ୍ୟ ଯଦି ଗୋଟିଏ ତେବେ ତିନି ପ୍ରକାର ପାଠ୍ୟକ୍ରମ କାହିଁକି? ଗୋଟିଏ ଅନ୍ୟଟିରୁ ଉପଯୁକ୍ତ କି? ଚାକିରି କ୍ଷେତ୍ରରେ କାହାର ଆବଶ୍ୟକତା ଅଧିକ? କେଉଁ ପାଠ୍ୟକ୍ରମ ଭଲ ମଣିଷ ହେବା ପାଇଁ ଶିକ୍ଷା ଦେଇଥାଏ? ଯଦି ସବୁ ସମାନ, ତେବେ ଏତେ ଭିନ୍ନତା କାହିଁକି? ଏ ପ୍ରଶ୍ନଗୁଡ଼ିକୁ ଆମେ ନିଜେ ଖୋଜିବାକୁ ଚେଷ୍ଟା କରିବା। ବ୍ୟବସାୟ ଏବଂ ଶିକ୍ଷାରେ ବିଭେଦତା ପାଇଁ ହିଁ ଏହାର ସୃଷ୍ଟି। ସମସ୍ତଙ୍କର ଧାରଣା ଇଂଲିଶ ମାଧ୍ୟମ ବିଦ୍ୟାଳୟରେ ଭଲ ପାଠ ହୁଏ। ଇଂଲିଶ ଏବଂ ଓଡ଼ିଆ ମାଧ୍ୟମ ବିଦ୍ୟାଳୟ ପିଲାଙ୍କ ଭିତରେ ଆମେ ହିଁ ପାଚେରି ସୃଷ୍ଟି କରୁଛେ। ବେସରକାରୀ ବିଦ୍ୟାଳୟରେ ଭଲ ପାଠ ହୁଏ ବୋଲି ସମସ୍ତଙ୍କର ମନରେ ବସା ବାନ୍ଧି ଗଲାଣି। ତେଣୁ ସରକାରୀ ବିଦ୍ୟାଳୟ ବନ୍ଦ ହେଲେ ବି କେହି ପାଟି ଫିଟଉ ନାହାନ୍ତି।

ଶିକ୍ଷା ସମ୍ପର୍କିତ ନୀତିନିୟମ କିଏ ପ୍ରଣୟନ କରନ୍ତି? ଦିନରାତି ପରିଶ୍ରମ କରି ଦେଶ ପାଇଁ କିଏ ଭଲ ଶିକ୍ଷା ନୀତିଟିଏ ତିଆରି କରନ୍ତି? ନିହାତି ଭାବରେ ଜଣେ ଜଣେ ଶିକ୍ଷାବିତ୍ ହୋଇଥିବେ। କିନ୍ତୁ ତାହା ୧୦୦ ଶତକଡ଼ା ସତ ନୁହେଁ। ଏ ସମ୍ପର୍କିତ ଚିଠା ପ୍ରସ୍ତାବକୁ କିଏ ତର୍ଜମା କରନ୍ତି? ପାର୍ଲାମେଣ୍ଟାରି ଷ୍ଟାଣ୍ଡିଂ କମିଟିରେ କେତେ ଜଣ ଶିକ୍ଷାବିତ୍ ଥାଆନ୍ତି। ଲୋକ ସଭା ରାଜ୍ୟ ସଭାରେ ବିଲ୍ ପାସ୍ ହେଲା ବେଳେ କେତେଜଣ ଶିକ୍ଷା ଉପରେ ଧାରଣା ଏବଂ ଅଭିଜ୍ଞତା ଥିବା ଲୋକ ମତାମତ ଦିଅନ୍ତି? ଆଇନ୍ ତିଆରି ପୂର୍ବରୁ କେତେଜଣ ଶିକ୍ଷାବିତ୍‌ଙ୍କର ମତାମତକୁ ଗ୍ରହଣ କରାଯାଇଥାଏ? ଏହାକୁ ମଧ୍ୟ ବିଚାରକୁ ନେବା। ଅନେକ ସମୟରେ ଶିକ୍ଷା ଉପରେ ସୀମିତ ଧାରଣା ଥିବା କିଛି ଲୋକ ସେ ମନ୍ତ୍ରୀ ହୁଅନ୍ତୁ ବା ସଚିବଙ୍କ ଦ୍ୱାରା ଆଇନ୍‌କୁ ପୂର୍ଣ୍ଣାଙ୍ଗ ରୂପ ଦିଆଯାଇଥାଏ ଏବଂ ଆମେ ଆମର ପିଲାମାନଙ୍କ ଭବିଷ୍ୟତ ତାଙ୍କ ଭରସାରେ ଛାଡ଼ିଦେଉ।

ଅନେକଙ୍କ ଧାରଣା ଶିକ୍ଷାଦାନ କିଛି ବଡ଼କଥା ନୁହେଁ। ତେଣୁ ଦଶମ ଫେଲ୍ ବି ଶିକ୍ଷକ ହୁଅନ୍ତି। ମ୍ୟାଲେରିଆ ହେଲେ କ୍ଲୋରୋକୁଇନ୍ ଦେଲା ଭଳି, ଶିକ୍ଷାରେ ସେମିତି ଘଟେ ନାହିଁ। ଏଥିପାଇଁ ସରକାର ଶିକ୍ଷା ଉପରେ ବାରମ୍ବାର ତର୍ଜମା କରନ୍ତି। ଅନେକ କସରତ କରି ଏକ ପୂର୍ଣ୍ଣାଙ୍ଗ ଶିକ୍ଷା ବ୍ୟବସ୍ଥା ତିଆରି ହୁଏ। ଏହାପରେ ମଧ୍ୟ କିଛି ତଥାକଥିତ ଶିକ୍ଷାବିତ୍ ଶିକ୍ଷାକୁ ମୋଡ଼ି ମକଚି ଦେବାର ପ୍ରୟାସ କରନ୍ତି। ବ୍ୟବସ୍ଥାକୁ ୧୦୦ଶତକଡ଼ା ଲାଗୁ ହେବା ପୂର୍ବରୁ ଅବସ୍ଥା ବଦଳି ଯାଏ। ଦେଶର ଭୁଲ୍ ଶିକ୍ଷାନୀତି ଯୋଗୁଁ ଶିକ୍ଷକମାନେ ଶିକ୍ଷାଦାନ ଛାଡ଼ି ରାଜରାସ୍ତାକୁ ଓହ୍ଲାନ୍ତି। ସମାନ କାମକୁ ଅସମାନ ଦରମା ସହିତ ୨୦ ବର୍ଷ ଧରି ଅଧ୍ୟାପନା କରୁଥିଲେ ମଧ୍ୟ ନୂତନ ଅଧ୍ୟାପକଙ୍କଠାରୁ କମ୍ ଦରମା ପାଆନ୍ତି।

ବିଗତ ପାଞ୍ଚ ବର୍ଷରେ ଓଡ଼ିଶା ସରକାର ନିଜର ୧୭୭୨ ବିଦ୍ୟାଳୟକୁ ବନ୍ଦ କରିଛନ୍ତି। ଚଳିତ ବର୍ଷ ଆହୁରି ୬୩୪୦ ବିଦ୍ୟାଳୟ ବନ୍ଦ କରିବେ। ଯେତେବେଳେ ଶିକ୍ଷା ଅଧିକାର ଆଇନ୍ ଆସିଲା ସରକାର ଛତୁ ଫୁଟିଲା ଭଳି ବିଦ୍ୟାଳୟ ଖୋଲିଲେ। ଅନୁଦାନ ଥିଲା। ମନଇଚ୍ଛା ଖର୍ଚ୍ଚ କଲେ। ନାରା ଦେଲେ ପିଲା ନୁହେଁ, ବିଦ୍ୟାଳୟ ଯିବ ପିଲାଙ୍କ ପାଖକୁ। ଆବଶ୍ୟକତା ନ ଥିବା ସ୍ଥାନରେ ବିଦ୍ୟାଳୟ ହେଲା। ଗାଁ ଲୋକମାନେ ଏଣୁ ତେଣୁ ପିଲାଙ୍କ ନାମ ଯୋଗାଡ଼ କରି ନିଜ ଗାଁକୁ ବିଦ୍ୟାଳୟଟିଏ ଆଣିଲେ। ପରବର୍ତ୍ତୀ ସମୟରେ ପିଲାସଂଖ୍ୟା କମିଲେ। ସରକାରଙ୍କର ଦୂରଦର୍ଶିତାର ଅଭାବ ହେତୁ ବିଦ୍ୟାଳୟ ବନ୍ଦ କରି ପିଲାଙ୍କୁ ହଇରାଣ କଲେ। ବିଭିନ୍ନ ପ୍ରକାର ପଦବୀ ଏବଂ ଦରମା ବ୍ୟବସ୍ଥା ଫଳରେ ଶିକ୍ଷକମାନଙ୍କ ମଧ୍ୟରେ ବିଭେଦତା ସୃଷ୍ଟି ହେଲା। ଶିକ୍ଷାକୁ ଉନ୍ନତ କରିବା ପାଇଁ ଅନେକ ନୂଆ ପଦବୀ ସୃଷ୍ଟି ଫଳରେ ବ୍ୟବସ୍ଥା ଆହୁରି ଜଟିଳ ହେଲା। ନିଜର ଦାୟିତ୍ୱ ବିଷୟରେ ସମସ୍ତେ ଦ୍ୱନ୍ଦ୍ୱରେ ରହିଲେ। ବିଦ୍ୟାଳୟ ସୁନ୍ଦର ହେଲା ଅଥଚ ପାଠ କମିଲା। ଶିକ୍ଷକ ହେବା ପାଇଁ ଅତି କମ୍‌ରେ ଦ୍ୱାଦଶ ଶ୍ରେଣୀ ପରେ ଦୁଇ ବର୍ଷିଆ ଏବଂ ସ୍ନାତକୋତ୍ତର ଏକ ବର୍ଷ ଶିକ୍ଷା ତାଲିମର ଆବଶ୍ୟକତା ରହିଛି। ବିନା ତାଲିମରେ ଶିକ୍ଷକ ସୃଷ୍ଟି କରିବା କେଉଁ ଭଳି ମସ୍ତିଷ୍କର ଯୋଜନା ହୋଇପାରେ। ଅନ୍ୟ ଦେଶ ବା ରାଜ୍ୟର ଅଭିଜ୍ଞତାକୁ ଆମେ ଭରସା କଲେ। ନୂଆ ବ୍ୟବସ୍ଥା ତିଆରି ହେଲା କିନ୍ତୁ ଆୟତ୍ତ କରିବାରେ ବିଫଳ ହେଲେ।

ଇଂଲିଶ ମାଧ୍ୟମ ବିଦ୍ୟାଳୟ ଏବଂ ଓଡ଼ିଆ ମାଧ୍ୟମ ବିଦ୍ୟାଳୟର ପାଠ୍ୟକ୍ରମରେ କ'ଣ ତଫାତ୍ ଅଛି? ବେସରକାରୀ ବିଦ୍ୟାଳୟ ଏବଂ ସରକାରୀ ବିଦ୍ୟାଳୟର ପରିଚାଳନାରେ କ'ଣ ତାରତମ୍ୟ ରହିଛି? ବେସରକାରୀ ବିଦ୍ୟାଳୟର ଶିକ୍ଷକମାନଙ୍କର ଆବେଗ ସରକାରୀ ବିଦ୍ୟାଳୟର ଶିକ୍ଷକମାନଙ୍କଠାରୁ କାହିଁକି କମ୍? ବେସରକାରୀ ବିଦ୍ୟାଳୟ ସହ ସମକକ୍ଷ ଲକ୍ଷ୍ୟ ଥିବା କେନ୍ଦ୍ର ସରକାରଙ୍କର କେନ୍ଦ୍ରୀୟ ବିଦ୍ୟାଳୟ ଏବଂ ରାଜ୍ୟ ସରକାରଙ୍କର ଆଦର୍ଶ ବିଦ୍ୟାଳୟଗୁଡ଼ିକ ମଧ୍ୟ ବେସରକାରୀ ବିଦ୍ୟାଳୟ ସହିତ ପ୍ରତିଯୋଗିତା କରିପାରୁ ନାହିଁ କାହିଁକି? ସରକାର ଜାଣିଶୁଣି ନିଜ ବିଦ୍ୟାଳୟର କ୍ଷତି କରୁଛନ୍ତି। ସରକାର ନିଜେ ଯଦି ବେସରକାରୀ ବିଦ୍ୟାଳୟର ଉଦ୍‌ଘାଟନ କରିବେ ତେବେ ସରକାରୀ ବିଦ୍ୟାଳୟରେ ପିଲା କାହିଁକି ପଢ଼ିବେ। ଯେତେ ବେସରକାରୀ ବିଦ୍ୟାଳୟ ଖୋଲୁଛି ତା' ଅନୁସାରେ ଅନେକ ଗୁଣ ସରକାରୀ ବିଦ୍ୟାଳୟ ବନ୍ଦ ହେଉଛି। ବେସରକାରୀ ବିଦ୍ୟାଳୟମାନେ ସରକାରୀ ବିଦ୍ୟାଳୟ ବନ୍ଦ କରିବାରେ ଅନେକ ପରିମାଣରେ ଦାୟୀ।

ଶିକ୍ଷାକୁ ଏତେ ହେୟଜ୍ଞାନ କରିବା ଏବଂ ଗମ୍ଭୀରତାର ସହ ନ ନେବାର କାରଣ କ'ଣ ହୋଇପାରେ। ପ୍ରଥମତଃ ସମସ୍ତଙ୍କର ଧାରଣା ଶିକ୍ଷା ଏକ ଅଣ ଗୁରୁତ୍ୱପୂର୍ଣ୍ଣ ବିଷୟ। କିନ୍ତୁ ଭୁଲ୍ ଶିକ୍ଷାର ତତ୍‌କ୍ଷଣାତ୍ ପ୍ରଭାବ ନ ଥାଏ। ଆଜିର ଅବହେଳା ପାଇଁ ଭବିଷ୍ୟତରେ ପିଲାଟି କି କି ଅସୁବିଧାର ସମ୍ମୁଖୀନ ହୁଏ, କେହି ହିସାବ ରଖନ୍ତି ନାହିଁ। ଦ୍ୱିତୀୟତଃ ଭୁଲ୍ ଚିକିତ୍ସା ପାଇଁ ଡାକ୍ତରଙ୍କୁ ସିଧାସଳଖ ଦାୟୀ କରାଯାଇ ପାରେ ମାତ୍ର ଶିକ୍ଷା କ୍ଷେତ୍ରରେ ନିର୍ଦ୍ଦିଷ୍ଟ ଭାବରେ କେହି ଦାୟୀ ହୁଅନ୍ତି ନାହିଁ ବା କାହାର ଉତ୍ତର ଦାୟିତ୍ୱ ନ ଥାଏ। ତୃତୀୟତଃ ଶିକ୍ଷାରେ ବ୍ୟବସାୟିକତାର ସୁଯୋଗ ସୀମିତ। ତେଣୁ ପ୍ରତିଯୋଗିତା ମଧ୍ୟ ଅଳ୍ପ। ଏଣୁ ଶିକ୍ଷାର ଉନ୍ନତି ମଧ୍ୟ ସୀମିତ।

ଆଜି ବି ଅଧିକାଂଶ ଶିକ୍ଷକଙ୍କ ଶିଶୁ ଏବଂ ଶିକ୍ଷା ପ୍ରତି ଧାରଣା ବଦଳୁ ନାହିଁ। ବିଶ୍ୱବିଦ୍ୟାଳୟର ଶିକ୍ଷକମାନଙ୍କ ଯଦି ଏପରି ଧାରଣା ତେବେ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକମାନଙ୍କ ମନୋଭାବ କ'ଣ ହେବ? ଶିକ୍ଷା ଏକ ସମ୍ବେଦନଶୀଳ ବିଷୟ। ଏଥିପ୍ରତି ଅଧିକ ଗୁରୁତ୍ୱ ଦିଆଯାଉ। ପିଲାଙ୍କ ଭବିଷ୍ୟତ ଅପାରଗ ହାତରେ ଛାଡ଼ି ଦିଆ ନ ଯାଉ। ଉପଯୁକ୍ତ ବ୍ୟକ୍ତିତ୍ୱଙ୍କୁ ଚିହ୍ନଟ କରି ଶିକ୍ଷା ବିକାଶର ଦାୟିତ୍ୱ ଦିଆଯାଉ। ନଚେତ୍ ଅବସ୍ଥା ମାଙ୍କଡ଼ ହାତେ ଶାଳଗ୍ରାମ ପରି ହେବ।

ଶଗଡ଼ା, ବୌଦ୍ଧ

ମୋ-୮୩୨୮୮୪୮୧୪୫

## ଏଇ ଭାରତରେ

ଆସାମରେ କାର୍ ଚଲାଉଥିବା ଜଣେ ମହିଳା ପରେ ବ୍ୟବସାୟୀ ପାଲଟି ୧୦,୦୦୦ରୁ ଊର୍ଦ୍ଧ୍ୱ ମହିଳାଙ୍କୁ ସଶକ୍ତ କରିବା କିଛି କମ୍ କଥା ନୁହେଁ। ଏହି ମହିଳା ଜଣକ ହେଉଛନ୍ତି ମନ୍ଦିରା ବରୁଆ। ମନ୍ଦିରାଙ୍କୁ ଯେତେବେଳେ ବୟସ ୧୬ ବର୍ଷ ସେତେବେଳେ ତାଙ୍କ ବାହାଘର ହୋଇଥିଲା। ତାଙ୍କ ସ୍ୱାମୀ ଆସାମ ସରକାରଙ୍କ ଜଳ ସଂଶାଧନ ବିଭାଗରେ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଥିଲେ ବି ପରବର୍ତ୍ତୀ ସମୟରେ ସ୍ୱାସ୍ଥ୍ୟଗତ କାରଣ ଯୋଗୁ ସେ ଚାକିରି ହରାଇଥିଲେ। ପରିବାରର ସବୁ ବୋଝ ମନ୍ଦିରାଙ୍କ ଉପରକୁ ଆସିବା ପରେ ଟଙ୍କା ପାଇଁ ଘର ବନ୍ଧା ରଖିଲେ ଓ ଶେଷରେ ତାହା ବିକ୍ରି ହୋଇଯାଇଥିଲା। ଘର ଚଳାଇବା ଲାଗି ସେ ଏକ କ୍ଲିନିକ୍‌ରେ କେୟାରଗିଭର ଭାବେ କାର୍ଯ୍ୟ କରିବା ସହ ରୋଷେଇ, ଘରସଫା ଓ ବଗିଚା କାମ କରି ରୋଜଗାର କରିଥିଲେ। ଏହାବାଦ ସକାଳେ ଓ ସନ୍ଧ୍ୟା ପରେ କାର୍ ଡ୍ରାଇଭର ଭାବେ କାର୍ଯ୍ୟ କଲେ। ୨୦୦୧ରେ ତାଙ୍କ ସ୍ୱାମୀଙ୍କ ଦେହାନ୍ତ ପରେ ସେ 'ସତସରି' ଏନଜିଓ ଗଠନ କରି ତା'ମାଧ୍ୟମରେ ମହିଳାମାନଙ୍କୁ ବିଭିନ୍ନ କାର୍ଯ୍ୟରେ ଆତ୍ମନିର୍ଭରଶୀଳ କରିବାରେ ଲାଗିଲେ। 'ମନ୍ଦିରା ସଲ୍ୟୁଶନ' ସଂସ୍ଥା ଗଠନ କରି ପ୍ରତି ବର୍ଷ ଆଖପାଖ ଗାଁର ୨୫-୩୦ ଜଣ ଝିଅଙ୍କୁ ଘରେ ତଥା ଓଲ୍ଡଏଜ୍ ହୋମ୍‌ରେ କାର୍ଯ୍ୟ କରିବା ଲାଗି ପ୍ରଶିକ୍ଷଣ ଦେଉଛନ୍ତି। ନର୍ସିଂ ସ୍କୁଲ ବି ଖୋଲିଛନ୍ତି। ଗାଁ ଗାଁରେ ନାଚ ଗୀତ ମାଧ୍ୟମରେ ମହିଳାମାନଙ୍କୁ ସଚେତନ କରୁଛନ୍ତି। 'ସତସିରା' ପରୋକ୍ଷ ଓ ପ୍ରତ୍ୟକ୍ଷ ଭାବେ ୫,୦୦୦ ମହିଳାଙ୍କୁ ରୋଜଗାରକ୍ଷମ କରିପାରିଛି। ମନ୍ଦିରା ଘରୋଇ ହିଂସା,ଯୌନ ନିର୍ଯାତନା ଆଦି ବିରୋଧରେ ସଚେତନତା ସୃଷ୍ଟି କରୁଛନ୍ତି। ସେ ମଧ୍ୟ ଏକ ଟ୍ରାଭେଲ ଏଜେନ୍ସି ପରିଚାଳନା କରୁଛନ୍ତି। ତାଙ୍କୁ ଏବେ ବୟସ ୫୧। ହଜାର ହଜାର ମହିଳାଙ୍କ ମୁହଁରେ ହସ ଫୁଟାଇ ପାରିଥିବା ମନ୍ଦିରା ଆସାମରେ ଏକ ସ୍ୱତନ୍ତ୍ର ପରିଚୟ ଆଣିପାରିଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୧୨ ମେ ୧୯୯୫

- ଦକ୍ଷିଣ ଆଫ୍ରିକାର ଏକ ବୃହତ୍ତମ ସୁନାଖଣିରେ ଦୁର୍ଘଟଣା ଘଟି ୧୦୦ଜଣ ଶ୍ରମିକଙ୍କ ପ୍ରାଣହାନି।
- ୨୫ ବର୍ଷର ପୁରୁଣା ଅଣୁ ଅସ୍ତ୍ରନିରୋଧ ଚୁକ୍ତି (ଏନ୍.ପି.ଟି.)କୁ ୧୭ଟି ରାଷ୍ଟ୍ର ସମର୍ଥନ କରୁଥିବାରୁ ବିନା ଭୋଟରେ ଏହାର ମିଆଦ ଅନିର୍ଦ୍ଦିଷ୍ଟ କାଳ ପାଇଁ ବୃଦ୍ଧି କରାଯାଇଥିବା ପରିବର୍ଦ୍ଧିତ ଓ ସମୀକ୍ଷା ସମ୍ମିଳନୀର ସଭାପତି ଜୟନ୍ତ ଧନପାଲ କହିଛନ୍ତି।
- କଶ୍ମୀରର ଚରାର-ଇ-ଶରିଫ୍ ସହରରେ ଥିବା ସର୍ବ ପୁରାତନ ଶେଖ୍ ନୁରଉଦ୍ଦିନ ନୁରାନୀ ଉପାସନାପୀଠରେ ବିଦେଶୀ ଭଡ଼ାଟିଆ ସୈନ୍ୟ ଏବଂ ଉଗ୍ରପନ୍ଥୀମାନେ ନିଆଁ ଲଗାଇଦେବା ଫଳରେ ପବିତ୍ର ଦରଘା ସମ୍ପୂର୍ଣ୍ଣ ଭସ୍ମୀଭୂତ।

## ଚିରନ୍ତନୀ

ଯୌବନ ତବ ତୋଳି ଧରିଅଛି
ପୂଜାଫୁଲ ସମ ରୂପ
ପୀରତି-ବେଦୀରେ ଜାଳିଦିଅ ସେହି
ସୁବାସିତ ଦେହ-ଧୂପ।

(ରୂପର ସ୍ତବ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | 6 | | | | | | 0 | 4 | C | | | 1 |
| | 9 | | | | | A | E | 2 | | | | | | |
| 1 | | | | | | | | | | E | D | 4 | 5 | |
| 6 | | | | | D | | | | 8 | 3 | 9 | 0 | | 2 |
| | | | | | | C | | | | | | | 3 | A |
| 8 | | B | 9 | 1 | | D | | 0 | | A | | 5 | | |
| 2 | | | | | | | 4 | | D | 0 | | 1 | | C |
| | | | | E | 3 | | 8 | 1 | B | | | | A | |
| 7 | | | | | | 6 | 9 | | | | | | | 8 |
| | 6 | | B | | | | | | | 2 | | | | D |
| | | | | 8 | | | 7 | | 5 | | | D | 2 | 4 |
| 9 | | | | | | | | | 6 | C | B | | | 3 |
| | | | 7 | | 2 | | | | | | | | B | |
| D | | 2 | | | E | | C | | | 9 | | | 0 | |
| B | | | | | 5 | 8 | 1 | | | | 3 | | C | 6 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 1 | 5 | 7 | E | C | 3 | B | D | 2 | 8 | 4 | 6 | A | 9 | 0 |
| 2 | 0 | D | 1 | 8 | A | E | 3 | 7 | C | 5 | 9 | 6 | B | 4 |
| C | E | B | 2 | 6 | 9 | 0 | 4 | 5 | 7 | 3 | A | D | 8 | 1 |
| 3 | 9 | 6 | 0 | D | 4 | A | 8 | C | 1 | B | 2 | E | 5 | 7 |
| 4 | A | 8 | 5 | 7 | B | 6 | 9 | 1 | 0 | E | D | 3 | C | 2 |
| 0 | D | C | 6 | B | 7 | 2 | 1 | 8 | 4 | A | 3 | 5 | E | 9 |
| 7 | 1 | 4 | D | 3 | 0 | C | 5 | 9 | E | 2 | 8 | B | A | 6 |
| B | 8 | 5 | 4 | A | 2 | 3 | 6 | E | 9 | C | 0 | 7 | 1 | D |
| E | 6 | 9 | 8 | 1 | 5 | 4 | A | 0 | B | D | 7 | C | 2 | 3 |
| A | 3 | 2 | C | 9 | E | D | 7 | B | 5 | 6 | 1 | 0 | 4 | 8 |
| 5 | C | 3 | B | 2 | 8 | 1 | 0 | D | 6 | 9 | E | 4 | 7 | A |
| D | 2 | A | 7 | E | 1 | 9 | C | 4 | 3 | 0 | B | 8 | 6 | 5 |
| 9 | 4 | 0 | A | 5 | D | 8 | E | 6 | 2 | 7 | C | 1 | 3 | B |
| 6 | 7 | 1 | 9 | 0 | C | 5 | B | 3 | A | 8 | 4 | 2 | D | E |
| 8 | B | E | 3 | 4 | 6 | 7 | 2 | A | D | 1 | 5 | 9 | 0 | C |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ପଖାଳ ଭାତକୁ ଶାଗଭଜା

ମହାଶୟ,

ଆସିଗଲା ଖରାଦିନ। ତପନ ଦେବତାଙ୍କ ପ୍ରଚଣ୍ଡ କିରଣ ଅନଳ ଜ୍ୱାଳା ଅସହ୍ୟ ହେଲାଣି। ମଧୁମାସ ଗଲା ପରେ ଗ୍ରୀଷ୍ମର ଆଗମନ ମନରେ ଅଜଣା ଆତଙ୍କ, ଅଜଣା ଭୟ ସୃଷ୍ଟି କଲାଣି। ସତ୍ୟବାଦୀ ବଜାରରେ ଗଲାବେଳେ ମୁଁ ସାହାରା ମରୁଭୂମିରେ ବୁଲିଲା ଭଳି ଅନୁଭବ କରୁଛି। ରାତି ପାହିଲେ ମନରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି କେମିତି ଦିନଟି କଟିବ। ଏ ତ ପ୍ରବଳ ଖରାଦିନ। ଖାଦ୍ୟରୁଚି ଅଭିରୁଚି ବଦଳିବାର ବେଳ। ଗରମ ଭାତ ଖାଇବା ଆଦୌ ରୁଚିକର ମନେହେବନି। ଖରାଦିନର ଖାଦ୍ୟ ସାଥି ହେଲା ତାଙ୍କ ପଖାଳ,ବଡ଼ି ତିଅଣ ଓ ଶାଗ ଭଜା। ଏସବୁ ଥିଲେ ସମସ୍ତିଙ୍କ ପାଇଁ କଚେ ପୁଅ ବାର। ଏହାକୁ ଖାଇଲେ ମନରେ ଅପାର ଆନନ୍ଦ ଦେବ। ଅନାବିଳ ଶାନ୍ତି ଦେବ। ବେଲେ ପଖାଳ ଜାଗାରେ ଦୁଇବେଳା ଖାଇବାକୁ ଇଚ୍ଛା ହେବ। ଓଡ଼ିଆମାନଙ୍କ ପାଇଁ ପଖାଳ ଅତି ପ୍ରିୟ। ମହାପ୍ରଭୁ ଜଗନ୍ନାଥ ବି ପଖାଳ ପ୍ରିୟ। ସମସ୍ତେ ପଖାଳ ଖାଆନ୍ତୁ। ପଖାଳ ଖାଇବାର ମଜା ନିଅନ୍ତୁ। ଖରା ତାପ କଷ୍ଟରୁ ମୁକ୍ତ ହୁଅନ୍ତୁ।

ରଞ୍ଜନ ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ୨୩ ଶ୍ରମିକଙ୍କୁ ରୋକିଲା ପୋଲିସ

**ଅନୁଗୋଳ ଅଫିସ, ୧୧।୫:** ଅନୁଗୋଳ ସହର ଶିକ୍ଷକପଡ଼ାରେ ରହି କାମ କରୁଥିବା କୋଲକାତାର ୨୩ ଜଣ ଶ୍ରମିକ ସୋମବାର ଏକ ଟ୍ରକ୍‌ରେ ପଳାଇଯିବାକୁ ବସିଥିବା ବେଳେ ଅନୁଗୋଳ ପୋଲିସ ସେମାନଙ୍କୁ ଅଟକାଇଛି। ଜଣକା ହଜାରେ ଲେଖାଏ ଟଙ୍କା ଦେଇ ଟ୍ରକ୍‌ରେ ଯିବାକୁ ଶ୍ରମିକମାନେ ପ୍ରସ୍ତୁତି କରିଥିଲେ। ହେଲେ ଖବରପାଇ ଅନୁଗୋଳ ଥାନା ଏସ୍‌ଆଇ ସତ୍ୟରଞ୍ଜନ ଲେଙ୍କା ପହଞ୍ଚି ଶ୍ରମିକମାନଙ୍କୁ ଘରେ ରହିବାକୁ ନିର୍ଦ୍ଦେଶ ଦେଇଥିଲେ।

### ମନ୍ଦିର ପ୍ରତିଷ୍ଠା ଉତ୍ସବରେ ଭୋଜିଭାତ ଆସର

**ଓଡ଼ଗାଁ,୧୧।୫(ସ୍ୱ.ପ୍ର.):** କରୋନା ସଂକ୍ରମଣ ରୋକିବା ପାଇଁ ଧାର୍ମିକ ଅନୁଷ୍ଠାନ ସର୍ବ ସାଧାରଣଙ୍କ ନିମନ୍ତେ ବାରଣ କରାଯାଇଛି। ସ୍ଥାନୀୟ ଆଦର୍ଶ ଥାନା ଓ ବାହାଡ଼ାଝୋଲା ଫାଣ୍ଡି ସନ୍ନିକଟ ବନ୍ଧାଭୂମି ଗ୍ରାମ ବଡସାହିରେ ସୋମବାର ମଙ୍ଗଳା ମନ୍ଦିର ପ୍ରତିଷ୍ଠା ଉତ୍ସବରେ ଏହାର ବ୍ୟତିକ୍ରମ ପରିଲକ୍ଷିତ ହୋଇଥିଲା। ଉତ୍ସବରେ ବହୁ ଜନ ସମାଗମ ହୋଇଥିବା ବେଳେ ଗ୍ରାମବାସୀଙ୍କୁ ଭୋଜିଭାତରେ ଆପ୍ୟାୟିତ କରାଯାଇଥିଲା। ଏ ନେଇ ଆଦର୍ଶ ଥାନା ଅଧିକାରୀଙ୍କୁ ମଧ୍ୟାହ୍ନରେ ସୂଚନା ଦିଆଯାଇଥିଲା। ହେଲେ ଫାଣ୍ଡି ଅଧିକାରୀ ମନ୍ଦିର ପ୍ରତିଷ୍ଠା ଉତ୍ସବ ହୋଇ ନ ଥିବା ପ୍ରକାଶ କରିଛନ୍ତି।

### ସଙ୍ଗରୋଧ କେନ୍ଦ୍ରରୁ ପ୍ରବାସୀ ଶ୍ରମିକ ଫେରାର

**ନୟାଗଡ ଅଫିସ/ରଣପୁର, ୧୧।୫(ସ୍ୱ.ପ୍ର.):** ନୟାଗଡ ଜିଲା ରଣପୁର ବ୍ଲକ ମଝିଆଖଣ୍ଡ ପଞ୍ଚାୟତର ଏକ ସଙ୍ଗରୋଧ କେନ୍ଦ୍ରରୁ ଜଣେ ପ୍ରବାସୀ ଶ୍ରମିକ ସୋମବାର ଫେରାର ହୋଇଯାଇଛନ୍ତି। ଲୋଧାଚୁଆ ଗାଁର ରମେଶ ଚନ୍ଦ୍ର ସାହୁ (୨୫) ୪ଦିନ ତଳେ କେରଳରୁ ଆସି ଏଠାରେ ରହିଥିଲେ। ଏ ନେଇ ସ୍ଥାନୀୟ ସରପଞ୍ଚ ବିଡିଓଙ୍କ ନିକଟରେ ଫେରାଦ୍ ହୋଇଛନ୍ତି।

# ଟାଟାନଗରରେ ସରପଞ୍ଚ, ସରକାରୀ କାର୍ଯ୍ୟ ବାଧାପ୍ରାପ୍ତ

**ଜଗତ୍‌ସିଂହପୁର ଅଫିସ, ୧୧।୫**

■ ବେସରକାରୀ ଶିକ୍ଷାନୁଷ୍ଠାନରେ ଶିକ୍ଷକତା କରୁଥିବା ଅଭିଯୋଗ
■ ଅନୁପସ୍ଥିତିକୁ ନେଇ ତଦନ୍ତ ନିର୍ଦ୍ଦେଶ

କରୋନା ମୁକାବିଲା ପାଇଁ ରାଜ୍ୟ ସରକାର ସବୁପ୍ରକାର ଉଦ୍ୟମ ଚଳାଇଛନ୍ତି। ସଂକ୍ରମଣକୁ ରୋକିବା ଲାଗି ସରପଞ୍ଚମାନଙ୍କୁ ଜିଲାପାଳ କ୍ଷମତା ପ୍ରଦାନ କରାଯାଇଛି। କାରଣ ପଞ୍ଚାୟତ ସ୍ତରର ହୋଇଥିବା କ୍ୱାରାଣ୍ଟାଇନ୍ ସେଣ୍ଟର ପରିଚାଳନା, ଜନସଚେତନତା ସୃଷ୍ଟି, ଫେରନ୍ତା ପ୍ରବାସୀଙ୍କୁ କ୍ୱାରାଣ୍ଟାଇନ୍‌ରେ ରଖାଯିବା, ଗରିବ ଲୋକଙ୍କୁ ସରକାରୀ ସହାୟତା, ଖାଦ୍ୟ ସାମଗ୍ରୀ ଓ ରନ୍ଧାଖାଦ୍ୟ ପ୍ରଦାନ ଭଳି ଗୁରୁଦାୟିତ୍ୱ ସରପଞ୍ଚମାନଙ୍କ ଉପରେ ରହିଛି। ବହୁ ସରପଞ୍ଚ ଏହି କାର୍ଯ୍ୟକୁ ଗୁରୁତ୍ୱ ଦେଇ କରୁଥିବାବେଳେ ଆଉ କେତେଜଣ ଅବହେଳା କରୁଛନ୍ତି। ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ଗରାମ ପଞ୍ଚାୟତ ସରପଞ୍ଚ ବନଜାବାସିନୀ ଦାଶଙ୍କ ନାମରେ ମଧ୍ୟରେ ଅବହେଳା ଅଭିଯୋଗ ଆସିଛି। ସେ ମାସାଧିକ କାଳ ଅନୁପସ୍ଥିତ ଥିବାରୁ ଲୋକେ ଅସୁବିଧାରେ ପଡୁଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କିତ ଅଭିଯୋଗ ପାଇ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା (ଡିଆର୍‌ଡିଏ) ପ୍ରକଳ୍ପ ନିର୍ଦ୍ଦେଶକ ସରୋଜକାନ୍ତ ମହାନ୍ତି ତିର୍ତ୍ତୋଲ ବିଡିଓ ଓ ଜିପିଓଙ୍କୁ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି।

ଗରାମ ପଞ୍ଚାୟତ ଖଣ୍ଡାକପାଳ ଗ୍ରାମର ସତ୍ୟବ୍ରତ ଶତପଥୀ, ୱାର୍ଡ ସଭ୍ୟ କୈଳାସ ଚନ୍ଦ୍ର ପରିଡ଼ା, ସାମାଜିକ କର୍ମୀ ପ୍ରଶାନ୍ତ ନାୟକ ପ୍ରମୁଖ ଅଭିଯୋଗରେ କହିଛନ୍ତି, ଦାଶ ସରପଞ୍ଚ ଭାବେ ନିର୍ବାଚିତ ହେବା ଦିନଠାରୁ ପଞ୍ଚାୟତରେ ପ୍ରାୟତଃ ଅନୁପସ୍ଥିତ ରୁହନ୍ତି। ସେ ଜାମଶେଦପୁରସ୍ଥିତ ଟାଟାନଗରର କୌଣସି ବେସରକାରୀ ଶିକ୍ଷାନୁଷ୍ଠାନରେ କାର୍ଯ୍ୟରତା। ତାଙ୍କ ସ୍ୱାମୀ ମଧ୍ୟ ସେଠାରେ କୌଣସି ସଂସ୍ଥାରେ ଚାକିରି କରିଛନ୍ତି। ତେଣୁ ସେମାନେ ଟାଟାନଗରରେ ପରିବାର ସହ ରୁହନ୍ତି। ଶିକ୍ଷାନୁଷ୍ଠାନ ଛୁଟି ହେଲେ କିମ୍ବା ମଝିରେ ମଝିରେ ପଞ୍ଚାୟତକୁ ଆସନ୍ତି। ତାଙ୍କ ଦେଢଶୁର ସରପଞ୍ଚ କ୍ଷମତା ଉପଭୋଗ କରୁଛନ୍ତି। ଏହି ପଞ୍ଚାୟତରେ ରାଶନ ସାମଗ୍ରୀ ବଣ୍ଟନ ପାଇଁ ଡିଲର ନିଯୁକ୍ତ ହୋଇନାହିଁ। ଏହି ଦାୟିତ୍ୱ ପଞ୍ଚାୟତ ନେଇଛି। ଏବେ ଜରୁରୀ ସମୟ ହୋଇଥିଲେ ସୁଦ୍ଧା କେହି ସରପଞ୍ଚଙ୍କ ସହଯୋଗ ଚାହିଁଲେ ତାଙ୍କ ସହ ଯୋଗାଯୋଗ ସମ୍ଭବ ହେଉନି। ଏ ପରିସ୍ଥିତିରେ ତାଙ୍କ ଦେଢଶୁରଙ୍କ ପାଖକୁ ଗଲେ ଅନେକ ସମୟରେ ନିରାଶ ହେବାକୁ ପଡୁଛି। କ୍ୱାରାଣ୍ଟାଇନ୍ ସେଣ୍ଟର, ରାଶନ ସାମଗ୍ରୀ ଓ ଭତ୍ତା ପ୍ରଦାନ ଆଦି କାର୍ଯ୍ୟ ତ୍ୱରାନ୍ୱିତ ହେବାରେ ବାଧା ସୃଷ୍ଟି ହେଉଛି। ତେଣୁ ଏହା ଉପରେ ତଦନ୍ତ କରାଯାଇ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ଉପରୋକ୍ତ ବ୍ୟକ୍ତିମାନେ ଦାବି କରିଛନ୍ତି। ଏ ସମ୍ପର୍କରେ ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର, ଡିଆର୍‌ଡିଏ ପ୍ରକଳ୍ପ ନିର୍ଦ୍ଦେଶକ ସରୋଜକାନ୍ତ ମହାନ୍ତିଙ୍କ ସମେତ ଉଚ୍ଚ ଅଧିକାରୀଙ୍କ ନିକରେ ଅଭିଯୋଗ ହୋଇଛି।

ଅଭିଯୋଗ ସମ୍ପର୍କରେ ସରପଞ୍ଚ ଦାଶଙ୍କୁ ମୋବାଇଲ ଫୋନ ଯୋଗେ ପଚାରିବାରୁ ସେ କହିଛନ୍ତି ଯେ, କଟକରେ ତାଙ୍କର ଷ୍ଟୋନ୍ ଅସ୍ତ୍ରୋପଚାର ହୋଇଥିଲା। ଏହାପରେ ସେ ଟାଟାନଗରରେ ରହୁଥିବା ତାଙ୍କ ସ୍ୱାମୀଙ୍କ ପାଖକୁ ପଳାଇ ଯାଇଥିଲେ। ପରେ ଲକ୍‌ଡାଉନ୍ ହୋଇଯିବାରୁ ଗରାମ ଯିବାପାଇଁ ଚେଷ୍ଟା କରି ନିରାଶ ହୋଇଥିଲେ। ପଞ୍ଚାୟତ କାର୍ଯ୍ୟ ଦେଢଶୁର ବୁଝାବୁଝି କରନ୍ତି ବୋଲି ସେ କହିଛନ୍ତି। ଟାଟାନଗରର ଏକ ବେସରକାରୀ ଶିକ୍ଷାନୁଷ୍ଠାନରେ ଶିକ୍ଷକତା କରୁଛନ୍ତି କି ପଚାରିବାରୁ ସେ କହିଥିଲେ, ପୂର୍ବରୁ ଶିକ୍ଷକତା କରୁଥିଲି। ଲକ୍‌ଡାଉନ୍ ଯୋଗୁ ଉକ୍ତ ସ୍କୁଲ ବନ୍ଦ ରହିଥିବା ସେ କହିଛନ୍ତି।

ଗରାମ ପଞ୍ଚାୟତ ନିର୍ବାହୀ ଅଧିକାରୀ ଗୌତମ ପରିଜା କହିଛନ୍ତି, ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ର ପାଇଁ ପାଖାପାଖି ୨ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି। କିନ୍ତୁ ବିଲ୍ ହୋଇନି, ପରେ ହେବ। ସରପଞ୍ଚ ଲକ୍‌ଡାଉନ ସମୟରେ ଉପସ୍ଥିତ ନାହାନ୍ତି। ତିର୍ତ୍ତୋଲ ବିଡିଓ ରଞ୍ଜନ କୁମାର ପରିଡ଼ା କହିଛନ୍ତି, ଡିଆର୍‌ଡିଏ ପ୍ରକଳ୍ପ ନିର୍ଦ୍ଦେଶକ ଏ ବାବଦରେ ତଦନ୍ତ କରି ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ମଙ୍ଗଳବାର ଏନେଇ ତଦନ୍ତ କରିବେ ବୋଲି ସେ କହିଛନ୍ତି। ପ୍ରକଳ୍ପ ନିର୍ଦ୍ଦେଶକ ମହାନ୍ତି କହିଛନ୍ତି, ତଦନ୍ତ ରିପୋର୍ଟ ଆସିଲା ପରେ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ। ତେବେ ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର ଏହା ଉପରେ କୌଣସି ପ୍ରତିକ୍ରିୟା ଦେଇନାହାନ୍ତି।

# ଆଶାକର୍ମୀଙ୍କୁ ଆକ୍ରମଣ, ୨ ଗିରଫ

**ନୟାଗଡ଼ ଅଫିସ/ରଣପୁର,୧୧।୫(ସ୍ୱ.ପ୍ର.)**


ଆଶାକର୍ମୀ ନଳିନୀ

ରଣପୁର ଥାନା ବିନୋଦପଡାଠାରେ ଭୁବନେଶ୍ୱର ଫେରନ୍ତାଙ୍କ ନାମ ପଞ୍ଜୀକରଣ କରିବାରୁ ଆଶାକର୍ମୀ ନଳିନୀ ପ୍ରଧାନଙ୍କୁ ରବିବାର ରାତିରେ ଆକ୍ରମଣ ହୋଇଛି। ଆଶାକର୍ମୀଙ୍କ ଅଭିଯୋଗ କ୍ରମେ ରଣପୁର ପୋଲିସ ଏକ ମକଦ୍ଦମା ରୁଜୁ କରି ୨ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ବିନୋଦପଡାର କମଳାକାନ୍ତ ପାଣି ଓ ହରମୋହନ ନାୟକ। ଅଭିଯୋଗ ଅନୁସାରେ ବୃନ୍ଦାବନପୁର ପଞ୍ଚାୟତ ବିନୋଦପଡ଼ାର ଆଶାକର୍ମୀ ନଳିନୀ ରବିବାର ଗ୍ରାମରେ କରୋନା ଉପରେ ରିପୋର୍ଟ ସଂଗ୍ରହ ଓ ସଚେତନତା କରୁଥିଲେ। ସେ କମଳାକାନ୍ତଙ୍କ ଘରେ ପହଞ୍ଚି ପୁଅଙ୍କ ସମ୍ପର୍କରେ ତଥ୍ୟ ପଚାରିଥିଲେ। ଭୁବନେଶ୍ୱର ଫେରନ୍ତା ପୁଅଙ୍କ ନାଁ ପଞ୍ଜୀକରଣ କରିବା ନେଇ ନଳିନୀଙ୍କ ଉପରେ କ୍ଷୁବ୍ଧ ହୋଇଥିଲେ କମଳାକାନ୍ତ। ପୁଅକୁ ହୋମ ଆଇସୋଲେଶନରେ ରଖିବାକୁ ପରାମର୍ଶ ଦେବାରୁ ସେ ଗାଳିଗୁଲଜ କରିଥିଲେ। ହେଲେ ଆଶା କିଛି ଉତ୍ତର ନ ଦେଇ ଘରକୁ ଆସି ଘଟଣା ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କୁ ଅବଗତ କରାଇଥିଲେ। ରବିବାର ରାତିରେ ଘରେ ଥିବାବେଳେ କମଳାକାନ୍ତ ଓ ହରମୋହନ ଆସି ଆଶାକର୍ମୀଙ୍କୁ ଗାଳିଗୁଲଜ କରିବା ସହ ମାରପିଟ କରିଥିଲେ। ପରେ ଆହତ ଆଶାକର୍ମୀ ରଣପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ଯାଇଥିଲେ। ଡାକ୍ତରଙ୍କ ପରାମର୍ଶ କ୍ରମେ ସେ ରଣପୁର ପୋଲିସକୁ ଘଟଣା ସମ୍ପର୍କରେ ଅବଗତ କରାଇଥିଲେ। ପୋଲିସ ସକାଳୁ ଆସିବାକୁ କହିଥିଲା। ପରେ ଆଶା ସୋମବାର ସକାଳୁ ଆସି ଅଭିଯୋଗ କରିବା ପରେ ପୋଲିସ ମାମଲା (ନଂ.୧୨୬/୨୦) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ନିଜ ଜୀବନକୁ ବାଜି ଲଗାଇ କାମ କରୁଥିବା ଜଣେ ଆଶାଙ୍କୁ ଆକ୍ରମଣ ହୋଇଥିଲେ ମଧ୍ୟ ପୋଲିସ ତତ୍‌କ୍ଷଣାତ୍ କାର୍ଯ୍ୟାନୁଷ୍ଠାନ ପରିବର୍ତ୍ତେ ସକାଳୁ ଆସିବାକୁ କହିବା କେତେଦୂର ଯୁକ୍ତିଯୁକ୍ତ ବୋଲି ବୁଦ୍ଧିଜୀବୀ ପ୍ରଶ୍ନ କରିଛନ୍ତି।

# ଗାଁ ଭିତରକୁ ପଶିଲା ପିଟିସି ଗୁଳି

**ଅନୁଗୋଳ ଅଫିସ/ବନ୍ତଲା, ୧୧।୫**

■ ଜଣେ ମହିଳା ଆହତ ଅଭିଯୋଗ
■ ଘଟଣାସ୍ଥଳରେ ଆଇଜିଙ୍କ ଅନୁଧ୍ୟାନ
■ ତଦନ୍ତ ପରେ ଜଣାପଡ଼ିବ ସତ୍ୟାସତ୍ୟ


ଜିଲା ମୁଖ୍ୟ ଚିକିତ୍ସାଳୟରେ ଆହତ ମହିଳା ଓ ବାଜିଥିବା ଗୁଳି।

ଅନୁଗୋଳସ୍ଥିତ ପୋଲିସ ଟ୍ରେନିଂ କଲେଜ (ପିଟିସି)ରେ ସୋମବାର ଗୁଳି ଚାଳନା ପ୍ରଶିକ୍ଷଣ ବେଳେ ନିକଟସ୍ଥ ଶରଧାପୁର ଗାଁର ମହିଳା ପୁଷ୍ପଲତା ନାଏକ(୪୮)ଙ୍କ ହାତରେ ଗୁଳି ବାଜିଥିବା ଅଭିଯୋଗ ହୋଇଛି। ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଖବରପାଇ ପିଟିସି ଅଧକ୍ଷ ତଥା ଉତ୍ତରକେନ୍ଦ୍ରାଞ୍ଚଳ ଆଇଜି ନରସିଂହ ଭୋଳ ଘଟଣାସ୍ଥଳକୁ ଯାଇ ସ୍ଥିତି ଅନୁଧ୍ୟାନ କରିଛନ୍ତି। ଏପରି କିଛି ଘଟିବାର ସମ୍ଭାବନା ନ ଥିଲେ ବି ଅଭିଯୋଗ ହୋଇଥିବାରୁ ଅନୁଗୋଳ ପୋଲିସ ତଦନ୍ତ କରିବ ବୋଲି ଆଇଜି ପ୍ରକାଶ କରିଛନ୍ତି।

ପ୍ରକାଶ ଯେ, ପିଟିସି ନିକଟରେ ଶରଧାପୁର ଗାଁ ଥିବାରୁ ଏପରି ପ୍ରଶିକ୍ଷଣ ପୂର୍ବରୁ କର୍ତ୍ତୃପକ୍ଷ ଗ୍ରାମବାସୀଙ୍କୁ ସୂଚନା ଦେଇଥାନ୍ତି। ଚଳିତମାସ ୯ରୁ ୧୩ ତାରିଖ ଯାଏ ପ୍ରଶିକ୍ଷଣ ସମୟରେ ବାହାରକୁ ନ ବାହାରିବାକୁ ପିଟିସି ପକ୍ଷରୁ ଗ୍ରାମବାସୀଙ୍କୁ ସତର୍କ କରାଯାଇଥିଲା। ହେଲେ ସକାଳେ ପୁଷ୍ପଲତା ଘର ବାହାରେ କାମ କରୁଥିବା ବେଳେ ଗୋଟିଏ ଗୁଳି ତାଙ୍କ ବାମ ହାତ ପାପୁଲିରେ ବାଜିଥିଲା। ଆଉ ଏକ ଗୁଳି ଘର କାନ୍ଥରେ ବାଜିଥିବା ପୁଷ୍ପଲତାଙ୍କ ପୁଅ ଗୁରୁ ନାଏକ ଅନୁଗୋଳ ଥାନାରେ ଅଭିଯୋଗ କରିଛନ୍ତି। ତୁରନ୍ତ ୧୦୮ ଆମ୍ବୁଲାନ୍ସରେ ପୁଷ୍ପଲତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେ ସାମାନ୍ୟ ଆହତ ହୋଇଥିବା ମେଡିକାଲ ପକ୍ଷରୁ କୁହାଯାଇଛି। ଅନୁଗୋଳ ପୋଲିସ କହିଛି, ପିଟିସି ଗୁଳି ଚାଳନା ରେଞ୍ଜ ଓ ପୁଷ୍ପଲତାଙ୍କ ଘର ମଧ୍ୟରେ ବହୁ ବ୍ୟବଧାନ ରହିଛି। ତେଣୁ ମହିଳାଙ୍କ ହାତରେ ଗୁଳି କିପରି ବାଜିଲା ତାହା ତଦନ୍ତ ପରେ ଜଣାପଡ଼ିବ। ସୂଚନାଯୋଗ୍ୟ ଯେ, ୨୦୧୯ ଜୁଲାଇ ୪ ତାରିଖରେ ପିଟିସିରେ ଏପରି ପ୍ରଶିକ୍ଷଣ ବେଳେ ଜଣେ ବୃଦ୍ଧାଙ୍କ ଛାତିରେ ଗୁଳି ବାଜିଥିଲା।

# ତାଡ଼ି ଭାଟିରୁ ଧରାପଡ଼ିଲେ ଚମ୍ପଟ ପ୍ରବାସୀ

**ପରଜଙ୍ଗ, ୧୧।୫(ଡି.ଏନ୍.ଏ.):** ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ ଅଞ୍ଚଳର ସଙ୍ଗରୋଧ କେନ୍ଦ୍ର ପରିଚାଳନାରେ ବ୍ୟାପକ ଅବ୍ୟବସ୍ଥା ହେଉଥିବା ଅଭିଯୋଗ ହୋଇଛି। କ୍ୱାରାଣ୍ଟାଇନ୍‌ରେ ଥିବା ପ୍ରବାସୀ ପ୍ରଶାସନର ମୁଣ୍ଡବ୍ୟଥା ବଢ଼ାଇଛନ୍ତି। ସୋମବାର ସଙ୍ଗରୋଧରେ ଥିବା ଜଣେ ଯୁବକ କ୍ୱାରାଣ୍ଟାଇନ୍ କେନ୍ଦ୍ରରୁ ଚମ୍ପଟ ମାରି ଖଜୁରି ତାଡ଼ି ଭାଟିରୁ ଧରାପଡ଼ିବା ଚର୍ଚ୍ଚାର ବିଷୟ ହୋଇଛି। ସୂଚନାଯୋଗ୍ୟ, ଅଞ୍ଚଳର ଏକ ସ୍କୁଲରେ ହୋଇଥିବା ସଙ୍ଗରୋଧ କେନ୍ଦ୍ରରୁ ସମ୍ପୃକ୍ତ ଯୁବକ ଜଣକ ପାଚେରି ଡେଇଁ ପଳାଇଥିଲେ। ସେ ଚାଲି ଚାଲି ଯାଇ ନିକଟରେ ଥିବା ଏକ ଖଜୁରି ତାଡ଼ି ଭାଟିରେ ପହଞ୍ଚିଥିଲେ। ସ୍ଥାନୀୟ ଲୋକେ ଯୁବକଙ୍କ ଭିଡିଓ ରେକର୍ଡିଂ କରିବା ସହ ଘଟଣା ସମ୍ପର୍କରେ ପ୍ରଶାସନକୁ ଅବଗତ କରାଇଥିଲେ। କ୍ୱାରାଣ୍ଟାଇନ୍ କେନ୍ଦ୍ରର ନୋଡାଲ ଅଫିସର ବିନୋଦ ବେହେରା, ସରପଞ୍ଚଙ୍କ ସ୍ୱାମୀ ଅନ୍ତର୍ଯ୍ୟାମୀ ବିଶ୍ୱାଳ ପହଞ୍ଚି ଯୁବକଙ୍କୁ ଫେରାଇ ଆଣିଥିଲେ। ତହସିଲଦାର ଜୟନ୍ତ କୁମାର ଜୟସିଂ, ଥାନାଧିକାରୀ ସନ୍ତୋଷ ପ୍ରଧାନ ସ୍କୁଲରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଏ ନେଇ ବିଡିଓ ବସନ୍ତ କୁମାର ମଲ୍ଲିକ କୁହନ୍ତି, ଯୁବକ ଜଣକ ପାଚେରି ଡେଇଁ ଭାଟିକୁ ଯାଇଥିଲେ। ତାଙ୍କୁ ଫେରାଇ ଅଣାଯାଇଥିବା ସେ ସୂଚନା ଦେଇଛନ୍ତି।

# ନିୟମ ନ ମାନିଲେ ଶଟ୍‌ଡାଉନ୍: ଜିଲାପାଳ

**ଅନୁଗୋଳ ଅଫିସ, ୧୧।୫:** ଅନୁଗୋଳ ଜିଲାରେ ରବିବାର ୧୫ କରୋନା ସଂକ୍ରମିତ ଚିହ୍ନଟ ପରେ ତତ୍ପରତା ପ୍ରକାଶ କରିଛି ପ୍ରଶାସନ। ସୋମବାର ଜିଲାବାସୀଙ୍କ ଉଦ୍ଦେଶ୍ୟରେ ଜିଲାପାଳ ମନୋଜ କୁମାର ମହାନ୍ତି ଏକ ଭିଡିଓ ବାର୍ତ୍ତା ଜାରି କରିଛନ୍ତି। ଏଥିରେ ସେ କହିଛନ୍ତି ଯେ, ସମସ୍ତ ସଂକ୍ରମିତଙ୍କୁ ତାଳଚେରସ୍ଥିତ କୋଭିଡ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସଂକ୍ରମିତଙ୍କ ଚିହ୍ନଟ ପରେ ବି ଅନେକ ଲୋକ ନିୟମ ନ ମାନି ଅମାନିଆ ଭାବେ ବୁଲାବୁଲି କରୁଛନ୍ତି। ସାମାଜିକ ଦୂରତ୍ୱ ରଖୁ ନାହାନ୍ତି। ଏପରି ସ୍ଥିତି ଲାଗି ରହିଲେ ବାଧ ହୋଇ ଅନୁଗୋଳ ଜିଲାକୁ ଶଟ୍‌ଡାଉନ୍ ଘୋଷଣା କରାଯିବ ବୋଲି ଜିଲାପାଳ ମହାନ୍ତି ଭିଡିଓ ବାର୍ତ୍ତାରେ ସତର୍କ କରାଇ ଦେଇଛନ୍ତି। ପ୍ରବାସୀଙ୍କୁ ନେଇ କେହି ଆତଙ୍କିତ ନ ହେବାକୁ ସେ କହିଛନ୍ତି। ଜିଲାରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍, କୃଷି ଓ ଉଦ୍ୟାନ କୃଷି କାର୍ଯ୍ୟ ଆରମ୍ଭ ହୋଇଥିବାରୁ ରୋଜଗାର ପନ୍ଥା ନେଇ ଶ୍ରମିକ ଚିନ୍ତିତ ନ ହେବାକୁ ଜିଲାପାଳ ପରାମର୍ଶ ଦେଇଛନ୍ତି।

# କଣ୍ଟେନମେଣ୍ଟ ଜୋନ୍‌ରେ ମିଳୁନି ଅତ୍ୟାବଶ୍ୟକ ସାମଗ୍ରୀ

**ରତ୍ନଗିରି, ୧୧।୫ (ଡି.ଏନ୍.ଏ.)**

ବରୀ ବ୍ଲକ ଅଧୀନ କଳାମାଟିଆ, ଉଦୟନାଥପୁର ଓ ବାଇଁଶିରିଆ ପଞ୍ଚାୟତରୁ ୪ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏହାପରେ କଳାମାଟିଆ ପଞ୍ଚାୟତର ତଳକାଇପଡ଼ା, ଉପରକାଇପଡା, କଳାମାଟିଆ ଏବଂ ଜୋରକୂଳ ଗ୍ରାମକୁ କଣ୍ଟେନମେଣ୍ଟ ଜୋନ୍ ଘୋଷଣା କରାଯାଇଛି। ଏତଦ୍‌ବ୍ୟତୀତ ଉଦୟନାଥପୁର ଓ ବାଇଁଶିରିଆ ପଞ୍ଚାୟତର ବାଇଁଶିରିଆ(ବାଲିଆପାଲ), ମହମ୍ମଦପୁର, ସାରଙ୍ଗପୁର ଓ ଔପଡା ପ୍ରଭୃତି ଗ୍ରାମରେ ପ୍ରବେଶ ଓ ପ୍ରସ୍ଥାନ ଉପରେ ମଧ୍ୟ କଟକଣା ଲଗାଯାଇଛି। ଉକ୍ତ ଅଞ୍ଚଳଗୁଡ଼ିକରେ ପ୍ରଶାସନ ପକ୍ଷରୁ ଲୋକମାନଙ୍କୁ ଅତ୍ୟାବଶ୍ୟକ ସାମଗ୍ରୀ ଯୋଗାଇ ଦିଆଯିବାର ବ୍ୟବସ୍ଥା କରାଯାଇଥିଲେ ବି କେତେକ ସ୍ଥାନରେ ଲୋକମାନଙ୍କୁ ଏହି ସୁବିଧା ମିଳୁ ନ ଥିବା ଅଭିଯୋଗ ହୋଇଛି। ବାଇଁଶିରିଆ ପଞ୍ଚାୟତର ୮୪୬ ପରିବାର ଅତ୍ୟାବଶ୍ୟକ ସାମଗ୍ରୀ ପାଉ ନଥିବାରୁ ଅସୁବିଧା ଭୋଗୁଥିବା ଅଭିଯୋଗ ହୋଇଛି। ବ୍ଲକ ପ୍ରଶାସନ ତରଫରୁ ବାଇଁଶିରିଆ ପଞ୍ଚାୟତରେ ଅତ୍ୟାବଶ୍ୟକ ସାମଗ୍ରୀ ଯୋଗାଣ କରାଯାଉ ନ ଥିବାରୁ ଲୋକମାନେ ହଇରାଣ ହେଉଛନ୍ତି ବୋଲି କହିଛନ୍ତି। ଗ୍ରାମ ସୀମା ସିଲ ହୋଇଥିବାରୁ ସେଠାକାର ଲୋକେ ବାହାରକୁ ଆସି ପାରୁ ନ ଥିବା ବେଳେ ଏ ନେଇ ବରୀର ଭାରପ୍ରାପ୍ତ ମଣ୍ଡଳ ଉନ୍ନୟନ ଅଧିକାରୀଙ୍କୁ ଅଭିଯୋଗ କରିଥିଲେ। ଏହାପରେ ବି ପ୍ରଶାସନ ପକ୍ଷରୁ କୌଣସି ବ୍ୟବସ୍ଥା କରାଯାଉ ନ ଥିବା ଅଭିଯୋଗ ହୋଇଛି। ଏ ନେଇ ଅଭିଯୋଗ କରାଯାଇଥିଲେ ବି ପ୍ରଶାସନ ତରଫରୁ କୌଣସି ବ୍ୟବସ୍ଥା କରାଯାଇ ନ ଥିବା ଜଣାପଡିଛି। ଏ ବିଷୟରେ ବରୀର ଭାରପ୍ରାପ୍ତ ମଣ୍ଡଳ ଉନ୍ନୟନ ଅଧିକାରୀଙ୍କୁ ପଚାରିବାରେ ଅତ୍ୟାବଶ୍ୟକ ସାମଗ୍ରୀ ଯୋଗାଣ ନିମନ୍ତେ ଉକ୍ତ ପଞ୍ଚାୟତରେ ଗୋଟିଏ ଗାଡ଼ିର ବ୍ୟବସ୍ଥା କରାଯାଇଛି। ମାତ୍ର ଲୋକମାନଙ୍କୁ ଅସୁବିଧା ହେଉଥିବା ସମ୍ପର୍କରେ ତାଙ୍କ ନିକଟରେ ଲିଖିତ ଅଭିଯୋଗ ହୋଇ ନ ଥିବା କହିଛନ୍ତି।


**OFFICE OF THE CDM & PHO, NUAPADA**
ODISHA - 766105
E-mail: cdmocumdmdnuapada@gmail.com, Phone: (06678) 223346
Letter No.: 1545/DPMU/NHM Date: 6.5.2020
**SHORT TENDER CALL NOTICE**
Sealed tender is invited in the prescribed format from Travel Agencies/Individuals for engagement of vehicle under SUNETRA, Nuapada on monthly basis. Interested Travel Agencies/Private Organization/Individuals may download the detailed terms and conditions and formats from district website **www.nuapada.nic.in** and submit on or before 27.05.2020 by 2 P.M. The undersigned reserves the right to reject any or all the quotations without assigning any reason thereof.
Sd./- CDM & PHO, Nuapada

GOVERNMENT OF ODISHA
**DEPARTMENT OF WATER RESOURCES**
OFFICE OF THE EXECUTIVE ENGINEER, UPPER KOLAB HEAD WORKS DIVISION,
At/P.O.: Kolabnagar, Dist.- Koraput(O)
**CANCELLATION NOTICE**
No.: A-19: After 1st Corrigendum to AUCTION SALE NOTICE No. EEUKHWD 02/2019-20 Dated 11.03.2020 the sale and receipt of Bid documents was extended upto 08.05.2020 (11.30 A.M.) in view of lockdown declared to stop spread of Corona Virous. But due to non participation of bidders the AUCTION SALE NOTICE No EEUKHWD 02/2019-20 Dated 11.03.2020 is hereby cancelled.
Sd./- Executive Engineer
U.K. Head Works Division, Kolabnagar
OIPR-32015/11/0001/2021

**CLASSIFIED DISPLAY**
TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

**Galaxy Tower Company Pvt. Ltd.**
କମ୍ପାନୀ ସହିତ ସିଧା ସିଧା ଯୋଡି ହୋଇକି ଖାଲିଥିବା ଜମି ଓ ଛାତ ଉପରେ 4G/5G Tower ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ପାଆନ୍ତୁ । ଜଣକୁ ଚାକିରି ମିଳିବ ।
65/1, Ratna Villas Road, Gandhi Bazaar, Basavanagudi, Bengaluru, Karnataka 560004
Email: galaxytower1999@gmail.com
WhatsApp: 9479667248

କଣ ଆପଣ ଚିନ୍ତିତ କି
ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
ଫୋନ୍ ଲଗାନ୍ତୁ, ସମସ୍ୟା କୁହନ୍ତୁ
୨ଘଣ୍ଟାରେ ଗ୍ୟାରେଣ୍ଟି ସମାଧାନ
ସ୍ପେଶାଲିଷ୍ଟ - ବଶୀକରଣ ଓ ମୁଠ୍‌କରଣୀ
ତନ୍ତ୍ର ମନ୍ତ୍ର ର ସମ୍ରାଟ, କାମନହେଲେ ପଇସା ଫେରସ୍ତ, ଗୃହ କ୍ଲେଶ, ପତି ପତ୍ନୀ ମଧ୍ୟରେ ଝଗଡା, ବିବାହରେ ସମସ୍ୟା, ଲଭ୍ ମ୍ୟାରେଜ, ବ୍ୟବସାୟରେ ବାଧା, ରୋଗରେ ଔଷଧ କାମ ନକରିବା, ସନ୍ତାନ ପ୍ରାପ୍ତି, ବିଦେଶ ଯାତ୍ରା ମୋ କାମକୁ କାଟିଥିବା ଲୋକଙ୍କୁ ମନଚାହିଁ ପୁରସ୍କାର
ବି.ଦ୍ର : ଯଦି କାହାର ପତି ବା ପ୍ରେମୀ ଅନ୍ୟ ଦ୍ୱାରା ବଶୀଭୂତ ତେବେ ଆମକୁ ଯୋଗାଯୋଗ କରନ୍ତୁ
ବାବା ଆଲାମ ଖାନ
ମାଷ୍ଟର କ୍ୟାଣ୍ଟିନ୍, ଭୁବନେଶ୍ୱର
9773820765

ବାସ୍ ଦୁଃଖ ଏବେ ଆଉ ନୁହେଁ
ଦୁଃଖକୁ ଖୁସିରେ ବଦଳାଉଥିବା ରୁହାନୀ ଓ କଳା ବିଦ୍ୟାରେ ନିପୁଣ
2 ଘଣ୍ଟାରେ 100% ଗ୍ୟାରେଣ୍ଟି ସହ ସମାଧାନ
ଆପଣ କୌଣସି ସମସ୍ୟାକୁ ନେଇ ବିବ୍ରତ ଥିଲେ ଏବେ ହିଁ ଫୋନ୍ କରି ଘରେ ବସି ସମାଧାନ କରାନ୍ତୁ
ପ୍ରେମ ବିବାହ, ଗୃହ କ୍ଲେଶ, ବିବାହରେ ବାଧା, ସଉତୁଣୀ ଶତ୍ରୁଙ୍କଠାରୁ ମୁକ୍ତି, ପୋତାଧନ, ବ୍ୟବସାୟରେ ବନ୍ଧନ, ଜୁଆ-ସଟ୍ଟା, ଭୂତ-ପ୍ରେତ, ପ୍ରେମ-ପ୍ରଣୟ, ଗୁଣିଗାରେଡ଼ି
ସ୍ପେ. ବଶୀକରଣ ଓ ମୁଠକରଣୀ
ଆପଣଙ୍କ ଝିଅକୁ ଆପଣଙ୍କ କ୍ୱାଇଁ, ବାହାରର କୌଣସି ବ୍ୟକ୍ତି କିମ୍ବା ଶାଶୁଘର ଲୋକ ହଇରାଣ କରୁଛନ୍ତି କି ।
ବାବା ଆମିଲ ସୁଫି ଗୋଲ୍ଡ ମେଡାଲିଷ୍ଟ
ଠିକଣା ସିଟି ବସ୍ ଷ୍ଟାଣ୍ଡ ଅଜମେର ୱାଲେ
9650446732
9971793786

**GANPATI FINANCE**
(Regd Company)
Ganpati ଋଣ ଭରସାର ପ୍ରତିକ
ସରକାରୀ ସ୍ୱୀକୃତିପ୍ରାପ୍ତ କମ୍ପାନୀଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, ଋଣ ମାତ୍ର ୨୪ଘଣ୍ଟାରେ ଘରେବସି ପାଆନ୍ତୁ।
2% ସୁଧ
50% ଛାଡ
(ମହିଳା ଓ ସରକାରୀ କର୍ମଚାରୀ ମାନଙ୍କ ପାଇଁ ବିଶେଷ ଛାଡ)
ଧୋକାଖାଇଥିବା ବ୍ୟକ୍ତି ଅବଶ୍ୟ ସମ୍ପର୍କ କରନ୍ତୁ
Plot No-7, Knowledge City, Navi Mumbai
7088208559

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


# ସରପଞ୍ଚ, ୱାର୍ଡମେମ୍ବରଙ୍କୁ ଗାଳିଗୁଲଜ

**ନୟାଗଡ ଅଫିସ/ରଣପୁର, ୧୧।୫(ସ୍ୱ.ପ୍ର.)**

**ଗାଁରେ କ୍ୱାରାଣ୍ଟାଇନ୍ ସେଣ୍ଟରକୁ ବିରୋଧ**

ରଣପୁର ଥାନାର ଲୋଧାଚୁଆ ସରପଞ୍ଚ ଜୟନ୍ତ କୁମାର ନାୟକ ଓ ରାଜନଗର ୱାର୍ଡସଭ୍ୟ ଶିବରାମ ମାଝିଙ୍କୁ ଗାଳିଗୁଲଜ କରାଯିବା ସହ ହତ୍ୟା ଧମକ ଦିଆଯାଇଛି। ଗାଁରେ କ୍ୱାରାଣ୍ଟାଇନ ସେଣ୍ଟରକୁ ବିରୋଧ କରି ରାଜନଗର ଗାଁର ଆଲୋକ କୁମାର ଜେନା ଗଣ୍ଡଗୋଳ କରିଥିବା ଅଭିଯୋଗରେ ଦର୍ଶାଯାଇଛି। ଅଭିଯୋଗ ପରେ ପୋଲିସ ୧୨୫/୨୦ରେ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ଅଭିଯୋଗ ଅନୁସାରେ ରାଜନଗର ସ୍କୁଲରେ ଏକ କ୍ୱାରାଣ୍ଟାଇନ ସେଣ୍ଟର କରାଯାଇଛି। ସ୍ଥାନୀୟ ୱାର୍ଡସଭ୍ୟ ଶିବରାମ ମାଝି ଏହା ଦାୟିତ୍ୱରେ ଅଛନ୍ତି। ତେବେ ଗାଁରେ କାହିଁକି କ୍ୱାରାଣ୍ଟାଇନ ସେଣ୍ଟର କରାଗଲା ସେ ନେଇ ଆଲୋକ ପ୍ରତିବାଦ କରିଥିଲେ। ଏପରି କି ୱାର୍ଡମେମ୍ବର ମାଝିଙ୍କୁ ଗାଳିଗୁଲଜ କରିବା ସହ ଖଣ୍ଡାରେ ହାଣିଦେବେ ବୋଲି ଧମକ ଦେଇଥିଲେ। ଘଟଣାସ୍ଥଳରେ ସରପଞ୍ଚ ପହଞ୍ଚିବାରୁ ସେ ତାଙ୍କୁ ମଧ୍ୟ ଗାଳିଗୁଲଜ କରିଥିଲେ।

# କରୋନା ସ୍ଥିତି ଅନୁଧ୍ୟାନ କଲା ସ୍ୱାସ୍ଥ୍ୟ ବିଭାଗ ଟିମ୍

**ଅନୁଗୋଳ ଅଫିସ, ୧୧।୫:** ଅନୁଗୋଳ ଜିଲାରୁ ୧୫ ଜଣ କରୋନା ସଂକ୍ରମିତ ବାହାରିବା ପରେ ସୋମବାର ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏକ ୩ ଜଣିଆ ଟିମ୍ ଜିଲାରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। ରାଜ୍ୟ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ହେଲଥ୍ ଆଣ୍ଡ ଫାମିଲି ୱେଲଫେୟାର ନିର୍ଦ୍ଦେଶକ ଅମରେନ୍ଦ୍ରନାଥ ମହାନ୍ତିଙ୍କ ସହ ଆସିଥିବା ଉକ୍ତ ଟିମ୍ ସହର ଉପକଣ୍ଠ ପଞ୍ଚମହଲାର ଆଦର୍ଶ ବିଦ୍ୟାଳୟ ଓ ବଅଁରପାଳସ୍ଥିତ ଡିପିଏସ୍ ବିଦ୍ୟାଳୟରେ ହୋଇଥିବା ଅସ୍ଥାୟୀ ମେଡିକାଲ କ୍ୟାମ୍ପ ପରିଦର୍ଶନ କରିଛନ୍ତି। ଏହାପରେ ଜିଲା ପ୍ରଶାସନ ସହ ଏକ ବୈଠକ କରିଛନ୍ତି। ଜିଲାର କରୋନା ସଂକ୍ରମିତଙ୍କୁ ସିଧାସଳଖ କୋଭିଡ୍ ହସ୍ପିଟାଲ ନ ପଠାଇ ପ୍ରଥମେ ଅସ୍ଥାୟୀ ମେଡିକାଲରେ ଚିକିତ୍ସା କରିବା ଓ କେବଳ ଗୁରୁତରଙ୍କୁ ମେଡିକାଲ୍ ପଠାଇବାକୁ ନିର୍ଦ୍ଦେଶକ ପରାମର୍ଶ ଦେଇଥିବା ଜିଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।


ଅନୁଗୋଳରେ ରାଜ୍ୟ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ହେଲଥ୍ ଆଣ୍ଡ ଫାମିଲି ୱେଲଫେୟାର ନିର୍ଦ୍ଦେଶକ।


**ODISHA TOURISM DEVELOPMENT CORPORATION LIMITED**
(A GOVT. OF ODISHA UNDERTAKING)
PANTHANIVAS (OLD BLOCK): LEWIS ROAD: BHUBANESWAR-14
E-mail : bpdivn2otdc@gmail.com, Tel. -(0674)- 2432477, Fax:- (0674)-2431053
Letter No.- 2122 Date: 08.05.2020
No.: CAD-11
**NOTICE INVITATION FOR BIDS (NIFB)**
e-Procurement Notice No. BP -II/16/2020-21 dt.08.05.2020.
1. Nature of Work : Civil Works.
2. Total Nos. of Works : 15 (Fifteen) Nos.
3. Tender cost of the works : From Rs. 08.27 to Rs. 82.67 lakhs.
4. Bid security : 1% of the amount put to tender.
5. Class of Contractor : "D" & "C" to "B" & "A".
6. Period of Completion : 2 (Two) Months to 6 (Six) Months.
7. Other details as follow :

| Procurement Officer | Bid Identification No. | Availability of Bid online | | Payment Mode | Date & Time & Place of opening of Tender |
|---|---|---|---|---|---|
| | | From | To | | |
| Executive Engineer, B.P. Divn. No.- II O.T.D.C. Ltd. | BP -II/16/2020-21 dt.08.05.2020. | 28.05.2020 | 08.06.2020 | Online | Dt.09.06.2020 at 11.30 A.M. in the office of the Executive Engineer B.P. Divn. No.- II O.T.D.C. Ltd. |

Further details can be seen from the Government website: www.etenderodisha.gov.in
OIPR-37002/11/0001/2021 Sd./- Executive Engineer, Building Project Division No.-II, O.T.D.C. Ltd., Bhubaneshar.

GOVERNMENT OF ODISHA No.: O-14
**OFFICE OF THE EXECUTIVE ENGINEER, RURAL WORKS DIVISION, BHUBANESWAR**
Ph. No.: 0674-2301787, Fax No.: 0674-2300965, E-mail ID: eerw_bbsr@yahoo.co.in
No.: Tender-Online-BBSR Divn.-01 Date: 05.05.20
**e-Procurement NOTICE**
1. Name of the Work : Periodical Maintenance of Road Work
2. Total No. of Projects : 1 No. Work
3. Class of Contractor :
   a) Estimated Cost more than Rs.40.00 lakh & not exceeding to Rs.1.50 Crore : "A" & "B" Class (of Odisha PWD) or relevant Class of other licensing authorities.
   b) Estimated cost more than Rs.20.00 lakh & not exceeding to Rs.40.00 lakh. : "B" & "C" Class (of Odisha PWD) or relevant Class of other licensing authorities.
   c) Estimated cost not exceeding to Rs.20.00 lakh : "C" & "D" Class (of Odisha PWD) of relevant Class of other licensing authorities.
4. Estimated Cost of Individual Projects : Rs.24.10 lakh
5. Time for Completion : 3 (Three) Calendar Months
6. Other details :

| Procurement Officer | Bid Identification No. | Availability of Tender Online for Bidding | | Date & Time of Opening of Tender |
|---|---|---|---|---|
| | | From | To | |
| 1 | 2 | 3 | 4 | 5 |
| Executive Engineer, Rural Works Division, Bhubaneswar | Tender Online-BBSR Divn.-01 | 15.05.2020 at 11.00 A.M. | 26.05.2020 upto 5.00 P.M. | 27.05.2020 at 11.00 A.M. |

Further details can be seen from the website **www.tendersorissa.gov.in**.
OIPR-25066/11/0001/2021 Sd./- Executive Engineer, Rural Works Divn., BBSR

## ସଂକ୍ଷେପରେ

### ଶ୍ରମିକଙ୍କ ସୁରକ୍ଷା ପାଇଁ ଜିଲାପାଳଙ୍କୁ ଦାବିପତ୍ର

**କଟକ ଅଫିସ,୧୧।୫:** ଲକ୍‌ଡାଉନ ଯୋଗୁ ଶ୍ରମିକମାନଙ୍କର ଜୀବନ ଜୀବିକା ପ୍ରଭାବିତ ହୋଇଛି। ସେମାନଙ୍କ ସୁରକ୍ଷା ପାଇଁ ସୋମବାର ଅଖିଳ ଭାରତୀୟ ଟ୍ରେଡ ୟୁନିୟନ କଂଗ୍ରେସ ପକ୍ଷରୁ କଟକ ଜିଲାପାଳଙ୍କୁ ଏକ ଦାବିପତ୍ର ଦିଆଯାଇଛି। ସଙ୍ଗଠନର ଏକ ପ୍ରତିନିଧି ଦଳ ଜିଲାପାଳ ଭବାନୀ ଶଙ୍କର ଚୟନୀଙ୍କୁ ଭେଟି ଏହି ଦାବିପତ୍ର ପ୍ରଦାନ କରିଛନ୍ତି। ପ୍ରବାସୀ ଓଡ଼ିଆ ଶ୍ରମିକଙ୍କୁ ରେଳଭଡ଼ା ଛାଡ଼, ଶ୍ରମିକଙ୍କ ପରିବାରକୁ ରାଶନ ସାମଗ୍ରୀ ଯୋଗାଣ, କଳକାରଖାନାରେ ନିୟୋଜିତ ଶ୍ରମିକଙ୍କୁ କମ୍ପାନୀ ପକ୍ଷରୁ ସାନିଟାଜର, ମାସ୍କ ଓ ସାବୁନ ଦେବା ନିୟମ କରିବା ଆଦି ୧୧ଟି ଦାବି ଉପସ୍ଥାପନ ହୋଇଛି। ଦାବିଗୁଡ଼ିକୁ କାର୍ଯ୍ୟକାରୀ ନ ଗଲେ ଶ୍ରମିକମାନେ ଆନ୍ଦୋଳନ କରିବେ ବୋଲି ସଙ୍ଗଠନର ସମ୍ପାଦକ ବିନୋଦ ବେହେରା କହିଛନ୍ତି। ଏହି ପ୍ରତିନିଧି ଦଳରେ ଅମରେନ୍ଦୁ ମହାନ୍ତି, ରାମଚନ୍ଦ୍ର ବେହେରା, ଉଦୟ ବର୍ମା, ରମେଶ ନାୟକ ପ୍ରମୁଖ ସାମିଲ ଥିଲେ।

### ରିଲିଫ୍ ପାଣ୍ଠିକୁ ଇଣ୍ଡିଆନ ବ୍ୟାଙ୍କର ସହାୟତା

**ଭୁବନେଶ୍ୱର,୧୧।୫:** ରାଷ୍ଟ୍ରାୟତ୍ତ ଇଣ୍ଡିଆନ ବ୍ୟାଙ୍କ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ୨୫ଲକ୍ଷ ଟଙ୍କାର ସହାୟତା ରାଶି ପ୍ରଦାନ କରାଯାଇଛି । ବ୍ୟାଙ୍କର ଆଞ୍ଚଳିକ ପ୍ରବନ୍ଧକ ଶଶିଭୂଷଣ ଦାଶ ଓ ଉପ ଆଞ୍ଚଳିକ ପ୍ରବନ୍ଧକ ଏଲ୍.ଡି.ନାୟକ ଓ ଅନ୍ୟମାନେ ଓଡିଶା ଲୋକସେବା ଭବନ ପରିସରରେ ମୁଖ୍ୟ ଶାସନ ସଚିବ ଅସିତ କୁମାର ତ୍ରିପାଠୀଙ୍କୁ ଭେଟି କୋଭିଡ୍-୧୯ ମହାବିପତ୍ତି ପାଇଁ ଏହି ଅର୍ଥ ରାଶିର ଚେକ୍ ପ୍ରଦାନ କରିଥିଲେ ।

### ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିକୁ ଗୋଟିଏ ଦିନର ବେତନ ଦାନ

**ବାଲକାଟୀ,୧୧।୫(ଡି.ଏନ.ଏ):** ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିକୁ ସୋମବାର ବାଲିଅନ୍ତା ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ଗୋଟିଏ ଦିନର ବେତନ ୪ ଲକ୍ଷ ୪୯ ହଜାର ୯୯୭ଟଙ୍କା ପ୍ରଦାନ କରାଯାଇଛି। ପୂର୍ବାହ୍ନ ସମୟରେ ବ୍ଲକ ଶିକ୍ଷକ ସଂଘ ତରଫରୁ ଏକ ଡିମାଣ୍ଡ ଡ୍ରାଫ୍ଟ ମାଧ୍ୟମରେ ଏହି ସହାୟତା ରାଶି ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ଶିକ୍ଷାଧିକାରୀ ସିପ୍ରା ମିଶ୍ରଙ୍କୁ ପ୍ରଦାନ କରାଯାଇଥିଲା। ବ୍ଲକର ୧୨୧ଟି ପ୍ରାଥମିକ ସ୍କୁଲର ଶିକ୍ଷୟିତ୍ରୀ/ଶିକ୍ଷକ ଏବଂ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟର କର୍ମଚାରୀଙ୍କ ଏହି ସହାୟତାକୁ ସାଧାରଣରେ ପ୍ରଶଂସା କରାଯାଇଛି।

### ଟଙ୍କା ପାଇଁ ସାଙ୍ଗକୁ ଅପହରଣ, ୨ ଗିରଫ

**କଟକ ଅଫିସ,୧୧।୫:** ଅର୍ଥ ଅଭାବରେ ପଡ଼ି ଦୁଇଜଣ ଯୁବକ ନିଜ ସାଙ୍ଗକୁ ଅପହରଣ କରିବା ଭଳି ଘଟଣା ନଜରକୁ ଆସିଛି। ସାଙ୍ଗକୁ ରାସ୍ତାରୁ ଉଠାଇ ନେଇ ଏକ ପରିତ୍ୟକ୍ତ କୋଠରିରେ ରଖିଥିଲେ। ପରେ ଧମକ ଦେଇ ତାଙ୍କ ଏଟିଏମ୍‌ରୁ ୧୦ହଜାର ଟଙ୍କା ମଧ୍ୟ ଉଠାଇ ଥିଲେ। ଏ ନେଇ ଅପହୃତ ଯୁବକଙ୍କ ପରିବାର ପକ୍ଷରୁ ଥାନାରେ ଅଭିଯୋଗ କରାଯିବା ପରେ ଘଟଣାର ପର୍ଦ୍ଦାଫାଶ ହୋଇଥିଲା। ମଧୁପାଟଣା ଥାନା ପୋଲିସ ଚଢ଼ାଉ କରି ୨ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ସୋମବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଷ୍ଟେସନ ବଜାର ଅଞ୍ଚଳର ସନ୍ଦୀପ ଭୂଷଣ ଓରଫ ବାବୁ ଏବଂ ଯୋବ୍ରା ବ୍ୟାରେଜ କଲୋନୀର ରାଜକୁମାର ଜେନା ଓରଫ ବୁସଲିନ। ପୋଲିସ ନଂ.୭୯/୨୦ରେ ମାମଲା ରୁଜୁ କରିବା ସହ ସେମାନଙ୍କଠାରୁ ୯ ହଜାର ଟଙ୍କା, ୨ଟି ମୋବାଇଲ ଓ ଏକ ସ୍କୁଟି( ଓଡ଼ି-୦୫-୯୯୪୭) ଜବତ କରିଛି। ଏହି ଥାନା ଅନ୍ତର୍ଗତ ଅନ୍ଦରପୁର ଅଞ୍ଚଳରେ ଅପହୃତ ଯୁବକଙ୍କ ଘର। ପୂର୍ବରୁ ଅଭିଯୁକ୍ତମାନଙ୍କ ସହ ଅପହୃତ ଯୁବକଙ୍କ ବନ୍ଧୁତା ଥିଲା। ୯ ତାରିଖ ଦିନ ସନ୍ଦିପ ଓ ବୁସଲିନଙ୍କୁ ଟଙ୍କା ଦରକାର ଥିବାରୁ ସାଙ୍ଗକୁ ମାଗିଥିଲେ। କିନ୍ତୁ ସେ ନ ଦେବାରୁ ପୂର୍ବ ଯୋଜନା ଅନୁଯାୟୀ ସେମାନେ ମେଡ଼ିକାଲ ନିକଟରେ ଥିବା ଏକ ପରିତ୍ୟକ୍ତ କୋଠା ନିକଟକୁ ସାଙ୍ଗଙ୍କୁ ଡାକି ନେଇଥିଲେ। ସେଠାରେ ତାଙ୍କୁ ବାନ୍ଧି ରଖିବା ସହ ଟଙ୍କା ମାଗି ମାଡ଼ ମାରିଥିଲେ। ଅପହୃତ ଯୁବକ ପରିବାର ଲୋକଙ୍କୁ କହିବାରୁ ଆକାଉଣ୍ଟରେ ଟଙ୍କା ଡିପୋଜିଟ କରିଥିଲେ। ଅଭିଯୁକ୍ତ ଟଙ୍କା ଉଠାଇବା ପରେ ତାଙ୍କୁ ଛାଡି ଥିଲେ। ପରିବାର ଲୋକ ଏ କଥା ଜାଣି ସେଦିନ ରାତିରେ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଥିବାବେଳେ ସୋମବାର ଘର ନିକଟରେ ଚଢ଼ାଉ କରି ଅଭିଯୁକ୍ତଙ୍କୁ ଧରିଥିଲେ।

# ସ୍ୱାଭାବିକ ହେଉଛି, ଭିଡ଼ ବି ବଢୁଛି

**ଭୁବନେଶ୍ୱର,୧୧।୫ (ବ୍ୟୁରୋ)**

ତୃତୀୟ ପର୍ଯ୍ୟାୟ ଲକ୍‌ଡାଉନ୍ ଜାରି ରହିଥିବାବେଳେ ରାଜଧାନୀ ଭୁବନେଶ୍ୱର ଏବେ ବି ରେଡ୍ ଜୋନ୍‌ରେ ରହିଛି। ସଂକ୍ରମଣକୁ ଯଥାସମ୍ଭବ ରୋକିବା ପାଇଁ ପୋଲିସ ଓ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ପରିବର୍ତ୍ତିତ କଟକଣା ଲାଗୁ କରାଯାଇଛି। ହେଲେ ଜୀବନ ଜୀବିକା ଓ ଆର୍ଥିକ ବ୍ୟବସ୍ଥା ବିଗୁଡୁଥିବାରୁ ସ୍ଥିତିକୁ ଦୃଷ୍ଟିରେ ରଖି ନିୟମରେ କିଛିଟା କୋହଳ କରାଯାଇଛି। ଫଳରେ କଟକଣା ସହ ରାଜଧାନୀର ସ୍ଥିତି ଧୀରେ ଧୀରେ ସ୍ୱାଭାବିକ ହେବାରେ ଲାଗିଛି। ସରକାରଙ୍କ ଗାଇଡ୍‌ଲାଇନ୍ ଅନୁଯାୟୀ କେତେକ ଶିଳ୍ପ ପ୍ରତିଷ୍ଠାନଠାରୁ ଆରମ୍ଭ କରି ଦୋକାନ ବଜାର ଖୋଲିବା ଆରମ୍ଭ କରିଥିବାବେଳେ ରାସ୍ତାରେ ଗାଡିମୋଟର ସଂଖ୍ୟା ବଢ଼ିଲାଣି। ସେହିଭଳି ସାଧାରଣ ଲୋକଙ୍କ ଚଳପ୍ରଚଳ ଦେଖିବାକୁ ମିଳୁଥିବାବେଳେ ହାଟ, ବଜାରରେ ବି ଗହଳି ଜମିଲାଣି।





### ରହୁନି ସାମାଜିକ ଦୂରତ୍ୱ

କରୋନା ଭୂତାଣୁ ସଂକ୍ରମଣ ରୋକିବା ପାଇଁ ସାମାଜିକ ଦୂରତ୍ୱ ହେଉଛି ପ୍ରମୁଖ ଅସ୍ତ୍ର। ଏହାକୁ ଗୁରୁତ୍ୱ ଦିଆଯିବା ସହ କଟକଣାରେ କେତେକ କୋହଳ କରାଯାଇଛି। ହେଲେ ସାଧାରଣ ଲୋକ ହୁଅନ୍ତୁ କି ବ୍ୟବସାୟୀ ଅବ ଅନ୍ୟ କେହି ଏହି ସୁଯୋଗରେ ନିୟମକୁ ଖୋଲାଖୋଲି ଉଲ୍ଲଂଘନ କରୁଥିବା ଦେଖିବାକୁ ମିଳୁଛି। ହାଟ ଓ ଦୋକାନରେ ଲୋକେ ଭିଡ଼ ଜମାଇ କିଣାବିକା କରୁଥିବା ଦେଖିବାକୁ ମିଳୁଛି। ବିଶେଷକରି ଆମିଷ ବଜାରରେ ଅଧିକ ଭିଡ଼ ରହୁଛି। ଫଳରେ ରାଜଧାନୀର କରୋନା ସ୍ଥିତି ପୁଣି ବିଗିଡିଯିବା ଆଶଙ୍କା ପ୍ରକାଶ ପାଇଛି।

## ଲକ୍‌ଡାଉନ୍‌ରେ ରାଜଧାନୀ

### ଅମାନିଆ ଗାଡ଼ି ଚାଳକ ନେଇଯିବେ ଜୀବନ

କେତେକ ସ୍ଥାନରେ ବ୍ୟାରିକେଡ ରହିଥିବାବେଳେ ଅନେକ ଛକରେ ଟ୍ରାଫିକ ପୋଲିସ ନାହାନ୍ତି। ଏହାର ସୁଯୋଗ ନେଇ ଜାତୀୟ ରାଜପଥଠାରୁ ଆରମ୍ଭ କରି ସହରର ପ୍ରମୁଖ ଓ କଲୋନୀ ରାସ୍ତାରେ ଗାଡ଼ିଗୁଡିକ ଦ୍ରୁତଗତିରେ ଯିଏ ଯୁଆଡେ ପାରୁଛି ଯିବାଆସିବା କରୁଛନ୍ତି। ଫଳରେ କିଛିଦିନ ହେବ ଦୁର୍ଘଟଣା ନ ଥିବା ରାଜଧାନୀ ରାସ୍ତାରେ ଅମାନିଆଙ୍କ ଦ୍ରୁତ ଗାଡ଼ିଚାଳନା ପୁଣି ଜୀବନ ନେବ ବୋଲି କୁହାଯାଉଛି। ସେହିପରି ଅନେକ ବାରିକେଡ଼ରେ ରେଡ଼ିୟମ୍ ଲାଗି ନ ଥିବାରୁ ଗାଡ଼ି ଚାଳକ ଅନ୍ଧାରରେ ଜାଣି ନ ପାରି ଦୁର୍ଘଟଣାଗ୍ରସ୍ତ ହେଉଛନ୍ତି।

### ଫ୍ୟାନ୍, ଏସି ପାଇଁ ଲାଗିଲାଣି ଭିଡ଼

ଲକ୍‌ଡାଉନ୍ ଯୋଗୁ ଲୋକେ ଘରେ ରହୁଛନ୍ତି। ସେଥିପାଇଁ ଘରର ପଙ୍ଖା,ଏସି ଓ କୁଲର ଆଦି ଖରାପ ହୋଇଯାଇଛି। ଏବେ ରାଜଧାନୀରେ ଖରାତାତି ଅତ୍ୟଧିକ ରହୁଥିବାରୁ ଗରମରେ ଲୋକେ ଘରେ ରହିବା କଷ୍ଟକର ହୋଇପଡୁଛି। ତେଣୁ ଏସବୁ ସାମଗ୍ରୀ ପାଇଁ ଦୋକାନରେ ଭିଡ଼ ଜମାଇବା ସହ ଘରକୁ କିଣି ନେଉଥିବା ଦେଖିବାକୁ ମିଳୁଛି।

### ଥାନାକୁ ବିପଦ ବସ୍ତି

କମିଶନରେଟ ପୋଲିସରେ ଥିବା ବସ୍ତି ଏବେ ଥାନା ପାଇଁ ଅଡୁଆ ଆଣିଛି। କାରଣ ଏବେ ବସ୍ତିରେ ଅଧିକ ଛୋଟବଡ଼ ଗଣ୍ଡଗୋଳ ହେଉଛି। ଗୋଟିଏ ଘଟଣା ଘଟିଲେ ଥାନାକୁ ଦଳଦଳ ହୋଇ ବସ୍ତିର ଲୋକେ ଆସୁଛନ୍ତି। ପୋଲିସ ସେମାନଙ୍କୁ ବୁଝାଇଲେ ମଧ କିଛି ନ ଶୁଣି ଥାନା ଭିତରକୁ ପଶି ଏଠିସେଠି ସ୍ପର୍ଶ କରୁଛନ୍ତି। ଯାହାକୁ ନେଇ ଥାନାରେ କାର୍ଯ୍ୟରତ ପୋଲିସ କର୍ମଚାରୀ ନିଜକୁ ସୁରକ୍ଷିତ ମଣୁନାହାନ୍ତି।

### ବ୍ୟାରିକେଡ୍ ଉଠିବା ନେଇ ୪ ଦିନରେ ନିଷ୍ପତ୍ତି

ନିୟମ କୋହଳହେବା ପରେ ବିଭିନ୍ନ ଛକରେ ଥିବା ବ୍ୟାରିକେଡ଼ ଉଠିବ କି ନାହିଁ ତାହକୁ ନେଇ ଏବେ ଆଲୋଚନା ଚାଲିଛି। ଲକ୍‌ଡାଉନ୍ ଆସନ୍ତା ୧୭ ତାରିଖ ପର୍ଯ୍ୟନ୍ତ ରହିଛି। ବ୍ୟାରିକେଡ୍ ଉଠାଇଦେଲେ ବା ପୂରା କୋହାଳ କରିଦେଲେ ଲୋକେ ରାଜରାସ୍ତାକୁ ପଳାଇ ଆସି ଭିଡ଼ ଜମାଇବେ। ତେଣୁ ବାରିକେଡ୍ ଉଠାଯାଇନି। ଆସନ୍ତା ୪ଦିନ ଭିତରେ ଏ ନେଇ ନିଷ୍ପତ୍ତି ହେବ ବୋଲି ପୋଲିସ କମିଶନର ସୁଧାଂଶୁ ଷଡ଼ଙ୍ଗୀ କହିଛନ୍ତି।

## କରୋନା ସେବା ପାଇଁ ନିଜ ବିବାହ ରୋକିଲେ ପିଇଓ

**ନିମାପଡ଼ା,୧୧।୫(ଡି.ଏନ.ଏ)**

ବିଶ୍ୱରେ ଏବେ ମହାମାରୀ କରୋନା ସଂକ୍ରମଣର ଘୋର ବିଭୀଷିକା ଦେଖାଦେଇଛି। କରୋନା ଯୁଦ୍ଧର ମୁକାବିଲା ପାଇଁ ପୋଲିସ, ସ୍ୱାସ୍ଥ୍ୟକର୍ମୀ, ଡାକ୍ତର, ନର୍ସ, ଅଙ୍ଗନୱାଡି କର୍ମୀ, ଆଶାକର୍ମୀ, ସରକାରୀ ଅଫିସରମାନେ ନିଜ ଜୀବନକୁ ବାଜି ଲଗାଇ ଜନସାଧାରଣଙ୍କ ସେବା କରୁଛନ୍ତି। ଏଭଳି ବିପତ୍ତି ସମୟରେ ଏହି କରୋନା ଯୋଦ୍ଧାମାନେ ନିଜ ବ୍ୟକ୍ତିଗତ କାର୍ଯ୍ୟକୁ ମଧ ପଛରେ ପକାଇ ଦେଇ କର୍ତ୍ତବ୍ୟକୁ ଆଗେ ଦେଖୁଛନ୍ତି। ଏହି କ୍ଷେତ୍ରରେ ନିମାପଡ଼ାର ବ୍ଲକର ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ (ପିଇଓ) ସରୋଜ କୁମାର ଦାସ ନିଜ ବିବାହ କାର୍ଯ୍ୟକୁ ରୋକି ରାଜ୍ୟ ବାହାର ଫେରନ୍ତା ପ୍ରବାସୀଙ୍କ ସେବାରେ ନିଜକୁ ନିୟୋଜିତ ରଖିଛନ୍ତି। ପିଇଓ ଦାସଙ୍କ ଚଳିତ ମାସ ୨୦ତାରିଖରେ ଜଣେ ଶିକ୍ଷୟିତ୍ରୀଙ୍କ ସହ ବିବାହ ପାଇଁ ଦିନଧାର୍ଯ୍ୟ ହୋଇଥିଲା। ତେବେ ରାଜ୍ୟରେ କରୋନା ଆକ୍ରାନ୍ତ ସଂଖ୍ୟା ବଢୁଥିବା ସ୍ଥିତିକୁ ଦେଖି କର୍ତ୍ତବ୍ୟ, ଲୋକଙ୍କ ସେବା ମୋ ପାଇଁ ବଡ ବୋଲି କହି ପିଇଓ ବିବାହକୁ ରୋକି ଦେଇଛନ୍ତି। ସେ ଏବେ ନିମାପଡ଼ା ବ୍ଲକ ବାମନାଳ ପଞ୍ଚାୟତର କ୍ୱାରାଣ୍ଟାଇନ ସେଣ୍ଟରରେ ପିଇଓ ଭାବେ କାର୍ଯ୍ୟରତ ଅଛନ୍ତି। ଏପରିକି ତାଙ୍କ ଭାବୀପତ୍ନୀ ମଧ ଏବେ କରୋନା କାର୍ଯ୍ୟରେ ନିୟୋଜିତ ଥିବାରୁ ପିଇଓଙ୍କ କଥାରେ ସହମତ ଅଛନ୍ତି।

## କ୍ୱାରାଣ୍ଟାଇନ ଫାଟକ ଜଗିଲେ ସରପଞ୍ଚ

**ଗୋପ,୧୧।୫ (ଡି.ଏନ.ଏ)**



ଜିଲାପାଳ କ୍ଷମତାର ପ୍ରୟୋଗ

ରାଜ୍ୟ ବାହାରେ ଥିବା ପ୍ରବାସୀ ଓଡ଼ିଆ ନିଜ ଗ୍ରାମକୁ ଫେରୁଥିବାରୁ ରାଜ୍ୟ ସରକାର ପଞ୍ଚାୟତର ସରପଞ୍ଚମାନଙ୍କୁ ଜିଲାପାଳ କ୍ଷମତା ପ୍ରଦାନ କରିଥିଲେ। ତେବେ ପ୍ରଥମ କରି ଗୋପ ବ୍ଲକ ସୁତନ ପଞ୍ଚାୟତର ସରପଞ୍ଚ ବିଳାସିନୀ ବେହେରା ଏହି କ୍ଷମତାକୁ କାର୍ଯ୍ୟରେ ଲଗାଇବା ସହ କ୍ୱାରାଣ୍ଟାଇନ କେନ୍ଦ୍ର ସମ୍ମୁଖରେ ବାଡ଼ି ଧରି ଜଗି ରହିଥିବା ଦେଖାଯାଇଛି। ସୂଚନାଯୋଗ୍ୟ, ସୁତନ ପଞ୍ଚାୟତରେ ଥିବା ଅସ୍ଥାୟୀ କ୍ୱାରାଣ୍ଟାଇନ କେନ୍ଦ୍ରରେ ଏବେ ପ୍ରବାସୀମାନେ ରହିବା ପରେ ପ୍ରବାସୀଙ୍କ ସମ୍ପର୍କୀୟମାନଙ୍କ ଭିଡ଼ ଲାଗିରହିଥିଲା। ଏପରି ଘଟଣାକୁ ପଞ୍ଚାୟତରେ ଅସନ୍ତୋଷ ଦେଖା ଦେଇଥିଲା। ଏପରି ଅଭିଯୋଗକୁ ନେଇ ସରପଞ୍ଚ ବେହେରା ସୋମବାର ସକାଳେ ଏକ ବାଡ଼ି ଧରି ଫାଟକ ସମ୍ମୁଖରେ ବସି ରହିବା ସହ ରହିଥିବା ପ୍ରବାସୀଙ୍କ ସମ୍ପର୍କୀୟମାନଙ୍କୁ ଏଠାକୁ ଆସିଲେ ତୁମମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଥିଲେ। ସରପଞ୍ଚଙ୍କ ଏପରି କ୍ଷମତାକୁ ନେଇ ଏବେ ବ୍ଲକ ଅଞ୍ଚଳରେ ଲୋକେ ପ୍ରଶଂସା କରିଛନ୍ତି। ଏ ସମ୍ପର୍କରେ ସରପଞ୍ଚଙ୍କୁ ପଚାରିବାରେ ସରକାରଙ୍କ ଏହି ନିର୍ଦ୍ଦେଶନାମାକୁ କାର୍ଯ୍ୟକାରୀ କରିଥିବା କଥା କହିଥିବାବେଳେ ଯେପରି ମୋ ପଞ୍ଚାୟତରେ କରୋନା ମହାମାରୀ ନ ବ୍ୟାପେ ସେଥିପ୍ରତି ଦୃଷ୍ଟି ଦେବି ବୋଲି କହିଥିଲେ।

## ବସ୍ତିରେ ହୋଇନାହିଁ ସଂକ୍ରମଣ: ବିଏମ୍‌ସି

**ଭୁବନେଶ୍ୱର, ୧୧।୫(ବ୍ୟୁରୋ)**

କରୋନା ସଂକ୍ରମଣରେ ରୋକ୍ ଲଗାଇବା ପାଇଁ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ନାନା ପଦକ୍ଷେପ ହାତକୁ ନେଇଛି। ବିଏମ୍‌ସି ଡେପୁଟି କମିଶନର ଶୁଭେନ୍ଦୁ ସାହୁ କହିଛନ୍ତି, ସହରର ସମସ୍ତ ବସ୍ତି ଅଞ୍ଚଳକୁ ଆକ୍ଟିଭ୍ ସର୍ଭିଲାନ୍ସରେ ରଖାଯାଇଛି। ଲକ୍ଷଣ ଥିବା ସମସ୍ତ ବସ୍ତିବାସିନ୍ଦାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଉଛି। ଏଯାବତ୍ ବସ୍ତି ଅଞ୍ଚଳରେ କୌଣସି ସଂକ୍ରମଣ ହୋଇ ନାହିଁ। ସ୍ୱାସ୍ଥ୍ୟ ପରୀକ୍ଷା ଓ ବିଏମ୍‌ସି ଡାକ୍ତରୀ ଦଳର ରିପୋର୍ଟରେ କୌଣସି ବି ପଜିଟିଭ୍ ଆସିନାହିଁ। ଏଥିସହ ଅଙ୍ଗନୱାଡି, ଆଶା କର୍ମୀମାନେ ଦୈନିକ ଘରକୁ ଘର ବୁଲି ସ୍ୱାସ୍ଥ୍ୟାବସ୍ଥା ଯାଞ୍ଚ କରିବାକୁ ବିଏମ୍‌ସି ଦାୟିତ୍ୱ ଦେଇଛି। ଥଣ୍ଡା, କାଶ, ଜ୍ୱର ରହୁଥିଲେ ତୁରନ୍ତ ତାଙ୍କ ନାମ ପଞ୍ଜୀକରଣ କରି ବିଏମ୍‌ସିକୁ ଅବଗତ କରିବା ପାଇଁ କୁହାଯାଇଛି। ସୂଚନା ମିଳିବାମାତ୍ରେ ଡାକ୍ତରୀ ଦଳ ସମ୍ପୃକ୍ତ ବ୍ୟକ୍ତିଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରୁଛନ୍ତି। ବିଏମ୍‌ସି ନିଜର ଡାକ୍ତରୀ ଦଳକୁ ଭିନ୍ନ ଭିନ୍ନ ଜୋନ୍ ଦାୟିତ୍ୱ ଦେଇଛି। ଅଧିକ ସତର୍କତାର ସହ ସ୍ୱାସ୍ଥ୍ୟାବସ୍ଥା ଯାଞ୍ଚ କରିବା ପାଇଁ ବିଏମ୍‌ସି ପରାମର୍ଶ ଦେଇଥିବା ସାହୁ କହିଛନ୍ତି। ଉଲ୍ଲେଖଯୋଗ୍ୟ, ଅନ୍ୟରାଜ୍ୟରେ ଅଧିକାଂଶ ପଜିଟିଭ୍ ବସ୍ତି ଅଞ୍ଚଳରୁ ଚିହ୍ନଟ ହେବା ପରେ ବିଏମ୍‌ସି ପକ୍ଷରୁ ଏଭଳି ସ୍ପଷ୍ଟ କରାଯାଇଛି।

## ରେଣୁକା ଲେନ୍ ଅଞ୍ଚଳ କଣ୍ଟେନମେଣ୍ଟ ଜୋନ୍

**ପୁରୀ ଅଫିସ,୧୧।୫**



ପ୍ରଶାସନ ପକ୍ଷରୁ ରେଣୁକା ଲେନ୍ ଅଞ୍ଚଳକୁ ସିଲ୍ କରାଯାଇଛି।

- ଦୁଇ କରୋନା ଆକ୍ରାନ୍ତ ଚିହ୍ନଟ ପରେ ପଦକ୍ଷେପ
- ପ୍ରଶାସନ ପକ୍ଷରୁ ଅଞ୍ଚଳକୁ ସାନିଟାଇଜ୍ କରାଗଲା

ପୁରୀ ସହରରୁ ଦୁଇଜଣ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ପ୍ରଶାସନ ଅଧିକ ତତ୍ପର ହୋଇଉଠିଛି। ରେଣୁକା ଲେନ୍ ଅଞ୍ଚଳରୁ ଏମାନେ ଚିହ୍ନଟ ହୋଇଥିବା ଜଣାପଡ଼ିବା ପରେ ସହରବାସୀ ଭୟଭୀତ ହୋଇପଡ଼ିଛନ୍ତି। ପ୍ରଶାସନ ପକ୍ଷରୁ ବେଳାଭୂମି ମାର୍ଗ ଛକରୁ ଭୋଳାନାଥ କୁଟିର ଛକ ଭାୟା ରେଣୁକା ଲେନ୍ ଏବଂ ଭୋଳାନାଥ କୁଟିର ଛକରୁ ବେଳାଭୂମି ମାର୍ଗ ଛକ ଭାୟା ମହୋଦଧି ଭବନ ଲେନ୍‌କୁ କଣ୍ଟେନମେଣ୍ଟ ଜୋନ (ଆବଦ୍ଧ ଅଞ୍ଚଳ) ଭାବେ ଘୋଷଣା କରାଯାଇଛି। ସୋମବାର ସକାଳ ୭ଟାରୁ ପରବର୍ତ୍ତୀ ନିର୍ଦ୍ଦେଶନାମା ପର୍ଯ୍ୟନ୍ତ ଏହା ବଳବତ୍ତର ରହିବ। ଏହି ଅଞ୍ଚଳ ମଧ୍ୟକୁ କେହି ବାହାର ଲୋକ ପ୍ରବେଶ କରିପାରିବେ ନାହିଁ କିମ୍ବା ସମ୍ପୃକ୍ତ ଅଞ୍ଚଳର ଲୋକେ ଘରୁ ବାହାରକୁ ବାହାରିବେ ନାହିଁ ବୋଲି କଟକଣା ଲଗାଯାଇଛି। ତେବେ ଏହି ଅଞ୍ଚଳବାସୀ କିପରି ସୁବିଧାରେ ସବୁକିଛି ଅତ୍ୟାବଶ୍ୟକ ସାମଗ୍ରୀ ପାଇପାରିବେ ତା'ର ବ୍ୟବସ୍ଥା କରିଛି ଜିଲା ପ୍ରଶାସନ। ସୋମବାର ସମ୍ପୃକ୍ତ ଅଞ୍ଚଳକୁ ସାନିଟାଇଜ କରାଯାଇଛି। ଏଠାରେ ଥିବା ସମସ୍ତ ଦୋକାନ ବଜାର ଏବଂ ସରକାରୀ ଓ ବେସରକାରୀ ପ୍ରତିଷ୍ଠାନକୁ ବନ୍ଦ ରଖାଯାଇଛି। ଏହି ଅଞ୍ଚଳରେ ଅତ୍ୟାବଶ୍ୟକ ସାମଗ୍ରୀ ଯୋଗାଣ ଓ ଡାକ୍ତରୀ ସୁବିଧାକୁ ସୁବନ୍ଦୋବସ୍ତ କରିବା ଲାଗି ପୌର ନିର୍ବାହୀ ଅଧିକାରୀ ବିଜୟ କୁମାର ଦାଶଙ୍କ ଅଧୀନରେ ବିଭିନ୍ନ ଟିମ୍ ଗଠନ କରାଯାଇଛି। ୧୧ ନଂ. ୱାର୍ଡ ଅଧୀନ ସ୍ୱର୍ଗଦ୍ୱାର ନିକଟ ଏକ ହୋଟେଲରୁ ଏହି ଦୁଇଜଣ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ସହରରେ ସଂକ୍ରମଣ ବ୍ୟାପିବା ସମ୍ଭାବନା ଥିବାରୁ ପ୍ରଶାସନ ବିଭିନ୍ନ ପଦକ୍ଷେପ ଗ୍ରହଣ କରିଛି। ଜିଲାପାଳ ବଳୱନ୍ତ ସିଂ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି, ପଶ୍ଚିମବଙ୍ଗରୁ ଆସିଥିବା ଗୋଟିଏ ପରିବାରର ୩ ଜଣ ବ୍ୟକ୍ତି ସମୁଦ୍ରକୂଳ ରେଣୁକା ଲେନ୍‌ରେ ହୋମ୍ କ୍ୱାରାଣ୍ଟାଇନରେ ଥିଲେ। ୭ତାରିଖରେ ସେମାନଙ୍କ ନମୁନା ସଂଗ୍ରହ କରାଯାଇଥିଲା। ନମୁନା ଟେଷ୍ଟ ପରେ ଦୁଇଜଣଙ୍କ ରିପୋର୍ଟ ପଜିଟିଭ ବାହାରିଛି। ସମ୍ପୃକ୍ତ ବ୍ୟକ୍ତି ନିଜ ଘରେ ସଙ୍ଗରୋଧ ଭାବେ ରହି ମଧ ସଙ୍ଗରୋଧ ନିୟମ ଉଲ୍ଲଂଘନ କରିଥିବାରୁ ତାଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲାପାଳ କହିଛନ୍ତି। ରେଣୁକା ଲେନ୍ ଏବଂ ଏହା ସଂଲଗ୍ନ ଅଞ୍ଚଳକୁ କଣ୍ଟେନମେଣ୍ଟ ଜୋନ୍ ଘୋଷଣା କରାଯାଇଛି। ସମ୍ପୃକ୍ତ ଅଞ୍ଚଳରେ ଅଧିକ ହୋଟେଲ ଥିବାବେଳେ କମ୍ ଘର ରହିଛି। ଦୁଇ ଆକ୍ରାନ୍ତଙ୍କ ସହ ଯୋଗାଯୋଗ ବେଳେ ସେମାନଙ୍କର କୌଣସି ଲକ୍ଷଣ ନ ଥିଲା। ତେବେ ଚିହ୍ନଟ ପରେ ଉଭୟଙ୍କୁ ଭୁବନେଶ୍ୱରସ୍ଥିତ କୋଭିଡ୍ ହସ୍ପିଟାଲକୁ ପଠାଯାଇଛି। ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ଭଲ ଅଛି। କଣ୍ଟାକ୍ଟ ଟ୍ରେସିଂରୁ ସେମାନଙ୍କ ପରିବାରର ଜଣେ ସଦସ୍ୟଙ୍କ ସମେତ ପ୍ରାୟ ୫/୬ ଜଣ ତାଙ୍କ ସଂସ୍ପର୍ଶରେ ଆସିଥିବା ଜଣାପଡ଼ିଛି। ଏତଦ୍‌ବ୍ୟତୀତ ତାଙ୍କ ଘରେ କାମ କରୁଥିବା ବ୍ୟକ୍ତିଙ୍କ ପରିବାରର ୪ ଜଣ ଏହିପରି ମୋଟ ୧୦ଜଣଙ୍କ କୋଭିଡ୍ ପରୀକ୍ଷା ପାଇଁ ନମୁନା ସଂଗ୍ରହ କରାଯାଇଛି। ଯଦି ଆଉ କେହି ତାଙ୍କ କଣ୍ଟାକ୍ଟରେ ଆସିଥିବା ଜଣାପଡ଼ିବ ସେମାନଙ୍କର ମଧ ଟେଷ୍ଟ କରାଯିବ ବୋଲି ଜିଲାପାଳ ସୂଚନା ଦେଇଛନ୍ତି।

## ରାଜ୍ୟରେ ବଢୁଛି କଏଦୀ ସଂଖ୍ୟା

**ଭୁବନେଶ୍ୱର,୧୧।୫ (ବ୍ୟୁରୋ)**

- ୨୦୧୯ରେ ୬.୪୩ ପ୍ରତିଶତ ବୃଦ୍ଧି ହୋଇଥିଲା
- ଖୁବ୍‌ଶୀଘ୍ର କାର୍ଯ୍ୟକ୍ଷମ ହେବ ଆଉ ଦୁଇ ନୂଆ ଜେଲ
- ୨ ବର୍ଷରେ ୧୦୪ କଏଦୀଙ୍କ ମୃତ୍ୟୁ

ରାଜ୍ୟରେ ବର୍ତ୍ତମା ୮୬ଟି ଜେଲ୍ ରହିଥିବାବେଳେ ପ୍ରତିବର୍ଷ କଏଦୀଙ୍କ ସଂଖ୍ୟା ବଢ଼ି ଚାଲିଛି। ପୂର୍ବବର୍ଷ ତୁଳନାରେ ୨୦୧୯ରେ ପ୍ରାୟ ୬.୪୩ ପ୍ରତିଶତ ବୃଦ୍ଧି ଘଟିଛି। ୨୦୧୮ରେ ରାଜ୍ୟର ବିଭିନ୍ନ ଜେଲ୍‌ରେ କଏଦୀଙ୍କ ସଂଖ୍ୟା ୧୬୫୦୧ ରହିଥିଲାବେଳେ ଗତବର୍ଷ ୧୭୫୬୩କୁ ବୃଦ୍ଧି ପାଇଥିବା ରାଜ୍ୟ ଜେଲ୍ ବିଭାଗ ତଥ୍ୟରୁ ଜଣାପଡିଛି। ତେବେ ଏମାନଙ୍କ ମଧ୍ୟରୁ ୩୭୨୫ଜଣ ସଜା କାଟୁଥିବା କଏଦୀ ରହିଥିବାବେଳେ ୧୩୮୩୮ଜଣ ବିଚାରାଧିନ କଏଦୀ ରହିଛନ୍ତି। ୨୪ଜଣଙ୍କ ମାମଲା ସ୍ଥଗିତ ରଖାଯାଇଛି। ଜେଲ୍ ଅନ୍ତେବାସୀଙ୍କ ମଧ୍ୟରେ ୧୨୭ଜଣ ମହିଳା ରହିଛନ୍ତି। ସବୁଠୁ ଚିନ୍ତାଜନକ କାରଣ ହେଲା ଓଡ଼ିଶାର ବିଭିନ୍ନ କାରାଗାରରେ କ୍ଷମତାଠାରୁ ଅଧିକ କଏଦୀ ରହୁଛନ୍ତି। ୨୦୧୭ରେ ଜେଲରେ ରହିବାର କ୍ଷମତା ୧୮୦୧୨ ଥିବାବେଳେ ୧୫୨୨୩ ଜଣ କଏଦୀ ରହିଥିଲେ। ଏହାକୁ ଦୃଷ୍ଟିରେ ରଖି ୨୦୧୮ରେ ଜେଲ୍‌ରେ କଏଦୀ ରହିବା କ୍ଷମତାକୁ ୧୯୧୭୬କୁ ବୃଦ୍ଧି କରିଥିଲେ ରାଜ୍ୟ ସରକାର। ସେହିବର୍ଷ କଏଦୀ ସଂଖ୍ୟାରେ ବୃଦ୍ଧି ଘଟି ୧୬୫୦୧ ପହଞ୍ଚିଥିଲା। ଏହି ହାରକୁ ଦେଖିଲେ ୨୦୧୭ରେ ଜେଲ୍ କ୍ଷମତାର ମୋଟ ୮୪ ପ୍ରତିଶତ କଏଦୀ ରହିଥିବାବେଳେ ୨୦୧୮ରେ ୮୬.୧ ପ୍ରତିଶତ ଓ ୨୦୧୯ରେ ଏଥିରେ ୬.୨୫ ପ୍ରତିଶ୍ରତ ବୃଦ୍ଧି ପାଇଁ ୯୨.୩୫ ପ୍ରତିଶତରେ ପହଞ୍ଚିଛି। ଜେଲ ଡିଜି ସନ୍ତୋଷ ଉପାଧ୍ୟାୟ କହିଛନ୍ତି, କଏଦୀ ସଂଖ୍ୟାକୁ ଦୃଷ୍ଟିରେ ରଖି କଟକ ଓ ସୁନ୍ଦରଗଡ଼ ଜିଲାରେ ୧ ହଜାର ଲେଖାଏ କଏଦୀ ରହିପାରିବା ଭଳି ଦୁଇଟି ନୂଆ ଜେଲ୍ ଖୁବ୍‌ଶୀଘ୍ର କାର୍ଯ୍ୟକ୍ଷମ ହେବ। ଅନ୍ୟପକ୍ଷରେ ୬୯୭୯୪ଜଣ କଏଦୀଙ୍କୁ ଜେଲରେ ଭର୍ତ୍ତି କରାଯାଇଥିବାବେଳେ ୨୦୧୯ରେ ୬୮୭୩୨ ଜଣ ଅନ୍ତେବାସୀଙ୍କୁ ଜାମିନରେ ମୁକ୍ତ ହୋଇଛନ୍ତି। ୨୦୧୮ରେ ୫୧ ଓ ୨୦୧୯ରେ ୫୩ ଜଣ ଅନ୍ତେବାସୀଙ୍କ ମୃତ୍ୟୁ ଘଟିଛି। ଏହି ୫୩ଜଣଙ୍କ ମଧ୍ୟରୁ ୪୮ ଜଣ ଅନ୍ତେବାସୀ ଅସୁସ୍ଥତା ଯୋଗୁ ମୃତ୍ୟୁବରଣ କରିଥିବାବେଳେ ୪ଜଣ ଜେଲ ଭିତରେ ଆତ୍ମହତ୍ୟା କରିଛନ୍ତି ଓ ଚୌଦ୍ୱାରା ସର୍କଲ ଜେଲରେ ଜଣେ କଏଦୀକୁ ହତ୍ୟା କରାଯାଇଛି।

## ବସ୍‌ରୁ ଓହ୍ଲାଇ ଘରକୁ ପଳାଇଲେ ପ୍ରବାସୀ

**କଟକ ଅଫିସ,୧୧।୫**




କଟକ ଓଏମ୍‌ପି ଛକରେ ଅଟକିଥିବା ବସ୍।

ପ୍ରବାସୀ ଫେରନ୍ତାଙ୍କ ରହଣି ପାଇଁ ସରକାରଙ୍କ ପକ୍ଷରୁ ଆବଶ୍ୟକ ପଦକ୍ଷେପ ନିଆଯାଉଛି। ତଥାପି ଅନେକ ଫେରନ୍ତା ସରକାରୀ ନିୟମକୁ ମାନୁନାହାନ୍ତି। ବସ୍‌ରେ ଫେରିବା ବେଳେ ରାସ୍ତାରେ ଓହ୍ଲାଇ ଏଣେତେଣେ ବୁଲାବୁଲି କରୁଛନ୍ତି। ଏପରିକି ନିଜ ଘରକୁ ଚାଲିଯାଉଛନ୍ତି। ସୋମବାର ଭୋର୍‌ରେ କେତେଜଣ ପ୍ରବାସୀ କଟକ ଓଏମ୍‌ପି ଛକରେ ଓହ୍ଲାଇ ଫେରାର୍ ହୋଇଯାଇଥିବା ଜଣାପଡ଼ିଛି। ଏହା କଟକ ଜିଲା ପ୍ରଶାସନର ଚିନ୍ତା ବଢ଼ାଇଛି।

ସୋମବାର ଭୋର୍‌ରେ ତାମିଲନାଡୁରୁ ଆସିଥିବା ଏକ ବସ୍‌ରୁ କେତେଜଣ ପ୍ରବାସୀ ଓହ୍ଲାଇଥିଲେ। ସେମାନେ ଏଣେତେଣେ ବୁଲୁଥିବା ଦେଖିବାକୁ ମିଳିଥିଲା। ଏହି ବସ୍‌ରେ କେନ୍ଦ୍ରାପଡ଼ା ଓ ଜଗତ୍‌ସିଂହପୁର ଜିଲାର ଲୋକେ ଥିଲେ। ଏହି ଘଟଣା ନେଇ ଜଗତସିଂହପୁର ଜିଲାପାଳଙ୍କ ପକ୍ଷରୁ ଟୁଇଟ୍ କରାଯାଇଛି ଯେ, ବାହାର ରାଜ୍ୟରୁ ଆସୁଥିବା ପ୍ରବାସୀ ଏବଂ ବସ୍‌ର ପଞ୍ଜୀକରଣ କରାଯାଉଛି। କିନ୍ତୁ ଏମାନେ ବିନା ପଞ୍ଜୀକରଣରେ ଆସିଥିଲେ। ୧୪ଜଣ ବସ୍‌ରୁ ଓହ୍ଲାଇଥିଲେ। ସେମାନଙ୍କ ମଧ୍ୟରୁ ୩ଟି ଅଟୋରେ ୮ଜଣ ଚାଲିଯାଇଥିଲେ। ଏମାନେ ସମସ୍ତ ନିୟମ ଉଲ୍ଲଂଘନ କରିଛନ୍ତି। ଅନ୍ୟ ୬ଜଣଙ୍କୁ କଟକ ଜେକେବିକେ କଲେଜସ୍ଥିତ କ୍ୱାରାଣ୍ଟାଇନ୍ ସେଣ୍ଟର୍‌ରେ ରଖାଯାଇଛି। ଜଗତସିଂହପୁର ଜିଲା ନୋଡାଲ୍ ଅଫିସର୍ ଏନେଇ ସେଣ୍ଟର୍ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିଛନ୍ତି। ବାହାର ରାଜ୍ୟରୁ ଆସୁଥିବା ପ୍ରବାସୀଙ୍କୁ ପ୍ରଥମେ ସେଠାରେ ରଖିବା ପରେ ଜିଲାକୁ ଅଣାଯାଉଛି।

ନିୟମିତ ବ୍ୟବଧାନରେ ବାହାର ଜିଲାର ପ୍ରବାସୀ ଫେରନ୍ତାମାନେ ବସ୍‌ରୁ କଟକ ସହରରେ ଓହ୍ଲାଉଥିବାରୁ ଜିଲା ପ୍ରଶାସନ ଚିନ୍ତାରେ ପଡ଼ିଯାଇଛି। ଏ ନେଇ ସୋମବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲାପାଳ ଭବାନୀ ଶଙ୍କର ଚୟନୀଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ବସିଥିଲା। ବାହାର ଜିଲାର ପ୍ରବାସୀଙ୍କୁ କିପରି ତାଙ୍କ ଜିଲାକୁ ପଠାଯିବ ସେନେଇ ଆଲୋଚନା ହୋଇଥିଲା। ଜେକେବିକେ କଲେଜସ୍ଥିତ କ୍ୱାରାଣ୍ଟାଇନ୍ ସେଣ୍ଟର୍‌ରେ ପ୍ରବାସୀଙ୍କ ସଂଖ୍ୟା ବଢୁଛି। ତେଣୁ ଗୋପାଳପୁର ଏଲ୍ଆଣ୍ଡଟି କେନ୍ଦ୍ରରେ ଏଭଳି ସୁବିଧା କରାଯିବ। ସଦର ଉପଜିଲାପାଳ ଶୁଭ୍ରାଂଶୁ ମିଶ୍ର ଏହାର ଦାୟିତ୍ୱରେ ରହିବେ ବୋଲି ନିଷ୍ପତ୍ତି ହୋଇଛି। ବୈଠକରେ ଉପଜିଲାପାଳ ମିଶ୍ରଙ୍କ ସମେତ କଟକ ଡିସିପି ଅଖିଳେଶ୍ୱର ସିଂ, ସିଏମ୍‌ସି କମିଶନର ଅନନ୍ୟା ଦାସ, ଗ୍ରାମାଞ୍ଚଳ ଏସ୍‌ପି ରାଧାବିନୋଦ ପାଣିଗ୍ରାହୀ, ଡିଆର୍‌ଡିଏ ପିଡି ଅବଦଲ ଅଖତର୍, ଅତିରିକ୍ତ ଜିଲାପାଳ ବିଜୟ କୁମାର ଖଣ୍ଡାୟତରାୟ, ପୂର୍ଣ୍ଣଚନ୍ଦ୍ର ମିଶ୍ର ଏବଂ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ସତ୍ୟବ୍ରତ ଛୋଟରାୟ, ଜିଲା ଶ୍ରମ ଅଧିକାରୀ ବନମାଳି ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

**ସଂକ୍ଷେପରେ**

## ମାଣିତରା ସରପଞ୍ଚଙ୍କ କାର୍ଯ୍ୟକୁ ମୁଖ୍ୟମନ୍ତ୍ରୀଙ୍କ ପ୍ରଶଂସା

### ଜିଲାପାଳଙ୍କ କ୍ଷମତା ପ୍ରୟୋଗ କରିଥିଲେ


Tweet
CMO Odisha
@CMO_Odisha
କରୋନା ମୁକାବିଲା ପାଇଁ ଗଞ୍ଜାମ ଜିଲ୍ଲା ମଣିତାରା ପଞ୍ଚାୟତର ସରପଞ୍ଚ ଶାନ୍ତିଲତା ନାୟକଙ୍କ ସମୟୋଚିତ ପଦକ୍ଷେପ ଅତ୍ୟନ୍ତ ପ୍ରଶଂସନୀୟ। ସରପଞ୍ଚମାନଙ୍କୁ ଜିଲ୍ଲାପାଳଙ୍କ କ୍ଷମତା ପ୍ରଦାନ ନେଇ ମୁଖ୍ୟମନ୍ତ୍ରୀ ଶ୍ରୀ @Naveen_Odisha ଙ୍କ ଐତିହାସିକ ପଦକ୍ଷେପକୁ ସେ ସଫଳ କରିଛନ୍ତି। #CoronaWarriors

ଛତ୍ରପୁର,୧୧ା୫(ଡି.ଏନ୍.ଏ.)-କରୋନା ମୁକାବିଲା ପାଇଁ ଗଞ୍ଜାମ ଜିଲା ବୁଗୁଡ଼ା ବ୍ଲକ ମାଣିତରା ସରପଞ୍ଚ ଶାନ୍ତିଲତା ନାୟକଙ୍କ ସମୟୋଚିତ ପଦକ୍ଷେପ ଅତ୍ୟନ୍ତ ପ୍ରଶଂସନୀୟ। ଗ୍ରାମାଞ୍ଚଳରେ କରୋନା ମୁକାବିଲା ନିମନ୍ତେ ମୁଖ୍ୟମନ୍ତ୍ରୀ ଐତିହାସିକ ପଦକ୍ଷେପ ନେଇ ସରପଞ୍ଚମାନଙ୍କୁ ଜିଲାପାଳଙ୍କ କ୍ଷମତା ପ୍ରଦାନ କରିଥିଲେ। ଏହି କ୍ଷମତା ପ୍ରୟୋଗ କରି ମାଣିତରା ସରପଞ୍ଚ ୯ ତାରିଖରୁ ୮ଦିନ ପର୍ଯ୍ୟନ୍ତ ପୂର୍ବାହ୍ନ ୧୧ଟାରୁ ପରଦିନ ସକାଳ ୭ଟା ପର୍ଯ୍ୟନ୍ତ ପଞ୍ଚାୟତକୁ ଶର୍ଟଡାଉନ୍ ଘୋଷଣା କରି ପଦକ୍ଷେପକୁ ସଫଳ କରିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସରପଞ୍ଚଙ୍କ ଏପରି କାର୍ଯ୍ୟକୁ ଟୁଇଟ କରି ପ୍ରଶଂସା କରିଛନ୍ତି । ମାଣିତରା ସଙ୍ଗରୋଧ କେନ୍ଦ୍ରରେ ପ୍ରବାସୀ ଓଡ଼ିଆ ରହୁଛନ୍ତି। ଏହି କେନ୍ଦ୍ର ଜନବସତି ଅଞ୍ଚଳରେ ହୋଇଥିବାରୁ କ୍ୱାରାଣ୍ଟାଇନ୍‌ରେ ଥିବା ଲୋକେ ପାନ, ଗୁଟ୍‌ଖା ଆଦି ପାଇଁ ବେଳେବେଳେ ବାହାରକୁ ଆସୁଥିଲେ। ମାସ୍କ ପିନ୍ଧିବା ଓ ସାମାଜିକ ଦୂରତ୍ୱ ବଜାୟ ରଖିବାକୁ ପ୍ରଶାସନ ପକ୍ଷରୁ ସଚେତନ କରାଯାଉଥିଲେ ମଧ ବହୁଲୋକ ମାନୁ ନଥିଲେ । ଏଭଳି ସ୍ଥିତିରେ ପଞ୍ଚାୟତରେ କରୋନା ସଂକ୍ରମଣ ଆଶଙ୍କାଙ୍କୁ ଲକ୍ଷ୍ୟ କରି ସରପଞ୍ଚ ଜଣଙ୍କ ଜିଲ୍ଲାପାଳଙ୍କ କ୍ଷମତା ପ୍ରୟୋଗ କରିଥିଲେ।

## ଶିମିଳିପାଳରୁ ୩ ଶିକାରୀ ଗିରଫ



ଖୁଣ୍ଟା,୧୧ା୫(ଡି.ଏନ୍.ଏ.)- ମୟୂରଭଞ୍ଜ ଜିଲା ଡୁକୁରା ୱାଇଲ୍ଡ ଲାଇଫ୍ ରେଞ୍ଜ ଅଧୀନ ଶିମିଳିପାଳ ଜଙ୍ଗଲରୁ ରବିବାର ୩ ଶିକାରୀଙ୍କୁ ବନ ବିଭାଗ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ଗୋମେଇଘାଟି ଗ୍ରାମର ସୁଜିତ ସିଂ ଓ ସଞ୍ଜୟ ସିଂ ଏବଂ ସୁର୍ଣ୍ଣମଞ୍ଜରୀ ଗ୍ରାମର ରବୀନ୍ଦ୍ର ସିଂ। ରାତି ପ୍ରାୟ ୮ଟା ସମୟରେ ଅଭିଯୁକ୍ତମାନେ ଶିକାର ସାରି ଫେରୁଥିବା ବେଳେ କମ୍ପାର୍ଟମେଣ୍ଟ ସଞ୍ଜ-୫ ସିଜୁପାଣି ନିକଟରେ ପାଟ୍ରୋଲିଂ କରୁଥିବା ବନ କର୍ମଚାରୀଙ୍କ ହାବୁଡ଼ରେ ପଡ଼ିଥିଲେ। ସେମାନଙ୍କ ନିକଟକୁ ୨ଟି ବ୍ୟାଗରେ ଥିବା ୩ଟି ମୃତ ବେଲେରା ମୂଷା, ଟର୍ଚ୍ଚ, ମୋବାଇଲ ଗୋଟିଏ ବାଟୁଳି ଓ ତାର ଗୋଲି, ଗୋଟିଏ କଟୁରି, ଗୋଟିଏ କୁରାଢ଼ୀ, ୨ଟି ଧନୁ ଓ ତୀର ଇତ୍ୟାଦି ଜବତ ହୋଇଛି। ଅଭିଯୁକ୍ତମାନଙ୍କୁ ଡୁକୁରା ରେଞ୍ଜ କାର୍ଯ୍ୟାଳୟକୁ ନିଆଯାଇଛି।

## ଜଳିଗଲା ୨୦ ବଖରା



ଭଦ୍ରକ ଅଫିସ/ତିହିଡ଼ି, ୧୧ା୫ (ଡି.ଏନ୍.ଏ.)- ଭଦ୍ରକ ଜିଲାର ୨ଟି ସ୍ଥାନରେ ରବିବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟି ୨୦ ବଖରା ଜଳିଯାଇଛି। ଭଦ୍ରକ ପୌରପାଳିକା ଜାନୁଗଞ୍ଜ ବଢ଼ିଆସାହିର ମୃତ୍ୟୁଞ୍ଜୟ ବେଜ ଓ ସଞ୍ଜୟ ବେଜଙ୍କ ୨ବଖରା ଜଳିଯାଇଛି। ଅଗ୍ନିକାଣ୍ଡର କାରଣ ଶଟ୍‌ସର୍କିଟ୍ ବୋଲି କୁହାଯାଇଛି। ଭଦ୍ରକ ଅଗ୍ନିଶମ ବିଭାଗ ପହଁଞ୍ଚି ନିଆଁକୁ ଆୟତ କରିଥିଲେ। ସେହିଭଳି ତିହିଡ଼ି ଥାନା ଗୁଆମାଳ ପଞ୍ଚାୟତ ଅଧୀନ ନୂଆଶାସନ ଗ୍ରାମରେ ଅଗ୍ନିକାଣ୍ଡ ଘଟି ୧୦ ପରିବାରର ୧୮ ବଖରା ଘର ଜଳିଯାଇଛି। ଗ୍ରାମର ବିକାଶ ପଣ୍ଡା, ପ୍ରଭାସ ପଣ୍ଡା, ସନ୍ତୋଷ ପଣ୍ଡା, ଅରୁଣ ପଣ୍ଡା, ତରୁଣ ପଣ୍ଡା, ରଶ୍ମିରଞ୍ଜନ ପଣ୍ଡା, କମଳାକାନ୍ତ ପଣ୍ଡା, ବିମଳ ପଣ୍ଡା, ନିର୍ମଳ ପଣ୍ଡା ଓ ପ୍ରଫୁଲ୍ଲ ପଣ୍ଡାଙ୍କ ଘର ଜଳିଯାଇଛି। ବିଦ୍ୟୁତ୍ ଶଟ୍ ସର୍କିଟ୍ ଯୋଗୁ ଅଗ୍ନିକାଣ୍ଡ ଘଟିଥିବା କୁହାଯାଇଛି। ତିହିଡ଼ିରୁ ଅଗ୍ନିଶମ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ କରିଥିଲେ। ପୂର୍ବତନ ବିଧାୟକ ରାଜେନ୍ଦ୍ର ଦାସ ଅଗ୍ନିବିପନ୍ନ ପରିବାରକୁ ଭେଟି ସହାୟତା ପ୍ରଦାନ କରିଛନ୍ତି। ପୂର୍ବତନ ବ୍ଲକ ଅଧକ୍ଷ କମଳାକାନ୍ତ ଭୋଇ, ସରପଞ୍ଚ ପ୍ରଦୀପ ପଣ୍ଡା, ଯତୀନ୍ଦ୍ର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ଚେନ୍ନାଇ, ସୁରଟରୁ ଗଞ୍ଜାମ ଆସିଲେ ୩୯୨୮

ଛତ୍ରପୁର,୧୧ା୫(ଡି.ଏନ୍.ଏ.)


ଜଗନ୍ନାଥପୁର ଷ୍ଟେଶନରେ ଓହ୍ଲାଇଥିବା ପ୍ରବାସୀ ।

ପ୍ରବାସୀ ଓଡ଼ିଆମାନଙ୍କୁ ନେଇ ଚେନ୍ନାଇରୁ ଗୋଟିଏ ଓ ସୁରଟରୁ ଆସିଥିବା ୩ ଟ୍ରେନ୍ ସୋମବାର ଗଞ୍ଜାମ ଜିଲା ଜଗନ୍ନାଥପୁର ଷ୍ଟେଶନରେ ପହଞ୍ଚିଥିଲା। ଏହି ୪ ଟ୍ରେନ୍‌ରେ ମୋଟ ୩,୯୨୮ ଜଣ କେବଳ ଗଞ୍ଜାମ ଜିଲାକୁ ଆସିଛନ୍ତି। ସେଥିମଧ୍ୟରୁ ଚେନ୍ନାଇରୁ ୬୭୨ ଆସିଥିବା ବେଳେ ସୁରଟରୁ ୩୨୫୬ ଜଣ ଫେରିଛନ୍ତି।

ଚେନ୍ନାଇରୁ ଆସିଥିବା ଟ୍ରେନ୍‌ଟି ସୋମବାର ସକାଳ ୮ଟା ୨୪ ମିନିଟରେ ଜଗନ୍ନାଥପୁର ଷ୍ଟେଶନରେ ପହଞ୍ଚିଥିଲା। ଏଥିରେ ମୋଟ ୧୦୫୪ ଜଣ ଆସିଥିଲେ। ସେଥିମଧରେ ଗଞ୍ଜାମ ଜିଲାର ୬୭୨ ଜଣ ଏବଂ ୩୮୨ ଜଣ ଅନ୍ୟ ୨୭ ଜିଲାର ଲୋକ ଥିଲେ। ସେହିପରି ପୂର୍ବାହ୍ନ ୧୦ଟା ୩୯ ମିନିଟରେ ସୁରଟରୁ ଆସିଥିବା ଟ୍ରେନ୍ ଜଗନ୍ନାଥପୁର ଷ୍ଟେଶନରେ ପହଞ୍ଚିଥିଲା। ଏଥିରେ ୧୨୯୬ ଜଣ ଆସିଥିଲେ। ସେମାନଙ୍କ ମଧ୍ୟରେ ୧୨୯୦ ଜଣ କେବଳ ଗଞ୍ଜାମ ଜିଲାର ହୋଇଥିବା ବେଳେ କନ୍ଧମାଳ ଜିଲାର ୪ ଓ ଖୋର୍ଦ୍ଧାର ୨ ଜଣ ଥିଲେ। ସୁରଟରୁ ଆସିଥିବା ଦ୍ୱିତୀୟ ଟ୍ରେନ ଅପରାହ୍ନ ୪ଟା ୫୫ ମିନିଟରେ ପହଞ୍ଚିଥିଲା। ଏଥିରେ ୧୧୮୦

### ଜଗନ୍ନାଥପୁର ଷ୍ଟେଶନ ଆସିଲା ୪ ଟ୍ରେନ

ପ୍ରବାସୀ ଆସିଥିଲେ। ସେମାନଙ୍କ ମଧରେ ଗଞ୍ଜାମ ଜିଲ୍ଲାର ୭୯୦ ଜଣ ଓ ବଳକା ୩୯୦ ଜଣ ଅନ୍ୟ ୧୧ ଜିଲ୍ଲାର। ସେହିପରି ସୁରଟରୁ ଆସିଥିବା ତୃତୀୟ ଟ୍ରେନଟି ରାତି ୮ଟା ୩୦ ମିନିଟରେ ପହଞ୍ଚିଥିଲା। ଏଥିରେ ମୋଟ ୧୧୭୬ ଜଣ ଆସିଥିବା ବେଳେ କେବଳ ଜଣେ ମାତ୍ର କନ୍ଧମାଳ ଜିଲାର ଥିବା ସୂଚନା ମିଳିଛି। ସମସ୍ତଙ୍କର ଥର୍ମାଲ ସ୍କ୍ରିନିଂ ପରେ ବସ୍ ଯୋଗେ ନିଜ ନିଜ ଅଞ୍ଚଳର କ୍ୱାରାଣ୍ଟାଇନ୍ ସେଣ୍ଟରକୁ ପଠାଯାଇଛି।

# ମୟୂରଭଞ୍ଜ: ୯ ଛୁଇଁଲା ଆକ୍ରାନ୍ତଙ୍କ ସଂଖ୍ୟା

ବାରିପଦା ଅଫିସ/ କପ୍ତିପଦା, ୧୧ା୫(ଡି.ଏନ.ଏ)

ମୟୂରଭଞ୍ଜ ଜିଲା କପ୍ତିପଦା ବ୍ଲକ୍‌ରେ ପୁଣି ଜଣେ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଫଳରେ ଜିଲାରେ ଆକ୍ରାନ୍ତଙ୍କ ସଂଖ୍ୟା ୯ ଛୁଇଁଛି। ସୋମବାର ଚିହ୍ନଟ ଅକ୍ରାନ୍ତ ଜଣକ ପୁରୁଷ ଓ ସେ ପିଙ୍ଗୁ ପଞ୍ଚାୟତର ବାସିନ୍ଦା। ତାଙ୍କ ବୟସ ୨୫ ବୋଲି ଜଣାପଡ଼ିଛି। ସେ ସୁରଟରୁ ଫେରି କ୍ୱାରାଣ୍ଟାଇନ୍‌ରେ ରହୁଥିଲେ। ଚିକିତ୍ସା ପାଇଁ ତାଙ୍କୁ କଟକସ୍ଥିତ ଅଶ୍ୱିନୀ କୋଭିଡ-୧୯ ହସ୍ପିଟାଲକୁ ପଠାଇ ଦିଆଯାଇଛି । ପିଙ୍ଗୁରେ ଚିହ୍ନଟ ହୋଇଥିବା ପୂର୍ବ ୬ ଜଣ ଆକ୍ରାନ୍ତଙ୍କ ସହିତ ସେ ଗତ ୪ ତାରିଖରେ ଗୋଟିଏ ବସ୍‌ରେ ଆସିଥିଲେ। କପ୍ତିପଦା କଲେଜରେ ହୋଇଥିବା ବ୍ଲକ୍‌ସ୍ତରୀୟ କ୍ୱାରାଣ୍ଟାଇନ କେନ୍ଦ୍ରରେ ନାମ ରେଜିଷ୍ଟ୍ରେସନ ପରେ ତାଙ୍କୁ ପିଙ୍ଗୁ ପଞ୍ଚାୟତ କ୍ୱାରାଣ୍ଟାଇନ କେନ୍ଦ୍ରକୁ ପଠାଯାଇଥିଲା। ଏହି ବସ୍‌ରେ ସେଦିନ ୨୭ ଜଣ ଆସିଥିବା ବେଳେ ସେମାନଙ୍କ ମଧରେ କେବଳ ପିଙ୍ଗୁର ୧୭ ଜଣ ଥିଲେ । ଏହି ୧୭ ଜଣଙ୍କ ମଧ୍ୟରୁ ୭ ଜଣଙ୍କ ପଜିଟିଭ୍ ରିପୋର୍ଟ ଆସିବା ପରେ ଉପଖଣ୍ଡ ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି ହୋଇଛି। ବର୍ତ୍ତମାନ ଅନ୍ୟ ୧୦ ଜଣ କ୍ୱାରାଣ୍ଟାଇନରେ ରହୁଛନ୍ତି। ଲୋକଙ୍କ ଦାବିକୁ ନେଇ କପ୍ତିପଦା ସରପଞ୍ଚ ପ୍ରମୋଦ ସିଂ ପଞ୍ଚାୟତକୁ ଶଟ୍‌ଡାଉନ କରିବା ପାଇଁ କହୁଥିଲା ବେଳେ ତାଙ୍କୁ ପ୍ରଶାସନିକ ଅନୁମତି ମିଳି ନାହିଁ। ପିଙ୍ଗୁ ପଞ୍ଚାୟତକୁ ଶଟ୍‌ଡାଉନ କିମ୍ବା କଣ୍ଟେନ୍‌ମେଣ୍ଟ ଜୋନ୍ ଘୋଷଣା କରିବା ପାଇଁ ପଞ୍ଚାୟତବାସୀ ଦାବି କରିଛନ୍ତି। ପ୍ରତ୍ୟେକ ଦିନ କ୍ୱାରାଣ୍ଟାଇନ୍ କେନ୍ଦ୍ର ପରିସର ଓ ଯେଉଁ ରାସ୍ତା ଦେଇ ଆକ୍ରାନ୍ତମାନେ ଯିବା ଆସିବା କରୁଛନ୍ତି ସେହି ରାସ୍ତାକୁ ସାନିଟାଇଜ କରିବା ପାଇଁ ମଧ ଦାବି ହେଉଛି। ଅନ୍ୟ ପକ୍ଷରେ ଦାୟିତ୍ୱରେ ଥିବା ଅଧିକାରୀମାନଙ୍କ ସୁରକ୍ଷା ନେଇ ମଧ ପ୍ରଶ୍ନ ଉଠିଛି । ସୁରକ୍ଷା କିଟ୍‌ଠୁ ଆରମ୍ଭ କରି ସମସ୍ତ ଆବଶ୍ୟକୀୟ ସାମଗ୍ରୀ ଓ ସହଯୋଗ ଯୋଗାଇ ଦେବାକୁ ସେମାନଙ୍କ ପରିବାର ପକ୍ଷରୁ ମଧ ଦାବି ହୋଇଛି । କପ୍ତିପଦା ବଜାର କମିଟି ପକ୍ଷରୁ ରବିବାର ଅପରାହ୍ନ ୩ଟାରୁ ଆରମ୍ଭ ହୋଇଥିବା ୭୨ ଘଣ୍ଟିଆ ଶଟଡାଉନ ବଳବତ୍ତର ରହିଛି । ସୂଚନାଯୋଗ୍ୟ ଯେ, କପ୍ତିପଦା ବ୍ଲକ୍‌ରୁ ଗତ ୭ ତାରିଖରେ ୪ ଜଣ, ୯ ତାରିଖରେ ୩ ଜଣ, ୧୦ ତାରିଖରେ ଜଣେ ଓ ସୋମବାର ପୁଣି ଜଣେ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି ।

# ସୁରଟରୁ ଗଞ୍ଜାମ ଆସିଛି ୨୯୮ ବସ୍

ଭଞ୍ଜନଗର,୧୧ା୫(ଡି.ଏନ.ଏ.)

ସୁରଟରୁ ଏପ୍ରିଲ ୨୯ ତାରିଖରୁ ମେ ୮ ତାରିଖ ମଧ୍ୟରେ ମୋଟ ୨୯୮ ବସ୍‌ରେ ପ୍ରବାସୀ ଓଡ଼ିଆମାନେ ଗଞ୍ଜାମ ଜିଲାକୁ ଫେରିଛନ୍ତି। ଅନ୍ୟପକ୍ଷରେ ସୋମବାର ପୂର୍ବାହ୍ନ ସୁଦ୍ଧା ସୁରଟରୁ ଜିଲାକୁ ୧୦ କାର୍, ୩ ବାଇକ୍ ଓ ଗୋଟିଏ ସାଇକେଲରେ ବି ଲୋକ ଆସିଛନ୍ତି। ଭଞ୍ଜନଗର ବ୍ଲକର ଦୁର୍ଗାପ୍ରସାଦ ଓ ଜଗନ୍ନାଥପ୍ରସାଦ ବ୍ଲକର ତାରସିଂ ରାସ୍ତା ଦେଇ ଆସିଥିବା ଏସବୁ ବସ୍, କାର୍ ଓ ବାଇକ୍ ଯୋଗେ ମୋଟ ୧୬, ୫୭୬ ଜଣ ସୁରଟରୁ ଜିଲାକୁ ଆସିଥିବା ସୂଚନା ମିଳିଛି। ଏହାପରେ ବି ପଞ୍ଜୀକରଣ ନ କରି ଆଉ କେତେଟି କାର ଓ ସାଇକେଲରେ ମଧ ଲୋକ ଆସିଥିବା କୁହାଯାଉଛି।

### ଫେରିଛନ୍ତି ୧୬,୫୭୬ ପ୍ରବାସୀ

ଅନ୍ୟପକ୍ଷରେ ମହାରାଷ୍ଟ୍ରରୁ ଟ୍ରେନ୍‌ରେ ଟିଟିଲାଗଡ଼ ଓ ସେଠାରୁ ବସ୍ ଯୋଗେ ୧୬୦ଜଣ ରବିବାର ବିଳମ୍ବିତ ରାତିରେ ଆସିଛନ୍ତି। ସେହିପରି ଆନ୍ଧ୍ରପ୍ରଦେଶ, ତାମିଲନାଡୁ, କେରଳ, କର୍ଣ୍ଣାଟକ, ପଶ୍ଚିମବଙ୍ଗରୁ ମଧ କେତେକ ପ୍ରବାସୀ ଫେରିଛନ୍ତି। ସମସ୍ତ ବିଭିନ୍ନ କ୍ୱାରାଣ୍ଟାଇନ୍ ସେଣ୍ଟରରେ ଅଛନ୍ତି। ସୋମବାର ପୂର୍ବାହ୍ନ ସୁଦ୍ଧା ଭଞ୍ଜନଗର ଉପଖଣ୍ଡର ୮ ବ୍ଲକ ଓ ୫ ଏନ୍‌ଏସିରେ ହୋଇଥିବା ୩୮୩ କ୍ୱାରାଣ୍ଟାଇନ୍ ସେଣ୍ଟରରେ ୧୪, ୮୮୮ ଜଣ ପ୍ରବାସୀ ରହୁଛନ୍ତି । ଆଗକୁ ଆହୁରି ଅଧିକ ଲୋକ ଜିଲାକୁ ଫେରିବା ସମ୍ଭାବନା ଥିବାରୁ ଅଧିକରୁ ଅଧିକ କ୍ୱାରାଣ୍ଟାଇନ୍ ସେଣ୍ଟର ପ୍ରସ୍ତୁତ ହେଉଛି। ଜିଲାରେ ଯେଉଁ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି, ସେମାନେ ପ୍ରାୟ ସମସ୍ତେ କ୍ୱାରାଣ୍ଟାଇନ୍ ସେଣ୍ଟରରେ ଥିବାରୁ ସାଧାରଣ ଲୋକେ ଭୟଭୀତ ନ ହେବା ପାଇଁ ଜିଲା ପ୍ରଶାସନ ଓ ଲୋକ ପ୍ରତିନିଧିମାନେ ନିବେଦନ କରିଛନ୍ତି । ରବିବାର ଭିଡିଓ କନଫେରେନ୍ସ ମାଧମରେ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ସ୍ଥିତି ଉପରେ ସମୀକ୍ଷା କରିଛନ୍ତି । ଲୋକେ ସଚେତନ ହେବା, ସାମାଜିକ ଦୂରତ୍ୱ ବଜାୟ ରଖିବା ସହ ଘରୁ ବାହାରକୁ ବାହାରିଲେ ମାସ୍କ ପିନ୍ଧିବା ଏବଂ କ୍ୱାରାଣ୍ଟାଇନ୍ ସେଣ୍ଟର ଆଡ଼େ ନ ଯିବାକୁ ମନ୍ତ୍ରୀ ଆରୁଖ ନିବେଦନ କରିଛନ୍ତି।

## ବିଜୟୱାଡାରୁ ସ୍ୱତନ୍ତ୍ର ଟ୍ରେନ୍‌ରେ ଫେରିଲେ ୧୨୦୯ ପ୍ରବାସୀ

ଟିଟିଲାଗଡ଼, ୧୧ା୫ (ଡି.ଏନ.ଏ.)

ଆନ୍ଧ୍ରପ୍ରଦେଶର ବିଜୟୱାଡାରୁ ପ୍ରବାସୀ ଓଡ଼ିଆଙ୍କୁ ନେଇ ଆସିଥିବା ସ୍ୱତନ୍ତ୍ର ଟ୍ରେନ୍ ସୋମବାର ଅପରାହ୍ନ ୪ଟାରେ ବଲାଙ୍ଗୀର ଜିଲା ଟିଟିଲାଗଡ଼ ରେଲଷ୍ଟେଶନରେ ପହଞ୍ଚିଥିଲା। ଏଥିରେ ରାଜ୍ୟର ୧୩ ଜିଲାର ୧୨୦୯ଜଣ ପ୍ରବାସୀ ଥିଲେ। ନୂଆପଡା ଜିଲାର ସର୍ବାଧିକ ୫୬୫ ଜଣ ରହିଥିବା ବେଳେ ଗଞ୍ଜାମର ୨୩୦, ଗଜପତି ୧୮୬, ବଲାଙ୍ଗୀର ୧୨୦, କୋରାପୁଟ ୩୮, କଟକ ୧୭, ବରଗଡ଼ ୧୨, କଳାହାଣ୍ଡି ୧୦, ଯାଜପୁର ୯, ପୁରୀ ୯, ରାୟଗଡ଼ା ୮, ଭଦ୍ରକ ୪, ବାଲେଶ୍ୱର ଜିଲାର ଜଣେ ପ୍ରବାସୀ ରହିଛନ୍ତି। ରାଜ୍ୟ କୋଭିଡ୍ ପର୍ଯ୍ୟବେକ୍ଷକ ସୁଶୀଲ କୁମାର ଲୋହାନୀ, ଉତ୍ତରାଞ୍ଚଳ ପୋଲିସ ଡିଆଇଜି ହିମାଂଶୁ ଲାଲ, ବଲାଙ୍ଗୀର ଜିଲାପାଳ ଅରିନ୍ଦମ ଡାକୁଆ, ଏସ୍‌ପି ଏମ୍. ସନ୍ଦୀପ ସମ୍ପଦ, ଟିଟିଲାଗଡ଼ ଉପଜିଲାପାଳ ସୁଧାକର ନାୟକ ଉପସ୍ଥିତ ରହି ସମସ୍ତ ବ୍ୟବସ୍ଥାର ତଦାରଖ କରିଥିଲେ। ଟ୍ରେନ୍‌ରୁ ଓହ୍ଲାଇବା ପରେ ପ୍ରବାସୀଙ୍କ ସ୍କ୍ରିନିଂ କରାଯାଇଥିଲା । ପରେ ସମସ୍ତଙ୍କୁ ସ୍ୱତନ୍ତ୍ର ବସ୍‌ରେ ସେମାନଙ୍କ ଗନ୍ତବ୍ୟସ୍ଥଳକୁ ପଠାଇ ଦିଆଯାଇଥିଲା। ରବିବାର ପରି ସୋମବାର ମଧ ଟିଟିଲାଗଡ଼ ସହରରେ ପ୍ରଶାସନ ପକ୍ଷରୁ ମଧ୍ୟାହ୍ନ ୧୨ଟାରୁ ରାତି ୧୨ଟା ପର୍ଯ୍ୟନ୍ତ କର୍ଫ୍ୟୁ ଜାରି କରାଯାଇଥିଲା।

## ଯେଉଁଠି ହୋଇଥିଲା ଟିକ୍‌ଟକ୍ ସେଇଠି ଏବେ ଯୋଗାଭ୍ୟାସ



କ୍ୱାରାଣ୍ଟାଇନ୍‌ରେ ଥିବା ବ୍ୟକ୍ତି ଯୋଗାଭ୍ୟାସ କରୁଛନ୍ତି ।

ଭଦ୍ରକ ଅଫିସ, ୧୧ା୫

ଯେଉଁ ସଙ୍ଗରୋଧ ଗୃହରେ ୬ ଜଣ ପ୍ରବାସୀ ଟିକ୍‌ଟକ ଭିଡିଓ କରି ସମାଲୋଚନାର ଶରବ୍ୟ ହୋଇଥିଲେ ଏବେ ସେଇଠି ସେମାନେ ନିଜ ତ୍ରୁଟି ସୁଧାରି ଅନ୍ୟ ଅନ୍ତେବାସୀଙ୍କ ସହ ଯୋଗାଭ୍ୟାସ ଓ ଭାଗବତ ଚର୍ଚ୍ଚାରେ ମନୋନିବେଶ କରିଛନ୍ତି। ଦୈନିକ ସକାଳ ଓ ସନ୍ଧ୍ୟାରେ ସାମାଜିକ ଦୂରତ୍ୱ ରଖି ଯୋଗ, ବ୍ୟାୟାମ ଓ ଭାଗବତ ଚର୍ଚ୍ଚା କରୁଥିବା ଜଣାପଡ଼ିଛି। ଭଦ୍ରକ ଜିଲା ତିହିଡ଼ି ବ୍ଲକ ଭାଟପଡ଼ା ସଂଗରୋଧ ଗୃହରେ ଏହି ଘଟଣା ଦେଖିବାକୁ ମିଳିଛି। ପ୍ରବାସୀଙ୍କ ଏହି ପରିବର୍ତ୍ତନ ଦେଖି ଆଖପାଖ ଗ୍ରାମବାସୀ ଓ ସରକାରୀ ଅଧିକାରୀ ବେଶ ଖୁସିବ୍ୟକ୍ତ କରିଛନ୍ତି। ସୂଚନା ଥାଉକି, ଟିକ୍‌ଟକ ଘଟଣା ପରେ ୬ ଜଣଙ୍କ ନାମରେ ତିହିଡ଼ି ଥାନାରେ ସ୍ଥାନୀୟ ମହିଳା ସରପଞ୍ଚଙ୍କ ଏତଲା ଆଧାରରେ ମାମଲା ରୁଜୁ ହୋଇଥିଲା।

# ଏମ୍‌କେସିଜି ମେଡିକାଲ ନର୍ସଙ୍କ ଧାରଣା

ବ୍ରହ୍ମପୁର ଅଫିସ,୧୧ା୫

ବର୍ତ୍ତମାନ କରୋନା ମୁକାବିଲାରେ ନର୍ସମାନଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ନର୍ସମାନେ କୋଭିଡ୍-୧୯ ହସ୍ପିଟାଲରେ ଦିନରାତି ଲୋକମାନଙ୍କୁ ସେବା ଯୋଗାଇ ଆସୁଛନ୍ତି। ଗଞ୍ଜାମ ଜିଲାରେ କାର୍ଯ୍ୟରତ ନର୍ସମାନଙ୍କୁ ଏବେ ଅଣଦେଖା କରାଯାଉଛି। ଯାହାକୁ ନେଇ କୋଭିଡ୍ ହସ୍ପିଟାଲରେ କାର୍ଯ୍ୟରତ ନର୍ସ ଓ ସ୍ୱାସ୍ଥ୍ୟକର୍ମୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ସୋମବାର ସମସ୍ତ ନର୍ସ ଏକତ୍ରିତ ହୋଇ ଏମ୍‌କେସିଜି ମେଡିକାଲ କଲେଜ ଅଧୀକ୍ଷକଙ୍କ ଅଫିସ ଆଗରେ ଧାରଣା ଦେଇଥିଲେ। ଜିଲାରେ ୯ ଦିନ ମଧ୍ୟରେ ରାଜ୍ୟରେ ସଂକ୍ରମିତ ତାଲିକାରେ ସର୍ବାଧିକ ରୋଗୀ ଚିହ୍ନଟ ହୋଇ ଶୀର୍ଷ ସ୍ଥାନ ହାସଲ କରିଛି। ସୋମବାର ସୁଦ୍ଧା ୧୫୪ ଜଣ ସଂକ୍ରମିତ ହୋଇଥିବା ବେଳେ ପ୍ରତିଦିନ ଏହି ସଂଖ୍ୟା ବଢ଼ିବାରେ ଲାଗିଛି। ସଂକ୍ରମିତଙ୍କୁ ଶିତଳାପଲ୍ଲୀସ୍ଥିତ କୋଭଡ୍ ହସ୍ପିଟାଲରେ ରଖି ଚିକିତ୍ସା କରାଯାଉଛି। ସେଠାରେ ଏମ୍‌କେସିଜି ଷ୍ଟାଫ ନର୍ସଙ୍କ ସହ କୋଭିଡ୍-୧୯ ପାଇଁ ନିଯୁକ୍ତି ପାଇଥିବା ନର୍ସମାନେ କାର୍ଯ୍ୟ କରୁଛନ୍ତି। ହେଲେ କରୋନା ରୋଗୀଙ୍କୁ ଚିକିତ୍ସା କରୁଥିବା ନର୍ସଙ୍କୁ ଠିକ୍ ସୁରକ୍ଷା ଉପକରଣ ପ୍ରଦାନ କରାଯାଉ ନ ଥିବା ଅଭିଯୋଗ


ଏମ୍‌କେସିଜିରେ ଧାରଣା ଦେଇଥିବା ନର୍ସ ।

### ପ୍ରତିଶ୍ରୁତି ପରେ ପ୍ରତ୍ୟାହାର

ହୋଇଛି। ସେମାନଙ୍କୁ ପର୍ସନାଲ ପ୍ରୋଟେକ୍ଟିଭ୍ ଇକ୍ୟୁଇପ୍‌ମେଣ୍ଟ (ପିପିଇ), ଆବଶ୍ୟକ ମାସ୍କ, ଗ୍ଲୋଭ୍ସ ଆଦି ପ୍ରଦାନ କରାଯାଉ ନ ଥିବା ବେଳେ କୋଭିଡ୍ ହସ୍ପିଟାଲରେ ପାନୀୟ ଜଳର ବ୍ୟବସ୍ଥା ନ ଥିବା ନର୍ସମାନେ ସଙ୍ଗିନ ଅଭିଯୋଗ କରିଛନ୍ତି। ସମସ୍ତ ପ୍ରକାର ସୁବିଧା ପ୍ରଦାନ ଦାବିରେ ସୋମବାର ସକାଳୁ ନର୍ସମାନେ ଅଧୀକ୍ଷକଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ବ୍ରହ୍ମପୁର ଉପଜିଲାପାଳ ସିନ୍ଦେ ଦତ୍ତାତ୍ରୟ ଭାଉସାହେବ ଧାରଣାସ୍ଥଳରେ ପହଞ୍ଚି ସେମାନଙ୍କୁ ବୁଝାଶୁଝା କରିବା ପରେ ଧାରଣା ପ୍ରତ୍ୟାହୃତ କରିଥିଲେ।

## ଔଷଧ ଦୋକାନ ସିଲ୍

କେନ୍ଦୁଝର, ୧୧ା୫(ସ୍ୱ.ପ୍ର./ଡି.ଏନ.ଏ.)

କୋଭିଡ-୧୯ ନିୟମାବଳୀ ଖିଲାପ କରିଥିବା ଏକ ଔଷଧ ଦୋକାନକୁ ତହସିଲଦାରଙ୍କ ରିପୋର୍ଟ କ୍ରମେ ସୋମବାର ଜିଲାପାଳ ଆଶିଷ ଠାକରେ ସିଲ କରିଛନ୍ତି। ନିୟମାବଳୀ ଓ ନିର୍ଦ୍ଦେଶାବଳୀ ଅନୁପାଳନ ତଦାରଖ ପାଇଁ ପରିଦର୍ଶନ ବେଳେ ଅନିୟମିତତା ଦେଖିବାକୁ ମିଳିଥିଲା। ସେଠାରେ ଡାକ୍ତରମାନେ ରୋଗୀ ଚିକିତ୍ସା କରୁଥିଲେ ହେଁ ରୋଗୀଙ୍କ କୌଣସି ରେଜିଷ୍ଟର ମେଣ୍ଟେନ କରା ଯାଉ ନ ଥିଲା ବୋଲି ଏକ ପ୍ରେସ ବିଜ୍ଞପ୍ତିରେ ଜିଲା ପ୍ରଶାସନ ସନ୍ଧ୍ୟାରେ ଜଣାଇଛନ୍ତି।

## ଗଛଛାଇରେ ଶୋଇଥିବା ଶିଶୁ କନ୍ୟା ଉପରେ ମାଡ଼ିଗଲା ଟ୍ରାକ୍ଟର

ରାଇରଙ୍ଗପୁର,୧୧ା୫(ଡି.ଏନ୍.ଏ)

ମୟୂରଭଞ୍ଜ ଜିଲା ତିରିଂ ଥାନା ଅଧୀନ ଆମଦା ଗ୍ରାମରେ ସୋମବାର ଏକ ଅଭାବନୀୟ ଘଟଣା ଘଟିଛି। ରାସ୍ତାକଡ଼ ଗଛ ଛାଇରେ ଶୋଇଥିବା ଶିଶୁ କନ୍ୟା ଉପରେ ଏକ ଟ୍ରାକ୍ଟର ମାଡ଼ି ଯିବାରୁ ଘଟଣାସ୍ଥଳରେ ମୃତ୍ୟୁ ଘଟିଛି। ଏନେଇ ପୋଲିସ ଏକ ମାମଲା(ନଂ.୩୦/୨୦୨୦) ରୁଜୁ କରି ଦୁର୍ଘଟଣା ଘଟାଇଥିବା ଟ୍ରାକ୍ଟରକୁ ଜବତ କରିଛି। ସୂଚନା ଅନୁଯାୟୀ, ଏହି ଥାନା ଅନ୍ତର୍ଗତ ଅସୁରଘାଟୀ ଗ୍ରାମର ସିଦ୍ଧ ହେମ୍ବ୍ରମଙ୍କ ସ୍ତ୍ରୀ ମାୟା ତାଙ୍କର ୫ ମାସର ଶିଶୁ କନ୍ୟାଙ୍କୁ ନେଇ ବାପଘର ଆମଦା ଗ୍ରାମକୁ ମାସକ ତଳେ ବୁଲିବାକୁ ଆସିଥିଲେ। ସୋମବାର ଘର ନିକଟସ୍ଥ ପୋଖରୀକୁ ସେ ଗାଧୋଇବା ପାଇଁ ଯାଇଥିଲା ବେଳେ ରାସ୍ତା ପାର୍ଶ୍ୱ ଗଛଛାଇରେ ଶିଶୁକନ୍ୟାକୁ ଶୁଆଇ ଦେଇଥିଲେ। ଏହି ସମୟରେ ଦ୍ରୁତଗତିରେ ଆସୁଥିବା ଏକ ଟ୍ରାକ୍ଟର ଶୋଇଥିବା ଶିଶୁକନ୍ୟା ଉପରେ ଚଢି ଯାଇଥିଲା। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ଘଟଣାର ତଦନ୍ତ କରୁଛି।

# କ୍ୱାରାଣ୍ଟାଇନ୍ ସରିଲେ ପ୍ରବାସୀ ହେବେ ସ୍ୱାସ୍ଥ୍ୟକର୍ମୀ

ଛତ୍ରପୁର,୧୧ା୫(ଡି.ଏନ୍.ଏ.)

ଅନ୍ୟ ରାଜ୍ୟରୁ ଗଞ୍ଜାମ ଜିଲାକୁ ଫେରିଥିବା ପ୍ରବାସୀମାନଙ୍କ କ୍ୱାରାଣ୍ଟାଇନ ସେଣ୍ଟର୍‌ରେ ରହିବା ଅବଧି ସରିବା ସମସ୍ତେ ଜଣେ ଜଣେ କୋଭିଡ କମ୍ୟୁନିଟି ସ୍ୱାସ୍ଥ୍ୟକର୍ମୀ ହୋଇପାରିବେ। ସେମାନେ ଲୋକଙ୍କ ସେବା କରିପାରିବେ ବୋଲି ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଟୁଇଟରରେ ଜଣାଇଛନ୍ତି। ଜିଲାର ବିଭିନ୍ନ କ୍ୱାରାଣ୍ଟାଇନ୍ ସେଣ୍ଟରରେ ପ୍ରବାସୀମାନଙ୍କ କୋଭିଡ -୧୯ କ୍ଲାସ ନିଆଯାଉଥିବା ଜିଲାପାଳ ସୂଚନା

### ଟୁଇଟ୍ କଲେ ଜିଲାପାଳ

ଦେଇଛନ୍ତି। କ୍ୱାରାଣ୍ଟାଇନ୍ ସେଣ୍ଟରରେ ରହୁଥିବା ଲୋକେ ସକାଳୁ ନିତ୍ୟକର୍ମ ସାରି ବ୍ୟାୟାମ, ଯୋଗ କରୁଛନ୍ତି। ଏହାପରେ ଜଳଖିଆ ଦିଆଯାଇ କୋଭିଡ -୧୯ କ୍ଲାସ ନିଆଯାଉଛି। ସେହିପରି ମଧ୍ୟାହ୍ନ ଭୋଜନ, ଚାରାରୋପଣ, ସଫେଇ କାର୍ଯ୍ୟ, ରାତ୍ରିଭୋଜନ ଏବଂ ପରେ ସଂଗୀତ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଥିବା ଜିଲ୍ଲାପାଳ ସୂଚନା ଦେଇଛନ୍ତି। ସରକାରଙ୍କ ଗାଇଡଲାଇନ ଅନୁସାରେ କ୍ୱାରାଣ୍ଟାଇନ ସେଣ୍ଟରରେ ଖାଦ୍ୟ ଦିଆଯାଉଛି।


କ୍ୱାରାଣ୍ଟାଇନ୍‌ରେ ଥିବା ବ୍ୟକ୍ତିଙ୍କୁ ତାଲିମ ଦିଆଯାଉଛି ।

# ସୀମା ସିଲ୍ ସତ୍ତ୍ୱେ ହାଇଦ୍ରାବାଦରୁ ଆସିଲେ ୧୦୦ରୁ ଊର୍ଦ୍ଧ୍ୱ ପ୍ରବାସୀ

ବାଲେଶ୍ୱର ଅଫିସ,୧୧ା୫

ସୀମା ସିଲ୍ କରାଯାଇଥିଲେ ମଧ ହାଇଦ୍ରାବାଦରୁ ଶହେରୁ ଊର୍ଦ୍ଧ୍ୱ ପ୍ରବାସୀ ଚାଲି ଚାଲି ଆସି ସୋମବାର ବାଲେଶ୍ୱର ଜିଲା ରେମୁଣା ଗୋଲେଇରେ ପହଞ୍ଚିଥିଲେ। ଏତେସଂଖ୍ୟକ ଲୋକେ ଯାଉଥିବା ଦେଖି କେତେକ ସାମାଜିକ କର୍ମୀ ସନ୍ଦେହରେ ସେମାନଙ୍କୁ ପଚରାଉଚୁରା କରିବା ପରେ ସମସ୍ତ କଥା ଜଣାପଡିଥିଲା। ସ୍ଥାନୀୟ ପ୍ରଶାସନ ସହଯୋଗରେ ସେମାନଙ୍କର ଖାଇବା ଏବଂ ପାନୀୟଜଳ ବ୍ୟବସ୍ଥା କରାଯାଇଥିଲା। ଏମାନେ ସମସ୍ତେ ବସ୍ତା ବ୍ଲକ କୁଣ୍ଡିହା ପଞ୍ଚାୟତର।

ପ୍ରବାସୀମାନେ ହାଇଦ୍ରାବାଦ ବେଗମ୍‌ପେଟ ଅଞ୍ଚଳର ଗ୍ରାନାଇଟ୍ ଫ୍ୟାକ୍ଟ୍ରିରେ କାର୍ଯ୍ୟ କରୁଥିଲେ। ଲକ୍‌ଡାଉନ୍ କାରଣରୁ ସେହି ଫ୍ୟାକ୍ଟ୍ରି ବନ୍ଦ ହୋଇଯାଇଥିଲା। ପାଖରେ ଥିବା ସଞ୍ଚିତ ଅର୍ଥ ଖର୍ଚ୍ଚ ହୋଇଯିବା ଓ ରାଜ୍ୟ ସରକାରଙ୍କ ପ୍ରବାସୀ ଓଡ଼ିଆଙ୍କୁ


ରେମୁଣା ଗୋଲେଇ ନିକଟରେ ଚାଲି ଚାଲି ଆସୁଥିବା ପ୍ରବାସୀ ଓଡ଼ିଆ ।

ଫେରସ୍ତ ଆଣିବା ଘୋଷଣା ପରେ ସେମାନେ ଘରକୁ ଆସିବା ପାଇଁ ନିଷ୍ପତ୍ତି ନେଇଥିଲେ। କିଛିଦିନ ଧରି ସେମାନେ ଅପେକ୍ଷା କରି ରହିଥିଲେ। କୌଣସି ସୁବିଧା ସୁଯୋଗ ନ ମିଳିବାରୁ ୭ଦିନ ପୂର୍ବରୁ ହାଇଦ୍ରାବାଦରେ ରହୁଥିବା ସ୍ଥାନରୁ ସେମାନେ ଚାଲିବା ଆରମ୍ଭ କରିଥିଲେ। ରାସ୍ତାର ବିଭିନ୍ନ ସ୍ଥାନରେ କେତେକ ଗାଡ଼ିର ସହାୟତା ନେଇ ଓଡ଼ିଶା ସୀମା ପାରି ହୋଇ ସୋମବାର ପୂର୍ବାହ୍ନ ୧୧ଟାରେ ଶେରଗଡ଼ସ୍ଥିତ ଟୋଲଗେଟ୍ ନିକଟରେ ଏକ ଟ୍ରକ୍ ଯୋଗେ ପହଞ୍ଚିଥିଲେ। ସେଠାରୁ ୧୬ନଂ. ଜାତୀୟ ରାଜପଥ ଦେଇ ଚାଲି ଚାଲି ରେମୁଣା ଗୋଲେଇ ନିକଟରେ ପହଞ୍ଚିଥିଲେ। କେତେକ ସମାଜସେବୀ ସେମାନଙ୍କୁ ଅଟକାଇ ପଚରାଉଚୁରା କରିବା ପରେ ଶିଳ୍ପାଞ୍ଚଳ ଥାନାକୁ ଖବର ଦେଇଥିଲେ। କିଛି ସମୟ ପରେ ଥାନା କର୍ମଚାରୀ ଓ ରେମୁଣା ତହସିଲଦାର ଚାର୍ଲସ ନାୟକ ଘଟଣାସ୍ଥଳରେ ପହଞ୍ଚି ବସ୍ତା ତହସିଲଦାର କାର୍ତ୍ତିକ ଦାସଙ୍କ ସହ ଆଲୋଚନା କରିଥିଲେ। ସେମାନଙ୍କ ମଧରେ ଥିବା କେତେକ ଲୋକ ମୟୂରଭଞ୍ଜ ଜିଲା ରାସଗୋବିନ୍ଦପୁର ଅଞ୍ଚଳର ହୋଇଥିବାରୁ ସେଠାକାର ବିଡ଼ିଓଙ୍କ ସହ ମଧ ଆଲୋଚନା କରିଥିଲେ। ମଧ୍ୟାହ୍ନ ପରେ ବିଭିନ୍ନ ଗାଡ଼ି ଯୋଗେ ଉକ୍ତ ଲୋକଙ୍କୁ ବସ୍ତା ଏବଂ ରାସଗୋବିନ୍ଦପୁର ଅଞ୍ଚଳରେ ପହଞ୍ଚାଇବା ପାଇଁ ବ୍ୟବସ୍ଥା କରାଯାଇଥିଲା। ସେମାନଙ୍କର ସ୍ୱାସ୍ଥ୍ୟବସ୍ଥା ପରୀକ୍ଷା କରାଯାଇ ପଞ୍ଚାୟତ ସଙ୍ଗରୋଧ କେନ୍ଦ୍ରରେ ରଖାଯାଇଥିବା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି। ଉକ୍ତ ଲୋକମାନେ ଚାଲି ଚାଲି ଆସୁଥିବା ବେଳେ ରାଜ୍ୟ ସୀମା ପାରି ହେବା, ଜିଲା ପରେ ଜିଲା ଅତିକ୍ରମ କରି ବାଲେଶ୍ୱରରେ ପହଞ୍ଚିବା ସୁରକ୍ଷା ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

## ପ୍ରବାସୀଙ୍କୁ ସହଯୋଗ କରୁଛନ୍ତି ଦୁଇଛାତ୍ର

ସାରା ଦେଶରେ ଏବେ ଲକ୍‌ଡାଉନ୍ ଯୋଗୁ ଶ୍ରମିକମାନେ କାମଧନ୍ଦା ନ ପାଇ ବହୁ ଅସୁବିଧାରେ ଅଛନ୍ତି। ଏଭଳି ଲୋକଙ୍କୁ ସାହାଯ୍ୟ କରିବା ପାଇଁ ଆଗେଇ ଆସିଛନ୍ତି ସିଙ୍ଗାପୁରର ଦୁଇଜଣ ଛାତ୍ର ଡାରେନ୍ ଜିଓ ଏବଂ କେ.ଜୁ. ଜୋହୁ। ଉଭୟ ଏବେ ପ୍ରବାସୀ ଶ୍ରମିକମାନଙ୍କୁ ସାହାଯ୍ୟ କରିବା ପାଇଁ ଦିନକୁ ଶହ ଶହ କିଲୋମିଟର ସାଇକେଲ୍‌ରେ ଯାତ୍ରା କରି ଅର୍ଥ ଯୋଗାଡ଼ କରୁଛନ୍ତି। ଡାରେନ୍ କାନାଡ଼ାର ମୂଳ ବାସିନ୍ଦା ହୋଇଥିବାବେଳେ ଜୋହୁ ହେଉଛନ୍ତି ସ୍ପେନର ମୂଳ ବାସିନ୍ଦା। ଏମାନେ ଏବେ ଗୋଭାଣ୍ଡିରେ ଥିବା ବାଇଗନୱାଡ଼ି ବସ୍ତି ଅଞ୍ଚଳରେ ଏକ ସଂସ୍ଥା ଖୋଲି ଖାଦ୍ୟ ବାଣ୍ଟିବା ଆରମ୍ଭ କରିଛନ୍ତି।

# କବର ବଦଳରେ ମୁଖାଗ୍ନି



ବଦଳିଲା ୩୦୦ ବର୍ଷର ପରମ୍ପରା

**ହରିୟାଣା:** ବହୁବିଧ ପରମ୍ପରା, ଧର୍ମୀୟ ବିଶ୍ୱାସକୁ ନେଇ ସମୃଦ୍ଧ ଭାରତବର୍ଷ। ବିବିଧତା ଭିତରେ ଏକତା ୧୩୦ କୋଟି ଲୋକଙ୍କୁ ବାନ୍ଧି ରଖିଛି। ଐଶ୍ୱର୍ଯ୍ୟ, ବିଭବରେ ପରିପୂର୍ଣ୍ଣ ଏହି ଦେଶ ଦୀର୍ଘବର୍ଷ ଧରି ବିଦେଶୀଙ୍କ କୁଚକ୍ରାନ୍ତର ଶିକାର ହୋଇ ରହିଥିଲା। ପର୍ତ୍ତୁଗୀଜ, ଆଫ୍‌ଗାନ, ମୋଗଲଠାରୁ ଆରମ୍ଭ କରି ବ୍ରିଟିଶମାନେ ବିଭିନ୍ନ ସମୟରେ ଦେଶକୁ ଲୁଟିଛନ୍ତି। ନିଜ ନିଜର ସାମ୍ରାଜ୍ୟବାଦୀ ନୀତିରେ ବଦଳାଇବାକୁ ଚେଷ୍ଟା କରିଛନ୍ତି ଭାରତୀୟଙ୍କ ମନୋଭାବ। ସେମାନେ ଏଥିରେ କେତେକାଂଶରେ ସଫଳ ମଧ୍ୟ ହୋଇଛନ୍ତି। ହେଲେ ବିଦେଶୀ ଶାସନର ପତନ ସହ ଭାରତୀୟ ସମାଜ ପୁଣିଥରେ ଅଣ୍ଟା ସଳଖିଛି। ବିଦେଶୀ ଚାଲିଚଳଣିକୁ ପଛ କରି ଅନେକେ ଡେରିରେ ହେଲେ ମଧ୍ୟ ନିଜର ମୂଳ ସଂସ୍କୃତିକୁ ଫେରିଛନ୍ତି। ଏପରି ଅନେକ ଘଟଣା ଇତିହାସ ପୃଷ୍ଠାରେ ଲିପିବଦ୍ଧ ହୋଇ ରହିଛି, ଯାହାର ଏକ ଉଦାହରଣ ଦେଖିବାକୁ ମିଳିଛି ହରିୟାଣା ରାଜ୍ୟର ହିସାର ଜିଲାରେ। ଏଠାକାର ଏକ ପୁରାତନ ସମ୍ପ୍ରଦାୟ ଦୀର୍ଘ ୩୦୦ବର୍ଷ ଧରି ପ୍ରଚଳିତ ମୃତଦେହ ସଂସ୍କାର ପଦ୍ଧତିରେ ପରିବର୍ତ୍ତନ ଆଣିଛି। କବର ପରିବର୍ତ୍ତେ ହିନ୍ଦୁ ସଂସ୍କୃତି ଅନୁଯାୟୀ ମୁଖାଗ୍ନି ଦେଇ ସେମାନେ କରିଛନ୍ତି ନିଜର ପରିଜନଙ୍କ ଶେଷକୃତ୍ୟ।

ହିସାରଠାରୁ ପାଖାପାଖି ୫୦ କିମି ଦୂରରେ ଅବସ୍ଥିତ ଓକଲାନାର ବିଠମଣ୍ଡା ଗ୍ରାମରେ ଏକ ପୁରାତନ ସମ୍ପ୍ରଦାୟର ଲୋକେ ଦୀର୍ଘବର୍ଷ ଧରି ବାସ କରି ଆସୁଛନ୍ତି। ନିକଟରେ ଉକ୍ତ ସମ୍ପ୍ରଦାୟର ଜଣେ ବୟସ୍କା ମହିଳାଙ୍କ ମୃତ୍ୟୁ ଘଟିଥିଲା। ଏହାପରେ ତାଙ୍କର ଅନ୍ତିମ ସଂସ୍କାର ହିନ୍ଦୁ ପରମ୍ପରା ଅନୁଯାୟୀ କରାଯାଇଥିଲା। ମୃତ ମହିଳାଙ୍କ ପୁଅ ସତ୍‌ବୀରଙ୍କ କହିବା କଥା, ପୂର୍ବରୁ ସମ୍ପ୍ରଦାୟରେ ମୃତଦେହକୁ ଦାହ କରାଯିବାର ବିଧି ପ୍ରଚଳିତ ଥିଲା। ଏକଚ୍ଛତ୍ରବାଦୀ ମୋଗଲ ସମ୍ରାଟ ଔରଙ୍ଗଜେବ୍‌ଙ୍କ ଶାସନ କାଳରେ ମୃତଦେହକୁ କବର ଦେବା ଲାଗି ଚାପ ପଡ଼ିଥିଲା। ଅତ୍ୟାଚାରୀ ଶାସକଙ୍କ ଭୟରେ ସେତେବେଳେ ଏହାକୁ ତାଙ୍କ ପୂର୍ବଜମାନେ ମାନିନେବାକୁ ବାଧ ହୋଇଥିଲେ। କାଳକ୍ରମେ ଏହା ପରମ୍ପରାରେ ବଦଳିଗଲା। ହେଲେ ହିନ୍ଦୁଧର୍ମ ଉପରେ ସେମାନଙ୍କ ବିଶ୍ୱାସ ଅତୁଟ ରହିଥିଲା। ତେଣୁ ମା'ଙ୍କ ଅନ୍ତିମ ସଂସ୍କାର ପଦ୍ଧତିରେ ପରିବର୍ତ୍ତନକୁ ସମସ୍ତେ ସ୍ୱାଗତ କରିଥିଲେ। ଆଗାମୀ ଦିନରେ ଗ୍ରାମର ଅନ୍ୟ ୩୦ ପରିବାର ମଧ୍ୟ ଅନୁରୂପ ଭାବେ ମୃତଦେହ ସଂସ୍କାର କରିବା ଲାଗି ନିଷ୍ପତ୍ତି ନେଇଛନ୍ତି। କାହାର ଚାପର ବଶବର୍ତ୍ତୀ ନ ହୋଇ ସେମାନେ ଏପରି ବିଚାର କରିଥିବା ସତ୍‌ବୀର କହିଛନ୍ତି। ଅନ୍ୟପଟେ ବିଠମଣ୍ଡା ଗ୍ରାମବାସୀଙ୍କ ଏପରି ନିଷ୍ପତ୍ତିକୁ ନିକଟବର୍ତ୍ତୀ ହିନ୍ଦୁ ଗ୍ରାମୀଣ ଇଲାକାର ଲୋକେ ସ୍ୱାଗତ କରିଛନ୍ତି।

# ମା' ମୋର ଭଲ ବାନ୍ଧବୀ




ଅନନ୍ୟା ପାଣ୍ଡେ

**ମୁମ୍ବାଇ:** ବଲିଉଡ୍ ଅଭିନେତ୍ରୀ ଅନନ୍ୟା ପାଣ୍ଡେ ନିଜର ପିଲାବେଳର ଏକ ଭିଡିଓ ସୋସିଆଲ ମିଡିଆରେ ଶେୟାର କରିଛନ୍ତି। ଏହି ଭିଡିଓରେ ସେ ତାଙ୍କ ମା' ଭାବନା ପାଣ୍ଡେଙ୍କ ସହ ଥିବା ଦେଖିବାକୁ ମିଳିଛି। ଉଭୟ ଏହି ଭିଡିଓରେ ବହୁତ ମସ୍ତି କରୁଛନ୍ତି। ଏଥିରେ ଅନନ୍ୟା ତାଙ୍କ ମା'ଙ୍କୁ କହୁଛନ୍ତି ଯେ, ଦୁନିଆରେ ମୁଁ ଯାହାଙ୍କୁ ବହୁତ ପସନ୍ଦ କରେ ସେ ମୋ ମା'। ଅନନ୍ୟା ଆଉ ଏକ ଭିଡିଓ ଶେୟାର କରି ଲେଖିଛନ୍ତି ଯେ, ମୋ ମା' ମୋ ସହିତ ଛୋଟ ପିଲାଙ୍କ ଭଳି ଖେଳୁଥିଲେ ମଧ୍ୟ ସେ ମୋର ବହୁତ କ୍ଲୋଜ୍। ଜଣେ ଭଲ ବାନ୍ଧବୀ। ସେ ଏହି ଫଟୋ ଶେୟାର କରି ଦୁନିଆର ସବୁ ମା'ଙ୍କୁ ବିଶ୍ୱ ମାତୃ ଦିବସର ଶୁଭକାମନା ଜଣାଇଛନ୍ତି। ତେବେ ଏହି ଭିଡିଓଗୁଡ଼ିକୁ ସେତେବେଳେ ତାଙ୍କ ବାପା ଚଙ୍କି ପାଣ୍ଡେ ଶୁଟ୍ କରିଥିଲେ। ସେ ଛୋଟବେଳେ ବହୁତ କ୍ୟୁଟ୍ ଥିଲେ। ତାଙ୍କର ଏହି ଭିଡିଓ ଇନ୍‌ଷ୍ଟାଗ୍ରାମରେ ଭାଇରାଲ୍ ହେବାରେ ଲାଗିଛି। ସମଗ୍ର ଦେଶ ଆଜି କରୋନା ସହ ଲଢ଼େଇ କରୁଛି। ସମସ୍ତଙ୍କୁ ଘରେ ସୁରକ୍ଷିତ ରହି କରୋନା ଭଳି ମହାମାରୀକୁ ହଟାଇବାକୁ ପଡ଼ିବ। ସେଥିଲାଗି ଘରେ ରୁହନ୍ତୁ। ସୁରକ୍ଷିତ ରୁହନ୍ତୁ ବୋଲି ଅନନ୍ୟା କହିଛନ୍ତି।

# କର୍ମକ୍ଷେତ୍ରରେ ଉତ୍ସାହ, ସମ୍ମାନ ଜରୁରୀ

ଅନ୍ତର୍ଜାତୀୟ ନର୍ସ ଦିବସ ଆଜି




ପ୍ରତିବର୍ଷ ମେ ୧୨ ତାରିଖକୁ ଅନ୍ତର୍ଜାତୀୟ ନର୍ସ ଦିବସ ଭାବେ ପାଳନ କରାଯାଏ। ସମାଜରେ ଲୋକମାନଙ୍କୁ ନୀରୋଗ ରଖିବା ଓ ସେମାନଙ୍କ ସେବାକରିବାରେ ନର୍ସମାନଙ୍କ ଭୂମିକା ଅତୁଳନୀୟ। ସେମାନଙ୍କ ଅବଦାନ ଓ ଉତ୍ସର୍ଗୀକୃତ ସେବାକୁ ମନେପକାଇବା ଲାଗି ଏହି ଦିବସର ମହତ୍ତ୍ୱ ରହିଛି। ଫ୍ଲୋରେନ୍ସ ନାଇଟାଏଙ୍ଗେଲଙ୍କ ଜନ୍ମବାର୍ଷିକୀକୁ ଅନ୍ତର୍ଜାତୀୟ ନର୍ସ ଦିବସ ଭାବେ ପାଳନ କରାଯାଇଆସୁଛି। ଇଣ୍ଟରନ୍ୟାଶନାଲ କାଉନ୍‌ସିଲ ଅଫ୍ ନର୍ସେସ୍ (ଆଇସିଏନ୍) ପକ୍ଷରୁ ପ୍ରତିବର୍ଷ ବିଭିନ୍ନ କାର୍ଯ୍ୟକ୍ରମ ସହ ପାଳନ କରାଯାଇଥାଏ। ଚଳିତବର୍ଷ ନାଇଟଏଙ୍ଗେଲଙ୍କ ୨୦୦ତମ ଜନ୍ମବାର୍ଷିକୀ ପାଳନ କରାଯାଉଥିବା ବେଳେ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ(ଡବ୍ଲ୍ୟୁଏଚ୍‌ଓ) ପକ୍ଷରୁ ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଉଛି। ଯେତେବେଳେ ସେକୌଣସି ସ୍ଥାନରେ ନିରବଚ୍ଛିନ୍ନ ସେବା ଓ ସହଯୋଗ ଯୋଗାଇ ଆସୁଛନ୍ତି ଏହି ନର୍ସମାନେ। ପ୍ରାକୃତିକ ବିପତ୍ତିଠାରୁ ଆରମ୍ଭ କରି ଯୁଦ୍ଧ, ମହାମାରୀ କିମ୍ବା ଯେକୌଣସି ଜରୁରିକାଳୀନ ସମୟରେ ଏମାନଙ୍କ ସେବା ଓ ଉତ୍ସର୍ଗୀକୃତ ମନୋଭାବର ପଟାନ୍ତର ନାହିଁ। ବିଶ୍ୱରେ ଲୋକଙ୍କ ଯତ୍ନନେବା, ସେମାନଙ୍କ ସେବାକରି ସୁସ୍ଥକରିବା କ୍ଷେତ୍ରରେ ନର୍ସଙ୍କ ଅବଦାନ ଅତୁଳନୀୟ। ୧୯୬୫ ମସିହାରୁ ଆଇସିଏନ୍ ପକ୍ଷରୁ ଏହି ଦିବସକୁ ଗୁରୁତ୍ୱ ଦିଆଯାଇ ବିଭିନ୍ନ କାର୍ଯ୍ୟକ୍ରମ ସହ ପାଳନ କରାଯାଇଆସୁଛି। ଏବେ ବିଶ୍ୱକୁ କରୋନା ମହାମାରୀ ଆତଙ୍କିତ କରି ରଖିଥିବା ବେଳେ ଲକ୍ଷ ଲକ୍ଷ ଲୋକ ମୃତାକ୍ରାନ୍ତ ହୋଇଛନ୍ତି। ସ୍ୱାସ୍ଥ୍ୟସେବା କ୍ଷେତ୍ରର ଗୁରୁଦାୟିତ୍ୱ ବଢ଼ିଯାଇଥିବା ବେଳେ ନର୍ସମାନେ ସବୁବେଳେ କର୍ମକ୍ଷେତ୍ରରେ ରହୁଛନ୍ତି। ଏହି ଦିବସରେ ସେମାନଙ୍କୁ ଉତ୍ସାହିତ କରିବା ନିହାତି ଜରୁରୀ। ସେମାନଙ୍କୁ ଶୁଭକାମନା ଜଣାଇ ମନୋବଳ ଦୃଢ଼କରିବାର ଆବଶ୍ୟକତା ରହିଛି। ବିଶ୍ୱରେ ସ୍ୱାସ୍ଥ୍ୟକ୍ଷେତ୍ରରେ ଯେତିକି ଲୋକ କାମ କରୁଛନ୍ତି, ସେମାନଙ୍କ ମଧ୍ୟରେ ପ୍ରାୟ ୫୦ ଭାଗ ହେଉଛନ୍ତି ନର୍ସ। ତଥାପି ଦକ୍ଷିଣ ଏସିଆ ଓ ଆଫ୍ରିକାରେ ଏମାନଙ୍କ ସଂଖ୍ୟା ବହୁତ କମ୍। ବିଭିନ୍ନ ଜରୁରୀ କାର୍ଯ୍ୟ ଲାଗି ତଥାପି ଏମାନେ ଆଗେଇ ଆସିଥାନ୍ତି। ସେମାନଙ୍କ ନିଃସ୍ୱାର୍ଥପର ସେବାର ତୁଳନା ନାହିଁ।

# ହୃଦୟ ଜିତିଲା ପୋଲିସ



**ଇନ୍ଦୋର:** ଦେଶରେ କରୋନା ସଂକ୍ରମଣ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। କରୋନା ସଂକ୍ରମଣକୁ ନେଇ ସାରା ଦେଶରେ ଲକ୍‌ଡାଉନ ଘୋଷଣା କରାଯାଇଥିବା ବେଳେ ଏବେ ନିଜ ରାଜ୍ୟ ଛାଡ଼ି ବାହାର ରାଜ୍ୟକୁ ଚାଲିଯାଇଥିବା ଶ୍ରମିକମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏମାନଙ୍କର ରୋଜଗାରର ବାଟ ବନ୍ଦ ହୋଇଯାଇଛି। ଏବେ ଏମାନେ ଘର ମୁହାଁ ହୋଇଛନ୍ତି। ହେଲେ ଏମାନଙ୍କ ପାଇଁ ଯେମିତି ଦେବଦୂତ ସାଜିଛି ଇନ୍ଦୋର ପୋଲିସ। ପ୍ରତିଦିନ ଇନ୍ଦୋର ପୋଲିସ ପକ୍ଷରୁ ପାଖାପାଖି ୪ ହଜାର ବେସାହାରାଙ୍କୁ ଖାଦ୍ୟ ଯୋଗାଇ ଦିଆଯାଉଛି। କେବଳ ସେତିକି ନୁହେଁ, ଏମିତି ଶହ ଶହ ବେସାହାରାଙ୍କୁ ଜୋତା ଓ ଚପଲ ମଧ୍ୟ ଦାନ କରୁଛି ଇନ୍ଦୋର ପୋଲିସ। ପୋଲିସର ଏହି କାର୍ଯ୍ୟକୁ ଏବେ ସମସ୍ତେ ବେଶ୍ ପ୍ରଶଂସା କରୁଛନ୍ତି। ବିଶେଷ ଭାବେ ଘରମୁହାଁ ହୋଇଥିବା ପ୍ରବାସୀ ଶ୍ରମିକମାନେ ଚାଲିଚାଲି ଘରମୁହାଁ ହୋଇଥିବା ବେଳେ ଏମାନେ ଯେତେବେଳେ ଥକାମାରି ରାସ୍ତାକଡ଼ରେ ଆଶ୍ରୟ ନେଉଛନ୍ତି ପୋଲିସ ଏମାନଙ୍କୁ ସହାୟତା ଯୋଗାଇ ଦେଉଛନ୍ତି। ଅନେକ ପ୍ରବାସୀ ବିନା ଚପଲରେ ନିଜ ଘରକୁ ଫେରୁଥିବା ଦେଖିବା ପରେ ପୋଲିସ ଏଭଳି ପଦକ୍ଷେପ ଗ୍ରହଣ କରିଛି।

# ଖୋଲିଲା ଡିଜ୍‌ନି ଲ୍ୟାଣ୍ଡ

**ସାଙ୍ଘାଇ:** କରୋନା ଭାଇରସ୍ ବିଶ୍ୱବାସୀଙ୍କ ନିଦ ହଜାଇ ଦେଇଥିବା ବେଳେ ଚାଇନାରେ ଏହାର ପ୍ରଭାବ ଏବେ କିଛି କମିଛି। ଲକ୍‌ଡାଉନ୍ ଯୋଗୁ ଦୀର୍ଘଦିନ ଧରି ବନ୍ଦ ରହିଥିବା ଚାଇନାର ସାଙ୍ଘାଇ ଡିଜ୍‌ନି ଲ୍ୟାଣ୍ଡ ପାର୍କ ପୁଣି ଥରେ ଖୋଲିଛି। ମନୋରଞ୍ଜନର ଏକ ସ୍ୱତନ୍ତ୍ର ସ୍ଥାନ ଭାବେ ପରିଚୟ ହାସଲ କରିଥିବା ଏହି ପାର୍କ ଖୋଲିବା ପରେ ଲୋକେ ବେଶ୍ ଖୁସି ହୋଇଯାଇଛନ୍ତି। ସେଥିପାଇଁ ପାର୍କ ଖୋଲିବା ମାତ୍ରେ ଏଠାକୁ ଜନସମାଗମ ଆରମ୍ଭ ହୋଇଯାଇଛି। କିନ୍ତୁ ପାର୍କରେ ଲୋକଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ସମସ୍ତଙ୍କୁ ମାସ୍କ ପିନ୍ଧିବା ବାଧ୍ୟତାମୂଳକ କରାଯାଇଥିବା ବେଳେ ସାମାଜିକ ଦୂରତା ରକ୍ଷାକରିବା ଉପରେ ବିଶେଷ ଭାବେ ଗୁରୁତ୍ୱ ଦିଆଯାଉଛି। ଏହା ସହିତ ସମସ୍ତଙ୍କ ପାଇଁ ଟେମ୍ପରେଚର ସ୍କ୍ରିନିଂ ବ୍ୟବସ୍ଥା ବି କରାଯାଇଛି। ଏବେ ଏହି ପାର୍କକୁ ୨୪ହଜାରରୁ ବି କମ୍ ଲୋକ ଆସୁଛନ୍ତି, ଯାହା କି ପୂର୍ବରୁ ଆସୁଥିବା ଲୋକସଂଖ୍ୟାର ୩୦ ପ୍ରତିଶତରୁ ବି କମ୍। ପାର୍କ ଖୋଲିବା ପରେ ଏଠାରେ ମିକି ମାଉସ୍ ବେଶରେ କେତେଜଣ ଗେଟ୍ ପାଖରେ ଛିଡ଼ାହୋଇ ସାମାଜିକ ଦୂରତା ରକ୍ଷାକରିବାକୁ ଲୋକଙ୍କୁ ବୁଝାଉଛନ୍ତି। ପାର୍କ ଭିତରେ ଲୋକଙ୍କ ଛିଡ଼ା ହେବା ପାଇଁ ସ୍ୱତନ୍ତ୍ରଭାବେ ସ୍ଥାନ ଚିହ୍ନଟ ବି କରାଯାଇଛି।




# ଅନୁରାଧା ଦେଖାଇଲେ ବଦାନ୍ୟତା



**ମୁମ୍ବାଇ:** ଏକ ଅଦୃଶ୍ୟ ଶକ୍ତି ସହ ଏବେ ସାରା ବିଶ୍ୱ ଯୁଦ୍ଧ କରୁଛି। କରୋନା ସଂକ୍ରମଣ ସାରା ବିଶ୍ୱକୁ ଏକ ପ୍ରକାର ଅସ୍ତବ୍ୟସ୍ତ କରି ଦେଇଥିବା ବେଳେ ଏବେ ଏହି ଯୁଦ୍ଧରେ ଆଗଧାଡ଼ିର ଯୋଦ୍ଧାମାନେ ନିଜ ଜୀବନକୁ ବାଜି ଲଗାଇ ଦେଇଛନ୍ତି। ଏମାନଙ୍କ ପାଇଁ ଏବେ ସବୁଠି ମିଳୁଛି ସହଯୋଗ। ବଲିଉଡ୍ ଦୁନିଆ ମଧ୍ୟ ଏକ୍ଷେତ୍ରରେ ହାତ ବଢ଼ାଇଛି। ଦୀର୍ଘ ୪୭ ବର୍ଷ ହେବ ହିନ୍ଦୀ ତଥା ମରାଠି ଫିଲ୍ମ ଇଣ୍ଡଷ୍ଟ୍ରିରେ ସକ୍ରିୟ ଥିବା ଗାୟିକା ଅନୁରାଧା ପୋଡୱାଲ ମଧ୍ୟ କରୋନା ଯୋଦ୍ଧାଙ୍କ ପାଇଁ ସହଯୋଗର ହାତ ବଢ଼ାଇଛନ୍ତି। ନିକଟରେ ଏମିତି କେତେଜଣ କରୋନା ଯୋଦ୍ଧାଙ୍କୁ ସେ ଆର୍ଥିକ ସହାୟତା ଯୋଗାଇ ଦେଇଛନ୍ତି। ଏକ ୱେବ୍‌ସାଇଟକୁ ଦେଇଥିବା ସାକ୍ଷାତ୍‌କାରରେ ଅନୁରାଧା ଏକଥା କହିଛନ୍ତି। ମୁମ୍ବାଇର ବିଭିନ୍ନ ହସ୍ପିଟାଲରେ କାମ କରୁଥିବା ୧୦ ଜଣ ନର୍ସ, କଣ୍ଟେନ୍‌ମେଣ୍ଟ ଅଞ୍ଚଳରେ କାମ କରୁଥିବା ୧୦ କନ୍‌ଷ୍ଟେବଲ ଓ ୧୦ ଜଣ ପରିମଳ କର୍ମଚାରୀଙ୍କୁ ଅନୁରାଧା ୫ ହଜାର ଲେଖାଏଁ ଟଙ୍କା ଆର୍ଥିକ ସହାୟତା ଦେଇଛନ୍ତି। ଏହା ତାଙ୍କ ତରଫରୁ ଏକ ଛୋଟିଆ ସହାୟତା ବୋଲି ସେ କହିଛନ୍ତି। ଏହି ଦେଢ ଲକ୍ଷ ଟଙ୍କାର ଆର୍ଥିକ ସହାୟତା ସହ ମୁମ୍ବାଇର କିଛି ହସ୍ପିଟାଲକୁ ୧୫୦ ପିପିଇ କିଟ୍ ଓ ଏକ ଇନ୍‌କ୍ୟୁବେଟର ଦାନ କରିଛନ୍ତି। ତାଙ୍କର ଏକ ସାମାଜିକ ସଙ୍ଗଠନ 'ସୂର୍ଯ୍ୟୋଦୟ ଫାଉଣ୍ଡେଶନ' ଥିବାବେଳେ ସେ ଏହା ମାଧ୍ୟମରେ ପାଣି ସମସ୍ୟା, ଜରାଜୀର୍ଣ୍ଣ ସ୍କୁଲର ପୁନରୁଦ୍ଧାର ଆଦି କାର୍ଯ୍ୟ କରିଥାଆନ୍ତି। ତେବେ ଦେଶର ଘଡିସନ୍ଧି ମୁହୂର୍ତ୍ତରେ କରୋନା ଯୋଦ୍ଧାଙ୍କ ମନୋବଳ ବୃଦ୍ଧି କରିବାକୁ ସେ ଅନ୍ୟମାନଙ୍କୁ ମଧ୍ୟ କହିଛନ୍ତି।

# ଜାକ୍‌ଲିନଙ୍କ ସହ ସଲ୍‌ମାନଙ୍କ ଭିଡିଓ ରିଲିଜ



**ମୁମ୍ବାଇ:** କରୋନା ପାଇଁ ସମଗ୍ର ଦେଶରେ ଲକ୍‌ଡାଉନ୍ ଜାରିରହିଛି। ସାଧାରଣ ଲୋକଙ୍କ ଠାରୁ ଆରମ୍ଭ କରି ବଲିଉଡ୍ ଅଭିନେତ୍ରୀ, ଅଭିନେତା ସମସ୍ତେ ଘରେ ଏକ ପ୍ରକାର ବନ୍ଦ ହୋଇ ରହିଛନ୍ତି। ମାତ୍ର ଏହା କଳାକାରଙ୍କ ସୃଜନଶୀଳତାକୁ ଅଟକାଇ ପାରିନାହିଁ। ନିକଟରେ ଅଭିନେତା ସଲ୍‌ମାନ ଖାନ୍ 'ପ୍ୟାର୍ କରୋନା' ଶୀର୍ଷକ ଏକ ଗୀତ ପ୍ରସ୍ତୁତ କରିଥିବା ବେଳେ ଏବେ ଆଉ ଏକ ଗୀତର ଭିଡିଓ ରିଲିଜ୍ କରିଛନ୍ତି। ଗୀତଟି ହେଲା 'ତେରେ ବିନା'। ଏହି ଗୀତଟି ସଲ୍‌ମାନଙ୍କ ପାନ୍‌ଭେଲସ୍ଥିତ ଫାର୍ମହାଉସ୍‌ରେ ଶୁଟ୍ ହୋଇଛି। ଜାକ୍‌ଲିନ୍ ଫର୍ନାଣ୍ଡିଜ୍‌ଙ୍କ ସହ ସେ ଏହି ଗୀତରେ ଅଭିନୟ କରିଛନ୍ତି। ତେବେ ସଲ୍‌ମାନ ନିଜ ଇନ୍‌ଷ୍ଟାଗ୍ରାମରେ ଏହି ଭିଡିଓଟିକୁ ଶେୟାର କରିଛନ୍ତି। ସଲ୍‌ମାନ ଆଉ ମଧ୍ୟ ଉଲ୍ଲେଖ କରିଛନ୍ତି ଯେ, ମୁଁ ଆଉ ବସିପାରିବି ନାହିଁ। ପ୍ରଥମ ଥର ପାଇଁ କାମ ଛାଡ଼ି ମୁଁ ଏତେଦିନ ଖାଲି ବସିଛି। ଦର୍ଶକଙ୍କ ମନୋରଞ୍ଜନ କରିବାକୁ ମୁଁ ମୋର ଉଦ୍ୟମ ଜାରି ରଖିଛି। ଇନ୍‌ଷ୍ଟାଗ୍ରାମରେ ଭିଡିଓଟି ଭାଇରାଲ୍ ହେବାରେ ଲାଗିଛି। ଦର୍ଶକମାନେ ଏହି ଗୀତକୁ ମଧ୍ୟ ପସନ୍ଦ କରିଛନ୍ତି।

# ପୁନମ୍ ପାଣ୍ଡେ ଗିରଫ



**ମୁମ୍ବାଇ:** ମଡେଲ ତଥା ଅଭିନେତ୍ରୀ ପୁନମ୍ ପାଣ୍ଡେ ଚର୍ଚ୍ଚାକୁ ଆସିବା ଲାଗି ଜାଣିଶୁଣି ସବୁବେଳେ ବିବାଦ ଘେରରେ ରହିଥାନ୍ତି। ଏଥର ବି ସେ ଭୁଲ୍ କରି ବିବାଦ ଘେରକୁ ଟାଣିହୋଇ ଯାଇଛନ୍ତି। ଏଥିପାଇଁ ତାଙ୍କ ବିରୋଧରେ ମାମଲା ମଧ୍ୟ ରୁଜୁ ହୋଇଛି। ଦେଶବ୍ୟାପୀ ଲକ୍‌ଡାଉନ୍ ଜାରି ରହିଥିବା ବେଳେ ପୁନମ୍ ଏହାକୁ ଉଲ୍ଲଂଘନ କରିଥିବାରୁ ମୁମ୍ବାଇ ପୋଲିସ ତାଙ୍କୁ ଗିରଫ କରିଛି। ପୋଲିସ ସୂଚନା ଅନୁଯାୟୀ, ସେ ତାଙ୍କ ବନ୍ଧୁଙ୍କ ସହିତ ମେରାଇନ ଡ୍ରାଇଭ୍‌ରେ ଖୁବ୍ ସ୍ପିଡ୍‌ରେ କାର୍ ଡ୍ରାଇଭ୍ କରି ଯାଉଥିଲେ। ଏକ ପଞ୍ଚତାରକା ହୋଟେଲ ସମ୍ମୁଖରୁ ପୋଲିସ ଉଭୟଙ୍କୁ ଗିରଫ କରିଛି। ଲକ୍‌ଡାଉନ୍ ନିୟମ ଉଲ୍ଲଂଘନ କରିବା ଅଭିଯୋଗରେ ଦୁଇଜଣଙ୍କ ନାମରେ ମାମଲା ରୁଜୁ କରାଯାଇଛି। ସାରା ଦେଶରେ କରୋନା ଭାଇରସ୍ ସଂକ୍ରମଣ ଯୋଗୁ ଲକ୍‌ଡାଉନ୍ ଘୋଷଣା କରାଯାଇଛି। ତେବେ ଏହାକୁ ଅବମାନନା କରିଥିବାରୁ ସେମାନଙ୍କ ବିରୋଧରେ ମାମଲା ହୋଇଥିଲା। ଶେଷରେ ତାଙ୍କୁ ଛାଡ଼ି ଦିଆଯାଇଥିବା ମୁମ୍ବାଇ ପୋଲିସ ସୂଚନା ଦେଇଛି।

ସୌନ୍ଦର୍ଯ୍ୟ



# ଓଠ ଲାଗିବ ଗୋଲାପୀ

ବର୍ତ୍ତମାନ ବିଭିନ୍ନ କାରଣରୁ ଅନେକଙ୍କଠାରେ ଓଠ କଳା ପଡ଼ିବା ସମସ୍ୟା ଦେଖିବାକୁ ମିଳୁଛି। ହେଲେ ଠିକ୍ ସମୟରେ ଓଠର ଯତ୍ନ ନେଲେ ଏହା କୋମଳ ହେବା ସହ ଗୋଲାପୀ ଏବଂ ସୁନ୍ଦର ଦେଖାଯାଏ। ଜାଣି ରଖନ୍ତୁ ଓଠକୁ ଗୋଲାପୀ କରିବାର କେତୋଟି ସହଜ ଉପାୟ...

**ଲିପ୍‌ବାମ୍ :** ଏସ୍‌ପିଏଫ୍ ୨୦ ଥିବା ଲିପ୍ ବାମ୍ କିମ୍ବା ଲିପ୍‌ଷ୍ଟିକ୍ ବ୍ୟବହାର କରନ୍ତୁ। କିନ୍ତୁ ଭୁଲରେ ବି ଏସ୍‌ପିଏଫ୍ ୩୦ରୁ ଅଧିକ ଲିପ୍‌ବାମ୍ ବ୍ୟବହାର କରନ୍ତୁ ନାହିଁ। କାରଣ ଏହାର ବହୁ ସାଇଡ୍ ଇଫେକ୍ଟ ରହିଥାଏ।

**ଏକ୍ସଫୋଲିଏଟ୍:** ଚିନି ଏବଂ ମହୁର ଟ୍ୟାନ୍ ପ୍ୟାକ୍ ଓଠ ଉପରେ ଲଗାଇ ଧୀରେ ଧୀରେ ମସାଜ କରନ୍ତୁ। ଏହା ଓଠ ଉପରେ ଥିବା ଡେଡ୍ ସ୍କିନ୍‌କୁ ବାହାର କରିବାରେ ବା ଏକ୍ସଫୋଲିଏଟ୍ କରିବାରେ ସାହାଯ୍ୟ କରିଥାଏ। ଏହା ବ୍ୟତୀତ ବାଦାମ ତେଲ ଲଗାଇଲେ ଓଠ ନରମ ରହିଥାଏ। ଆଲୋଭେରା ଜେଲ୍‌ରେ ଚିନି ମିଶାଇ ଓଠରେ ଲଗାଇ ଡେଡ୍ ସ୍କିନ୍ ମଧ୍ୟ ବାହାର କରିହେବ।

**ପ୍ରଚୁର ପାଣି :** କମ୍ ପାଣି ପିଇଲେ ଓଠ କଳା ପଡ଼ିଥାଏ। ତେଣୁ ପ୍ରଚୁର ପାଣି ପିଇବା ସହିତ ପଇଡ଼ ପାଣି, ଅରେଞ୍ଜ ଜୁସ୍ ମଧ୍ୟ ପିଅନ୍ତୁ।

**ଲେମ୍ବୁ ଓ ଆଳୁ :** ପ୍ରତିଦିନ ରାତିରେ ଓଠରେ ଲେମ୍ବୁ ଓ ଆଳୁ ରସ ଲଗାଇ ସକାଳେ ଧୋଇ ଦିଅନ୍ତୁ। ଏପରି କରିବା ଦ୍ୱାରା ଓଠ ଧୀରେ ଧୀରେ ଗୋଲାପୀ ଦେଖାଯିବ।

**ସେଓ ରସ:** ପ୍ରତିଦିନ ସେଓ ରସକୁ କିଛି ବୁନ୍ଦା ପାଣି ସହିତ ମିଶାଇ ଓଠରେ ଲଗାନ୍ତୁ। ଏପରି କରିବା ଫଳରେ ଓଠ ପ୍ରାକୃତିକଭାବେ ଗୋଲାପୀ ହୋଇଯିବ।

**ଗୋଲାପ ଜଳ:** ଗୋଲାପ ଜଳ କିମ୍ବା ଗୋଲାପ ଫୁଲର ପାଖୁଡ଼ା ଓଠରେ ଘଷିବା ଦ୍ୱାରା ବି ଏହା ଗୋଲାପୀ ହେବାରେ ସାହାଯ୍ୟ କରିଥାଏ।



# କରୋନା ଓ ଶିଶୁଙ୍କ ପ୍ରତିଷେଧକ ଟିକା

ବର୍ତ୍ତମାନ କରୋନା ସମଗ୍ର ପୃଥିବୀରେ ଭୟର ବାତାବରଣ ଖେଳାଇ ଦେଇଛି। ରୋଗ ସଂକ୍ରମଣର ଭୟ ମାନବ ସମାଜକୁ ଏକ ପ୍ରକାର ଗୃହବନ୍ଦୀ କରି ରଖିଛି, ଯାହାଦ୍ୱାରା ବିଭିନ୍ନ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି; ଯେଉଁଥିରୁ ବାଦ୍ ପଡ଼ିନି ଶିଶୁର ପ୍ରତିଷେଧକ ଟିକାଦାନ। ହେଲେ ଶିଶୁର ନୀରୋଗ ତଥା ସୁରକ୍ଷିତ ଭବିଷ୍ୟତ ଲାଗି ଅଭିଭାବକମାନଙ୍କୁ କରୋନା ପାଇଁ ଯଥା ସମ୍ଭବ ସତର୍କତା ଅବଲମ୍ବନ ପୂର୍ବକ ଠିକ୍ ସମୟରେ ଶିଶୁର ସମସ୍ତ ଟିକାଦାନ କରାଇବା ଆବଶ୍ୟକ...

– ଡା. ନରେଶ ଚନ୍ଦ୍ର ଆଚାର୍ଯ୍ୟ



କରୋନା ଭୂତାଣୁଜନିତ ମହାମାରୀ ସମଗ୍ର ପୃଥିବୀର ମାନବ ସମାଜକୁ ଚିନ୍ତାଗ୍ରସ୍ତ ଓ ସ୍ତବ୍ଧ କରିଦେଇଛି। ବିକଶିତ, ବିକାଶୋନ୍ମୁଖୀ ଓ ଅବିକଶିତ ସମସ୍ତ ଦେଶ ଏହାକୁ ପ୍ରତିରୋଧ କରିବାର ବିଭିନ୍ନ ଉପାୟ ଅବଲମ୍ବନ କରୁଛନ୍ତି, ଯାହା କି ସମସ୍ତଙ୍କୁ ଗୃହବନ୍ଦୀ କରି ରଖିଛି। ଯାନବାହନ ଚଳାଚଳରେ ଅସୁବିଧା ସାଙ୍ଗକୁ ଦେଶକୁ କରୋନାମୁକ୍ତ କରିବାକୁ ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀଙ୍କ ନିରବଚ୍ଛିନ୍ନ ପ୍ରୟାସ ଅପରପକ୍ଷେ ନିୟମିତ ସ୍ୱାସ୍ଥ୍ୟସେବାରେ ବାଧା ସୃଷ୍ଟି କରିଛି, ଯାହାଫଳରେ ଶିଶୁର ପ୍ରତିଷେଧକ ଟିକାଦାନ ମଧ୍ୟ ବାଧାପ୍ରାପ୍ତ ହେଉଛି। କରୋନା ମହାମାରୀର ପରବର୍ତ୍ତୀ ପର୍ଯ୍ୟାୟରେ ପ୍ରତିଷେଧକ ଟିକା ଦ୍ୱାରା ପ୍ରତିରୋଧ କରାଯାଇ ପାରୁଥିବା ରୋଗଗୁଡ଼ିକର ଯେ ପ୍ରାଦୁର୍ଭାବ ଦେଖା ନ ଯିବ ଏହି ଆଶଙ୍କାକୁ ଏଡ଼ାଇ ଦିଆଯାଇ ହେବ ନାହିଁ। ଅନେକ ଅଭିଭାବକ ଏହି ବିଷୟରେ ଉତ୍କଣ୍ଠା ପ୍ରକାଶ କରିବା ସହିତ ବାରମ୍ବାର ସେମାନଙ୍କ ଉଦ୍‌ବେଗକୁ ଶିଶୁରୋଗ ବିଶେଷଜ୍ଞଙ୍କ ନିକଟରେ ପ୍ରକାଶ କରୁଛନ୍ତି।



ଭାରତରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଭୟରେ ମାତାପିତା ଶିଶୁଙ୍କୁ ବାହାରକୁ ବାହାର କରୁନାହାନ୍ତି। ଚିକିତ୍ସାଳୟ ନେବାକୁ ଭୟ କରୁଛନ୍ତି। ଫଳରେ ଟିକାଦାନଠାରୁ ଶିଶୁଙ୍କୁ ଦୂରରେ ରଖୁଛନ୍ତି। ଆମ ଦେଶରେ ଲକ୍‌ଡାଉନ୍ ମାର୍ଚ୍ଚ ୨୨ରେ ଘୋଷିତ ହେଲା। ପୁନଶ୍ଚ ଦ୍ୱିତୀୟ ପର୍ଯ୍ୟାୟ ଲକ୍‌ଡାଉନ୍ ମେ ୩ ତାରିଖ ପର୍ଯ୍ୟନ୍ତ ଓ ତୃତୀୟ ପର୍ଯ୍ୟାୟ ମେ ୧୭ ତାରିଖ ପର୍ଯ୍ୟନ୍ତ ହୋଇସାରିଛି। ଜାନୁୟାରୀ ୨୦୨୦ରେ ଜନ୍ମଗ୍ରହଣ କରିଥିବା ୫.୪ ଲକ୍ଷ ଶିଶୁ, ଫେବୃୟାରୀ ମାସରେ ଜନ୍ମଗ୍ରହଣ କରିଥିବା ୫.୪ ଲକ୍ଷ ଶିଶୁ, ମାର୍ଚ୍ଚ ମାସରେ ୧୦.୮ ଲକ୍ଷ ଶିଶୁ ଏବଂ ଏପ୍ରିଲରେ ୧୦.୮ ଲକ୍ଷ ଶିଶୁ ଆଂଶିକ କିମ୍ବା ସମ୍ପୂର୍ଣ୍ଣ ଟିକା ଗ୍ରହଣରୁ ବଞ୍ଚିତ ହୋଇଛନ୍ତି। ପ୍ରାୟ ୫.୩ ଲକ୍ଷ ଶିଶୁଙ୍କର ପ୍ରତି ସପ୍ତାହରେ ଟିକାକରଣ ହୋଇପାରୁନି।

ଜୁଲାଇ ୨୦୧୯ରେ ଜନ୍ମିତ ଶିଶୁମାନେ ଏମ୍ଆର୍ କିମ୍ବା ଏମ୍ଏମ୍ଆର୍ ମାତ୍ରା ପାଇପାରିବେ ନାହିଁ। ଜାନୁୟାରୀ, ଫେବୃୟାରୀ, ମାର୍ଚ୍ଚ ୨୦୨୦ରେ ଜନ୍ମିତ ଶିଶୁମାନେ ମୌଳିକ ଟିକା ପେଣ୍ଟା, ରୋଟା, ଆଇପିଭି(ଇନାକ୍ଟିଭେଟେଡ୍ ପୋଲିଓ ଭ୍ୟାକ୍ସିନ୍), ସିପିଭି(କାନାଇନ୍ ପାର୍ଭୋ ଭାଇରସ୍) ଟିକାରୁ ବଞ୍ଚିତ ହେବେ। ସାମଗ୍ରିକଭାବେ ଦେଖିବାକୁ ଗଲେ ୩୨.୪ ଲକ୍ଷ ଶିଶୁ ମୌଳିକ ଟିକା ଗ୍ରହଣରୁ ବଞ୍ଚିତ ହେବେ। ଲଣ୍ଡନ ସ୍କୁଲ ଅଫ୍ ହାଇଜିନ୍ ଆଣ୍ଡ ଟ୍ରପିକାଲ୍ ମେଡିସିନ୍ ମତ ଦେଇଛନ୍ତି, କରୋନା ସମୟରେ ଟିକାଦାନ ସ୍ଥଗିତ କରିବା ଫଳରେ ପ୍ରତିଟି କରୋନା ରୋଗୀର ପ୍ରତିଷେଧକ ପାଇଁ ଭବିଷ୍ୟତରେ ୧୨୭୪ ମିଳିମିଳା, ପୋଲିଓ, ମେନିଞ୍ଜାଇଟିସ୍, ନିମୋନିଆ ରୋଗ ଦେଖାଦେବ। ତେଣୁ ଭାରତୀୟ ଶିଶୁ ରୋଗ ସଂଘ ପ୍ରତିଷେଧକ ଟିକାଦାନ ପାଇଁ ନିମ୍ନଲିଖିତ ମାର୍ଗଦର୍ଶନ ଜାରି କରିଛନ୍ତି।



## କେଉଁ ଟିକା ଦେବେ

ନବଜାତକକୁ ବିସିଜି, ହେପାଟାଇଟିସ୍-ବି, ପେଣ୍ଟା, ରୋଟାଭାଇରସ୍ ଟିକା, ପୋଲିଓ ଇଞ୍ଜେକ୍ସନ, ଓପିଭି (ଓରାଲ ପୋଲିଓ ଭ୍ୟାକ୍ସିନ୍), ପିସିଭି (ନ୍ୟୁମୋକୋକାଲ୍ କଞ୍ଜୁଗେଟ୍ ଭ୍ୟାକ୍ସିନ୍), ଇନ୍‌ଫ୍ଲୁଏନ୍‌ଜା, ହାଡ଼ଫୁଟି ଟିକା, ଏମ୍ଆର୍ କିମ୍ବା ଏମ୍ଏମ୍ଆର୍, ଟାଇଫଏଡ୍ କଞ୍ଜୁଗେଟ୍ ଓ ଫ୍ଲୁ ଟିକା ଏକା ସମୟରେ ଦିଆଯାଇପାରିବ। ଜେ.ଇ. (ଜାପାନିଜ୍ ଏନ୍‌ସେଫାଲାଇଟିସ୍) ମଧ୍ୟ ଦିଆଯାଇପାରିବ (ଏକ ବର୍ଷ ପରେ)। ହେପାଟାଇଟିସ୍-ଏ ଓ ଏଚ୍‌ପିଭି ଟିକା, ବୁଷ୍ଟର ଟିକା ବିଳମ୍ବ କଲେ ଚଳିବ।

୧– ସ୍ଥାନୀୟ ସରକାରଙ୍କ ନିୟମକୁ ଉପଯୁକ୍ତ ସମ୍ମାନ ଦେଇ ପ୍ରତିଷେଧକ ଟିକାକରଣ ଚାଲୁରଖିବା।
୨– କେତେକ ଟିକା ଯାହାର ଗୁରୁତ୍ୱ ଅଧିକ ତାକୁ ପ୍ରାଥମିକତା ଦେବା।
୩– ସେଥି ସହିତ କୋଭିଡ୍-୧୯ ପାଇଁ ସମସ୍ତ ସାବଧାନତା ଅବଲମ୍ବନ କରିବା।
୪– ସରକାରୀ ଓ ବେସରକାରୀ ଟିକାଦାନ ସଂସ୍ଥା ନିମ୍ନଲିଖିତ ମାର୍ଗଦର୍ଶିକାକୁ ମାନିବା ଦରକାର।
୧– ଟିକାଦାନର ସ୍ଥାନ ଓ ସମୟ ସ୍ଥିର ରହିବା ଜରୁରୀ।
୨– ପ୍ରବେଶ ଦ୍ୱାର ଓ ପ୍ରସ୍ଥାନ ଦ୍ୱାର ଅଲଗା ହେବ।
୩– ପ୍ରତୀକ୍ଷା ପ୍ରକୋଷ୍ଠରେ ପରସ୍ପର ମଧ୍ୟରେ ୧ ମିଟର ସାମାଜିକ ଦୂରତ୍ୱ ରହିବ ଓ ସମସ୍ତେ ମାସ୍କ ପିନ୍ଧିବେ।
୪– ସାଙ୍ଗରେ ଆସିଥିବା ବ୍ୟକ୍ତିଙ୍କୁ ଥଣ୍ଡା କାଶ ଥିଲେ ସେ ଅନ୍ୟତ୍ର ବସିବେ।
୫– ଶିଶୁ ସହିତ ଜଣେ ବ୍ୟକ୍ତି ଆସିବେ। ୬୦ ବର୍ଷରୁ ଅଧିକ ବୟସର ବ୍ୟକ୍ତିଙ୍କୁ ଶିଶୁ ସହ ଆସିବା ମନା।
୬– ଡାକ୍ତର ମାସ୍କ, ଆପ୍ରୋନ୍, ଗ୍ଲୋବ୍ସ ପିନ୍ଧି ଟିକାଦାନ ସହିତ ସାମାଜିକ ଦୂରତ୍ୱ ପାଳନ କରିବେ।
୭– ସୁରକ୍ଷା ଦୃଷ୍ଟିରୁ କ୍ୟାଶ୍ ବଦଳରେ ଡିଜିଟାଲ୍ ପେମେଣ୍ଟ ଉପରେ ନିର୍ଭର କରିବା ଉତ୍ତମ।

କୋଭିଡ୍ ରୋଗୀ ଥିବା ଘରେ କିମ୍ବା କ୍ୱାରାଣ୍ଟାଇନ୍ ହଲ୍‌ରେ ଟିକା ନ ଦେଇ କ୍ୱାରାଣ୍ଟାଇନ୍ ପରେ ଟିକା ଦେଇହେବ। ବର୍ତ୍ତମାନ ସମୟରେ କୌଣସି ସ୍ଥାନରେ ଅଧିକ ଶିଶୁଙ୍କୁ ଏକତ୍ରିତ କରି କ୍ୟାମ୍ପ କରିବା ବିପଜ୍ଜନକ। ତେଣୁ ପୂର୍ବରୁ ପଞ୍ଜୀକରଣ କରି ସାମାଜିକ ଦୂରତ୍ୱ ବଜାୟ ରଖିବା ଦରକାର ଓ ଛୋଟ ଦଳରେ ଟିକାକରଣ କଲେ ଭଲ। ଏହାଫଳରେ ଆମେ କରୋନା ମୁକ୍ତ ରହିବା ସହିତ ଆମର ଭବିଷ୍ୟତ ବଂଶଧରମାନଙ୍କୁ ସୁସ୍ଥ ରଖିପାରିବା।

*– ଶିଶୁ ରୋଗ ବିଶେଷଜ୍ଞ*
*ଲିଙ୍ଗରାଜ ବିହାର, ପୋଖରୀପୁଟ*
*ମୋ– ୯୪୩୭୧୦୩୬୭୭*

ବର୍ତ୍ତମାନ ଅନେକ କର୍ମଜୀବୀ ମହିଳାଙ୍କୁ କରୋନା ଲାଗି ୱାର୍କ ଫ୍ରମ୍ ହୋମ୍ କରିବାକୁ ପଡୁଛି। ଏଥିପାଇଁ ଘରେ ଅଧିକ ସମୟ ବସି ରହିବାକୁ ପଡୁଥିବାରୁ ଅନେକଙ୍କଠାରେ ଆଣ୍ଠୁଗଣ୍ଠି ଯନ୍ତ୍ରଣା ଭଳି ବିଭିନ୍ନ ସମସ୍ୟା ଦେଖାଦେଉଛି, ଯେଉଁଥିରୁ ମୁକ୍ତି ପାଇବା ଲାଗି ଏକ୍ସରସାଇଜ୍ ହିଁ ସବୁଠୁ ଭଲ ଉପାୟ...

# ଘରେ କରନ୍ତୁ ଏକ୍ସରସାଇଜ୍

**ସର୍ଟ ଷ୍ଟେପ୍:** ଶିଡ଼ି ପାହାଚ ପାଖରେ ସିଧା ଛିଡ଼ା ହୋଇ ଯାଆନ୍ତୁ। ଏକାଥରେ ଦୁଇପାଦରେ ଗୋଟିଏ ପରେ ଗୋଟିଏ ପାହାଚ ତଳକୁ ଡେଇଁ ଡେଇଁ ଓହ୍ଲାନ୍ତୁ। ଏକ ମିନିଟରୁ ଅଧିକ ସମୟ ଏପରି କରନ୍ତୁ। ଡେଇଁବା ସମୟରେ ପଡ଼ିଯିବାର ଆଶଙ୍କା ଥିବାରୁ ଆବଶ୍ୟକ ସତର୍କତା ଅବଲମ୍ବନ କରନ୍ତୁ। ପୂରା ଉପର ପାହାଚରୁ ତଳ ଯାଏଁ ନ ଓହ୍ଲାଇ କମ୍ ଉଚ୍ଚତାରୁ ବା ମଝିରୁ ତଳ ପାହାଚ ପର୍ଯ୍ୟନ୍ତ ଓହ୍ଲାନ୍ତୁ। ଏହାଦ୍ୱାରା ଗୋଡ଼ର ମାଂସପେଶୀ ତଥା ହାଡ଼ ମଜଭୁତ ହେବା ସହ ଯନ୍ତ୍ରଣା ଦୂର କରିଥାଏ।

**ହାଇ ନି:** ପ୍ରଥମେ ଶିଡ଼ି ପାଖରେ ସିଧା ଛିଡ଼ା ହୁଅନ୍ତୁ। ଏହାପରେ ହାତକୁ ଢିଲା କରି ଡାହାଣ ଗୋଡ଼କୁ ଭାଙ୍ଗି ଆଣ୍ଠୁକୁ ମୁହଁ ଆଡ଼କୁ ଉଠାନ୍ତୁ। ଏହାପରେ ଧୀରେ ତଳକୁ ଆଣି ଉପର ପାହାଚରେ ରଖନ୍ତୁ। ଏହିପରି ବାମ ଗୋଡ଼ରେ ବି ଡାହାଣ ଗୋଡ଼ ଶିଡ଼ିରେ ପକାଇ ଉଠନ୍ତୁ। ସେହିପରି ଓହ୍ଲାଇବା ପରେ ବାମ ପଟକୁ ବୁଲିଯାଆନ୍ତୁ ଏବଂ ଉପରକୁ ଉଠାନ୍ତୁ। ଦିନକୁ ଦୁଇ କିମ୍ବା ତିନି ଥର ୧୦-୧୫ ଥର ଏପରି କରିବା ଦ୍ୱାରା ପାଦକୁ ଆରାମ ଲାଗିବା ସହିତ ଶରୀରକୁ ଠିକ୍ ଗଢ଼ଣ ଦେବା ସହଜ ହେବ।



**ସାଇଡ୍ ଷ୍ଟେପ୍ କ୍ରସ ଓଭର:** ଶିଡ଼ି ପାହାଚ ପାଖକୁ ଯାଇ ଛିଡ଼ା ହୋଇଯାଆନ୍ତୁ। ଦୁଇ ହାତକୁ ଦେହରେ ପୂରା ଲଗାଇ ରଖନ୍ତୁ। ଶରୀରକୁ ଡାହାଣ ପଟକୁ ବୁଲାଇ କରନ୍ତୁ। ଏହି ବ୍ୟାୟାମକୁ ଅତି କମ୍‌ରେ ୧୦ ମିନିଟ୍ କରନ୍ତୁ। ଏପରି କରିବା ଫଳରେ ଶରୀର ଗଢ଼ଣ ଠିକ୍ ରହିବ ଓ ଆଣ୍ଠୁ ହାଡ଼ ମଜଭୁତ ହେବ।

ଖାଦ୍ୟ ରୁଚି

# ମ୍ୟାଗି ପକୋଡ଼ା

**ଆବଶ୍ୟକ ସାମଗ୍ରୀ:** ୩୦୦ ମିଲି ପାଣି, ୨ ପ୍ୟାକେଟ୍ ମ୍ୟାଗି, ୨ଟି ମ୍ୟାଗି ମସଲା, ୭୦ ଗ୍ରାମ କଟା ବନ୍ଧାକୋବି, ୭୦ ଗ୍ରାମ୍ କଟା ପିଆଜ, ୭୦ ଗ୍ରାମ୍ କଟା କ୍ୟାପ୍‌ସିକମ୍, ୨୫ ଗ୍ରାମ୍ ଧନିଆ, ୨ ଟିସ୍ପୁନ୍ ଲାଲ୍ ଲଙ୍କା ପାଉଡ଼ର, ୪୫ ଗ୍ରାମ୍ ସୁଜି, ୩୫ଗ୍ରାମ୍ ବେସନ ଏବଂ ଲୁଣ ସ୍ୱାଦାନୁସାରେ।

**ପ୍ରସ୍ତୁତି ପ୍ରଣାଳୀ:** ଏକ ପାତ୍ରରେ ପାଣି ନେଇ ତାକୁ ଭଲଭାବେ ଫୁଟାନ୍ତୁ। ସେଥିରେ ମ୍ୟାଗି ଏବଂ ମସଲା ପକାଇ ଗୋଳାନ୍ତୁ। ସିଝିବା ପରେ ଚୁଲା ବନ୍ଦ କରିଦିଅନ୍ତୁ। ବର୍ତ୍ତମାନ ଏଥିରେ କଟା କୋବି, ପିଆଜ, କ୍ୟାପ୍‌ସିକମ୍, ସୁଜି, ବେସନ ଏବଂ ପାଣି ପକାଇ ଭଲ ଭାବେ ଗୋଳାଇ ଦିଅନ୍ତୁ। ଏହି ମିଶ୍ରଣକୁ ଛୋଟ ଛୋଟ ଗୁଳା କରି ରଖନ୍ତୁ। ଏବେ ଏକ ପ୍ୟାନ୍‌ରେ ତେଲ ଗରମ କରନ୍ତୁ। ସେଥିରେ ପୂର୍ବ ପ୍ରସ୍ତୁତ ଗୁଳାଗୁଡ଼ିକ ପକାଇ ଫ୍ରାଏ କରନ୍ତୁ। ଏହାର କଲର ଅଳ୍ପ ବ୍ରାଉନ ହୋଇଗଲେ କାଢ଼ି ଦିଅନ୍ତୁ। ପ୍ରସ୍ତୁତ ହୋଇ ଗଲା ମ୍ୟାଗି ପକୋଡ଼ା। ଏହାକୁ ସସ୍ କିମ୍ବା ଚଟଣୀ ସହିତ ଖାଇବାର ମଜା ନିଅନ୍ତୁ।





# ଚପଲ କିଣିବା ବେଳେ

ଚପଲ କିଣିବାକୁ ଗଲାବେଳେ ଅନେକେ ସୁନ୍ଦର ଚପଲ ଦେଖିବା ମାତ୍ରେ କିଣି ନିଅନ୍ତି। ହେଲେ ପରବର୍ତ୍ତୀ ସମୟରେ ଟାଇଟ୍ ହେବା, ପାଦକୁ କଷ୍ଟ ହେବା କିମ୍ବା ଏଥିଯୋଗୁ ଆଣ୍ଠୁରେ ଚାପ ପଡ଼ିବା ଭଳି ବିଭିନ୍ନ ସମସ୍ୟାର ସମ୍ମୁଖୀନ ହୋଇଥାନ୍ତି। ତେଣୁ ଏହାକୁ ଏଡ଼ାଇବା ଲାଗି ଚପଲ କିଣିବା ବେଳେ କେତୋଟି କଥା ପ୍ରତି ଦୃଷ୍ଟି ଦେବା ଆବଶ୍ୟକ...

➔ ନିଜ ପାଦ ଠିକ୍ ସାଇଜ୍ ଅନୁଯାୟୀ ଚପଲ ବାଛନ୍ତୁ। ବେଳେବେଳେ ଚପଲରେ ଲେଖାଥିବା ସାଇଜ୍ ପରସ୍ପରଠୁ ସାମାନ୍ୟ ଭିନ୍ନ ଥାଏ। ଅର୍ଥାତ୍ ଦୁଇଟି ବ୍ରାଣ୍ଡର ଏକା ନମ୍ବରର ଚପଲ ହୋଇଥିଲେ ସୁଦ୍ଧା ଏହାର ସାଇଜ୍ ପରସ୍ପରଠାରୁ ଭିନ୍ନ ଥାଏ। ବିଶେଷକରି ଅଧିକାଂଶ ବ୍ରାଣ୍ଡ ୟୁରୋପିଆନ୍ ସାଇଜ୍ ବ୍ୟବହାର କରୁଥିବାରୁ ଏହି ଅନୁସାରେ କେତେ ନମ୍ବର ଚପଲ ଆପଣଙ୍କୁ ଫିଟ୍ ଜାଣିଲେ କିଣିବା କିମ୍ବା ପିନ୍ଧିବାବେଳେ ଅସୁବିଧା ହୋଇ ନ ଥାଏ।

➔ ଚପଲର ସାଇଜ୍ କେବଳ ପାଦକୁ ଠିକ୍ ହେଉଥିଲେ ଯେ, ତାହା କମ୍ଫର୍ଟେବଲ୍ ଏହାର କୌଣସି ଯଥାର୍ଥତା ନାହିଁ। ତେଣୁ ଠିକ୍ ମାପ ସହିତ ଚପଲ କିଣିବା ପୂର୍ବରୁ ଏହାକୁ ପିନ୍ଧି ଚାଲି ଦେଖନ୍ତୁ।

➔ ଜୋତା କିଣିବା ଲାଗି ସବୁବେଳେ ସନ୍ଧ୍ୟା ସମୟ ବାଛନ୍ତୁ। କାରଣ ଦିନ ସାରା କାର୍ଯ୍ୟବ୍ୟସ୍ତତା ଏବଂ ଚଲାବୁଲା ଯୋଗୁ ସନ୍ଧ୍ୟାରେ ପାଦ ସାମାନ୍ୟ ଫୁଲିଥାଏ। ତେଣୁ ଦିନରେ କିଣୁଥିବା ଚପଲ ପାଦକୁ ଆରାମ ଲାଗୁଥିଲେ ମଧ୍ୟ ରାତିରେ ଅଧିକ ଟାଇଟ୍ ଲାଗିଥାଏ ଏବଂ କଷ୍ଟ ହୋଇଥାଏ।

➔ ଯଦି ହାଫ୍ କିମ୍ବା ଫୁଲ୍ ବିଶେଷକରି କଭର ଜୋତା କିଣୁଛନ୍ତି ତେବେ ଏହାର ସୋଲ୍ ଦେଖନ୍ତୁ। ମନେ ରଖନ୍ତୁ ଅଠା ପେଷ୍ଟ ଅପେକ୍ଷା ସିଲେଇ ହୋଇଥିବା ସୋଲ୍ ଭଲ।

## ଜମିବାଡ଼ିକୁ ନେଇ ରକ୍ତାକ୍ତ ସଂଘର୍ଷ,୫ ଆହତ

ନିମାପଡ଼ା,୧୧।୫(ଡି.ଏନ.ଏ): ଚାରିଛକ ଫାଣ୍ଡି ଅନ୍ତର୍ଗତ ଆମ୍ବର ଗ୍ରାମରେ ସୋମବାର ରାତିରେ ଜମିବାଡ଼ି ବିବାଦକୁ କେନ୍ଦ୍ର କରି ୨ ପରିବାର ମଧ୍ୟରେ ରକ୍ତାକ୍ତ ସଂଘର୍ଷ ହୋଇଛି। ଏଥିରେ ଉଭୟ ପକ୍ଷରୁ ୨ଜଣ ମହିଳାଙ୍କ ସମେତ ୫ଜଣ ଆହତ ହୋଇଛନ୍ତି। ତନ୍ମଧ୍ୟରୁ ୪ଜଣ ଅବସ୍ଥା ଗୁରୁତର ଥିବାରୁ ସେମାନଙ୍କୁ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ଖବର ପାଇ ଚାରିଛକ ଫାଣ୍ଡି ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି। ଘଟଣାସ୍ଥଳରୁ ଶାବଳ, କଟୁରି ଆଦି ମାରଣାସ୍ତ୍ର ଜବତ କରିଛି।

### ସଂକ୍ଷେପରେ

## ଢାବାରେ ଗୁଳିମାଡ଼ ଘଟଣା: ଅଭିଯୁକ୍ତ ଗିରଫ, ବନ୍ଧୁକ ଜବତ

**ଭୁବନେଶ୍ୱର,୧୧।୫ (ବ୍ୟୁରୋ):** ବାରଙ୍ଗ ନିକଟ ଜଙ୍ଗଲ ଭିୟୁ ଢାବା ଗୁଳି କାଣ୍ଡ ଘଟଣାରେ ଚନ୍ଦକା ଥାନା ପୋଲିସ ରବିବାର ରାତିରେ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ସାଲିଆସାହିରେ ରହୁଥିବା ଢେଙ୍କାନାଳର ସୁନିଲ ମାଝୀ। ତାଙ୍କ ନିକଟରୁ ଗୋଟିଏ ବନ୍ଧୁକ ସହ କାର ଜବତ ହୋଇଛି। ଏହି ଘଟଣାର ମୁଖ୍ୟ ଅଭିଯୁକ୍ତ ଏବେ ବି ଫେରାର ରହିଛି। ସୂଚନାଥାଉ କି, ମାର୍ଚ୍ଚ ୪ରେ ଉକ୍ତ ଢାବାକୁ ୪ଜଣ ଯୁବକ ଖାଇବାକୁ ଆସିଥିଲେ। ଖାଇବା ସମୟରେ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରୁଥିଲେ। ଏହା ଦେଖି ଢାବା ମାଲିକ ସେମାନଙ୍କୁ ବିରୋଧ କରିବାରୁ ପାଟିତୁଣ୍ଡ ହୋଇଥିଲା। ପରେ ସମ୍ପୃକ୍ତ ଯୁବକମାନେ ସେଠାରୁ ଚାଲିଯାଇଥିଲେ। କିଛି ସମୟ ପରେ ଏକ କାରରେ ୫ ଜଣ ଦୁର୍ବୃତ୍ତ ଆସି ଢାବା ମାଲିକଙ୍କୁ ଗାଳିଗୁଲଜ କରିବା ସହ ଦୁଇ ରାଉଣ୍ଡ ଗୁଳି ଚଳାଇଥିଲେ। ହେଲେ ଢାବା ମାଲିକ ବସି ପଡିବାରୁ ପଛରୁ ଖାଇସାରି ଜଣେ ଯୁବକ ଫେରୁଥିବା ବେଳେ ତାଙ୍କ କାନ୍ଧରେ ଗୁଳି ବାଜିଥିଲା। ଯୁବକ ଜଣଙ୍କ ଚିତ୍କାର କରିବା ପରେ ଦୁର୍ବୃତ୍ତମାନେ ଫେରାର ହୋଇଯାଇଥିଲେ।

## ଜମିବାଡ଼ିକୁ ନେଇ ଗଣ୍ଡଗୋଳ, ୧୧ ଗିରଫ

ଚୌଦ୍ୱାର,୧୧।୫(ଡି.ଏନ୍.ଏ.) : ଟିପିଏମ୍ ଫାଣ୍ଡି ଅଧୀନ କଖଡ଼ି ପଞ୍ଚାୟତର ମହାକାଳପଡ଼ା ଗ୍ରାମରେ ଜାଗାବାଡ଼ି ଭାଗବଣ୍ଟାକୁ କେନ୍ଦ୍ର କରି ଦୁଇ ପରିବାର ମଧ୍ୟରେ ଗଣ୍ଡଗୋଳ ଘଟିଥିବା ଉଭୟ ପକ୍ଷରୁ ଚୌଦ୍ୱାର ଥାନାରେ ଅଭିଯୋଗ ହୋଇଥିଲା। ଅଭିଯୋଗକ୍ରମେ ପୋଲିସ ଘଟଣାର ତଦନ୍ତ କରି ଉଭୟ ପରିବାରର ୪ଜଣ ମହିଳାଙ୍କ ସମେତ ମୋଟ ୧୧ ଜଣଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ଏ ନେଇ ଥାନାରେ ଉଭୟ ପରିବାର ପକ୍ଷରୁ ନଂ.୧୮୫/୧୮୬/୨୦ରେ ପୃଥକ ଭାବେ ଦୁଇଟି ମାମଲା ରୁଜୁ ହୋଇଛି।

## ଶ୍ରମିକ ନୀତି ମାରଣ ବିରୋଧରେ ବିକ୍ଷୋଭ

**ସାକ୍ଷୀଗୋପାଳ,୧୧।୫(ଡି.ଏନ୍.ଏ.):** ପୁରୀ ଜିଲା ସତ୍ୟବାଦୀ ବ୍ଲକ ଅଙ୍ଗନୱାଡ଼ି କର୍ମୀ ସଂଘ ପକ୍ଷରୁ ସୋମବାର ପ୍ରତିବାଦ ଦିବସ ପାଳିତ ହୋଇଯାଇଛି। ଅଙ୍ଗନୱାଡ଼ି କର୍ମୀମାନେ ପ୍ଲାକାର୍ଡ ଓ ବ୍ୟାନର ଧରି ସରକାରଙ୍କ ଶ୍ରମିକ ମାରଣ ନୀତି ବିରୋଧରେ ନାରାବାଜି କରିଥିଲେ। ୨୪ଟି ପଞ୍ଚାୟତର ୬ଟି ସେକ୍ଟରସ୍ତରୀୟ କର୍ମକର୍ତ୍ତା ଏଥିରେ ସାମିଲ ହୋଇଥିଲେ। ଶ୍ରମ ଆଇନ ଲାଗୁ ନ କରିବା, ବିଭିନ୍ନ ରାଜ୍ୟରେ ଫସିଥିବା ଶ୍ରମିକଙ୍କୁ ଘରକୁ ଫେରାଇ ଆଣିବା, ସେମାନଙ୍କ ଯାତ୍ରୀଭଡା ଛାଡ କରିବା, ଶ୍ରମିକମାନେ କାମରେ ଯୋଗ ନ ଦେବା ପର୍ଯ୍ୟନ୍ତ ମାସିକ ୭ହଜାର ୫୦୦ ଟଙ୍କା ପ୍ରଦାନ, ଆଶାକର୍ମୀ, ଅଙ୍ଗନୱାଡି କର୍ମୀଙ୍କୁ ସୁରକ୍ଷା ସରଞ୍ଜାମ ଯୋଗାଣ, ବର୍ଦ୍ଧିତ ମହଙ୍ଗା ଭତ୍ତା ପ୍ରତ୍ୟାହାର ଆଦି ଦାବି କରାଯାଇଥିଲା ବୋଲି ସଂଘ ସଭାପତି ନିରଞ୍ଜନା ଦୀକ୍ଷିତ ଓ ସମ୍ପାଦିକା ଲକ୍ଷ୍ମୀପ୍ରିୟା ମହାପାତ୍ର କହିଛନ୍ତି।

## ଖବରକାଗଜ ବିତରକଙ୍କ ବୈଠକ

**ପୁରୀ ଅଫିସ,୧୧।୫:** ପୁରୀ ଖବରକାଗଜ ବିତରକ ସଂଘ ବୈଠକ ସୋମବାର ଜଗନ୍ନାଥ ବଲ୍ଲଭ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସଭାପତି କାହ୍ନୁଚରଣ ପ୍ରଧାନଙ୍କ ନେତୃତ୍ୱରେ ଏହି ବୈଠକରେ ବିତରକମାନଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରାଯାଇଥିଲା। ବର୍ତ୍ତମାନ ପୁରୀରେ କରୋନା ଭୂତାଣୁର ଭୟ ଥିବାରୁ ବିତରକମାନେ କିପରି ସୁରକ୍ଷିତ ରହିବେ ସେ ନେଇ ସମ୍ପାଦକ ରାଜେନ୍ଦ୍ର ସାହୁ ପରାମର୍ଶ ଦେଇଥିଲେ। ସବୁ ବିତରକଙ୍କର ସ୍ୱାସ୍ଥ୍ୟବୀମା କରିବା ଲାଗି ସାହୁ ଦାବି କରିଥିଲେ। ଖରା, ବର୍ଷା, ଶୀତ କାକରରେ ସେମାନେ ଘରକୁ ଘର ବୁଲି ଖବରକାଗଜ ବିତରଣ କରିଥାନ୍ତି। ଯଦି କାହାର କୌଣସି କ୍ଷତି ହୁଏ ସରକାର କିମ୍ବା ଖବରକାଗଜ ମାଲିକମାନଙ୍କଠାରୁ ସେମିତି ସହଯୋଗ ମିଳେ ନାହିଁ। ବର୍ତ୍ତମାନ ସବୁ ବିତରକ ହାତ ସାନିଟାଇଜ କରି ଖବରକାଗଜ ବିତରଣ କରୁଛନ୍ତି। ସେହିପରି ଲୋକଙ୍କୁ ସଚେତନ କରଛନ୍ତି ବୋଲି ସମ୍ପାଦକ ସାହୁ କହିଥିଲେ। ବୈଠକରେ ବହୁ ଖବରକାଗଜ ବିତରକ ଉପସ୍ଥିତ ଥିଲେ ।

# ଗଡୁନି ଅଟୋ, ପୂରୁନି ପେଟ

## ଯାତ୍ରୀଙ୍କ ଦେଖାନାହିଁ, ହେଉନି ଆଶାଜନକ ରୋଜଗାର

**କଟକ ଅଫିସ,୧୧।୫**



କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ଜାରି ହୋଇଥିବା ଲକ୍‌ଡାଉନ କଟକଣାକୁ ଗ୍ରୀନ୍ ଜୋନ୍‌ରେ ସାମାନ୍ୟ କୋହଳ କରାଯାଇଛି। ଏଥିଯୋଗୁ ଗ୍ରୀନ୍‌ଜୋନରେ ଥିବା କଟକରେ ଗାଡ଼ିମୋଟର ଚଳପ୍ରଚଳ କରୁଛି। ମାତ୍ର ପୂର୍ବଭଳି ବ୍ୟବସାୟ ହେଉନାହିଁ। ଫଳରେ କଟକ ସହରରେ ଅଟୋଚାଳକମାନେ ଏବେ ଘୋର ଆର୍ଥିକ ସଙ୍କଟ ଦେଇ ଗତି କରୁଛନ୍ତି।

ଐତିହାସିକ କଟକ ସହରରେ ପ୍ରତିଦିନ ହଜାର ହଜାର ଅଟୋ ଚଳାଚଳ କରେ। ଅଟୋ ଚାଳକମାନେ ଯାତ୍ରୀଙ୍କୁ ସେମାନଙ୍କ ଗନ୍ତବ୍ୟସ୍ଥଳୀରେ ପହଞ୍ଚାଇ ଯେଉଁ ଅର୍ଥ ରୋଜଗାର କରନ୍ତି ସେଥିରେ ନିଜ ପରିବାର ପ୍ରତିପୋଷଣ କରିଥାନ୍ତି। ବିଶେଷକରି ବାହାର ଅଞ୍ଚଳରୁ ଆସୁଥିବା ଲୋକେ ଏସ୍‌ସିବି ମେଡିକାଲ, ହାଇକୋର୍ଟ, ରେଳଷ୍ଟେଶନ ଆଦି ସ୍ଥାନକୁ ଯିବା ପାଇଁ ଅଟୋ ଉପରେ ନିର୍ଭର କରିଥାନ୍ତି। ମାତ୍ର କରୋନା କଟକଣା ଯୋଗୁ ଏବେ ବସ୍, ଟ୍ରେନ୍ ଚଳାଚଳ ବନ୍ଦ ଥିବାରୁ ଆଗଭଳି ଆଉ ଲୋକଙ୍କ ଦେଖାନାହିଁ। ଅନେକ ଲୋକ ବାଇକ୍ କିମ୍ବା ଭଡ଼ାଗାଡ଼ିରେ ଆସୁଥିବା ଦେଖିବାକୁ ମିଳିଛି। ଫଳରେ ଅଟୋ ଚାଳକଙ୍କୁ ନିରାଶ ହେବାକୁ ପଡୁଛି। ଆଗରୁ ଜଣେ ଅଟୋ ଚାଳକ ଦିନକୁ ୩ଶହରୁ ୫ଶହ ଟଙ୍କା ରୋଜଗାର କରୁଥିଲେ। ଏବେ କିନ୍ତୁ ଦିନକୁ ୫୦ ଟଙ୍କା ରୋଜଗାର କରିବା କଷ୍ଟକର ହେଉଛି। ଅନ୍ୟପଟେ ସରକାର ଗୋଟିଏ ଗାଡ଼ିରେ ଦୁଇଜଣ ଯାତ୍ରୀରୁ ଅଧିକ ନ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଯାହା ଘୋଡ଼ା ୬ ଟଙ୍କାକୁ ଦାନା ୯ ଟଙ୍କା ପରି। ତେଣୁ ଅଟୋ ଚଳାଇ ପରିବାର ପ୍ରତିପୋଷଣ କରିବା କଷ୍ଟକର ହେଉଛି ବୋଲି କେତେଜଣ ଅଟୋ ଚାଳକ କହିଛନ୍ତି।



ବାଦାମବାଡ଼ିରୁ ସିଡିଏକୁ ଅଟୋ ଚଲାଉଛି। ଦେଢମାସ ହେବ ଘରୁ ଗାଡି କାଢି ନ ଥିଲି। ଯାହା ଗଚ୍ଛିତ ଅର୍ଥ ଥିଲା ସବୁ ଶେଷ ହେବାକୁ ବସିଲାଣି। କଟକଣା କୋହଳ ପରେ ଭାବିଥିଲି କିଛି ରୋଜଗାର ହେବ। ହେଲେ ଆଗଭଳି ଯାତ୍ରୀ ଆସୁନାହାନ୍ତି।

- ମୁନ୍ନା ଦାସ



ଆମକୁ ସରକାରୀ କିମ୍ବା ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ କୌଣସି ସୁବିଧା ସୁଯୋଗ ମିଳିନାହିଁ। ଅଟୋଚାଳକ ସଂଘ ଥିଲେ ବି ନ ଥିଲା ପରି। ଆମ ଅସୁବିଧାରେ ତାହା କୌଣସି କାମରେ ଲାଗିପାରୁନାହିଁ।

- ବିଜୟ କୁମାର ବରାଳ



ଗୋଟିଏ ଅଟୋରେ ୨ଜଣ ଯାତ୍ରୀଙ୍କଠାରୁ ଅଧିକ ନିଆଯାଇ ପାରିବ ନାହିଁ ବୋଲି ସରକାର ନିର୍ଦ୍ଦେଶ ଦେଇଛନ୍ତି। ଏହାଦ୍ୱାରା ଗାଡ଼ିର ତେଲ ଖର୍ଚ୍ଚ ଭରଣ ହେଉନାହିଁ। ତେଣୁ ଅଟୋ ଚଳାଇବା ନେଇ ଚିନ୍ତାରେ ପଡ଼ିଛି।

- ବାସୁଦେବ ନାୟକ



କିସ୍ତିରେ ଅଟୋ କିଣିଥିଲି। ଏବେ ଲକଡାଉନ ଯୋଗୁ ଗାଡ଼ି ଚଳାଚଳ ବନ୍ଦ। ଏଭଳି ସ୍ଥିତିରେ କିଛି ରୋଜଗାର ନ ଥିବାରୁ ଗାଡ଼ିର ମାସିକ କିସ୍ତି କିଭଳି ଶୁଝିବି ସେଇ ଚିନ୍ତା କରୁଛି। ସରକାର ଆମ ପାଇଁ ସହାୟତା ଘୋଷଣା କରିବା କଥା।

- ବିଜୟ ନାୟକ

## ଲୋକେ ମାନୁ ନାହାନ୍ତି ସାମାଜିକ ଦୂରତ୍ୱ



ପିପିଲି ବଜାରରେ ଲୋକଙ୍କ ଭିଡ଼।

**ପିପିଲି,୧୧।୫(ଡି.ଏନ.ଏ)**

ରାଜ୍ୟରେ କରୋନା ଆକ୍ରାନ୍ତ ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଉଥିବାବେଳେ ପିପିଲି ଅଞ୍ଚଳରେ ଲୋକମାନେ ସାମାଜିକ ଦୂରତ୍ୱକୁ ମାନୁ ନ ଥିବାବେଳେ ବିନା ମାସ୍କରେ ବୁଲୁଛନ୍ତି। ତୃତୀୟ ପର୍ଯ୍ୟାୟ ତାଲା ବନ୍ଦ ନିୟମରେ ପ୍ରଶାସନ କେତେକାଂଶରେ କଟକଣାକୁ କୋହଳ କରିଛନ୍ତି। ପ୍ରଚଳିତ ନିୟମ ମୁତାବକ, ସକାଳ ୭ରୁ ସନ୍ଧ୍ୟା ୭ଟା ଯାଏଁ ସମସ୍ତ ଦୋକାନ ବଜାର ଖୋଲା ରହୁଛି। ଅନ୍ୟ ସବୁ ବନ୍ଦ ଥିବାବେଳେ ଦୋକାନ ବଜାର ଖୋଲିବା ଦିନଠାରୁ ଭିଡ଼ ରହୁଥିବାବେଳେ ଗ୍ରାହକ ଏବଂ ଦୋକାନୀମାନଙ୍କ ମଧ୍ୟରେ ସାମାଜିକ ଦୂରତ୍ୱ ରହୁନି। ସ୍ଥାନୀୟ ପୋଲିସ ପକ୍ଷରୁ ବଜାର ଅଞ୍ଚଳରେ ଡାକବାଜି ଯନ୍ତ୍ର ଯୋଗେ ବ୍ୟବସାୟୀଙ୍କୁ ସାମାଜିକ ଦୂରତ୍ୱ ପାଳନ କରିବା, ବିନା ମାସ୍କରେ ନ ବାହାରିବା ପାଇଁ ଲୋକଙ୍କୁ ସଚେତନ କରାଯାଉ ଥିଲେ ମଧ୍ୟ ଅନେକେ ଏହାକୁ ବେଖାତିର କରୁଥିବାର ଦେଖିବାକୁ ମିଳୁଛି। ଆଇନ ଅବମାନନା ହେତୁ ଲୋକମାନେ ଜରିମାନା ଦେଉଥିଲେ ମଧ୍ୟ ସୁଧୁରୁ ନାହାନ୍ତି। ପୋଲିସ ବିଭିନ୍ନ ସ୍ଥାନରେ ବାହାରେ ଛେପ ନ ପକାଇବା, ମାସ୍କ ପିନ୍ଧିବା, ସାମାଜିକ ଦୂରତ୍ୱ ପାଳନ କରିବା ଆଦି ସଚେତନ ବାର୍ତ୍ତା ଲେଖାଥିବା ଫ୍ଲେକ୍ସ ପୋଷ୍ଟର ଲଗାଇଛି। ସନ୍ଧ୍ୟା ୭ଟା ହେଲେ ପୋଲିସ ବଜାର ଅଞ୍ଚଳରେ ପାଟ୍ରୋଲିଂ କରି ଦୋକାନୀ, ଗ୍ରାହକଙ୍କୁ ସଚେତନ କରାଉଛି। ଏଭଳି କ୍ଷେତ୍ରରେ ଯାଞ୍ଚକୁ ଆହୁରି ଅଧିକ କଡାକଡି କରାଯିବା ଜରୁରୀ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

## ନିମାପଡ଼ାକୁ ଫେରିଲେ ୨୪୫ ପ୍ରବାସୀ

**ନିମାପଡ଼ା,୧୧।୫(ଡି.ଏନ.ଏ)**

କରୋନା ମହାମାରୀର ମୁକାବିଲା ଲାଗି ଦେଶରେ ତୃତୀୟ ପର୍ଯ୍ୟାୟ ଲକଡାଉନ ଜାରି ରହିଛି। ଏ ନେଇ କେତେଟା ନିୟମ କୋହଳ କରାଯାଇଥିବାବେଳେ ରାଜ୍ୟ ବାହାରେ ଥିବା ପ୍ରବାସୀ ଓଡ଼ିଆ ଟ୍ରେନ, ବସ୍ ଯୋଗେ ବହୁ ସଂଖ୍ୟାରେ ଫେରିବାରେ ଲାଗିଛନ୍ତି। ଏହି ପରିପ୍ରେକ୍ଷୀରେ ନିମାପଡ଼ା ଅଞ୍ଚଳକୁ ସୋମବାର ସୁଦ୍ଧା ୨୪୫ଜଣ ପ୍ରବାସୀ ଓଡ଼ିଆ ଫେରିଥିବା ବ୍ଲକ କାର୍ଯ୍ୟାଳୟ ପକ୍ଷରୁ ସୂଚନା ମିଳିଛି। ଗତ ରବିବାର ଓ ସୋମବାର ପ୍ରାୟ ୬୦ଜଣ ପ୍ରବାସୀ ଗୁଜରାଟର ସୁରଟ, କୋଲକତା, କେରଳ, ହାଇଦ୍ରାବାଦ, ତେଲଙ୍ଗାନା, ମହାରାଷ୍ଟ୍ର, ଆନ୍ଧ୍ରପ୍ରଦେଶ, ଅହମଦାବାଦ, ହାଇଦ୍ରାବାଦରୁ ଆସିଥିବା ଜଣାପଡ଼ିଛି। ଫେରିଥିବା ସମସ୍ତ ପ୍ରବାସୀଙ୍କୁ ସ୍ଥାନୀୟ ପ୍ରଶାସନ ପକ୍ଷରୁ ଗାଡ଼ିରେ ନେଇ ଭିଲିଗ୍ରାମ, ମିଟେଇପୁର, ବଡ଼ମାଛପୁର, ବାମନାଳ, ନୂଆସନ୍ଥ, ବାହାରେଣା, ସଲଙ୍ଗ, ବଡ଼ଶିରୁଳା, ଛଣିଜଙ୍ଗ ସମେତ ୩୦ଟି ପଞ୍ଚାୟତ ଓ ଏନ୍‌ଏସିର ସରକାରୀ କ୍ୱାରାଣ୍ଟାଇନଗୁଡ଼ିକରେ ରଖାଯାଇଥିବା ବିଡିଓ ମନୋଜ କୁମାର ବେହେରା କହିଛନ୍ତି। ପୁରୀରେ ଦୁଇଜଣ କରୋନା ରୋଗୀ ଚିହ୍ନଟ ହେବା ପରେ ବାହାର ରାଜ୍ୟରୁ ଫେରନ୍ତା ପ୍ରବାସୀଙ୍କ ପାଇଁ ପ୍ରଶାସନ ଏବେ ଚିନ୍ତାରେ ପଡ଼ିଯାଇଥିବାବେଳେ ନିମାପଡ଼ାବାସୀ ମଧ୍ୟ ଆତଙ୍କିତ ହୋଇପଡ଼ିଛନ୍ତି। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ନିମାପଡ଼ାରୁ ୧୨୧ଜଣ ପ୍ରବାସୀଙ୍କ ସ୍ୱାବ ନମୁନା ସଂଗ୍ରହ କରାଯାଇ ପରୀକ୍ଷା ପାଇଁ ପଠାଯାଇଛି। ସେଥିରୁ ୬୦ଜଣଙ୍କ ରିପୋର୍ଟ ନେଗେଟିଭ ଥିବାବେଳେ ବାକି ଥିବା ସ୍ୱାବର ରିପୋର୍ଟ ଆସି ନ ଥିବା ବିଡିଓ ବେହେରା, ନିମାପଡ଼ା ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସାଧିକାରୀ ଡା.କ୍ଷମାନିଧି ସେଠୀ ପ୍ରକାଶ କରିଛନ୍ତି।




ସିଙ୍ଗଡ଼ା ବାଡ଼ିଆ ପାଇଁ ଯନ୍ତାଗାଡ଼ ପ୍ରସ୍ତୁତ କରାଯାଉଛି।

## ସିଙ୍ଗଡ଼ା ବାଡ଼ିଆ ପାଇଁ ପ୍ରସ୍ତୁତ ଯନ୍ତାଗାଡ଼

**ପୁରୀ ଅଫିସ,୧୧।୫**

### ୩୯ ତୁମ୍ବ ଶେଷ, ୩ ବାକି

ଜୁନ୍ ୨୩ରେ ରଥଯାତ୍ରା। ତେଣୁ ରଥଖଳାରେ ଚାଲିଛି ତିନିରଥ ନିର୍ମାଣ। ନିର୍ମାଣକାରୀମାନେ ୧୨ରୁ ୧୪ ଘଣ୍ଟା କାମରେ ଲାଗିଛନ୍ତି। ସୋମବାର ଚତୁର୍ଥ ଦିନ ସୁଦ୍ଧା ତିନିରଥର ମୋଟ ୪୨ଟି ତୁମ୍ବ ମଧ୍ୟରୁ ୩୯ଟି ତୁମ୍ବ ନିର୍ମାଣ ସହ ସୂତାବାଡ଼ିଆ ଶେଷ ହୋଇଛି। ଏଥିରୁ ୧୦ଟି ତୁମ୍ବରେ ବିନ୍ଧ କାର୍ଯ୍ୟ ସରିଛି। ସେହିପରି ତିନିରଥର ଗୋଟିଏ ଲେଖାଏ ଅଖ ପ୍ରସ୍ତୁତ ହୋଇଯାଇଛି। ପ୍ରତି ରଥର ୨ଟି ଲେଖାଏ ମୋଟ ୬ଟି ଯନ୍ତାପଟା ବିନ୍ଧ କରାଯାଇଥିବା ବେଳେ ୬ଟି କୋରାମୁଣ୍ଡା ତିଆରି ଚାଲିଛି। ଆସନ୍ତା ୧୫ରେ ଭଉଁରି ଯାତ୍ରା। ଏହି ପବିତ୍ର ତିଥିରେ ଚକଡେରା ନୀତି ହେବ। ଏଥିଲାଗି ମହାରଣା ସେବକ ରଥ କାମକୁ ଆଗେଇ ନେଉଛନ୍ତି। ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟରେ ଭୋଇ ସେବକମାନେ ଯନ୍ତାଗାଡକୁ ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ କରିଦେଇଛନ୍ତି। ମହାରଣା ସେବକମାନେ ସେମାନଙ୍କୁ ତୁମ୍ବରେ ଅର ସଂଯୋଗ ପାଇଁ ଅନୁମତି ଦେଲେ ସେମାନେ ଯନ୍ତାଗାଡ଼ରେ ସିଙ୍ଗଡ଼ା ବାଡ଼ିଆ କାର୍ଯ୍ୟ କରିବେ ବୋଲି ଭୋଇ ସର୍ଦ୍ଦାର ରବି ଭୋଇ କହିଛନ୍ତି। ରୂପକାର ସେବକମାନେ କଣଗୁଜ ଖୋଦେଇ ଓ କମାର ଶାଳରେ କମାର ସେବକମାନେ ବିଭିନ୍ନ ପ୍ରକାର କଣ୍ଟା ତିଆରି କରୁଛନ୍ତି। ଏଥିସହ ବଳା, ପନ୍ଦାରୀ କାମ ଚାଲିଛି। ପ୍ରତିଦିନ ରଥଖଳାରେ କାମ ଆରମ୍ଭ ପୂର୍ବରୁ ସମ୍ପୃକ୍ତ ୧୪୩ ସେବକଙ୍କର ସ୍ୱାସ୍ଥ୍ୟ ଯାଞ୍ଚ କରାଯିବା ସହ ଥର୍ମାଲ ସ୍କ୍ରିନିଂ ହେଉଛି। ସମସ୍ତ ନିର୍ମାଣକାରୀ ରବିବାରଠାରୁ ସେମାନଙ୍କ ଘରକୁ ନ ଯାଇ ଶ୍ରୀମନ୍ଦିର ପ୍ରଶାସନର ନୀଳାଚଳ ଭକ୍ତ ନିବାସ ଓ ନୀଳାଦ୍ରି ଭକ୍ତନିବାସରେ ରହୁଛନ୍ତି। ସମସ୍ତଙ୍କ ପାଇଁ ଖାଦ୍ୟପେୟ ସାଙ୍ଗକୁ ଆନୁଷଙ୍ଗିକ ବ୍ୟବସ୍ଥା କରାଯାଇଛି ବୋଲି ଶ୍ରୀମନ୍ଦିର ଲୋକ ସମ୍ପର୍କ ଅଧିକାରୀ ଲକ୍ଷ୍ମୀଧର ପୂଜାପଣ୍ଡା କହିଛନ୍ତି।

## ସନ୍‌ସାଇନ ଗ୍ରାଉଣ୍ଡକୁ ନେଇ ବିବାଦ

**କଟକ ଅଫିସ,୧୧।୫**

ସନ୍‌ସାଇନ ଗ୍ରାଉଣ୍ଡକୁ ନେଇ ଦେଖା ଦେଇଛି ବିବାଦ। ଏହି ଗ୍ରାଉଣ୍ଡର ସ୍ୱତ୍ୱାଧିକାରୀ ରେଭେନ୍‌ଶା କଲିଜିଏଟ ସ୍କୁଲ ପକ୍ଷରୁ ପୁରୀଘାଟ ଥାନାରେ ଏକ ଏତଲା ଦିଆଯାଇଛି। ସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ଡ. ଅନୁସ୍ମିତା ସ୍ୱାଇଁ ଏତଲାରେ ଜୁଭେନାଇଲ କ୍ଲବ ଓ ସନସାଇନ କ୍ଲବର ସମ୍ପାଦକ ତାଙ୍କୁ ଖରାପ ବ୍ୟବହାର କରିଛନ୍ତି ବୋଲି ଦର୍ଶାଇଛନ୍ତି। ଏ ନେଇ ପୁରୀଘାଟ ଥାନାଧିକାରୀ ରଶ୍ମିରଞ୍ଜନ ସାହୁ ଘଟଣାର ତଦନ୍ତ ଚାଲିଛି ବୋଲି କହିଥିଲେ। ସନସାଇନ ଗ୍ରାଉଣ୍ଡ ରେଭେନ୍‌ଶା କଲିଜିଏଟ ସ୍କୁଲର ହୋଇଥିଲେ ସୁଦ୍ଧା ଏଠାରେ ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ପକ୍ଷରୁ ବିଭିନ୍ନ ଜାତୀୟ ସ୍ତରୀୟ ଟୁର୍ନାମେଣ୍ଟ ଆୟୋଜନ କରାଯାଏ। ରେଭେନ୍‌ଶା କଲିଜିଏଟ ସ୍କୁଲର ବିନା ଅନୁମତିରେ ଓସିଏ ପକ୍ଷରୁ ମଧ୍ୟ ଏଠାରେ କୌଣସି ଟୁର୍ନାମେଣ୍ଟ ହୋଇ ପାରେ ନାହିଁ। ଗ୍ରାଉଣ୍ଡର ବିକାଶ ଦାୟିତ୍ୱ ଓସିଏ ହାତରେ ନ୍ୟସ୍ତ। ତେବେ ଏହି ପଡ଼ିଆରେ ସ୍ଥାନୀୟ ଅଞ୍ଚଳର ଦୁଇ କ୍ଲବ ଜୁଭେନାଇଲ ଓ ସନସାଇନର ଖେଳାଳିମାନେ ଅଭ୍ୟାସ କରିଥାନ୍ତି। ବିନା ଅନୁମତିରେ ଗ୍ରାଉଣ୍ଡରେ କିଛି ନିର୍ମାଣ କାର୍ଯ୍ୟ ହେଉଥିବା ପ୍ରଧାନଶିକ୍ଷୟିତ୍ରୀ ଦେଖିବାକୁ ପାଇଥିଲେ। କାର୍ଯ୍ୟସ୍ଥଳରେ ଉପସ୍ଥିତ ଲୋକଙ୍କୁ ଏ ସମ୍ପର୍କରେ ପଚାରିଥିଲେ। ହେଲେ ସେମାନେ କିଛି କହି ନ ଥିଲେ। ଏହି ସମୟରେ ଉପରୋକ୍ତ ଦୁଇ କ୍ଲବର ସମ୍ପାଦକ ସେଠାକୁ ଆସି ପ୍ରଧାନଶିକ୍ଷୟିତ୍ରୀ ସ୍ୱାଇଁଙ୍କୁ ଗାଳିଗୁଲଜ କରିଥିଲେ ବୋଲି ଏତଲାରେ ଦର୍ଶାଯାଇଛି।

## ପ୍ରଶାସନିକ ନିର୍ଦ୍ଦେଶକୁ ଅବମାନନା

**ପୁରୀ ଅଫିସ,୧୧।୫**

ଲକ୍‌ଡାଉନ କଟକଣା ନେଇ ପୁରୀ ଜିଲା ପ୍ରଶାସନ କେତେକ ଦୋକାନ ଉପରେ କଟକଣା ଲଗାଇଛି। ସରକାର କେତେକ ଦୋକାନ ଖୋଲିବା ପାଇଁ ନିର୍ଦ୍ଦେଶନାମା ଦେଇଥିଲେ ମଧ୍ୟ ପୁରୀରେ ଅନେକ ଦୋକାନ ଖୋଲି ନାହିଁ। ଇତିମଧ୍ୟରେ ପୁରୀରେ ୨ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହେଲେଣି। ତେଣୁ ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶନାମା କଡ଼ାକଡ଼ି ଭାବେ ପାଳନ ପାଇଁ ନିଷ୍ପତ୍ତି ହୋଇଛି। ହେଲେ ଅନେକ ପ୍ରଶାସନିକ ନିର୍ଦ୍ଦେଶକୁ ମଧ୍ୟ ଅବମାନନା କରୁଛନ୍ତି। ସୋମବାର ବଡ଼ଦାଣ୍ଡସ୍ଥିତ ଏକ କମ୍ପ୍ଲେକ୍ସ ପରିସର ବିଭିନ୍ନ ଦୋକାନ ଖୋଲାଯାଇଥିଲା। ହେଲେ କୌଣସି ଦୋକାନରେ ସାମାଜିକ ଦୂରତା ରକ୍ଷା କରାଯାଇ ନ ଥିଲା। ପିସିଆର ଭ୍ୟାନ୍‌ରେ ଥିବା ପୋଲିସକୁ ଡାକି କେତେଜଣ ଗଣମାଧ୍ୟମ ପ୍ରତିନିଧି ସେଠାରେ ପହଞ୍ଚିଥିଲେ। ସେଠାରେ ଏକ ଅଳଙ୍କାର ଦୋକାନ ଖୋଲାଥିଲା। ମାତ୍ର ପୋଲିସ ଓ ଗଣମାଧ୍ୟମ ପ୍ରତିନିଧିଙ୍କୁ ଦେଖି ଦୋକାନ ମାଲିକ ଭିତରପଟୁ ବନ୍ଦ କରି ଦେଇଥିଲେ। ହେଲେ ତା' ମଧ୍ୟରେ କେତେଜଣ ମହିଳା ରହିଥିଲେ, ଯେଉଁମାନଙ୍କ ଚପଲ ବାହାରେ ରହିଥିଲା। ସେହି ସମୟରେ ଜଣେ ବ୍ୟକ୍ତି ପହଞ୍ଚି ତାଙ୍କ ସ୍ତ୍ରୀଙ୍କୁ ଖୋଜିଥିଲେ। ଗଣମାଧ୍ୟମ ପ୍ରତିନିଧି ବାହାରେ ଥିବା ଚପଲଗୁଡ଼ିକ ଦେଖାଇବା ପରେ ସମ୍ପୃକ୍ତ ବ୍ୟକ୍ତି ତାଙ୍କ ସ୍ତ୍ରୀଙ୍କ ଚପଲ ଚିହ୍ନି ପାରିଥିଲେ। ଏହାପରେ ପୋଲିସ ପହଞ୍ଚି ସେହି ଦୋକାନର ଶଟର ବାଡେଇ ଡାକିଥିଲା। ଏହାକୁ ନେଇ କିଛି ସମୟ ରୋଚକ ପରିସ୍ଥିତି ସୃଷ୍ଟି ହୋଇଥିଲା।

## ଟ୍ରେନ୍ ଆଗକୁ ଡେଇଁ ଛାତ୍ରଙ୍କ ଆତ୍ମହତ୍ୟା

**ଭୁବନେଶ୍ୱର,୧୧।୫ (ବ୍ୟୁରୋ):** ପାରିବାରିକ କଳହକୁ କେନ୍ଦ୍ର କରି ଜଣେ କଲେଜ ଛାତ୍ର ଟ୍ରେନ ଆଗକୁ ଡେଇଁ ଆତ୍ମହତ୍ୟା କରିଛନ୍ତି। ସେ ହେଲେ ମଞ୍ଚେଶ୍ୱର ଷ୍ଟେଶନ ନିକଟ ଲାଇନ ସାହିରେ ରହୁଥିବା ମୟୂରଭଞ୍ଜ ଜିଲାର ରଲିଆ ସିଂ(୨୧)। ସୂଚନା ଅନୁଯାୟୀ, ରଲିଆ ଇନ୍‌ଫୋସିଟି ଥାନା ଅଧୀନରେ ଥିବା ଏକ ଆଦିବାସୀ ଆବାସିକ ବିଦ୍ୟାଳୟରେ ଯୁକ୍ତ ୩ ରେ ପଢୁଥିଲେ। କରୋନା ଲାଗି କଲେଜ ଛୁଟି ଥିବାରୁ ସେ ଘରକୁ ଆସିଥିଲେ। ରବିବାର କୌଣସି କାରଣକୁ ନେଇ ତାଙ୍କ ଘରେ ପାଟିତୁଣ୍ଡ ହୋଇଥିଲା। ଏଥିରେ ରଲିଆ ରାଗିଯାଇ ବାଣୀବିହାର ଦିଗରୁ ଏକ ମାଲବାହୀ ଟ୍ରେନ ଆଗକୁ ଡେଇଁ ପଡିଥିଲେ।

## ସ୍ୱାଗତ କେନ୍ଦ୍ରରେ ୭୧୦ ପ୍ରବାସୀ ପଞ୍ଜୀକୃତ

**ଭୁବନେଶ୍ୱର,୧୧।୫(ବ୍ୟୁରୋ)**

ବିଏମ୍‌ସି ପକ୍ଷରୁ କରାଯାଇଥିବା ସ୍ୱାଗତ କେନ୍ଦ୍ରରେ ୭୧୦ ଜଣ ପ୍ରବାସୀ ନାମ ପଞ୍ଜୀକରଣ କରିବା ସହ ସ୍କ୍ରିନିଂ କରାଇଛନ୍ତି। ଭୁବନେଶ୍ୱରକୁ ସଂଯୋଗ କରୁଥିବା ମୁଖ୍ୟ ୩ ପ୍ରବେଶ ଦ୍ୱାରରେ ପ୍ରବାସୀଙ୍କ ପାଇଁ ସ୍ୱାଗତ କେନ୍ଦ୍ର ବ୍ୟବସ୍ଥା କରାଯାଇଥିବା ବେଳେ ଆସୁଥିବା ସମସ୍ତ ପ୍ରବାସୀଙ୍କୁ ପ୍ରଥମେ ଥର୍ମାଲ ସ୍କ୍ରିନିଂ କରାଯାଉଛି। ପରେ ସେମାନଙ୍କ ଗସ୍ତ ବିବରଣୀ ଏକ ସ୍ୱତନ୍ତ୍ର ଫର୍ମରେ ଭରାଯାଇ ସମସ୍ତଙ୍କୁ ସଙ୍ଗରୋଧରେ ରହିବାକୁ କୁହାଯାଇଥିବା ବିଏମ୍‌ସି ଡେପୁଟି କମିଶନର କମଲ୍‌ଜିତ୍ ଦାସ କହିଛନ୍ତି। ସୋମବାର ସନ୍ଧ୍ୟା ସୁଦ୍ଧା ରସୁଲଗଡ଼ କୋଟିଲେଇ ହାଟ ନିକଟ ଆଶ୍ରମ ସ୍କୁଲରେ ୪୦୧ଜଣ, ଖଣ୍ଡଗିରିର ତପୋବନ ସ୍କୁଲରେ ୨୭ଜଣ ଓ ଉତ୍ତରା ଛକରେ ଥିବା କୃପାଜଳ ଇଞ୍ଜିନିୟରିଂ କଲେଜରେ ୨୮୨ ଜଣ ପ୍ରବାସୀ ନାମ ପଞ୍ଜୀକରଣ କରିଛନ୍ତି। ଅଧିକାଂଶ ପ୍ରବାସୀ ଅନ୍ୟ ଜିଲାର ହୋଇଥିବା ବେଳେ ଭୁବନେଶ୍ୱରର ୩୦ରୁ ୫୦ ମଧ୍ୟରେ ପ୍ରବାସୀ ରହିଛନ୍ତି।

# ଦୋକାନ ଖୋଲିବା ସମୟ ବଦଳିନି

**କଟକ ଅଫିସ,୧୧।୫**

- ସକାଳ ୭ରୁ ସନ୍ଧ୍ୟା ୬ଯାଏ ଖୋଲାରହିବ
- ଗୁଜବ ପ୍ରଚାର କଲେ କାର୍ଯ୍ୟାନୁଷ୍ଠାନ

କଟକ ସହରରେ ଦୋକାନ ଖୋଲିବା ସମୟରେ କୌଣସି ପ୍ରକାର ପରିବର୍ତ୍ତନ ହୋଇ ନାହିଁ। ଏ ନେଇ ସହରରେ ପ୍ରଚାର ହେଉଥିବା ସମସ୍ତ ପ୍ରକାର ଗୁଜବକୁ କଟକ ମହାନଗର ନିଗମ ଏବଂ କଟକ ଡିସିପିଙ୍କ କାର୍ଯ୍ୟାଳୟ ପକ୍ଷରୁ ଖଣ୍ଡନ କରାଯାଇଛି। ଏପରି କି ଗୁଜବ ପ୍ରଚାରକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଚେତାବନୀ ଦିଆଯାଇଛି।

ବିଭିନ୍ନ ସାମାଜିକ ଗଣମାଧ୍ୟମରେ କଟକ ସହରରେ ଦୋକାନ ଖୋଲିବା ସମୟକୁ ନେଇ ନାନା ପ୍ରକାର ଗୁଜବ ପ୍ରଚାର ହୋଇଥିଲା। ସକାଳ ୭ଟାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ଦୋକାନ ଖୋଲିବ ଏବଂ ପରେ ବନ୍ଦ ରହିବ ବୋଲି ଗୁଜବ ପ୍ରଚାର କରାଯାଇଥିଲା।


DCP CUTTACK @dcp_cuttack · 35m
Do not believe in #FakeNews We are updating you all information 24x7(Govt. guidelines, norms & regulations etc) much before any action/enforcement. Appeal all persons to cooperate us in this difficult time & Let's join together to fight #COVID19 pandemic @cpbbsrctc @odisha_police
1 4 36

DCP CUTTACK @dcp_cuttack · 1h
We made it clear that no annocement made by us for closure of shops at Cuttack city by 2pm today. Request all citizens pls send us any vedeo/ recording about this rumour & we will take strong action against them who r spreading fake information to public @cpbbsrctc @odisha_police

ଏଠାରେ ସୂଚନାଯୋଗ୍ୟ, କଟକରେ ଦୋକାନ ଖୋଲିବା ସମୟ ହେଉଛି ସକାଳ ୭ରୁ ସନ୍ଧ୍ୟା ୬ଟା। କିନ୍ତୁ ଗୁଜବକୁ ନେଇ ବ୍ୟବସାୟୀଙ୍କ ମଧ୍ୟରେ ଦ୍ୱନ୍ଦ୍ୱ ଦେଖାଦେଇଥିଲା। ସୋମବାର ଅପରାହ୍ନରେ ଏ ନେଇ ଉଭୟ ସିଏମ୍‌ସି ଏବଂ କଟକ ଡିସିପିଙ୍କ କାର୍ଯ୍ୟାଳୟ ତରଫରୁ ସ୍ପଷ୍ଟୀକରଣ ରଖାଯାଇଛି। ସିଏମ୍‌ସି ତରଫରୁ କୁହାଯାଇଛି ଯେ, ଦୋକାନ ଖୋଲିବା ଏବଂ ବନ୍ଦ ସମୟରେ କୌଣସି ପ୍ରକାର ପରିବର୍ତ୍ତନ ହୋଇନାହିଁ। ତେବେ ଏନେଇ ଥିବା କଟକଣା ଔଷଧ ଦୋକାନଗୁଡ଼ିକ ଉପରେ ଲାଗୁ ହେବ ନାହିଁ। ସେହିଭଳି ସନ୍ଧ୍ୟା ୭ରୁ ସକାଳ ୭ଟା ପର୍ଯ୍ୟନ୍ତ ଯାତାୟାତ ଉପରେ କଟକଣା ଲାଗୁ ହୋଇଛି। କିନ୍ତୁ ଔଷଧ ଦୋକାନୀ, ସ୍ୱାସ୍ଥ୍ୟକର୍ମୀ ଏବଂ ଅତ୍ୟାବଶ୍ୟକୀୟ ସେବାରେ ନିୟୋଜିତ କର୍ମଚାରୀମାନେ ଏହି କଟକଣାରୁ ମୁକ୍ତ ରହିବେ। ସେମାନଙ୍କୁ ଆବଶ୍ୟକ ପରିଚୟପତ୍ର ପାଖରେ ରଖିବାକୁ ହେବ ବୋଲି ସିଏମ୍‌ସି ପକ୍ଷରୁ କୁହାଯାଇଛି।

ସେହିଭଳି କଟକ ଡିସିପିଙ୍କ ତରଫରୁ ଟୁଇଟ୍ ଜରିଆରେ ସୂଚନା ଦିଆଯାଇଛି ଯେ, ଦୋକାନ ଖୋଲିବା ସମୟରେ କୌଣସି ପ୍ରକାର ପରିବର୍ତ୍ତନ ହୋଇନାହିଁ। ଯଦି କେହି ଗୁଜବ ପ୍ରଚାର କରୁଛନ୍ତି, ତେବେ ସେନେଇ ଭିଡିଓ ଏବଂ ଅଡିଓ ରେକର୍ଡିଂ ପଠାଇଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସରକାରଙ୍କ ତରଫରୁ ଯାହା ନିର୍ଦ୍ଦେଶ ଆସୁଛି, ସେ ସମ୍ପର୍କରେ ପ୍ରଶାସନ ଓ ପୋଲିସ ପକ୍ଷରୁ ଜନସାଧାରଣଙ୍କୁ ସୂଚନା ଦିଆଯାଉଛି। ତେଣୁ କୌଣସି ପ୍ରକାର ମିଥ୍ୟା ସୂଚନାକୁ ବିଶ୍ୱାସ ନ କରିବାକୁ ନିବେଦନ କରାଯାଇଛି।

## ପୋଖରୀରେ ବୁଡ଼ି ଶିଶୁ ମୃତ

ମହାକାଳପଡା,୧୧।୫(ଡି.ଏନ.ଏ.): ମହାକାଳପଡା ବ୍ଲକ ଜମ୍ବୁ ପଞ୍ଚାୟତ ଜମ୍ବୁ ଗ୍ରାମର ଜଣେ ୩ବର୍ଷର ଶିଶୁ ସୋମବାର ପୋଖରୀରେ ବୁଡ଼ି ପ୍ରାଣ ହରାଇଛନ୍ତି। ସେ ହେଲେ ନାରାୟଣ ରାୟଙ୍କ ପୁଅ ସମୀର। ପୂର୍ବାହ୍ନରେ ସମୀର ପୋଖରୀ କୂଳରେ ଖେଳୁଥିବାବେଳେ ଅସାବଧାନତା ବଶତଃ ପୋଖରୀରେ ପଡିଯାଇଥିଲେ। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ନିକଟସ୍ଥ ବାବର ମେଡିକାଲକୁ ନେଇଥିଲେ। ହେଲେ ଡାକ୍ତର ସେଠାରେ ମୃତ ଘୋଷଣା କରିଥିଲେ। ଜମ୍ବୁ ମେରାଇନ ଥାନାରେ ଏ ନେଇ ଏକ ଅପମୃତ୍ୟୁ ମାମଲା (୬/୨୦) ରୁଜୁ ହୋଇଛି।



**ସଂକ୍ଷେପରେ**

### ଡିଲରଙ୍କ ଆକ୍ରମଣ ଅଭିଯୋଗ

**କେନ୍ଦ୍ରାପଡ଼ା ଅଫିସ, ୧୧।୫:** ରାଜକନିକା ଥାନା ରସିଦନଗର ଗ୍ରାମର ଦୁଷ୍ମନ୍ତ କୁମାର ଆଚାର୍ଯ୍ୟଙ୍କୁ ଦେଉଳତରା ପଞ୍ଚାୟତର ଜଣେ ଡିଲର ଗତ ୬ ତାରିଖରେ ମରଣାନ୍ତକ ଆକ୍ରମଣ କରିଛନ୍ତି। ଏ ନେଇ ଥାନାରେ ଅଭିଯୋଗ ସତ୍ତ୍ୱେ କୌଣସି କାର୍ଯ୍ୟାନୁଷ୍ଠାନ ନ ହେବାରୁ ଦୁଷ୍ମନ୍ତ ସୋମବାର ମଧ୍ୟାହ୍ନରେ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଏ ସମ୍ପର୍କରେ ଦୁଷ୍ମନ୍ତ କହିଛନ୍ତି ଯେ, ଏକ ଖବରକାଗଜର ଖବରଦାତା ଭାବେ ସମ୍ପୃକ୍ତ ଡିଲରଙ୍କ ଅନିୟମିତତାକୁ ନେଇ ଖବର ପରିବେଷଣ କରିଥିଲେ। ଏଥିରେ ଉତ୍କ୍ଷିପ୍ତ ହୋଇ ଡିଲର, ତାଙ୍କ ପୁଅ ଓ ସହଯୋଗୀମାନେ ମିଳିତ ଭାବେ ତାଙ୍କୁ ଏହି ଥାନା ଅନ୍ତର୍ଗତ ନମତରାଠାରେ ଆକ୍ରମଣ କରିଥିଲେ । ଏ ସମ୍ପର୍କରେ ଜିଲାପାଳ ସମର୍ଥ ବର୍ମା କହିଛନ୍ତି, ଅଭିଯୋଗକୁ ଭିତ୍ତିକରି ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ହେବ।

### ସକାଳ ୭ରୁ ଅପରାହ୍ନ ପର୍ଯ୍ୟନ୍ତ କର୍ଫ୍ୟୁ ନିବେଦନ

**ତିର୍ତ୍ତୋଲ,୧୧।୫(ଡି.ଏନ୍.ଏ.):** ଜଗତ୍‌ସିଂହପୁର ତିର୍ତ୍ତୋଲ ବ୍ଲକ ବିରିତୋଲ ପଞ୍ଚାୟତରେ ସକାଳ ୭ଟାରୁ ଅପରାହ୍ନ ପର୍ଯ୍ୟନ୍ତ କର୍ଫ୍ୟୁ ଜାରି କରିବା ପାଇଁ ପଞ୍ଚାୟତବାସୀ ସୋମବାର ବିଡିଓଙ୍କ ନିକଟରେ ନିବେଦନ କରିଛନ୍ତି। ଏହି ପଞ୍ଚାୟତର ଅବଦ୍ଧୁଲ୍ ରହିମ୍ ହାଇସ୍କୁଲର କ୍ୱାରାଣ୍ଟାଇନ୍ କେନ୍ଦ୍ର ଖୋଲାଯାଇ ପ୍ରବାସୀ ଓଡିଆମାନଙ୍କୁ ରଖାଯାଇଛି। କେନ୍ଦ୍ରଟି ବସ୍ତି ମଧ୍ୟରେ ଥିବାରୁ ସମ୍ପର୍କୀୟମାନେ ଏହାର ସୁଯୋଗ ନେଇ ସେଠାରେ ଅଯଥା ଭିଡ କରୁଛନ୍ତି। ଫଳରେ କରୋନା ସଂକ୍ରମଣ ହେବାର ଆଶଙ୍କାଥିବାରୁ ଏଠାରେ କର୍ଫ୍ୟୁ କରିବା ପାଇଁ ପ୍ରଶାସନ ନିକଟରେ ନିବଦନ କରାଯାଇଛି ବୋଲି ସରପଞ୍ଚ ରୁକ୍‌ସାନା ବେଗମ୍ କହିଛନ୍ତି।

### ହାଇୱା-ଟ୍ରେଲର ମୁହାଁମୁହିଁ : ଜଣେ ମୃତ

**ଧର୍ମଶାଳା/ଜେନାପୁର,୧୧।୫ (ଡି.ଏନ୍.ଏ.):** ଚଣ୍ଡିଖୋଲ-ଡୁବୁରୀ ୫୩ ନଂ. ଜାତୀୟ ରାଜପଥର ଦଳଗାଁ ଛକ ନିକଟରେ ସୋମବାର ସାଢ଼େ ୧୧ଟା ବେଳେ ଏକ ହାଇୱା (ଓଡ଼ି-୦୪-ଏମ୍-୮୦୮୩)ଟ୍ରେଲର (ନଂ.ଏନ୍ଏଲ୍ ୦୧ ଜିଡ୍ଡ୯୩୯) ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ ହାଇୱା ଚାଳକଙ୍କ ଆଠମଲ୍ଲିକ ଥାନା ଅଞ୍ଚଳର ସରୋଜ କୁମାର ବେହେରାଙ୍କ ମୃତ୍ୟୁ ଘଟିଥିବା ବେଳେ ଟ୍ରଲର ଚାଳକ ଓ ଖଲାସି ଗୁରୁତର ହେଇଛନ୍ତି। ଗୁରୁତର ଦ୍ୱୟଙ୍କୁ ପୋଲିସ କଳିଙ୍ଗନଗର ଟାଟା ହସ୍ପିଟାଲରେ ଭର୍ତ୍ତି କରାଇଥିବା ବେଳେ ହାଇୱା ଚାଳକଙ୍କ ମୃତଦେହ ବ୍ୟବଚ୍ଛେଦ ପାଇଁ ଦାନଗଦୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲା।

### ୩ ବଖରା ଭସ୍ମୀଭୂତ, ୨ ବାଇକ୍ ନଷ୍ଟ

**ଖଣ୍ଡପଡ଼ା,୧୧।୫(ସ୍ୱ.ପ୍ର.):** ଖଣ୍ଡପଡ଼ା ବ୍ଲକ ବନମାଳୀପୁର ପଞ୍ଚାୟତର ନିମପାଟଣା ଗ୍ରାମରେ ଅଗ୍ନିକାଣ୍ଡ ଘଟି ପୂର୍ଣ୍ଣଚନ୍ଦ୍ର ବେହେରାଙ୍କ ୩ବଖରା ସହ ୨ଟି ବାଇକ୍ ପୋଡି ନଷ୍ଟ ହୋଇଯାଇଛି। ରବିବାର ରାତିରେ ପରିବାରର ସମସ୍ତେ ଶୋଇଥିବାବେଳେ ଆକସ୍ମିକ ଭାବେ ଏହି ଅଗ୍ନିକାଣ୍ଡ ଘଟିଥିଲା। ଖବରପାଇ ଖଣ୍ଡପଡା ଅଗ୍ନିଶମ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ବିପନ୍ନ ପରିବାରକୁ ସରକାରୀ ସହାୟତା ଯୋଗାଇଦେବା ନିମନ୍ତେ ଗ୍ରାମବାସୀ ଦାବି କରିଛନ୍ତି।

# ଯାଜପୁରରୁ ବାଲି ଲୁଟ୍ କରୁଛନ୍ତି ଭଦ୍ରକ ଲିଜ୍‌ଧାରୀ

**ଯାଜପୁର ଅଫିସ,୧୧।୫**

■ପତ୍ର ପଠାଇବାରେ ସୀମିତ କାର୍ଯ୍ୟାନୁଷ୍ଠାନ

■ଲକ୍‌ଡାଉନ ଯୋଗୁ କାର୍ଯ୍ୟାନୁଷ୍ଠାନରେ ବିଳମ୍ବ: ତହସିଲଦାର

ଭଦ୍ରକ ଜିଲା ଭଣ୍ଡାରୀପୋଖରୀ ତହସିଲର ଜଣେ ଲିଜଧାରୀ ଯାଜପୁର ଜିଲା ବ୍ୟାସନଗର ତହସିଲ ଅଧୀନ ବୈତରଣୀ ନଦୀପଠାର ଧନତ୍ରୀ ମୌଜାରୁ ୫ ହଜାର ଘନଫୁଟ ବେଆଇନ ବାଲି ଲୁଟ୍ କରିଛନ୍ତି। ଏହି ମର୍ମରେ ବ୍ୟାସନଗର ତହସିଲଦାର ଓଏମ୍ଏମ୍‌ସି (ଓଡ଼ିଶା ମାଇନର ମିନେରାଲ୍ସ କନ୍ସେଶନ) ଆକ୍ଟର ସମ୍ପୂର୍ଣ୍ଣ ଉଲ୍ଲଂଘନ ହୋଇଥିବା ଭଣ୍ଡାରୀପୋଖରୀ ତହସିଲଦାରଙ୍କୁ ପତ୍ର ଲେଖିଛନ୍ତି। ଉକ୍ତ ପତ୍ରରେ ଚୋରି ହୋଇଥିବା ବାଲିର ରାଜସ୍ୱ ପରିମାଣ ଅସୁଲ କରିବାକୁ ଲିଜଧାରୀଙ୍କ ନାମ ଓ ଠିକଣା ଜଣାଇବାକୁ ବ୍ୟାସନଗର ତହସିଲଦାର ଅନୁରୋଧ କରିଛନ୍ତି। ତେବେ ଏହି ଅନୁରୋଧ ପତ୍ର ଦେବାର ପ୍ରାୟ ୩ ସପ୍ତାହ ଅତିକ୍ରାନ୍ତ ହୋଇସାରିଥିଲେ ହେଁ କାର୍ଯ୍ୟାନୁଷ୍ଠାନ ନିଆଯାଇପାରିନାହିଁ। ଫଳରେ ଉକ୍ତ ଲିଜଧାରୀ ବ୍ୟାସନଗର ତହସିଲ ଅଞ୍ଚଳରୁ ୩ଟି ପୋକଲିନ ମେଶିନ ସହାୟତାରେ ଦିନକୁ ଦିନ ବେଆଇନ ଭାବେ ହଜାର ହଜାର ଘନଫୁଟ ବାଲି ଲୁଟ୍ କରୁଛନ୍ତି। ଏନେଇ ରାଜସ୍ୱ ବିଭାଗ ଅଧିକାରୀଙ୍କ କାର୍ଯ୍ୟଦକ୍ଷତା ଉପରେ ଅଞ୍ଚଳବାସୀ ପ୍ରଶ୍ନ ଉଠାଉଛନ୍ତି।

ବେଆଇନ ବାଲି ଉଠାଣ କେବଳ ରାଜସ୍ୱ କ୍ଷତି କରୁନାହିଁ ବରଂ ନଦୀର ପ୍ରାକୃତିକ ସମତୁଳନ ପ୍ରକ୍ରିୟାକୁ ବ୍ୟାହତ କରୁଛି। ଏହାବାଦ ନଦୀକୂଳ ଗ୍ରାମବାସୀଙ୍କ ଜୀବନଚର୍ଯ୍ୟା ଉପରେ ନକାରାତ୍ମକ ପ୍ରଭାବ ପକାଉଛି। ଏହାକୁ ପ୍ରତିହତ କରିବାକୁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ଏକାଧିକ ନିର୍ଦ୍ଦେଶ ଓ ଗାଇଡଲାଇନ ଜାରି କରାଯାଉଥିଲେ ମଧ୍ୟ ବେଆଇନ ବାଲି କାରବାର ବନ୍ଦ ହେଉନାହିଁ। ତେଣୁ ରାଜସ୍ୱ ବିଭାଗ ପକ୍ଷରୁ ୨୦୧୮-୧୯ ଆର୍ଥିକ ବର୍ଷରେ ଲଘୁ ଖଣିଜଦ୍ରବ୍ୟର ଚୋରାଚାଲାଣ ଓ ଦଖଲଚ୍ୟୁତି ପ୍ରତିରୋଧ (ପିଟିଏମଏମଇଏ) ନାମରେ ଏକ ଯୋଜନା କାର୍ଯ୍ୟକାରୀ ହୋଇଛି। ରିଜୋଲ୍ୟୁଶନ ନମ୍ବର ୨୩୨୨୫/ଆର ଆଣ୍ଡ ଡିଏମ/୨୮।୬।୨୦୧୮ରେ ଲାଗୁ ହୋଇଥିବା ଏହି ଯୋଜନାକୁ କାର୍ଯ୍ୟକାରୀ କରିବାକୁ ବିଭାଗୀୟ ସେକ୍ସନ ଅର୍ଡର ନମ୍ବର ୨୫୫୪୮/୧୧।୭।୨୦୧୮ରେ ୫ କୋଟି ଟଙ୍କା ଅନୁଦାନ ମଞ୍ଜୁର ହୋଇଛି। ହେଲେ ନଦୀନାଳ ଭରା ଯାଜପୁର ଜିଲାରେ ଏହି ଯୋଜନା କାର୍ଯ୍ୟକାରୀ ହୋଇ ନ ଥିବାରୁ ବେଆଇନ ବାଲି ଉତ୍ତୋଳନ ଅଣାୟତ୍ତ ହୋଇଛି। ବାଲି ଖାଦାନ ଯୋଗୁ ଯଦି କୌଣସି ନଦୀବନ୍ଧ କ୍ଷତି ହେଉଥିବାର ଜଣାପଡିବ ତେବେ ସମ୍ପୃକ୍ତ ଲିଜକୁ ରଦ୍ଦ କରାଯିବ। ବେଆଇନ ବାଲି ଖାଦାନରେ ବ୍ୟବହୃତ ହେଉଥିବା ବିଭିନ୍ନ ଯନ୍ତ୍ରପାତି, ଯାନବାହନ ଆଦିକୁ ରାଜସ୍ୱ ଓ ପୋଲିସ ପ୍ରଶାସନ ଜବତ କରି ସମ୍ପୃକ୍ତ ଲୋକଙ୍କ ବିରୋଧରେ ଆପରାଧିକ ମାମଲା ରୁଜୁ କରାଯାଇପାରିବ। ଏହି ଯୋଜନାରେ ଏଭଳି ଅନେକ ଆଇନ ରହିଥିଲେ ହେଁ ଯାଜପୁର ଜିଲାରେ ତାହା ନିରର୍ଥକ। ବୈତରଣୀ ନଦୀର ଯାଜପୁର ଜିଲା ସାଆଁଳ ବାଲିଘାଟରୁ ବେଆଇନ ବାଲି ଉଠାଣ ଚାଲିଥିବାବେଳେ ପଡୋଶୀ ଭଦ୍ରକ ଜିଲାର ଲିଜଧାରୀ ମଧ୍ୟ ଜିଲା ଭିତରକୁ ପଶି ବାଲି ଚୋରି କରିବାରେ ସଫଳ ହେଉଛନ୍ତି। ଏ ସଂକ୍ରାନ୍ତରେ ବ୍ୟାସନଗର ତହସିଲଦାର ଶରତଚନ୍ଦ୍ର ମହାପାତ୍ରଙ୍କୁ ପଚାରିବାରେ ସେ କହିଛନ୍ତି, ଉଭୟ ବ୍ୟାସନଗର ଓ ଭଣ୍ଡାରିପୋଖରୀ ତହସିଲ ଅଧିକାରୀଙ୍କ ମିଳିତ ଚଢାଉରେ ଏହାକୁ ରୋକ ଲଗାଯାଇପାରିବ। ତେବେ ଲକ୍‌ଡାଉନ ଯୋଗୁ ଏହି କାର୍ଯ୍ୟାନୁଷ୍ଠାନ ହୋଇପାରିନାହିଁ। ତେବେ ସେଠାରେ କେତେଜଣ କର୍ମଚାରୀ ନିୟୋଜିତ ହୋଇଥିବାରୁ ଏବେ ବାଲି ଚୋରାଚାଲାଣ ବନ୍ଦ ରହିଛି ବୋଲି ସେ କହିଛନ୍ତି।

## ଆବୁଧାବିରେ ଓଡ଼ିଆ ଯୁବକ ମୃତ

**କେନ୍ଦ୍ରାପଡା ଅଫିସ/ପଟ୍ଟାମୁଣ୍ଡାଇ (ସ୍ୱ.ପ୍ର.), ୧୧।୫**

କେନ୍ଦ୍ରାପଡା ଜିଲା ପଟ୍ଟାମୁଣ୍ଡାଇ ବ୍ଲକ ଚନ୍ଦନପୁର ପଞ୍ଚାୟତ ଗୁପ୍ତିରା ଗ୍ରାମର ମଙ୍ଗୁଳି ନାଥଙ୍କ ପୁଅ ଡନି (୩୨)ଙ୍କର ଗତ ଶନିବାର ୟୁଏଇର ଆବୁଧାବିରେ ମୃତ୍ୟୁ ହୋଇଛି । ତାଙ୍କ ମୃତ୍ୟୁର କାରଣ କରୋନା ଭୂତାଣୁ ସଂକ୍ରମଣ ବୋଲି ମୃତ୍ୟୁ ପ୍ରମାଣପତ୍ରରେ ଉଲ୍ଲେଖ ଥିବା ମଙ୍ଗୁଳି ସୂଚନା ଦେଇଛନ୍ତି। ଡନି ଦୀର୍ଘଦିନ ହେବ ସେଠାରେ ଲେବର ସୁପରଭାଇଜର ଭାବେ କାର୍ଯ୍ୟ କରୁଥିଲେ। ହଠାତ୍ ଦେହ ଖରାପ ହେବାରୁ ସେ ସେଠାକାର ଏକ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିଲେ। ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇସାରିଥିବା ପରିବାର ସଦସ୍ୟ ପ୍ରକାଶ କରିଛନ୍ତି। ଡନିଙ୍କର ସ୍ତ୍ରୀ ସହିତ ଦେଢ଼ବର୍ଷର ଶିଶୁ କନ୍ୟା ଅଛନ୍ତି।

# ଜିଲାରେ ୯ କରୋନା ଆକ୍ରାନ୍ତ

**କେନ୍ଦ୍ରାପଡ଼ା ଅଫିସ/ରାଜନଗର (ଡି.ଏନ.ଏ.),୧୧।୫**

ରାଜନଗର ବ୍ଲକରେ ଦ୍ୱିତୀୟ କରୋନା ଆକ୍ରାନ୍ତ ରବିବାର ରାତିରେ ଚିହ୍ନଟ ହେବା ପରେ କେନ୍ଦ୍ରାପଡା ଜିଲାରେ ଏମାନଙ୍କ ସଂଖ୍ୟା ୯ରେ ପହଞ୍ଚିଛି। ରାଜନଗର ବ୍ଲକ ଘଡିଆମାଳ ବୀଣାପାଣି ଉଚ୍ଚ ବିଦ୍ୟାଳୟ ସଙ୍ଗରୋଧ କେନ୍ଦ୍ରରୁ ଏହି କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ତାଙ୍କୁ କଟକ କୋଭିଡ୍ ଚିକିତ୍ସାଳୟକୁ ସୋମବାର ସ୍ଥାନାନ୍ତର କରାଯାଇଛି। ଗତ ୪ ତାରିଖରେ ଏହି ବ୍ଲକର ୨୭ ଜଣ ବସ୍ ଯୋଗେ ସୁରଟରୁ ଫେରିଥିଲେ। ସେମାନଙ୍କୁ ବ୍ଲକର ବିଭିନ୍ନ ସଙ୍ଗରୋଧ କେନ୍ଦ୍ରରେ ରଖାଯାଇଥିବା ବେଳେ ଘଡିଆମାଳ କେନ୍ଦ୍ରରେ ମୋଟ ୬ ଜଣ ରହିଥିଲେ। ସମ୍ପୃକ୍ତ ବ୍ୟକ୍ତିଙ୍କ ସ୍ୱାବ୍ ଟେଷ୍ଟିଂ ପରେ କରୋନା ପଜିଟିଭ ଜଣାପଡିଥିଲା। ଅବଶିଷ୍ଟ ପ୍ରବାସୀଙ୍କ ସ୍ୱାବ୍ ଟେଷ୍ଟିଂ ପାଇଁ ପଠାଯାଇଥିବା ଜିଲାପାଳ ସମର୍ଥ ବର୍ମା କହିଛନ୍ତି। ସେ କହିଛନ୍ତି, ପ୍ରବାସୀ ଓଡିଆ ସୁରଟରୁ ଫେରି ସଙ୍ଗରୋଧ କେନ୍ଦ୍ରରେ ରହିଥିବାରୁ ଗୋଷ୍ଠୀ ସଂକ୍ରମଣ ଭୟ ନାହିଁ। ଏଥିପାଇଁ କଣ୍ଟେନ୍‌ମେଣ୍ଟ ଜୋନର ଆବଶ୍ୟକତା ନାହିଁ। ଏଥିସହ ପ୍ରବାସୀଙ୍କ ସ୍ୱାବ୍ ଟେଷ୍ଟ ପାଇଁ ନମୁନା ସଂଗ୍ରହ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯାଇଛି। ନିକଟ ସମ୍ପର୍କୀୟ ଓ ସ୍ଥାନୀୟ ଅଧିବାସୀଙ୍କୁ ସଙ୍ଗରୋଧ କେନ୍ଦ୍ର ନିକଟକୁ ବାରଣ କରାଯାଇଛି। ସୂଚନାଯୋଗ୍ୟ, ଆଳି ବ୍ଲକର ଦୁଇଜଣ ଓ ରାଜନଗର ବ୍ଲକର ଜଣେ ବ୍ୟକ୍ତି କରୋନା ଆକ୍ରାନ୍ତ ହୋଇଥିଲେ। ଏହି ଦୁଇ ବ୍ଲକର ଜଣେ ଲେଖାଏ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ବର୍ତ୍ତମାନ ଆଳିର ଜଣେ କୋଲକାତା ଫେରନ୍ତା ଓ ପଟ୍ଟାମୁଣ୍ଡାଇ ବ୍ଲକ ସାନଜରିଆ ସଙ୍ଗରୋଧ କେନ୍ଦ୍ରର ୫ ଆକ୍ରାନ୍ତ ଏବେ ଚିକିତ୍ସିତ ହେଉଛନ୍ତି ।



ଘଡିଆମାଳ ସଙ୍ଗରୋଧ କେନ୍ଦ୍ରରେ ଜିଲାପାଳ ଓ ଅନ୍ୟ ଅଧିକାରୀ।

## ମୁଣ୍ଡରେ ବନ୍ଧୁକ ଲଗାଇ ନେଇଗଲେ ୩୦ ମେଣ୍ଢା

**ନୟାଗଡ଼ ଅଫିସ, ୧୧।୫**

ନୟାଗଡ ଜିଲା ଇଟାମାଟି ଥାନା ବିରୁଡା ପଞ୍ଚାୟତ ବାଘେରା ଗାଁରେ ରବିବାର ରାତିରେ ଗୁହାଳରେ ଶୋଇଥିବା ଜଣେ ବ୍ୟକ୍ତିଙ୍କ ମୁଣ୍ଡରେ ବନ୍ଧୁକ ଲଗାଇ ଦୁର୍ବୃତ୍ତମାନେ ୩୦ ମେଣ୍ଢା ନେଇଯାଇଛନ୍ତି। ଏକ ବୋଲେରୋରେ ଆସିଥିବା ଦୁର୍ବୃତ୍ତଙ୍କ ଏପରି କାରନାମା ସାଧାରଣରେ ଭୟ ସୃଷ୍ଟି କରିଛି। ପ୍ରାପ୍ତ ସୂଚନା ଅନୁସାରେ ବାଘେରା ଗାଁର ମେଣ୍ଢାଚାଷୀ ପଡିଆ ପରିଡା ୩୦ଟି ମେଣ୍ଢା ରଖିଥିଲେ। ରବିବାର ରାତିରେ ପଡିଆଙ୍କ ଗୁହାଳ ନିକଟରେ ଜଣେ ବ୍ୟକ୍ତି ଶୋଇଥିଲେ। ତେବେ ରାତିରେ ବୋଲେରୋରେ କିଛି ଲୋକ ଆସି ଶୋଇଥିବା ବ୍ୟକ୍ତିଙ୍କ ମୁଣ୍ଡରେ ବନ୍ଧୁକ ଲଗାଇ ମେଣ୍ଢାମାନଙ୍କୁ ନିଶା ଶୁଙ୍ଘାଇ ନେଇଯାଇଥିଲେ। ଏ ନେଇ ଥାନାରେ ଅଭିଯୋଗ ହୋଇ ନ ଥିବା ଆଇଆଇସି କହିଛନ୍ତି।

## ଜଳୁଥିବାବେଳେ ମୃତଦେହ ଉଦ୍ଧାର କଲା ପୋଲିସ

**ତିର୍ତ୍ତୋଲ,୧୧।୫(ଡି.ଏନ୍.ଏ.)**

**ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ**

ଜଗତ୍‌ସିଂହପୁର ଜିଲା ତିର୍ତ୍ତୋଳ ଥାନା ଅନ୍ତର୍ଗତ ଗୋବିନ୍ଦପୁର ପଞ୍ଚାୟତରେ ଜଣେ ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ଥାନାରେ ଅଭିଯୋଗ ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ବାଡିପଟେ ଜଳୁଥିବା ଅବସ୍ଥାରେ ଅର୍ଦ୍ଧଦଗ୍ଧ ମୃତଦେହ ଉଦ୍ଧାର କରିଛି। ମୃତକ ଜଣକ ହେଲେ ଉରାଢ଼ ଗ୍ରାମର ଶାରଦା ପ୍ରସାଦ ମଲ୍ଲିକଙ୍କ ସ୍ତ୍ରୀ ସଂଯୁକ୍ତା(୪୮)। ମୃତକଙ୍କ ଭାଇ ରମେଶଚନ୍ଦ୍ର ମହାନ୍ତି ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ଜଗତ୍‌ସିଂହପୁର ମୁଖ୍ୟଚିକିତ୍ସାଳୟକୁ ପଠାଇଛି। ଏନେଇ ଥାନାରେ ଅପମୃତ୍ୟୁ ମାମଲା (ନଂ-୯/୨୦) ରୁଜୁ ହୋଇଛି। ରମେଶଙ୍କ ଅଭିଯୋଗ ଅନୁଯାୟୀ, ଶାଶୁଘର ପକ୍ଷରୁ ସକାଳେ ଭଉଣୀ ନିଆଁରେ ଜଳିଯାଇଥିବା ନେଇ ଖବର ମିଳିଥିଲା। ଏହାପରେ ରମେଶ ସେଠାକୁ ଯାଇଥିବା ବେଳେ ବାଡିପଟେ ସଂଯୁକ୍ତାଙ୍କ ମୃତଦେହ ଜଳୁଥିବା ଦେଖି ସନ୍ଦେହଜାତ ହେବାରୁ ପୋଲିସରେ ଅଭିଯୋଗ କରିଥିଲେ। ଏ ସମ୍ପର୍କରେ ଥାନା ଆଇଆଇସି କୃଷ୍ଣ ପ୍ରସାଦ ମିଶ୍ର କହିଛନ୍ତି, ସାଇଣ୍ଟିଫିକ୍ ଟିମ୍ ଦ୍ୱାରା ଘଟଣାର ପ୍ରାଥମିକ ତଦନ୍ତ ହୋଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଆଗାମୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ଏସ୍‌ପିଙ୍କୁ ନ୍ୟାୟ ମାଗିଲେ ମହିଳା

**କାଳିଆପାଣି, ୧୧।୫ (ଡି.ଏନ୍.ଏ.)**



ଚୁନି ଖୁଣ୍ଟିଆ।

■ସୁକିନ୍ଦା ଥାନା ପୋଲିସର ମନମାନି

■ଅଭିଯୋଗକାରୀଙ୍କୁ ମିଳୁନି ଏତଲା କପି

ନ୍ୟାୟ ପାଇଁ ଥାନାର ଦ୍ୱାରସ୍ଥ ହୋଇଥିବା ବେଳେ ସୁକିନ୍ଦା ଥାନା ପୋଲିସ ଘଟଣାର ତଦନ୍ତ ନ କରିବା ଓ ଅଭିଯୋଗକାରୀଙ୍କୁ ଏତଲା କପି ପ୍ରଦାନ କରୁ ନ ଥିବା ଅଭିଯୋଗ ହୋଇଛି। ଥାନା ଅଧୀନ ଦାମୋଦରପୁର ଗ୍ରାମର ଶଙ୍କର୍ଷଣ ଖୁଣ୍ଟିଆଙ୍କ ଦ୍ୱିତୀୟ ସ୍ତ୍ରୀ ଚୁନି ଏ ନେଇ ଗଣମାଧ୍ୟମକୁ ସୂଚନା ଦେବା ସହ ତାଙ୍କୁ ନ୍ୟାୟ ପ୍ରଦାନ କରିବାକୁ ଏସ୍‌ପିଙ୍କୁ ଗୁହାରି କରିଛନ୍ତି।

ଅଭିଯୋଗ ଅନୁସାରେ, ଶଙ୍କର୍ଷଣ ତାଙ୍କ ପ୍ରଥମ ସ୍ତ୍ରୀଙ୍କୁ ଛାଡ଼ପତ୍ର ଦେଇ ୨୦୦୦ରେ ଢେଙ୍କାନାଳ ଜିଲା ଭୁବନ ଥାନା ଅଞ୍ଚଳର ମଙ୍ଗୁଳି ବେହେରାଙ୍କ ଝିଅ ଚୁନିଙ୍କୁ ପ୍ରେମ ବିବାହ କରିଥିଲେ। ସେମାନଙ୍କର ଗୋଟିଏ ପୁତ୍ର ସନ୍ତାନ ରହିଛି। ତେବେ ବିବାହର ୨ବର୍ଷ ପରେ ସେ ଚୁନିଙ୍କୁ ତାଙ୍କ ବାପ ଘରେ ଛାଡ଼ି ଦେବା ପରେ ତାଙ୍କ ସହ କୌଣସି ସମ୍ପର୍କ ନ ଥିବା କହିଥିଲେ। ଚୁନି ଏ ନେଇ ୨୦୦୩ରେ ଥାନାରେ ଅଭିଯୋଗ କରିଥିଲେ। ତେବେ ୨୦୦୮ରେ ତଦନ୍ତକାରୀ ଅଧିକାରୀ ଓ ଗ୍ରାମବାସୀଙ୍କ ଉପସ୍ଥିତିରେ ବସିଥିବା ବୈଠକରେ ସେ ଚୁନିଙ୍କୁ ପାଖରେ ରଖିବା ସହ ସମସ୍ତ ଖର୍ଚ୍ଚ ବହନ କରିବାକୁ ଲିଖିତ ଭାବେ ଜଣାଇଥିଲେ। କିନ୍ତୁ ଚୁନି ଦାମୋଦରପୁର ଗ୍ରାମକୁ ଯିବା ପରେ ଶଙ୍କର୍ଷଣ ଗାଁକୁ ନ ଆସି ତାଙ୍କ ତୃତୀୟ ସ୍ତ୍ରୀଙ୍କ ସହ କାଳିଆପାଣି ହାଟିଙ୍ଗଠାରେ ରହୁଥିଲେ। ଏବେ ଶଙ୍କର୍ଷଣ ନିଜ ଗାଁକୁ ଆସି ଚୁନି ଓ ତାଙ୍କ ପୁଅକୁ ଘରୁ ବାହାର କରିଦେବା ସହ ଜୀବନରୁ ମାରିଦେବାକୁ ଧମକ ଦେଉଛନ୍ତି ବୋଲି ଗତ ଏପ୍ରିଲ ୧୬ ତାରିଖରେ ଚୁନି ଥାନାରେ ଅଭିଯୋଗ କରିଥିଲେ। ମାତ୍ର ପୋଲିସ ଏହାର ତଦନ୍ତ କରୁ ନ ଥିବା ବେଳେ ଏତଲା କପି ମଧ୍ୟ ପ୍ରଦାନ କରୁନାହିଁ ବୋଲି ସେ ଅଭିଯୋଗ କରିଛନ୍ତି। ଏ ନେଇ ତଦନ୍ତକାରୀ ଅଧିକାରୀ ଇନାମୁନ୍ ହକ୍‌ଙ୍କୁ ମୋବାଇଲ ଫୋନ୍ ଯୋଗେ ପଚରା ଯିବାରୁ ସେ କହିଲେ, ଏ ସମ୍ପର୍କରେ ଖବର ପ୍ରକାଶ କରିଦିଅନ୍ତୁ। ମହିଳା ଜଣକ ନ୍ୟାୟ ପାଇଯିବେ। ସୁକିନ୍ଦା ମହିଳା ସଂଘ ପକ୍ଷରୁ ପୋଲିସର ଏଭଳି କାର୍ଯ୍ୟକୁ ତୀବ୍ର ନିନ୍ଦା କରଯିବା ସହ ମହିଳାଙ୍କୁ ତୁରନ୍ତ ନ୍ୟାୟ ନ ମିଳିଲେ ସଂଘ ପକ୍ଷରୁ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି।

## ରିଟେଲରଙ୍କୁ ଦୁର୍ବ୍ୟବହାର: ଥାନାରେ ଅଭିଯୋଗ

**ବରୀ, ୧୧।୫ (ସ୍ୱ.ପ୍ର.)**

ବରୀ ବ୍ଲକ ଅମଠପୁର ପଞ୍ଚାୟତର ରିଟେଲର ରମାକାନ୍ତ ଦାଶଙ୍କୁ ଗାଳିଗୁଲଜ କରିବା ସହ ଜବରଦସ୍ତି କିଛି ସାମଗ୍ରୀ ନେଇଯିବା ଓ ଓଜନ କଣ୍ଟାକୁ ଦୁଇ ଜଣ ବ୍ୟକ୍ତି ଭାଙ୍ଗି ଦେଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଅନୁସାରେ, ରମାକାନ୍ତଙ୍କୁ ଉକ୍ତ ପଞ୍ଚାୟତର ୧୦ଟି ୱାର୍ଡର ଦାୟିତ୍ୱ ଦିଆଯାଇଛି। ୱାର୍ଡ ନଂ. ୭ର ୨ ଜଣ ହିତାଧିକାରୀ ପାଞ୍ଚାଳି ଦଳେଇଙ୍କ ପୁଅ ସାଗର (୨୮) ଓ ଡାଙ୍ଗି ଦଳେଇଙ୍କ ପୁଅ ପ୍ରମୋଦ (୨୬) ରାଶନ ସାମଗ୍ରୀ ନେବା ପରଦିନ ବଣ୍ଟନ ସ୍ଥଳକୁ ଆସି ଚାଉଳ କମ୍ ଥିବା କହି ରମାକାନ୍ତଙ୍କୁ ଗାଳିଗୁଲଜ କରିଥିଲେ। ଏଥିସହ ଅନ୍ୟ ହିତାଧିକାରୀଙ୍କ ପାଇଁ ଆସିଥିବା ଦୁଇ ବସ୍ତା ଚାଉଳ ନେଇଯିବା ସହ ସେଠାରେ ଥିବା ଓଜନ କଣ୍ଟାକୁ ବାଡେଇ ଭାଙ୍ଗି ଦେଇଥିଲେ ବୋଲି ରମାକାନ୍ତ ଅଭିଯୋଗପତ୍ରରେ ଦର୍ଶାଇଛନ୍ତି। ଏ ନେଇ ଥାନାରେ ୧୦୮/୨୦ ନଂ.ରେ ମାମଲା ରୁଜୁ କରାଯାଇ ଘଟଣାର ତଦନ୍ତ ଚାଲିଥିବା ଥାନାଧିକାରୀ ମାର୍କଣ୍ଡ ମିଶ୍ର ସୂଚନା ଦେଇଛନ୍ତି।

## ଗ୍ୟାସ ବିତରଣ କେନ୍ଦ୍ରରୁ ଲକ୍ଷାଧିକ ଟଙ୍କା ଚୋରି

**ବିରିଡି,୧୧।୫(ଡି.ଏନ୍.ଏ.)**

ଯାଜପୁର ଜିଲା ବିରିଡ଼ି ବ୍ଲକ ଅଞ୍ଚଳର ଇଣ୍ଡେନ ଗ୍ୟାସ ବିତରକ କୁଳବରଜଙ୍ଗର ଜୟଦୁର୍ଗା ଗ୍ୟାସ କାଉଣ୍ଟରରୁ ରବିବାର ରାତିରେ ଲକ୍ଷାଧିକ ଟଙ୍କା ଚୋରି ହୋଇଛି। ଏନେଇ ସୋମବାର ବିରିଡି ଥାନାରେ ଲିଖିତ ଅଭିଯୋଗ ହୋଇଛି। ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ସଟର ତାଲା ଭାଙ୍ଗି କାଉଣ୍ଟରରେ ଥିବା ଆଲମିରାରୁ ୨ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଲୁଟି ନେଇଛନ୍ତି। ଅଭିଯୋଗ ପରେ ପୋଲିସ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି।

## ୨୦୦ ଟଙ୍କା ଲେଖାଏ ଜରିମାନା ଦେଲେ ଶିକ୍ଷକ

**ଜଗତ୍‌ସିଂହପୁର ଅଫିସ, ୧୧।୫**

**ଅବସରକାଳୀନ ସମ୍ବର୍ଦ୍ଧନାରେ ଲକ୍‌ଡାଉନ ନିୟମ ଉଲ୍ଲଂଘନ**

କରୋନା ଭୂତାଣୁ ସଂକ୍ରମଣ ଯୋଗୁ ଲକ୍‌ଡାଉନ୍ ନିୟମ କାର୍ଯ୍ୟକାରୀ କରାଯାଉଛି । ଏହି ସମୟରେ କୌଣସି ସଭା, ବୈଠକ, ଭୋଜି ଆଦି ଉପରେ ଅଙ୍କୁଶ ଲଗାଯିବା ସହ ସାମାଜିକ ଦୂରତ୍ୱ ଅବଲମ୍ବନ ପାଇଁ ପରାମର୍ଶ ଦିଆଯାଇଛି । ମାତ୍ର ବାଲିକୁଦା ବ୍ଲକର ଏକ ଉଚ୍ଚବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଗଲା ବେଳେ ଲକ୍‌ଡାଉନ୍ ନିୟମର ଖୋଲା ଉଲ୍ଲଂଘନ କରାଯାଇଥିଲା। ୨୦ ଜଣ ଶିକ୍ଷକ ଓ କର୍ମଚାରୀ ସାମାଜିକ ଦୂରତା ରକ୍ଷା ନ କରି ବୈଠକ କରିଥିଲେ । ଏପରିକି ଏକାଠି ଭୋଜି କରିଥିଲେ । ଏ ସମ୍ପର୍କିତ ଏକ ଫଟୋ ସୋସିଆଲ ମିଡିଆରେ ଭାଇରାଲ ହେବାପରେ ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର ଘଟଣାର ତଦନ୍ତ ପାଇଁ ଜିଲାଶିକ୍ଷା ଅଧିକାରୀ ଓ ବାଲିକୁଦା ତହସିଲଦାରଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ରିପୋର୍ଟ ଆଧାରରେ ଜିଲାପାଳଙ୍କ ନିର୍ଦ୍ଦେଶ ଅନୁଯାୟୀ, ଡିଇଓ ସମ୍ପୃକ୍ତ ବ୍ୟକ୍ତିଙ୍କ ଠାରୁ ୨୦୦ ଲେଖାଏ ମୋଟ ୪୦୦୦ ଟଙ୍କା ଜରିମାନା ଆଦାୟ କରିଛନ୍ତି।

# ହିତାଧିକାରୀଙ୍କୁ ମିଳୁନି ହରଡ଼ ଡାଲି, ଥାନାରେ ଅଭିଯୋଗ

**ଯାଜପୁର ଅଫିସ,୧୧।୫**

**ଆବଣ୍ଟନ ନିର୍ଦ୍ଦେଶର ମାସେ ବିତିଲା**

କରୋନା ମୁକାବିଲା ପରିପ୍ରେକ୍ଷୀରେ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା (ଏସ୍ଏଫ୍ଏସ୍ଏସ୍)ରେ ଏପ୍ରିଲ, ମେ ଓ ଜୁନ ପାଇଁ ହିତାଧିକାରୀଙ୍କୁ ଚାଉଳ ଓ ଡାଲି ବଣ୍ଟନ କରିବାକୁ ନିର୍ଦ୍ଦେଶ ହୋଇଥିଲା। ଏହି କ୍ରମରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ଯୁଗ୍ମସଚିବ ଏମ୍.କ୍ୟୁ. ହକ୍ ତାଙ୍କ ପତ୍ରସଂଖ୍ୟା ୬୯୮୨/୧୧।୪।୨୦୨୦ରେ ପ୍ରତ୍ୟେକ ଏସ୍ଏଫ୍ଏସ୍ଏସ୍ ହିତାଧିକାରୀ ପରିବାରଙ୍କୁ ୧ କେଜି ଲେଖାଏ ହରଡ ଡାଲି ୩ ମାସ ପର୍ଯ୍ୟନ୍ତ ମାଗଣାରେ ଦେବାକୁ ଜିଲାପାଳମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏଥିପାଇଁ ଯାଜପୁର ଜିଲାର ୭,୭୪୬ ପରିବାରର ୨୨,୬୨୮ ସଦସ୍ୟଙ୍କ ପାଇଁ ୨୩୨.୩୮ କୁଇଣ୍ଟାଲ ହରଡ ଡାଲି ଆବଣ୍ଟନ କରିବାକୁ ନିର୍ଦ୍ଦେଶ ହୋଇଥିଲା। ଏହାବାଦ କେନ୍ଦ୍ର ସରକାରଙ୍କ ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଯୋଜନାରେ ପ୍ରତ୍ୟେକ ହିତାଧିକାରୀଙ୍କୁ ହରଡ ଡାଲି ୧ କେଜି ଲେଖାଏ ୩ ମାସ ପର୍ଯ୍ୟନ୍ତ ଏପ୍ରିଲ ୨୮ ସୁଦ୍ଧା ମାଗଣାରେ ପ୍ରଦାନ କରିବାକୁ ନିର୍ଦ୍ଦେଶ ହୋଇଥିଲା।

କିନ୍ତୁ ଏହି ନିର୍ଦ୍ଦେଶର ୧ ମାସ ଅତିକ୍ରାନ୍ତ ହୋଇ ସାରିଥିଲେ ହେଁ ଜିଲାର ପ୍ରାୟ ୯୦ ପ୍ରତିଶତ ହିତାଧିକାରୀ ହରଡ଼ ଡାଲି ପାଇବାରୁ ବଞ୍ଚିତ ହୋଇଛନ୍ତି। ଏନେଇ ସାମାଜିକ କର୍ମୀ ସର୍ବେଶ୍ୱର ବେହୁରା ଜିଲାର ଧର୍ମଶାଳା ଥାନାରେ ଅଭିଯୋଗ କରିବା ସହିତ ଆଗାମୀ ଦିନରେ ହିତାଧିକାରୀଙ୍କୁ ଉପଯୁକ୍ତ ଭାବେ ଚାଉଳ ଓ ହରଡ଼ ଡାଲି ବଣ୍ଟନ କରା ନ ଗଲେ ଆମରଣ ଅନଶନ କରିବେ ବୋଲି ସୂଚନା ଦେଇଛନ୍ତି। ଏହାବାଦ ୨୦୧୧ ମସିହାର ବହୁଚର୍ଚ୍ଚିତ ଡାଲି ଦୁର୍ନୀତିର ଯେପରି ପୁନରାବୃତ୍ତି ନ ହେବ ସେଥିପାଇଁ ସଜାଗ ରହିବାକୁ ସାମାଜିକ କର୍ମୀ ବେହୁରା ହିତାଧିକାରୀମାନଙ୍କୁ ଆହ୍ୱାନ ଦେଇଛନ୍ତି। ଏ ସଂକ୍ରାନ୍ତରେ ଯାଜପୁର ଜିଲା ଯୋଗାଣ ଅଧିକାରୀ ସୁରେନ୍ଦ୍ର କୁମାର ହୋତାଙ୍କୁ ପଚାରିବାରେ ସେ କହିଛନ୍ତି, ଜିଲାକୁ ଏଯାଏ ୨ ହଜାର କୁଇଣ୍ଟାଲ ହରଡ଼ ଡାଲି ଆସିଛି। ତାହାକୁ ହିତାଧିକାରୀଙ୍କୁ ବଣ୍ଟନ ଚାଲିଛି। ବାକି ୧୨ ହଜାର କୁଇଣ୍ଟାଲ ହରଡ଼ ଡାଲି ଆସିବାର ଅଛି। ଏହି ଡାଲି ବଣ୍ଟନରେ କୌଣସି ଅନିୟମିତତା ହେଉନାହିଁ ବୋଲି ସେ କହିଛନ୍ତି।

# ଟାଙ୍କି ନିର୍ମାଣ ସରିଛି, ଜଳ ଯୋଗାଣ ହେଉନି

**ବିଞ୍ଝାରପୁର, ୧୧।୫ (ଡି.ଏନ୍.ଏ.)**

**ଜଳକଷ୍ଟ ଭୋଗୁଛନ୍ତି ବିଡିନା ପଞ୍ଚାୟତବାସୀ**

ଦିନକୁ ଦିନ ତାପମାତ୍ରା ବୃଦ୍ଧି ପାଉଥିବା ବେଳେ ଗ୍ରାମାଞ୍ଚଳରେ ପାନୀୟ ଜଳ ସମସ୍ୟା ଉତ୍କଟ ରୂପ ନେଉଛି। କେତେକ ସ୍ଥାନରେ ପାଣି ଟାଙ୍କି ନିର୍ମାଣ କରାଯାଇଥିଲେ ବି ଲୋକମାନଙ୍କୁ ଜଳ ଯୋଗାଣ କରାଯାଉନାହିଁ। ଫଳରେ ଲୋକମାନେ ଜଳକଷ୍ଟ ଭୋଗୁଛନ୍ତି। ବିଞ୍ଝାରପୁର ବ୍ଲକ ବିଡିନା ପଞ୍ଚାୟତରେ ପାଣି ଟାଙ୍କି ନିର୍ମାଣ ସରିଥିଲେ ବି ଲୋକମାନଙ୍କୁ ଜଳଯୋଗାଣ କରାଯାଉ ନ ଥିବାରୁ ଲୋକେ ବହୁ ଅସୁବିଧା ଭୋଗୁଛନ୍ତି। ଏହାକୁ ନେଇ ବାଲିଚନ୍ଦ୍ରପୁର, ବାଲିସାହି ଓ ପାଞ୍ଚଗୋଛିଆ ସମେତ ଆଖପାଖ ଅଞ୍ଚଳର ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ଦେଖାଯାଇଛି।

ଅଞ୍ଚଳବାସୀଙ୍କ କହିବା ଅନୁସାରେ, ସ୍ଥାନୀୟ ମେଲଣ ପଡ଼ିଆଠାରେ ବିଧାୟିକା ପ୍ରମିଳା ମଲ୍ଲିକଙ୍କ ଉଦ୍ୟମରେ ବସୁଧା ଯୋଜନାରେ ମେଲଣ ପଡ଼ିଆରେ ୧ଲକ୍ଷ କ୍ଷମତା ବିଶିଷ୍ଟ ଏକ ପାଣିଟାଙ୍କି ନିର୍ମାଣ କରାଯାଇଛି। ଫେବୃୟାରୀ ସୁଦ୍ଧା ନିର୍ମାଣ କାର୍ଯ୍ୟ ସରି ଲୋକଙ୍କୁ ପାଣି ଯୋଗାଇବାକୁ ସମୟ ଧାର୍ଯ୍ୟ ହୋଇଥିଲେ ମଧ୍ୟ ଅଦ୍ୟାବଧି ଏହା କାର୍ଯ୍ୟକାରୀ ହୋଇପାରିନାହିଁ। ଉକ୍ତ ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ପଞ୍ଚାୟତର ୧୦ ହଜାର ପରିବାର ଉପକୃତ ହେବେ ବୋଲି ଅଞ୍ଚଳବାସୀ କହିଛନ୍ତି। ଠିକାଦାରଙ୍କ ଖାମଖିଆଲି ମନୋଭାବ ଯୋଗୁ ପ୍ରକଳ୍ପ କାର୍ଯ୍ୟକାରୀ ହେବାରେ ବିଳମ୍ବ ହେଉଥିବା ଅଭିଯୋଗ ହୋଇଛି। ସେହିପରି ପ୍ରକଳ୍ପଟି ବାଲିଚନ୍ଦ୍ରପୁର, ବାଲିସାହି ଓ ପାଞ୍ଚଗୋଛିଆ ୩ଟି ଗାଁକୁ ପାଣି ଯୋଗାଇବାକୁ ଥିବା ବେଳେ ଅଦ୍ୟାବଧି ବାଲିସାହିକୁ ପାଣି ଲାଇନ ସଂଯୋଗ କରାଯାଇନାହିଁ ବୋଲି ଗ୍ରାମର ସୁଧୀର ସ୍ୱାଇଁ, ବ୍ରଜକିଶୋର ପାଗଳ, ଫକୀର ବେହେରା, ଅନିଲ କୁମାର ସାହୁ, ବାସୁଦେବ ସାହୁ, ବାବାଜୀ ବେହେରା, ସଞ୍ଜୟ ଯେନା ପ୍ରମୁଖ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ତୃପ୍ତାଞ୍ଜଳୀ ରଥଙ୍କୁ ପଚାରିବାରେ, ପ୍ରକଳ୍ପ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ ଟେଷ୍ଟିଂ ଚାଲିଛି। ଖୁବଶୀଘ୍ର ସବୁ ଗାଁକୁ ପାନୀୟ ଜଳ ଯୋଗାଇ ଦିଆଯିବ ବୋଲି କହିଛନ୍ତି।




ବିଡିନା ମେଳନ ପଡ଼ିଆଠାରେ ନିର୍ମିତ ପାଣିଟାଙ୍କି।

## ସଂକ୍ଷେପରେ

### ସୁସ୍ଥ ହେଲେ ଭଦ୍ରକର ୩ ଆକ୍ରାନ୍ତ

ଭଦ୍ରକ ଅଫିସ, ୧୧।୫- ଭଦ୍ରକ ଜିଲାରେ ସୋମବାର ୩ କରୋନା ରୋଗୀ ସୁସ୍ଥ ହୋଇଛନ୍ତି। ପୂର୍ବରୁ ସୁସ୍ଥ ହୋଇଥିବା ୧୨ ଜଣଙ୍କୁ ମିଶାଇ ଜିଲାରେ ମୋଟ ୧୫ ଜଣ ସୁସ୍ଥ ହୋଇ ଘରକୁ ଫେରିଲେଣି। ତେବେ ଜିଲାରେ ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ସୋମବାର ସନ୍ଧ୍ୟା ସୁଦ୍ଧା ଆକ୍ରାନ୍ତଙ୍କ ସଂଖ୍ୟା ୩୧ ଥିବା ଜଣାପଡ଼ିଛି।

### ପ୍ରବାସୀଙ୍କ ପାଇଁ ଭଦ୍ରକ ଷ୍ଟେଶନରେ ବ୍ୟାପକ ପ୍ରସ୍ତୁତି

ଭଦ୍ରକ ଅଫିସ, ୧୧।୫- ଭଦ୍ରକ ଷ୍ଟେଶନରେ ପ୍ରବାସୀ ଓଡ଼ିଆ ୨ଟି ସ୍ୱତନ୍ତ୍ର ଟ୍ରେନ ମାଧମରେ ଆସି ପହଞ୍ଚିବେ। ଏଥିପାଇଁ ପ୍ରଶାସନିକସ୍ତରରେ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଛି। ରବିବାର ସନ୍ଧ୍ୟାରେ ଜିଲାପାଳ ଡ. ଜ୍ଞାନ ରଞ୍ଜନ ଦାସ, ଏସ୍‌ପି ରାଜେଶ ପଣ୍ଡିତ, ପିଡି ମଧୁସୂଦନ ଦାସ, ଉପଜିଲାପାଳ ପୀତାମ୍ବର ସାମଲଙ୍କ ସମେତ ବହୁ ଜିଲାସ୍ତରୀୟ ଅଧିକାରୀ ପହଞ୍ଚି ଷ୍ଟେଶନ ମାଷ୍ଟର ଓ ଅନ୍ୟାନ୍ୟ କର୍ମକର୍ତ୍ତାଙ୍କ ସହ ଆଲୋଚନା କରି ବିଭିନ୍ନ ସ୍ଥାନ ବୁଲି ଦେଖିଥିଲେ। ପ୍ରଶାସନ ପକ୍ଷରୁ ଏନେଇ ସମୟ ନିର୍ଦ୍ଦିଷ୍ଟ ଭାବେ କୁହାଯାଇ ନାହିଁ, କିନ୍ତୁ ଏଠାରେ ବିଭିନ୍ନ ଜିଲାର ପ୍ରବାସୀ ପହଞ୍ଚିବା ପରେ ସେମାନଙ୍କୁ ସ୍ୱତନ୍ତ୍ର ବସ୍ ଯୋଗେ ଏଠାରୁ ନିଜ ନିଜ ଜିଲାକୁ ପଠାଯିବ ବୋଲି କୁହାଯାଇଛି।

### ଗୁଜବ ନ ଶୁଣିବାକୁ ଜିଲାପାଳଙ୍କ ଅନୁରୋଧ

ଛତ୍ରପୁର,୧୧।୫(ଡି.ଏନ.ଏ.)- ସାମାଜିକ ଗଣମାଧମରେ ଗଞ୍ଜାମ ଜିଲାର କରୋନା ପଜିଟିଭ ସଂଖ୍ୟା ନେଇ ଏକ ମିଥ୍ୟା ତାଲିକା ଭାଇରାଲ ହେବାରେ ଲାଗିଛି। ଏହା ଉପରେ କେହି ବିଶ୍ୱାସ କରନ୍ତୁ ନାହିଁ କି ସେୟାର କିମ୍ବା ଫରୱାର୍ଡ଼ କରନ୍ତୁ ନାହିଁ ବୋଲି ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ସୋମବାର ଟୁଇଟ କରି ଅନୁରୋଧ କରିଛନ୍ତି । ସାମାଜିକ ଗଣମାଧମରେ ଭାଇରାଲ ହୋଇଥିବା ମିଥ୍ୟା ତାଲିକାର ଏକ ଫଟୋକୁ ଟୁଇଟରରେ ଜିଲାପାଳ ପୋଷ୍ଟ କରିଛନ୍ତି ।

# ବଜାରରେ ଗହଳି, ମାନୁ ନାହାନ୍ତି ନିୟମ

**-ଜିଲାରେ ୯ କରୋନା ପଜିଟିଭ୍, ତଥାପି ଲୋକେ ବେଫିକର**

ବାରିପଦା ଅଫିସ, ୧୧।୫


ବାରିପଦା ସହରରେ ଗହଳି।

ମୟୂରଭଞ୍ଜ ଜିଲାରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୯ରେ ପହଞ୍ଚିଥିବା ବେଳେ ଲୋକେ ଯେଉଁଭଳି ସତର୍କତା ଅବଲମ୍ବନ କରିବା କଥା କରୁ ନାହାନ୍ତି। ବାରିପଦା ସହରର ସମସ୍ତ ଦୋକାନ ବଜାର ଖୋଲା ହେଉଥିବା ବେଳେ ଅନେକ ବ୍ୟବସାୟ ପ୍ରତିଷ୍ଠାନରେ ସାମଜିକ ଦୂରତ୍ୱ ପାଳନ କରାଯାଉ ନାହିଁ। ଲକ୍‌ଡାଉନ କୋହଳ ହେବାର ଫାଇଦା ନେଇ ଦିନ ସାରା ବଜାରରେ ଗହଳି ଲାଗି ରହୁଛି। କାମ ନ ଥାଇ ମଧ୍ୟ ଲୋକେ ରାସ୍ତାଘାଟରେ ବୁଲୁଥିବା ଓ ମାସ୍କ ବ୍ୟବହାର କରୁ ନ ଥିବା ଦେଖିବାକୁ ମିଳୁଛି। ବିଭନ୍ନ ସମୟରେ ପ୍ରଶାସନ ପକ୍ଷରୁ ଚଢ଼ାଉ ହେଉଛି। ନିୟମ ନ ମାନିବା କାରଣରୁ ୨ ଦିନ ତଳେ ବାରିପଦା ତହସିଲଦାର ସହରରେ ଥିବା ୧୪ଟି ଦୋକାନକୁ ସିଲ୍ କରିଥିଲେ। ଏହା ସତ୍ତ୍ୱେ ମଧ ସହରରେ ଥିବା ବିଭିନ୍ନ ଦୋକାନରେ ଭିଡ଼ ଜମୁଛି।

ଉଲ୍ଲେଖଯୋଗ୍ୟ ଯେ, ଗ୍ରୀନ ଜୋନ୍‌ରେ ଥିବା ମୟୂରଭଞ୍ଜ ଜିଲାରେ ଗତ ଗୁରୁବାର ୩ କରୋନା ପଜିଟିଭ୍ ଚିହ୍ନଟ ହେବାରୁ ଏହି ଜିଲା ଅରେଞ୍ଜ ଜୋନ୍‌ରେ ପରିଣତ ହୋଇଥିଲା। ଏହା ପରେ ୨ ଦିନ ବ୍ୟବଧାନରେ ଆଉ ୬ଟି ପଜିଟିଭ କେସ୍ ବାହାରିଛି। ସମସ୍ତ ଆକ୍ରାନ୍ତ କପ୍ତିପଦା ବ୍ଲକର ହୋଇଥିବା ବେଳେ ସେମାନେ ସଙ୍ଗରୋଧ କେନ୍ଦ୍ରରେ ରହୁଥିଲେ। ଏନେଇ ଜିଲାବାସୀ ଭୟଭୀତ ନ ହେବା ପାଇଁ ଜିଲାପାଳ ବିନୀତ ଭରଦ୍ୱାଜ ପରାମର୍ଶ ଦେଇଛନ୍ତି।

#### ପ୍ରଶାସନ ଦେଉନି ତଥ୍ୟ

ଅନ୍ୟ ରାଜ୍ୟରେ ଫସି ରହିଥିବା କେତେଜଣ ପ୍ରବାସୀ ଜିଲାକୁ ଫେରିବା ପାଇଁ ନାମ ପଞ୍ଜୀକରଣ କରିଛନ୍ତି ସେନେଇ ଜିଲା ପ୍ରଶାସନ ପକ୍ଷରୁ କୌଣସି ତଥ୍ୟ ସୂଚନା ଦିଆଯାଉ ନାହିଁ। ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ଚଞ୍ଚଳ ରଣାଙ୍କୁ ଏନେଇ ବାରମ୍ବାର ଯୋଗାଯୋଗ କରାଯାଇଥିଲେ ମଧ କୌଣସି ସୂଚନା ଦେଉ ନାହାନ୍ତି। ସେହିଭଳି ପ୍ରଶାସନ ପକ୍ଷରୁ କେଉଁଦିନ କେଉଁଠାରୁ କେତେ ଶ୍ରମିକ ଆସଛନ୍ତି, ସେ ସମ୍ପର୍କରେ ମଧ ଗଣମାଧ୍ୟମକୁ ଅବଗତ କରାଯାଉନାହିଁ। ଫଳରେ ପ୍ରଶାସନର ଭୂମିକାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

# ତହସିଲଦାରଙ୍କ ଡ୍ରାଇଭରଙ୍କୁ ଟେକିନେଲେ

**ଜରିମାନା ଆଦାୟ ବେଳେ ଯୁବକଙ୍କ ଉନ୍ମତ୍ତକାଣ୍ଡ**

**ଭୁଲ୍ ମାଗିବା ପରେ ଛାଡ଼ ପାଇଲେ**

ବାହାନଗା, ୧୧।୫(ଡି.ଏନ.ଏ.)

ବାଲେଶ୍ୱର ଜିଲା ବାହାନଗା ବ୍ଲକ ଗୋପାଳପୁର ବଜାରରେ ସୋମବାର ନିୟମ ଉଲ୍ଲଂଘନକାରୀଙ୍କଠାରୁ ଜରିମାନା ଆଦାୟ ବେଳେ ଜଣେ ଅମାନିଆ ଯୁବକଙ୍କ ଉନ୍ମତ୍ତକାଣ୍ଡ ଦେଖିବାକୁ ମିଳିଛି। ତହସିଲଦାରଙ୍କ ଡ୍ରାଇଭରଙ୍କୁ ଟେକି ନେଇ ଯୁବକଜଣକ ହଡରଘଣାରେ ପଡିଥିଲେ। ଜରିମାନା ଓ ଭୁଲ ମାଗିବା ପରେ ସନ୍ଧ୍ୟାରେ ତହସିଲଦାରଙ୍କ ମାନବିକତା ପାଇଁ ଥାନାରୁ ଛାଡ ପାଇଥିଲେ।

ସାରା ଦେଶରେ କୋଭିଡ-୧୯ ନିମନ୍ତେ ଲକ୍‌ଡାଉନ୍ ଚାଲିଥିବା ବେଳେ ସରକାରଙ୍କ ନିଷ୍ପତ୍ତି ଯୋଗୁ ନିର୍ଦ୍ଦିଷ୍ଟ କିଛି ଦୋକାନ ନିର୍ଦ୍ଧାରିତ ସମୟ ମଧରେ ଖୋଲାଯାଉଛି। କାମ ନ ଥିଲେ ବଜାରକୁ ଆସିବା ମନା, ମୋଟରସାଇକେଲ ଯୋଗେ ଦୁଇଜଣ ବସି ବଜାରକୁ ଆସିପାରିବେ ନାହିଁ, ମୁହଁରେ ମାସ୍କ ନ ଲଗାଇ ବାହାରକୁ ଆସିଲେ ଜରିମାନା ଦେବାକୁ ପଡିବ ବୋଲି ପ୍ରଶାସନ କଟକଣା ଜାରି କରିଛି । ତେବେ ବାହାନଗା ବ୍ଲକ ଅଞ୍ଚଳର କେତେକ ସ୍ଥାନରେ ଲୋକମାନେ ନିୟମ ଉଲ୍ଲଘଂନ କରି ବଜାରରେ ବୁଲାବୁଲି କରୁଛନ୍ତି। ଏହାକୁ ଦୃଷ୍ଟିରେ ରଖି ବାହାନଗା ତହସିଲ ପକ୍ଷରୁ ରବିବାରଠାରୁ ଅମାନିଆଙ୍କ ପାଇଁ ଯାଞ୍ଚ କଡାକଡି କରାଯାଇ ଜରିମାନା ଆଦାୟ ହେଉଛି। ସୋମବାର ଷଠୀସ୍ଥିତ ପୁରାଣ ଗ୍ରାମର ୨ଜଣ ଯୁବକ ଗୋଟିଏ ମୋଟରସାଇକେଲ ଯୋଗେ ଗୋପାଳପୁର ବଜାରକୁ ଆସୁଥିଲେ। ସେମାନଙ୍କୁ ବାହାନଗା ତହସିଲଦାର ଓ ପୋଲିସ୍ କର୍ମଚାରୀମାନେ ଅଟକାଇବା ସହିତ କଥାବାର୍ତ୍ତା କରୁଥିବା ବେଳେ ଯୁବକଜଣକ ଗାଡି ଷ୍ଟାଟ କରି ପଳାଉଥିଲେ। ତହସିଲଦାରଙ୍କ ଡ୍ରାଇଭର ମୋଟରସାଇକେଲରୁ ଚାବି କାଢି ଆଣି ଜଣେ ପୋଲିସ୍ କର୍ମଚାରୀଙ୍କୁ ଦେଇଥିଲେ। ଏଥିରେ ଯୁବକଜଣକ ଉତ୍ତ୍ୟକ୍ତ ହୋଇ ଗଣ୍ଡଗୋଳ କରିବା ସହିତ ଘଟଣାସ୍ଥଳରୁ ତହସିଲଦାରଙ୍କ ଗାଡି ଡ୍ରାଇଭରଙ୍କୁ ଟେକିନେଇ ବହୁ ଦୂରକୁ ପଳାଉଥିଲେ। ଅନ୍ୟ ପୋଲିସ୍ ଖବରପାଇ ଯୁବକଙ୍କଠାରୁ ଡ୍ରାଇଭରଙ୍କୁ ଉଦ୍ଧାର କରିଥିଲେ। ଯୁବକଙ୍କୁ ଗୋପାଳପୁର ଫାଣ୍ଡିରେ ଅଟକ ରଖାଯାଇଥିଲା। ପରେ ତହସିଲଦାର ରାଜେନ୍ଦ୍ର ନାରାୟଣ କର ଖନ୍ତାପଡା ଥାନାରେ ଲିଖିତ ଅଭିଯୋଗ କରିଥିଲେ ମଧ ପରେ ଯୁବକଙ୍କୁ ବୁଝାଇବାରୁ ସେ ନିଜର ଭୁଲ ବୁଝିପାରି କ୍ଷମା ମାଗିଥିଲେ। ଫଳରେ ତହସିଲଦାର ମାନବିକତା ଦେଖାଇ ଯୁବକଙ୍କୁ କ୍ଷମା କରିଦେଇଥିଲେ । ରବିବାର ଓ ସୋମବାର ଦୁଇଦିନ ବାହାନଗା ବ୍ଲକ ଗୋପାଳପୁର ଓ ଖନ୍ତାପଡା ବଜାରରୁ ୧୦ହଜାରରୁ ଉର୍ଦ୍ଧ୍ୱ ଟଙ୍କା ଜରିମାନା ଆଦାୟ କରାଯାଇଛି।

### ସଙ୍ଗରୋଧ କେନ୍ଦ୍ରରେ ମୃତ୍ୟୁ ଘଟଣାର ତଦନ୍ତ ଦାବି

ବ୍ରହ୍ମପୁର ଅଫିସ,୧୧।୫

ଗଞ୍ଜାମ ଜିଲାରେ ସୁରଟ ଫେରନ୍ତାଙ୍କୁ ନେଇ କରୋନା ସଂକ୍ରମଣ ଏବେ ବଢିବାରେ ଲାଗିଛି। ଦିନକୁ ଦିନ ଜିଲାର ସ୍ଥିତି ଅସମ୍ଭାଳ ହୋଇପଡିଛି। ଗତ ୯ ଦିନ ଅର୍ଥାତ୍ ୧୧ ତାରିଖ ମଧ୍ୟାହ୍ନ ସୁଦ୍ଧା ମିଳିଥିବା ସରକାରୀ ତଥ୍ୟ ଅନୁସାରେ ଜିଲାରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୧୩୭ରେ ପହଞ୍ଚି ସାରିଛି। ଅନ୍ୟପଟେ ଗତ ଶୁକ୍ରବାର ପୋଲସରା ବ୍ଲକ ତୁଙ୍ଗାପଡା ସଙ୍ଗରୋଧ କକ୍ଷରେ ଜଣେ ସୁରଟ ଫେରନ୍ତାଙ୍କ ମୃତ୍ୟୁ ଘଟଣାର ତଦନ୍ତ କରିବା ନେଇ ଭାରତୀୟ ବିକାଶ ପରିଷଦ ସଭାପତି ସୁରେନ୍ଦ୍ର ପାଣିଗ୍ରାହୀ ଦାବି କରିଛନ୍ତି। ସେଠାରେ ଉକ୍ତ ବ୍ୟକ୍ତିଙ୍କର କାହିଁକି ଓ କେଉଁ ପରିସ୍ଥିତିରେ ମୃତ୍ୟୁ ଘଟିଲା ସେ ଦିଗରେ ନିରପେକ୍ଷ ତଦନ୍ତ ହେବା ଆବଶ୍ୟକ ବୋଲି ସେ କହିଛନ୍ତି। ସେହିପରି ମୃତକଙ୍କ ପରିବାରକୁ ସରକାର ୨୦ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ସେ ଦାବି କରିଛନ୍ତି।

# ସହାୟତା ପାଇଁ ଦୌଡ଼ି ଦୌଡ଼ି ନୟାନ୍ତ

ଖଇରା, ୧୧।୫(ଡି.ଏନ.ଏ.)

କରୋନା ଲକ୍‌ଡାଉନ୍‌ରେ ନିର୍ମାଣ ଶ୍ରମିକଙ୍କ ଜୀବନ ଜୀବିକା ପ୍ରଭାବିତ ହେବାର ଆଶଙ୍କା କରି ସରକାର ସେମାନଙ୍କ ପାଇଁ ଦେଢ ହଜାର ଟଙ୍କାର ପାରିଶ୍ରମିକ ପ୍ରଦାନ ବ୍ୟବସ୍ଥା କରିଛନ୍ତି। ଖଇରା ବ୍ଲକର କେତେକ ଶ୍ରମିକଙ୍କ ନାମ ଭୁଲ୍‌କ୍ରମେ ସିମୁଳିଆ ବ୍ଲକର କିଛି ପଞ୍ଚାୟତରେ ଅନ୍ତର୍ଭୁକ୍ତ ହୋଇଯାଇଛି। ଫଳରେ ଉକ୍ତ ଶ୍ରମିକମାନେ ସହାୟତା ପାଇ ନ ପାରି ମାନସିକ ଓ ଶାରୀରିକ ନିର୍ଯାତନାର ଶିକାର ହେଉଛନ୍ତି । ଶ୍ରମ ବିଭାଗ ଭୁଲ୍ ଠିକଣା ଉଲ୍ଲେଖ କରିବା ଯୋଗୁ ଏପରି ସମସ୍ୟା ଉପୁଜୁଛି।

ଖଇରା ବ୍ଲକର ମାଣିତ୍ରୀ ଓ ଝିଙ୍କିରିଆ ପଞ୍ଚାୟତର ୫୦ରୁ ଉର୍ଦ୍ଧ୍ୱ ଶ୍ରମିକଙ୍କ ନାମ ସିମୁଳିଆ ବ୍ଲକ ଅଡା ପଞ୍ଚାୟତର ଶ୍ରମିକ ତାଲିକାରେ ସାମିଲ ହୋଇଯାଇଛି। ମାସେରୁ ଅଧିକ ସମୟ ଧରି ଏହି ଶ୍ରମିକମାନେ ଅଡା ପଞ୍ଚାୟତ ଓ ସିମୁଳିଆ ବ୍ଲକ କାର୍ଯ୍ୟାଳୟକୁ ଦୌଡି ନୟାନ୍ତ ହୋଇ ସାରିଲେଣି। ଦେଢ଼ହଜାର ଟଙ୍କା ପାଇବା ଆଶାରେ ସେମାନଙ୍କର ଅଧାରୁ ଅଧିକ ଖର୍ଚ୍ଚ ହୋଇ ସାରିଥିବା ଝିଙ୍କିରିଆ ପଞ୍ଚାୟତର ନିର୍ମାଣ ଶ୍ରମିକ କାର୍ତ୍ତିକେଶ୍ୱର ଉପାଧ୍ୟାୟ କହିଛନ୍ତି । ଆଜି ଆସ, କାଲି ଆସ କହି ଅଡା ପଞ୍ଚାୟତର ନିର୍ବାହୀ ଅଧିକାରୀ ଶେଷରେ ନିରାଶ କରିଛନ୍ତି। ସେ କହିଛନ୍ତି ଯେ, ସିମୁଳିଆ ବ୍ଲକର ବିଡିଓ ଚାହିଁଲେ ସେମାନଙ୍କୁ ଆର୍ଥିକ ସହାୟତା ମିଳିପାରିବ। ଏପଟ ସେପଟ ହୋଇ ବହୁତ ବାଧିଲାଣି ବୋଲି ମାଣିତ୍ରୀ ପଞ୍ଚାୟତ ସାଲୋ ଗ୍ରାମର ଅଜିତ ରଞ୍ଜନ ଦାସ, ରଘୁନାଥ ତିଆଡି, ସୁଧାକର ସେଠୀ ଓ ସନାତନ ସେଠୀ କହିଛନ୍ତି । ନିର୍ମାଣ ଶ୍ରମିକମାନେ ସିମୁଳିଆ ବିଡିଓ ନରହରି ବେହେରାଙ୍କୁ ଭେଟିବା ପରେ ଏହି ସହାୟତା ସେମାନଙ୍କୁ ଖଇରା ବ୍ଲକରୁ ମିଳିବ ବୋଲି କହିବା ପରେ ଅର୍ଥ ମିଳିବା ନେଇ ସଂଶୟ ସୃଷ୍ଟି ହୋଇଛି। ପ୍ରକୃତରେ ଏହି ଅର୍ଥ ସେମାନଙ୍କୁ ମିଳିବା ନେଇ ଆଶା ମଉଳି ଯାଉଛି ବୋଲି ସାଲୋ ଗ୍ରାମର ବାସନ୍ତୀ ସେଠୀ, ଉମାକାନ୍ତ ପଣ୍ଡା, ସାବିତ୍ରୀ ଜେନା, ମଧୁସୂଦନ ରାଉଳ, ସୂର୍ଯ୍ୟକାନ୍ତ ସାହୁ ଅଚ୍ୟୁତପୁର ଗ୍ରାମର କରୁଣାକର ଜେନା, ନିରଦା ଦାଶ କହିଛନ୍ତି । ଏ ସମ୍ପର୍କରେ ସିମୁଳିଆ ବିଡିଓ ବେହେରାଙ୍କୁ ଯୋଗାଯୋଗ କରିବାରେ ଖଇରା ବ୍ଲକର ଯେତେ ଶ୍ରମିକଙ୍କ ନାମ ସିମୁଳିଆ ବ୍ଲକର ବିଭିନ୍ନ ପଞ୍ଚାୟତରେ ଅଛି ସେଗୁଡିକୁ ଖୁବ୍‌ଶୀଘ୍ର ଖଇରା ବ୍ଲକକୁ ପଠାଇ ଦିଆଯିବ। ଶ୍ରମିକମାନେ ଖଇରାରୁ ସହାୟତା ନେଇପାରିବେ ବୋଲି କହିଛନ୍ତି।

### ହାଇଦ୍ରାବାଦରୁ ସାଇକେଲରେ ଫେରିଲେ

ବନ୍ତ,୧୧।୫(ଡି.ଏନ୍.ଏ.) :


ସାଇକେଲ ଯୋଗେ ଘରକୁ ଫେରିଥିବା ପ୍ରବାସୀ ଓଡ଼ିଆ ସୁବାସ ଦାସ ।

କରୋନା ଲକ୍‌ଡାଉନ୍ ଯେଗୁ ତେଲଙ୍ଗାନା ରାଜ୍ୟର ହାଇଦ୍ରାବାଦରେ ଫସି ରହିଥିବା ଭଦ୍ରକ ଜିଲା ବନ୍ତ ବ୍ଲକ ଗଣିଜାଙ୍ଗ ପଞ୍ଚାୟତ ବିନାୟକପୁର ଗ୍ରାମର ଚକ୍ରଧର ଦାସଙ୍କ ପୁଅ ସୁବାସ ସାଇକେଲ ଯୋଗେ ଆସି ଗ୍ରାମରେ ପହଞ୍ଚିଛନ୍ତି। ସେ ହାଇଦ୍ରାବାଦର ଏକ କମ୍ପାନୀରେ କାମ କରୁଥିଲେ। ଲକ୍‌ଡାଉନ୍ ଫଳରେ କାମଧନ୍ଦା ବନ୍ଦ ହୋଇଯିବାରୁ ବହୁ ଅସୁବିଧାରେ ଥିଲେ । ଶେଷରେ ଘରକୁ ଆସିବା ପାଇଁ କୌଣସି ଉପାୟ ନ ପାଇ ସାଇକେଲକୁ ମାଧମ କରିଥିଲେ । ମେ ୩ ତାରିଖରେ ସେ ତେଲଙ୍ଗାନା ମାଧବପୁର ହାଇସିଟିରୁ ସାଇକେଲରେ ବାହାରି ପ୍ରାୟ ୧୩ ଶହ କି.ମି. ବାଟ ଅତିକ୍ରମ କରି ସୋମବାର ଗ୍ରାମରେ ପହଞ୍ଚିଛନ୍ତି। ତାଙ୍କୁ ଗଣିଜାଙ୍ଗସ୍ଥିତ ସଙ୍ଗରୋଧ କେନ୍ଦ୍ରରେ ରଖାଯାଇଛି।

### ପଳାସାରୁ ଚାଲି ଚାଲି ପୁରୁଷୋତ୍ତମପୁରରେ ୧୬ ଶ୍ରମିକ


ପୁରୁଷୋତ୍ତମପୁରରେ ପହଞ୍ଚିଥିବା ଶ୍ରମିକ ।

**ଅନୁଗୋଳ, ବୌଦ୍ଧରେ ପହଞ୍ଚିବା ନେଇ ଚିନ୍ତାରେ**

ପୁରୁଷୋତ୍ତମପୁର,୧୧।୫(ଡି.ଏନ.ଏ.)

କରୋନା ପ୍ରକୋପରୁ ସମସ୍ତେ ହାହାକାର ହୋଇପଡିଥିବା ବେଳେ ଶ୍ରମିକମାନେ ନାହିଁ ନ ଥିବା ଦୁର୍ଦ୍ଦଶାର ସମ୍ମୁଖୀନ ହେବାରେ ଲାଗିଛନ୍ତି। ନିଜ ଭିଟାମାଟିକୁ ଫେରିବା ଲାଗି ଆକୁଳ ନିବେଦନ କରୁଥିଲେ ମଧ୍ୟ ଗୁହାରି ଶୁଣିବାକୁ କେହିନାହିଁ। ଅନୁଗୋଳ ଜିଲା ବୁଆଁକୁଟୁ ଗ୍ରାମର ୧୦ ଜଣ ଓ ବୌଦ୍ଧ ଜିଲା ଭାପୁର ଗ୍ରାମର ୬ ଯୁବକ ଆନ୍ଧ୍ରପ୍ରଦେଶ ପଲାସାର ବିଭିନ୍ନ ଢାବାରେ କାମ କରୁଥିଲେ। କାମ ବନ୍ଦ ହୋଇଯିବାରୁ ଭୋକ ଉପାସରେ ସେଠାରେ ରହିବା ସମ୍ଭବ ହେଲା ନାହିଁ। ବାଧ୍ୟ ହୋଇ ନିଜ ଗ୍ରାମକୁ ଫେରିବାକୁ ଚାଲି ଚାଲି ଆସି ପୁରୁଷୋତ୍ତମପୁରରେ ପହଞ୍ଚିଛନ୍ତି। ସେମାନେ ନିଜ ଜିଲା ରାସ୍ତା ଜାଣି ନ ପାରି ବାଟଭୁଲି ସୋମବାର ସକାଳେ ପୁରୁଷୋତ୍ତମପୁର ସହର ଦେଇ ଯାଉଥିବା ବେଳେ ଲୋକେ ଅଟକାଇ ଥିଲେ। ପରେ ସେମାନେ ଥାନାକୁ ଖବର ଦେଇଥିଲେ। ପୁରୁଷୋତ୍ତମପୁର ଆଇଆଇସି ଜଗନ୍ନାଥ ମଲ୍ଲିକ ଓ ଏସ୍‌ଆଇ ସୁନୀଲ କୁମାର ପ୍ରଧାନ ଘଟଣାସ୍ଥଳକୁ ଆସି ବୁଝିବା ସହ ସେମାନେ ଖାଇ ନ ଥିବାରୁ ଖାଦ୍ୟ ଦେଇଥିଲେ। ଶ୍ରମିକମାନଙ୍କୁ ନିଜ ଜିଲାକୁ କିଭଳି ପଠାଯିବ ସେ ନେଇ ପୋଲିସ ମଧ ଏକ ପ୍ରକାର ଚିନ୍ତାରେ ପଡ଼ିଯାଇଛି।

### ଲକ୍‌ଡାଉନ କଟକଣା ଉଲ୍ଲଂଘନ ଭୋଜି ସହ ଜୁଆ ଆଡ୍ଡାରେ ଚଢ଼ାଉ

ପାଟପୁର,୧୧।୫

ଗଞ୍ଜାମ ଜିଲା ପାଟପୁର ଥାନା ଗୋକର୍ଣ୍ଣମେରୀପଲ୍ଲୀ ନିକଟ ଏକ ଖୋଲା ପଡିଆରେ ଭୋଜିସହ ଜୁଆ ଖେଳ ଚାଲିଥିବା ନେଇ ପାଟପୁର ପୋଲିସକୁ ରବିବାର ସନ୍ଧ୍ୟାରେ ଖବର ମିଳିଥିଲା। ଏହାପରେ ଆଇଆଇସି ଅଜୟ କୁମାର ବାରିକଙ୍କ ନେତୃତ୍ୱରେ ଏକ ଟିମ୍ ସେଠାରେ ଚଢ଼ାଉ କରି ୮ ହଜାର ୪୫ ଟଙ୍କା ଜବତ କରିବା ସହ ୮ ଜୁଆଡିଙ୍କୁ ଗିରଫ କରିଥିଲେ। ରୋଷେଇ ହୋଇଥିବା ଖାଦ୍ୟ ସାମଗ୍ରୀ ଜବତ କରିବା ସହ ୮ ବାଇକ୍ ଓ ମୋବାଇଲ ଫୋନ୍ ଜବତ କରାଯାଇଥିବା ଜଣାପଡ଼ିଛି। ଏନେଇ ନଂ. ୧୦୩/୨୦ ମାମଲା ରୁଜୁ ହୋଇଥିବା ଆଇଆଇସି ବାରିକ ସୂଚନା ଦେଇଛନ୍ତି।

# ଚାକିରି ସ୍ଥାୟିତ୍ୱ କହି ଆଉଟ ସୋର୍ସିଂ ସଂସ୍ଥା ଲୁଟିଲା

ଫୁଲବାଣୀ ଅଫିସ, ୧୧।୫

କରୋନାକୁ ପ୍ରତିହତ କରିବା ଲାଗି ସରକାର ବହୁବିଧ ପଦକ୍ଷେପ ନେଉଛନ୍ତି। କନ୍ଧମାଳ ଜିଲା ମେଡିକାଲରେ କର୍ମଚାରୀ ଅଭାବକୁ ଦୃଷ୍ଟିରେ ରଖି କେବଳ କୋଭିଡ-୧୯ ମୁକାବିଲା ପାଇଁ ଏଏନ୍‌ଏମ୍ ଏବଂ ଜିଏନ୍‌ଏମ୍ ତାଲିମଧାରୀଙ୍କୁ ଆଉଟ ସୋର୍ସିଂ ସଂସ୍ଥା ପକ୍ଷରୁ ନିଯୁକ୍ତି ଦିଆଯାଇଛି । ଏହି ଚାକିରି ଏକ ପ୍ରକାର ସମୟ ସାପେକ୍ଷ ହୋଇଥିଲେ ହେଁ, ନିଯୁକ୍ତି ଦେଇଥିବା ସଂସ୍ଥା ଏହା ସ୍ଥାୟୀ ହେବ କହି ଅର୍ଥ ଲୁଟିଛି । ନିଯୁକ୍ତି ପାଇଁ ଆବେଦନକାରୀଙ୍କୁ ବିଭିନ୍ନ ପ୍ରଲୋଭନ ଦେଖାଇ ପ୍ରତ୍ୟେକଙ୍କଠାରୁ ୧୦ରୁ ୧୫ ହଜାର ଟଙ୍କା ନେଇଛି । ସଂସ୍ଥାର ଜଣେ କର୍ମଚାରୀ ଏପରି କରିଥିବା କେତେଜଣ ନିଯୁକ୍ତିଧାରୀ କହିଛନ୍ତି। ସେମାନେ ଜିଲାପାଳଙ୍କୁ ଭେଟି ଏ ସମ୍ପର୍କରେ ଜଣାଇଛନ୍ତି। ସଂସ୍ଥାର ନୟାଗଡ଼ର ଜଣେ କ୍ଲିନିକାଲ ସୁପରଭାଇଜର ଏପରି କରିଥିବା ଏବେ ଚର୍ଚ୍ଚାର ପରିସରକୁ ଆସିଛି । କୋଭିଡ-୧୯କୁ ପ୍ରତିହତ କରିବା ପାଇଁ ଅସ୍ଥାୟୀ ନିଯୁକ୍ତିରେ ଏଭଳି କାରନାମା କରାଯାଇଥିବାରୁ ନିଯୁକ୍ତିଧାରୀଙ୍କ କ୍ଷେତ୍ରରେ ଅସନ୍ତୋଷ ପ୍ରକାଶ ପାଇଛି ।

ଜିଲା ମୁଖ୍ୟ ଚିକିତ୍ସାଳୟ ସମେତ ସମସ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଏଏନ୍‌ଏମ୍ ଏବଂ ଜିଏନ୍‌ଏମ୍ ତାଲିମଧାରୀଙ୍କୁ ସମ୍ପୃକ୍ତ ଆଉଟ ସୋର୍ସିଂସଂସ୍ଥା ନିଯୁକ୍ତି ଦେଇଛି। ଏହା କିଛି ମାସ ପାଇଁ ହୋଇଥିବା ବେଳେ ଚାକିରି କରିବା ପାଇଁ ଆବେଦନ କରିଥିବା ତାଲିମଧାରୀଙ୍କୁ ସଂସ୍ଥାର ସମ୍ପୃକ୍ତ କ୍ଲିନିକାଲ ସୁପରଭାଇଜର ବିଭିନ୍ନ ପ୍ରଲୋଭନ ଦେଖାଇ ଅର୍ଥ ନେଇଛନ୍ତି। ଆଶାୟୀ ଥିବା କର୍ମଚାରୀ ଚାକିରି ଆଶାରେ ମାନସିକ ଭାବେ ପ୍ରଭାବିତ ହୋଇ ଏହାଦେବାକୁ ଏକ ପ୍ରକାର ବାଧ୍ୟ ହୋଇଥିଲେ। ଏହି ଘଟଣାର ତଦନ୍ତ କରାଯାଇ ସମ୍ପୃକ୍ତ କ୍ଲିନିକାଲ ସୁପର ଭାଇଜରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେମାନେ ଦାବି କରିଛନ୍ତି। ଯେଉଁଠି ଚାକିରିରେ କର୍ମଚାରୀଙ୍କ ଭବିଷ୍ୟତ ନାହିଁ ଏବଂ କୋଭିଡ-୧୯ ମୁକାବିଲାରେ ନିୟୋଜିତ ହୋଇ ଜୀବନ ମରଣ ସହ ସଂଗ୍ରାମ କରିବେ, ସେଠାରେ ଏଭଳି କରାଯିବା କେତେଦୂର ସମୀଚନ ତାହାକୁ ନେଇ ବୁଦ୍ଧିଜୀବୀମାନେ ପ୍ରଶ୍ନ ଉଠାଇବା ସହ ସମାଲୋଚନା କରିଛନ୍ତି।

# ଗଞ୍ଜାମ-କନ୍ଧମାଳ ସୀମାରେ ଯାଞ୍ଚ କଡ଼ାକଡ଼ି

**ପାସ୍ ଥିଲେ ଯିବ ଅତ୍ୟାବଶ୍ୟକ ସାମଗ୍ରୀ ଗାଡ଼ି**

ଦାରିଙ୍ଗବାଡ଼ି,୧୧।୫(ଡି.ଏନ.ଏ.)

କରୋନା ଭୂତାଣୁ ସଂକ୍ରମଣ ପ୍ରତିହତ ପାଇଁ ପୂର୍ବରୁ କନ୍ଧମାଳ-ଗଞ୍ଜାମ ସୀମା ସିଲ ହୋଇଛି। ଏବେ ଗଞ୍ଜାମ ଜିଲାରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିବା ପରେ କନ୍ଧମାଳ ପ୍ରଶାସନ ପକ୍ଷରୁ ସୀମାରେ ଯାଞ୍ଚକୁ ଆହୁରି କଡ଼ାକଡ଼ି କରାଯାଇଛି। ଜରୁରୀ ସେବା ଓ ଅତ୍ୟାବଶ୍ୟକ ସାମଗ୍ରୀ ପରିବହନ ପାଇଁ ପ୍ରଶାସନ ଯେଉଁମାନଙ୍କୁ ପାସ୍ ଦେଇଛି, କେବଳ ସେମାନେ ହିଁ ଯାତାୟତ କରିପାରିବେ ବୋଲି ସୂଚନା ମିଳିଛି।

ଦାରିଙ୍ଗବାଡ଼ି ବ୍ଲକ ଅଞ୍ଚଳର ବ୍ୟବସାୟୀମାନେ ମୁଖ୍ୟତଃ ବ୍ରହ୍ମପୁର ମାର୍କେଟରୁ ଅତ୍ୟାବଶ୍ୟକ ସାମଗ୍ରୀ ଓ ସୋରଡ଼ାରୁ ମାଛ, ଚିଙ୍ଗୁଡ଼ି, କୁକୁଡ଼ା ଆଦି ଆଣି ଏଠାରେ ବ୍ୟବସାୟ କରନ୍ତି। ଲକ୍‌ଡାଉନ ଘୋଷଣା ପରେ ଅନେକ ବ୍ୟବସାୟୀ ସେମାନଙ୍କ ବ୍ୟବସାୟ ପରିବର୍ତ୍ତନ କରିଛନ୍ତି। ତେଣୁ ସୋରଡ଼ା ଅଞ୍ଚଳରୁ ଦୈନିକ ଶହ ଶହ ବାଇକ ଏବଂ ଚାରଚକିଆ ଯାନରେ ଲୋକେ ପନିପରିବା, ମାଛ ଆଦି ଆଣି ଗାଁ ଗାଁରେ ବିକ୍ରି କଲେ । ଅତ୍ୟାବଶ୍ୟକ ସାମଗ୍ରୀ ବୋଲି ସୀମାରେ ସେମାନଙ୍କୁ ବିଶେଷ ଯାଞ୍ଚ କରାଗଲାନି। ଦିନକୁ ଦିନ ଏହି ସଂଖ୍ୟା ବଢ଼ିବା ଫଳରେ କନ୍ଧମାଳ ଜିଲାପାଳ ଡ.ବୃନ୍ଦା ଡି. ସୀମାରେ ବିନା ଅନୁମତିରେ କୌଣସି ଗାଡ଼ି ଯାତାୟତ କରିପାରିବ ନାହିଁ ବୋଲି ନିର୍ଦ୍ଦେଶ ଦେଇଛନ୍ତି। ସ୍ଥାନୀୟ ପ୍ରଶାସନ ଏବେ ବ୍ୟବସାୟୀ ଚିହ୍ନଟ କରି ପାସ୍ ଯୋଗାଇଦେବା ପରେ ଅତ୍ୟାବଶ୍ୟକ ଗାଡ଼ି ଯାତାୟତ କରିବ ବୋଲି ଜଣାପଡ଼ିଛି ।

### ମହାରାଷ୍ଟ୍ରରୁ ଆସିଲା ଓଡ଼ିଆ ଶ୍ରମିକଙ୍କ ମୃତଦେହ

ଖଜୁରିପଡା,୧୧।୫(ଡି.ଏନ.ଏ.)

କନ୍ଧମାଳ ଜିଲା ଖଜୁରିପଡା ଥାନା ଟିଗ୍ରାପଙ୍ଗା ପଞ୍ଚାୟତ ଭୁଲ୍ତାକନାଡ଼ି ଗ୍ରାମର ବିନାୟକ କହଁରଙ୍କର ମହାରାଷ୍ଟ୍ରରେ ମୃତ୍ୟୁ ଘଟିଥିଲା। ସୋମବାର ତାଙ୍କ ମୃତଦେହ ଗାଁକୁ ଆସିବା ସଂସ୍କାର କରାଯାଇଛି। ବିନାୟକ ୨ ଦୁଇବର୍ଷ ହେଲା ମହାରାଷ୍ଟ୍ରର ଏକ ଘରୋଇ କମ୍ପାନୀରେ କାମ କରୁଥିଲେ। ଶୁକ୍ରବାର ସନ୍ଧ୍ୟାରେ ସେ ପରିବାର ଲୋକଙ୍କ ସହ ଟେଲିଫୋନ ଯୋଗେ କଥା ହୋଇଥିଲେ। ଶନିବାର ତାଙ୍କର ମୃତ୍ୟୁ ହୋଇଥିବା କମ୍ପାନୀରୁ ଫୋନ ଆସିଥିଲା। ଏହା ଶୁଣିବା ପରେ ପରିବା ଲୋକେ ସରପଞ୍ଚ ଓ ବ୍ଲକ ଅଧକ୍ଷଙ୍କୁ ଭେଟି ମୃତଦେହକୁ ଆଣିବା ବ୍ୟବସ୍ଥା କରିବାକୁ ଜିଲା ପ୍ରଶାସନକୁ ଲିଖିତ ଅନୁରୋଧ କରିଥିଲେ। ଜିଲା ପ୍ରଶାସନ ଓ ଶ୍ରମ ବିଭାଗ ଉଦ୍ୟମରେ ଆମ୍ବୁଲାନ୍ସରେ ମୃତଦେହ ଆସିଥିଲା। ପରେ ଏସ୍‌ଡିପିଓ ମହେନ୍ଦ୍ର ନାଥ ମୁର୍ମୁ, ଥାନା ଅଧିକାରୀ ରମାକାନ୍ତ ପାତ୍ର, ବ୍ଲକ ଅଧକ୍ଷ ବୀରେନ୍ଦ୍ର କୁମାର କହଁର ପ୍ରମୁଖଙ୍କ ଉପସ୍ଥିତିରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା।

### ରାଇବଣିଆରେ ଉତ୍ପାତ କଲେ ହାତୀପଲ

ଜଳେଶ୍ୱର, ୧୧।୫(ସ୍ୱ.ପ୍ର.)

ଗତ କିଛିଦିନର ବ୍ୟବଧାନ ପରେ ଶିମିଳିପାଳରୁ ଅସିଥିବା ୧୭ଟି ହାତୀ ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ ଅଧୀନ ରାଇବଣିଆ ଅଞ୍ଚଳରେ ବ୍ୟାପକ କ୍ଷତି ଘଟାଇଛନ୍ତି। ଏହି ହାତୀପଲ ରାଇବଣିଆ ଅଞ୍ଚଳ ଛାଡ଼ି ରାସଗୋବିନ୍ଦପୁର ଓ ପଶ୍ଚିମବଙ୍ଗର କେସରେଖା ଫରେଷ୍ଟ ରେଞ୍ଜ ଅଞ୍ଚଳକୁ ପଳାଇଥିଲେ। ରବିବାର ରାତିରେ ପୁଣି ରାଇବଣିଆ ଅଞ୍ଚଳକୁ ଫେରିଆସି ଉତ୍ପାତ ଚଳାଇଛନ୍ତି। ଗତ ରାତିରେ ଜଙ୍ଗଲ ନିକଟରେ ଥିବା ଗାଁ ଗୁଡ଼ିକର କଦଳୀ ବଗିଚା ସମେତ ପନିପରିବା ଫସଲ ନଷ୍ଟ କରିଥିବା ବେଳେ ସୋମବାର ଦିନତମାମ କ୍ଷେତରେ ପଶି ଧାନ ଖାଇବା ସହ ଦଳିଚକଟି ନଷ୍ଟ କରିଦେଇଛନ୍ତି। ହାତୀପଲ ରାସଗୋବିନ୍ଦପୁର ରେଞ୍ଜର ହରିଣାଶୋଳ ଜଙ୍ଗଲରୁ ବାହାରି ରାଇବଣିଆର ଆମ୍ବତୁମ୍ବା, କ୍ଷୀରକୋଳିସାହି, ପ୍ରସାଦିଆ ଓ ଲୁହାପଡ଼ା ଜଙ୍ଗଲର ଆଖପାଖରେ ଥିବା ଧାନ ଫସଲ ନଷ୍ଟ କରି ଆସୁଛନ୍ତି। ବାଲେଶ୍ୱର ଡିଏଫଓ ବିଶ୍ୱରାଜ ପଣ୍ଡାଙ୍କ ନିର୍ଦ୍ଦେଶରେ ଜଳେଶ୍ୱର ରେଞ୍ଜର ସରୋଜ କୁମାର ମହାନ୍ତି, ଫରେଷ୍ଟର ତପନ ସିଂହ, ମନୋହର ସିଂ, ଅଞ୍ଜନ ଦାସ, ସବୁଜ ବାହିନୀର ଅମରେଶ ଦାସ, ସୁବାସ ଦାସ ପ୍ରମୁଖ ପହଞ୍ଚି ହାତୀମାନଙ୍କର ଗତିବିଧି ଉପରେ ନଜର ରଖିଛନ୍ତି। ହାତୀପଲ ଜଳେଶ୍ୱର-ରାସଗୋବିନ୍ଦପୁର, କେସରେଖା ରେଞ୍ଜରେ ରହି ଦୀର୍ଘ ୮ମାସ ଧରି କ୍ଷତି କରୁଥିବାରୁ ୨ରାଜ୍ୟର ୩ଜିଲା କର୍ତ୍ତୃପକ୍ଷ ହାତୀ ଘଉଡ଼ାଇବାକୁ ଦାବି କରିଛନ୍ତି।

# କରୋନା ମୁକାବିଲା ପାଇଁ କଡ଼ା ପଦକ୍ଷେପ ନେବାକୁ ଦାବି

**ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଫୋରମ୍ ଫର ଗଞ୍ଜାମର ଦାବିପତ୍ର**

ବ୍ରହ୍ମପୁର ଅଫିସ,୧୧।୫


ଫୋରମ୍ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଉଛି ।

ଗଞ୍ଜାମ ଜିଲାରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଉଛି । ଏହାକୁ ସମାଧାନ ଦିଗରେ କଡା ପଦକ୍ଷେପ ନେବାକୁ ଫୋରମ ଫର ଗଞ୍ଜାମ ଦାବି କରିଛି। ଡାକ୍ତରଙ୍କ ଭଳି ନର୍ସ, ଅଙ୍ଗନୱାଡି ଓ ଆଶାକର୍ମୀଙ୍କୁ ପିପିଇ ପ୍ରଦାନ ସହ କାରାଣ୍ଟାଇନ୍‌ରେ ରଖିବା ବ୍ୟବସ୍ଥା କରିବା, ସାମାଜିକ ଦୂରତା ନିୟମ କଡାକଡି, ଲକ୍‌ଡାଉନ୍ ନିୟମ ଅଧିକ କଡାକଡି କରିବା ସହ ଆବଶ୍ୟକସ୍ଥଳେ ଶଟ୍‌ଡାଉନ୍ ଘୋଷଣା କରିବା, କ୍ୱାରାଣ୍ଟାଇନ୍ ସେଣ୍ଟର ଓ ଟ୍ରେନ୍‌ରେ ପ୍ରବାସୀଙ୍କୁ ଅଣାଯିବା ବେଳେ ସୁରକ୍ଷା ବ୍ୟବସ୍ଥାକୁ ଅଧିକ ଗୁରୁତ୍ୱ ଦେବା ନେଇ ଫୋରମ୍ ପକ୍ଷରୁ ଦାବି କରାଯାଇଛି। ଏନେଇ ସୋମବାର ଉପଖଣ୍ଡସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ ପ୍ରଶମନ ଅଧିକାରୀ ଡ. ଶ୍ୱେତ କୁମାର ଦାଶଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି। ଏହାବ୍ୟତୀତ କିଛିଦିନ ଧରି ନିୟମିତ ଭାବେ ଫୋରମ ପକ୍ଷରୁ ପ୍ରଧାନମନ୍ତ୍ରୀ, କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଜିଲାର ସଂକଟଜନକ ପରିସ୍ଥିତିକୁ ଦୃଷ୍ଟିରେ ରଖି ଉଚ୍ଚସ୍ତରୀୟ ବିଶେଷଜ୍ଞ ଦଳ, ପିପିଇ, ଟେଷ୍ଟ କିଟ୍ ପଠାଇବାକୁ ନିବେଦନ ପତ୍ର ପଠାଯାଇଛି। ଏ ଦିଗରେ ତୁରନ୍ତ ପଦକ୍ଷେପ ନେବାକୁ ଫୋରମ୍ କର୍ମକର୍ତ୍ତାମାନେ ନିବେଦନ କରିଛନ୍ତି । ଦାବିପତ୍ର ପ୍ରଦାନ ବେଳେ ସଂଗଠନ ସଂଯୋଜକ ସୁଧୀର କୁମାର ରାଉତଙ୍କ ସମେତ ଇ.ତେଜେଶ୍ୱର ରାଓ, ଜେ. ସୁରେଶ ଓ ମାନସ ରଞ୍ଜନ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

**ସଂକ୍ଷେପରେ**

## ବଲାଙ୍ଗୀର ଜିଲା: ୧୫୪୧ ସ୍ୱାବ୍ ରିପୋର୍ଟ ନେଗେଟିଭ୍

**ବଲାଙ୍ଗୀର ଅଫିସ, ୧୧।୫:**ବଲାଙ୍ଗୀର ଜିଲା ଗୁଡଭେଲା ବ୍ଲକ ଅନ୍ତର୍ଗତ ଲିଖିରିଆ ଗାଁର ଦୁଇଜଣ ତାମିଲନାଡୁ ଫେରନ୍ତା ଯୁବ ଶ୍ରମିକଙ୍କ ସ୍ୱାବ୍ ପରୀକ୍ଷା ପଜିଟିଭ ଚିହ୍ନଟ ପରଠାରୁ ଗତ ମେ ୧ ତାରିଖଠୁ ଏହି ଜିଲା ଗ୍ରୀନ୍ ଜୋନ୍‌ରୁ ଅରେଞ୍ଜ ଜୋନ୍‌କୁ ଚାଲିଯାଇଛି । ମେ' ୧ ତାରିଖ ଠାରୁ ଲିଖିରିଆ, ଗୁଡଭେଲା ବ୍ଲକ୍, ଦେଓଗାଁ ବ୍ଲକ୍ ଓ ତୁଷୁରା ଏନ୍ଏସିର କେତେକ ଗାଁକୁ କଣ୍ଟେନ୍‌ମେଣ୍ଟ ଜୋନ୍ ଘୋଷଣା କରି ରଖାଯାଇଛି । ଏ ପର୍ଯ୍ୟନ୍ତ ଜିଲାରୁ ମୋଟ ୨୧୦୦ ସ୍ୱାବ୍ ସଂଗ୍ରହ କରାଯାଇ ପରୀକ୍ଷା ପାଇଁ ପଠାଯାଇଛି। ସେଥିରେ ମାତ୍ର ଦୁଇଜଣଙ୍କ ସ୍ୱାବ୍ ପଜିଟିଭ୍ ଚିହ୍ନଟ ହୋଇଛି ଓ ୧୫୪୧ ରିପୋର୍ଟ ନେଗେଟିଭ୍ ବୋଲି ଜଣାପଡିଛି। ବଳକା ରିପୋର୍ଟ ହସ୍ତଗତ ହୋଇନାହିଁ। ଲିଖିରିଆରେ ଦୁଇଜଣ କରୋନା ସଂକ୍ରମିତ ବୋଲି ଜଣାପଡିବା ପରେ କଣ୍ଟାକ୍ଟ ଟ୍ରେସିଂ ଓ ସେହି ଅଞ୍ଚଳର ଲୋକଙ୍କ ଶାରୀରିକ ଲକ୍ଷଣ ଅନୁଧ୍ୟାନ କରି ସେଠାରୁ ଏପର୍ଯ୍ୟନ୍ତ ୭୦୦ ଜଣଙ୍କ ସ୍ୱାବ୍ ସଂଗ୍ରହ କରାଯାଇ ପରୀକ୍ଷା ପାଇଁ ପଠାଯାଇଥିଲା। ସେଥିରୁ ୪୦୦ଟି ସ୍ୱାବ୍ ପରୀକ୍ଷା ନେଗେଟିଭ୍ ବୋଲି ଜଣାପଡିଛି। ବଳକା ରିପୋର୍ଟ ଆସିନାହିଁ । ଏହି ଅଞ୍ଚଳକୁ କଣ୍ଟେନ୍‌ମେଣ୍ଟ ଜୋନ୍ କରାଯାଇ ରଖାଯାଇଛି ଓ ଆଶା, ଅଙ୍ଗନୱାଡି ଓ ଏଏନ୍ଏମ୍ ଜରିଆରେ ସେହି କଣ୍ଟେନ୍‌ମେଣ୍ଟ ଜୋନ୍‌ର ବିଭିନ୍ନ ଗାଁର ଲୋକଙ୍କ ଲକ୍ଷଣ ଅନୁସନ୍ଧାନ କାର୍ଯ୍ୟ ଜାରି ରହିଛି । ଯଦି ସେଭଳି କିଛି ଲକ୍ଷଣ ମିଳୁଛି ତେବେ ସେମାନଙ୍କ ସ୍ୱାବ୍ ସଂଗ୍ରହ କରି ପରୀକ୍ଷା ପାଇଁ ପଠାଯାଉଛି। ଏହି ଅଞ୍ଚଳରେ ଦୁଇ ସଂକ୍ରମିତ ଚିହ୍ନଟ ହୋଇଥିବାରୁ କଣ୍ଟାକ୍ଟ ଟ୍ରେସିଂକୁ ଜୋରଦାର କରାଯାଇଛି । କାଳେ କେହି ସଂକ୍ରମିତଙ୍କ ଠାରୁ ସଂକ୍ରମିତ ହୋଇଥାଇପାରନ୍ତି ଏହାକୁ ସୁନିଶ୍ଚିତ କରିବା ପାଇଁ ବ୍ୟାପକ ଅଭିଯାନ ଜାରି ରହିଛି ବୋଲି ଜିଲାପାଳ ଅରିନ୍ଦମ ଡାକୁଆ ସୂଚନା ଦେଇଛନ୍ତି ।

## ସୁସ୍ଥ ହେଲେ ଝାରସୁଗୁଡ଼ାର ୨ କରୋନା ଆକ୍ରାନ୍ତ

**ଝାରସୁଗୁଡା ଅଫିସ,୧୧।୫:** ଝାରସୁଗୁଡା ଜିଲା ୨ କରୋନା ଆକ୍ରାନ୍ତ ବ୍ୟକ୍ତି ସୁସ୍ଥ ହୋଇଛନ୍ତି। ସୋମବାର ଏ ନେଇ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଟ୍ୱିଟ୍ କରି ଜଣାଇଛି। ପଶ୍ଚିମବଙ୍ଗରୁ ବ୍ରଜରାଜନଗର ଆସିଥିବା ଜଣେ ଯୁବତୀଙ୍କଠାରେ କରୋନା ଭୂତାଣୁ ଥିବା ଗତ ୨୯ ଏପ୍ରିଲରେ ଜଣାପଡିଥିଲା। ସେହିଭଳି ମେ ୨ରେ ଲଖନପୁର ବ୍ଲକ୍ କୋଡାଲୋଇର ଜଣେ ମହିଳାଙ୍କଠାରେ ମଧ ଏହି ଭୂତାଣୁ ଚିହ୍ନଟ ହୋଇଥିଲା। ଏବେ ଦୁଇ ଜଣ ସୁସ୍ଥ ହୋଇଛନ୍ତି। ତେବେ ଏମାନଙ୍କ ସଂସ୍ପର୍ଶରେ ଆସିଥିବା ସମସ୍ତ ବ୍ୟକ୍ତିଙ୍କଠାରେ ଭୂତାଣୁ ନ ଥିବା ପରୀକ୍ଷା ପରେ ଜଣାପଡିଥିବା ଜିଲା ସ୍ୱାସ୍ଥ୍ୟ ବିଭାଗ ସୂଚନା ଦେଇଛି। ସ୍ୱାସ୍ଥ୍ୟ ବିଭାଗ କରିଥିବା ଟ୍ୱିଟ୍ ଅନୁସାରେ ସୁନ୍ଦରଗଡ଼ କୋଭିଡ୍ ହସ୍ପିଟାଲରୁ ସୋମବାର ୭ଜଣଙ୍କୁ ଡିସ୍‌ଚାର୍ଜ କରାଯାଇଛି। ଏମାନଙ୍କ ମଧରେ ଝାରସୁଗୁଡ଼ାର ୨ଜଣ ସୁସ୍ଥ ହୋଇଛନ୍ତି। ସେହିପରି ସୁନ୍ଦରଗଡ଼ର ୪ଜଣ ଓ ଦେବଗଡ଼ର ଜଣେ ସୁସ୍ଥ ହୋଇଛନ୍ତି।



ସୋମବାର ସମ୍ବଲପୁର ଜିଲା ମାନେଶ୍ୱର ମଣ୍ଡିରେ ବିକ୍ରି ପାଇଁ ଟ୍ରାକ୍ଟରରେ ବୋଝେଇ ହୋଇ ଧାନ ଆସିଛି ।

# ଆରମ୍ଭ ହେଲା ଧାନ ସଂଗ୍ରହ

**ସମ୍ବଲପୁର ଜିଲା**

- ଆଇସ୍କାନ୍‌କୁ ବିରୋଧ ସତ୍ତ୍ୱେ ଧାନ ବିକିଲେ ଚାଷୀ
- ୧୦୪ ଚାଷୀଙ୍କ ୨୦ ହଜାର ପ୍ୟାକେଟ ସଂଗ୍ରହ

**ସମ୍ବଲପୁର,୧୧।୫(ବ୍ୟୁରୋ)**

ସମ୍ବଲପୁର ଜିଲାରେ ରବି ଧାନ ସଂଗ୍ରହ ଆରମ୍ଭ ହୋଇଛି । ପ୍ରଥମ ଦିନରେ ମୋଟ ୧୦୪ ଜଣ ଚାଷୀଙ୍କ ୨୦ ହଜାର ୧୨୭ ପ୍ୟାକେଟ ଧାନ ସଂଗ୍ରହ ହୋଇଛି। ନିର୍ଦ୍ଧାରିତ ସମୟରେ ସୋମବାର ସକାଳୁ ଧାନ ସଂଗ୍ରହ କେନ୍ଦ୍ର ଗୁଡିକ ଖୋଲା ଯାଇଥିଲା । ସଦର ଡିଭିଜନ ରେଙ୍ଗାଲି ବ୍ଲକକୁ ବାଦ୍ ଦେଇ ମାନେଶ୍ୱର, ଧନକଉଡା ଓ ଯୁଯୁମୁରା ବ୍ଲକରେ ୫୩ଟି କ୍ରୟକେନ୍ଦ୍ର ଖୋଲା ଯାଇଥିଲା। ୨୩ଟି ପ୍ୟାକ୍ସ ପକ୍ଷରୁ ଧାନ କିଣାଯାଇଥିଲା । ୫୩ ମିଲର୍ସକୁ ଟ୍ୟାଗ କରାଯାଇଛି । ଆଇସ୍କାନକୁ ଚାଷୀମାନେ ବିରୋଧ କରୁଥିଲେ ମଧ ବାଧହୋଇ ଧାନ ବିକ୍ରି କରିଛନ୍ତି। ମଣ୍ଡିରେ ଉପସ୍ଥିତ ସମବାୟ ସମିତି କର୍ମଚାରୀ, ଆରଏମସି କର୍ମଚାରୀ, ଚାଷୀ ସମସ୍ତେ ମାସ୍କ ପିନ୍ଧିଥିଲେ । ସେହିପରି ସାମାଜିକ ଦୂରତା, ସାନିଟାଇଜ, ସାବୁନ



ସମ୍ବଲପୁର ମାନେଶ୍ୱର ମଣ୍ଡିରେ ଧାନ କିଣାଯାଉଛି ।

ବ୍ୟବସ୍ଥା କରାଯାଇଥିଲା । ସଂଗ୍ରହ କେନ୍ଦ୍ର ଗୁଡିକୁ ସ୍ଥାନୀୟ ତହସିଲଦାର, ବିଡିଓ ଓ ଅନ୍ୟ ଅଧିକାରୀମାନେ ପରିଦର୍ଶନ କରି କରୋନା କଟକଣା ପାଳନ କରାଯାଉଥିବା ନେଇ ଯାଞ୍ଚ କରିଥିଲେ । ହେଲେ ରାଜ୍ୟ ସରକାରଙ୍କ ଧାନ ସଂଗ୍ରହ ପ୍ରକ୍ରିୟାରେ ଆଇସ୍କାନ କରିବାକୁ ଚାଷୀଙ୍କ ମନରେ ଭୟ ରହୁଛି। ଚାଷୀମାନେ ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ, ବିଭାଗୀୟ ସଚିବଙ୍କୁ ଧାନ ସଂଗ୍ରହ ବେଳେ ଆଇସ୍କାନକୁ ବାଦ୍ ଦେବାକୁ ଅନୁରୋଧ କଲେ ମଧ କୌଣସି ସୁଫଳ ମିଳିନାହିଁ। ତେଣୁ ମନରେ ଅସନ୍ତୋଷ ଓ କ୍ଷୋଭ ପ୍ରକାଶ କରି ଚାଷୀମାନେ ବାଧ ହୋଇ ଧାନ ବିକ୍ରି କରୁଛନ୍ତି ବୋଲି ଜିଲା କୃଷକ ସଙ୍ଗଠନ ଉପସଭାପତି ହରିଶଙ୍କର ପୁରୋହିତ କହିଛନ୍ତି। ଏ ସମ୍ପର୍କରେ ଡିଆରସିଏସ ଲିଙ୍ଗରାଜ ନାଏକ କହିଛନ୍ତତି, ପ୍ରଥମ ଦିନରେ ଧାନ ସଂଗ୍ରହ କରାଯାଇଛି। ଆଇସ୍କାନ ମଧ ହୋଇଛି। ଧାନ ସଂଗ୍ରହ ସମୟରେ ଯେପରି ଚାଷୀଙ୍କ ସମସ୍ୟା ନ ହେବ ସେ ନେଇ ଗୁରୁତ୍ୱ ଦିଆଯିବ ବୋଲି ସେ କହିଥିଲେ ।

ସୂଚନାଯୋଗ୍ୟ, ସମ୍ବଲପୁର ଜିଲାରେ ମୋଟ ୧୩ହଜାର ୯୦୫ ଜଣ ଚାଷୀ ଧାନ ବିକ୍ରି କରିବା ପାଇଁ ପଞ୍ଜୀକରଣ କରିଛନ୍ତି । ଧାନ ବିକିବା ପାଇଁ ବର୍ତ୍ତମାନ ୧୦ ଏକରରୁ ଊର୍ଦ୍ଧ୍ୱ ଜମି ଥିବା ଚାଷୀମାନଙ୍କ ଟୋକନ ଆସିନାହିଁ । ଯାଞ୍ଚ ପାଇଁ ତହସିଲ ଅଫିସକୁ ପଠାଯାଇଛି। ଯାଞ୍ଚ ହେବା ପରେ ଟୋକନ ଦିଆଯିବ ବୋଲି ଜଣାପଡିଛି।

# ୮୨,୩୬୪ ହେକ୍ଟର ଜମିରେ ଖରିଫ ଚାଷ ଲକ୍ଷ୍ୟ

**ଝାରସୁଗୁଡା ଜିଲା**

**ଝାରସୁଗୁଡା ଅଫିସ,୧୧।୫**

ଝାରସୁଗୁଡା ଜିଲାରେ ମେ ମାସ ପ୍ରଥମ ସପ୍ତାହରୁ ରବି ଫସଲର ଅମଳ କାର୍ଯ୍ୟ ଚାଲିଛି। ଜିଲାର ୨୪ ହଜାର ୬୮୭ ହେକ୍ଟର ଜମିରେ ରବି ଚାଷ କରାଯାଇଥିଲା। ବର୍ତ୍ତମାନ ଖରିଫ ଚାଷ ପାଇଁ ଜିଲାର ଚାଷୀମାନେ ପ୍ରସ୍ତୁତ ହେଲେଣି। ଏଥିପାଇଁ ଜିଲା କୃଷି ବିଭାଗ ମଧ ପ୍ରସ୍ତୁତି ଆରମ୍ଭ କରିଛି।

ସୂଚନା ମୁତାବକ, ଖରିଫ ଋତୁରେ ଜିଲାର ୮୨ ହଜାର ୩୬୪ ହେକ୍ଟର ଜମିରେ ଚାଷ କାର୍ଯ୍ୟ କରାଯିବ। ସେଥିରୁ ୫୦ ହଜାର ୪୪୦ ହେକ୍ଟର ଜମିରେ ଧାନ ଚାଷ ହେବାକୁ ଥିବା ବେଳେ ଅବଶିଷ୍ଟ ଜମିରେ ଅଣ ଧାନ ଚାଷ ଯଥା ବାଦାମ, ହରଡ, ରାଶି, ମୁଗ, ବିରି ଆଦି ଚାଷ କରାଯିବ। ତେବେ ଜିଲାରେ ଚାଷ ହେବାକୁ ଥିବା ମୋଟ୍ ଜମିରୁ ୨୩ ହଜାର ୮୯୭ ହେକ୍ଟର ଜମିରେ ଜଳସେଚନ ବ୍ୟବସ୍ଥା ରହିଛି। ଝାରସୁଗୁଡା ଜିଲା ପାଇଁ ୫ ହଜାର ୬୦ କୁଇଣ୍ଟାଲ ଧାନ ବିହନ ଆବଶ୍ୟକ ଥିବା ବେଳେ ବର୍ତ୍ତମାନ ସୁଦ୍ଧା ୧୯୬୫.୭୦ କୁଇଣ୍ଟାଲ ଧାନ ବିହନ ପହଞ୍ଚିଛି। ସେଥିରୁ ୬୪୯ କୁଇଣ୍ଟାଲ ବିହନ ବିଭିନ୍ନ ସମବାୟ ସମିତିକୁ ବଣ୍ଟା ସରିଛି। ସରକାରଙ୍କ ପକ୍ଷରୁ ଯୋଗାଣ ହୋଇଥିବା ଧାନ ବିହନରେ ବୀଣା-୧୧, ଏମଟିୟୁ-୧୧୫୬, ଏମଟିୟୁ-୧୧୫୩, ଶହଭାଗୀ ଏମ୍‌ଟିୟୁ-୭୦୨୯, ସ୍ୱର୍ଣ୍ଣ ସବ-୧ ଓ ପ୍ରତୀକ୍ଷା ପ୍ରଜାତିର ବିହନ ଉପଲବ୍ଧ ରହିଛି। ୨୦୧୧ ଜନଗଣନା ଅନୁସାରେ ଜିଲାରେ ୫୪ ହଜାର ଚାଷୀ ଥିବା ଜିଲା ମୁଖ୍ୟ କୃଷି ଅଧିକାରୀ ଲକ୍ଷ୍ମୀ ନାରାୟଣ ଶତପଥୀ ସୂଚନା ଦେଇଛନ୍ତି ।

# ୩ ଦିନ ପାଇଁ ଜଗତି ଗାଁ ଶଟ୍‌ଡାଉନ

**ବୌଦ୍ଧ,୧୧।୫(ସ୍ୱ.ପ୍ର.)**

ଗ୍ରୀନ୍ ଜୋନ୍‌ରେ ଥିବା ବୌଦ୍ଧ ଜିଲାରେ ରବିବାର ପ୍ରଥମ ଥର ପାଇଁ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ବୌଦ୍ଧ ବ୍ଲକ ଜଗତି ଗ୍ରାମର କ୍ୱାରାଣ୍ଟାଇନ ସେଣ୍ଟରରୁ ୩ଜଣ ସୁରଟ ଫେରନ୍ତା ଶ୍ରମିକଙ୍କଠାରେ କରୋନା ପଜିଟିଭ ବାହାରିବା ପରେ ଜିଲା ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ୩ ଦିନ ପାଇଁ ଏହି ଗ୍ରାମକୁ ସଟ୍ ଡାଉନ ଘୋଷଣା କରାଯାଇଛି।

ସୋମବାର ସକାଳୁ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ଲକ୍ଷ୍ମୀଧର ସାହୁଙ୍କ ନେତୃତ୍ୱରେ ଏକ ଟିମ୍ ଯାଇ ଜଗତି ଗ୍ରାମରେ ସ୍ଥିତି ଅନଧ୍ୟାନ କରଛନ୍ତି। ଲୋକଙ୍କୁ ମାସ୍କ ବ୍ୟବହାର କରିବା ଓ ସାମାଜିକ ଦୂରତା ରକ୍ଷା କରିବା ପାଇଁ ପରାମର୍ଶ ଦେଇଛନ୍ତି। ଜଣେ ସଂକ୍ରମିତ କ୍ୱାରାଣ୍ଟାଇନ ସେଣ୍ଟରରେ ରହିଥିଲେ ମଧ୍ୟ ତାଙ୍କ ପରିବାର ଲୋକଙ୍କ ସହିତ ସଂପର୍କ ରଖିଥିବା ନେଇ ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି ହୋଇଛି। ସଂକ୍ରମିତ ଶ୍ରମିକଙ୍କ ପରିବାରକୁ ସଙ୍ଗରୋଧରେ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି । ଏହାଛଡା ସଂପୃକ୍ତ ଶ୍ରମିକ ଘରକୁ ପଠାଇଥିବା ସାମଗ୍ରୀ ଉଦ୍ଧାର କରାଯାଇଛି। ସଙ୍ଗରୋଧ ସମୟ ମଧ୍ୟରେ ଗ୍ରାମର କୌଣସି ବ୍ୟକ୍ତିବିଶେଷ ଉକ୍ତ ପରିବାର ସହ ସଂପର୍କ ନ ରଖିବାକୁ ନିର୍ଦ୍ଦେଶ ଜାରି କରାଯାଇଛି। ମଧ୍ୟାହ୍ନରେ ଜିଲାପାଳ ଲଲାଟେନ୍ଦୁ ମିଶ୍ର ଓ ବିଡିଓ ଦେବୀ ପ୍ରସାଦ ଦାଶ ଜଗତି ଗ୍ରାମକୁ ଗସ୍ତ କରି ପରିସ୍ଥିତି ପରଖିଛନ୍ତି। ତେବେ ସଟ୍‌ଡାଉନର ଅବଧି ବୃଦ୍ଧି ସଂପର୍କରେ ସ୍ଥାନୀୟ ସରପଞ୍ଚ ନିଷ୍ପତ୍ତି ନେବେ ବୋଲି ଜଣାପଡିଛି। ଗ୍ରାମର ପ୍ରବେଶ ଦ୍ୱାରକୁ ସିଲ୍ କରାଯାଇଥିବା ସରପଞ୍ଚ ରାଜେନ୍ଦ୍ର ମେହେର ସୂଚନା ଦେଇଛନ୍ତି। ସଟ୍‌ଡାଉନ ସମୟରେ କେବଳ ମେଡିକାଲ କାମ ବ୍ୟତୀତ କୌଣସି ବ୍ୟକ୍ତି ଗ୍ରାମରୁ କୁଆଡେ ଯାଇ ପାରିବେ ନାହିଁ କି କୌଣସି ବ୍ୟକ୍ତି ଗ୍ରାମକୁ ଆସି ପାରିବେ ନାହିଁ। ଆବଶ୍ୟକ ହେଲେ ପୋଲିସର ସାହାଯ୍ୟ ନିଆଯିବ ବୋଲି ବିଡିଓ ଦାଶ ସ୍ପଷ୍ଟ କରିଛନ୍ତି। ସେହିପରି ନାରାୟଣନଗର ଦୈନିକ ବଜାରକୁ ମଧ୍ୟ ଅନିର୍ଦ୍ଦିଷ୍ଟ କାଳ ପାଇଁ ବନ୍ଦ କରି ଦିଆଯାଇଛି।

### ବୌଦ୍ଧରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୪ ଛୁଇଁଲା

ସାରା ରାଜ୍ୟରେ କରୋନା ଧୀରେ ଧୀରେ କାୟା ବିସ୍ତାର କରି ଚାଲିଛି। ରବିବାର ବୌଦ୍ଧ ଜିଲାରେ ପ୍ରଥମ କରି କରୋନା ଭୂତାଣୁ ଠାବ ହୋଇଥିଲା। ଜଗତି କ୍ୱାରାଣ୍ଟାଇନ୍ ସେଣ୍ଟରରୁ ୩ ଜଣଙ୍କ ନମୁନା ପଜିଟିଭ୍ ବାହାରି ଥିଲା। ସୋମବାର ବୌଦ୍ଧ ବ୍ଲକର ତେଲିବନ୍ଧ କ୍ୱାରାଣ୍ଟାଇନ ସେଣ୍ଟରରେ ଆଉ ଜଣଙ୍କର କରୋନା ପଜିଟିଭ୍ ବାହାରିବା ପରେ ଜିଲାରେ ଏବେ କରୋନା ପଜିଟିଭ୍‌ଙ୍କ ସଂଖ୍ୟା ୪ରେ ପହଞ୍ଚିଛି। ସୋମବାର ୪୦ ଜଣଙ୍କ ନମୁନା ରିପୋର୍ଟ ପହଞ୍ଚି ଥିଲା। ସେମାନଙ୍କ ମଧ୍ୟରୁ ଜଣଙ୍କର ପଜିଟିଭ ଥିବା ଜିଲାପାଳ ଲଲାଟେନ୍ଦୁ ମିଶ୍ର ପ୍ରକାଶ କରିଛନ୍ତି। ତାଙ୍କ ଘର ବୌଦ୍ଧ ବ୍ଲକ ବଘିଆପଡା ପଞ୍ଚାୟତରେ। ସେ ସୁରଟରୁ ଫେରି ଗତ ୩ ତାରିଖଠାରୁ ସରକାରୀ କ୍ୱାରାଣ୍ଟାଇନ୍ ସେଣ୍ଟରରେ ରହିଥିଲେ।

# ବାପ, ପୁଅ ଖୋଳିଲେ ୨୦ ଫୁଟ୍‌ର କୂଅ

**ଘଣ୍ଟାପଡା,୧୧।୫ (ଡି.ଏନ.ଏ.)**



ଖୋଳାଯାଇଥିବା କୂଅ ।

- ଲକ୍‌ଡାଉନ ବେଳେ ପାନୀୟ ଜଳ ସମସ୍ୟା ତୁଟିଲା
- ଅନ୍ୟମାନଙ୍କ ପାଇଁ ଉଦାହରଣ ସୃଷ୍ଟି ହେଲା

କରୋନା କଟକଣା ତଥା ଲକ୍‌ଡାଉନ ଯୋଗୁ ସବୁବର୍ଗର ଲୋକ ଘରେ ରହୁଛନ୍ତି । 'ଘରେ ରୁହ, ସୁସ୍ଥ ରୁହ'ର ବାର୍ତ୍ତାକୁ ସମସ୍ତେ ପାଳନ କରୁଛନ୍ତି । ତେବେ କେତେଜଣ ବ୍ୟକ୍ତି ଲକ୍‌ଡାଉନର ସଦୁପଯୋଗ କରି ସମାଜ ପାଇଁ ଉଦାହରଣ ସୃଷ୍ଟି କରିଛନ୍ତି । ସେମିତି ଏକ ଘଟଣା ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଖୁଣ୍ଟିଗୋରା ପଞ୍ଚାୟତ ଗୋଛାଗୋରା ଗ୍ରାମରେ ଦେଖିବାକୁ ମିଳିଛି । ସେହି ଗାଁର କ୍ଷେତ୍ର ନାଏକଙ୍କ ପରିବାର ବହୁ ଦିନରୁ ଜଳକଷ୍ଟ ଭୋଗୁଥିଲେ । ଘରେ କୂଅଟିଏ ନ ଥିବାରୁ ସେମାନେ ଦୂର କୂଅ ପୋଖରୀ ଉପରେ ନିର୍ଭର କରୁଥିଲେ। ଆର୍ଥିକ ସଙ୍କଟ ତଥା ସମୟ ଅଭାବରୁ କୂଅ ଖୋଳିବା ପାଇଁ ସେମାନେ ଚିନ୍ତା ବି କରି ପାରି ନ ଥିଲେ । ହେଲେ କରୋନା କଟକଣା ଯୋଗୁ ସାରା ପରିବାର ଘରେ ବସିଥିଲେ । କଥା ଉଠିଲା ପାନୀୟ ଜଳ ସମସ୍ୟା । ପରିବାର ଲୋକଙ୍କ ସମ୍ମତିରେ କୂଅ ଖୋଳିବା ପାଇଁ ରାଜି ହେଲେ କ୍ଷେତ୍ର ଓ ପୁଅ ଅନୀଲ । ଘରର ବାରିପଟେ ସେମାନେ ଆରମ୍ଭ କଲେ କୂଅ ଖୋଳିବା। ଶେଷରେ ସେମାନେ ୨୦ ଫୁଟ ଗଭୀର କୂଅ ଖୋଳି ଅନ୍ୟମାନଙ୍କ ପାଇଁ ପ୍ରେରଣା ସାଜିଛନ୍ତି। ଏ ସଂକ୍ରାନ୍ତରେ କ୍ଷେତ୍ର କୁହନ୍ତି, ଲକ୍ ଡାଉନ ସମୟରେ ଅଯଥାରେ ଘରେ ବସିଥିଲୁ । ଘରେ ପାଣି ସଙ୍କଟ ନେଇ ଆଲୋଚନା ହେଲା ପରେ ଆମେ କୂଅ ଖୋଳିବା ପାଇଁ ନିଷ୍ପତ୍ତି ନେଇଥିଲୁ। କୂଅରେ ପାଣି ପଡିବା ପରେ ଆମେ ଖୁବ୍ ଖୁସି ଅନୁଭବ କରିଥିଲୁ । ଏହାଦ୍ୱାରା ଆମ ପରିବାରର ଜଳକଷ୍ଟ ଦୂର ହୋଇଛି। ଏଥିସହିତ ଅନ୍ୟମାନେ ବି ସେହି ପାଣି ବ୍ୟବହାର କରିପାରିବେ। ଆମେ ବାଡି ବଗିଚାରେ ପନିପରିବା ଚାଷ କରିପାରିବୁ ବୋଲି କ୍ଷେତ୍ର କହିଛନ୍ତି ।

ସୂଚନାଯୋଗ୍ୟ, ଗତ କିଛିଦିନ ତଳେ ହରଭଙ୍ଗା ବ୍ଲକ ଅଞ୍ଚଳର ଅର୍ଜୁନ କଅଁରଙ୍କ ପରିବାର ମଧ ଲକ୍‌ଡାଉନର ସଦୁପଯୋଗ କରି ୨୦ ଫୁଟ ଗଭୀର କୂଅ ଖୋଳି ସମାଜ ପାଇଁ ଉଦାହରଣ ସୃଷ୍ଟି କରିଥିଲେ।

## ଉଦ୍ୟାନ କୃଷିକ୍ଷେତ୍ର ଗତିଶୀଳ ପାଇଁ ଗୁରୁତ୍ୱ

**ଦେବଗଡ,୧୧।୫(ଡି.ଏନ.ଏ.)**

ଦେବଗଡ ଜିଲାରେ ଉଦ୍ୟାନ କୃଷିରେ ଗତିଶୀଳତା ଆଣିବାପାଇଁ ପ୍ରୟାସ ଆରମ୍ଭ ହୋଇଛି। ଜିଲାପାଳ ସୁଧାଂଶୁ ମୋହନ ସାମଲ ଉଦ୍ୟାନ ବିଭାଗ କ୍ଷେତ୍ର କର୍ମଚାରୀମାନଙ୍କର ଏକ ବୈଠକରେ ଯୋଗଦେଇ ୨୦୨୦-୨୧ ଆର୍ଥିକ ବର୍ଷରେ ବିଭାଗ ପକ୍ଷରୁ କାର୍ଯ୍ୟକାରୀ କରାଯିବାକୁ କାର୍ଯ୍ୟକ୍ରମଗୁଡିକର ସମୀକ୍ଷା କରିଥିଲେ। ଏହି ଅବସରରେ ସେ ଜିଲାରେ ଉଦ୍ୟାନ କୃଷିର ବିକାଶ ଏବଂ ଚାଷୀକୂଳର ହିତ ପାଇଁ ସମସ୍ତେ ନିଷ୍ଠାର ସହିତ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ଚଳିତ ଆର୍ଥିକ ବର୍ଷରେ ଏମ୍‌ଜିଏନ୍‌ଆରଇଜିଏସ୍ ମାଧ୍ୟମରେ ଜିଲାର ଅଧିକ ଅଞ୍ଚଳରେ କମଳା, ପିଜୁଳି, ଡାଳିମ୍ବ, ବରକୋଳି ଓ ଲିଚୁ ଆଦି ଚାରାରୋପଣ କାର୍ଯ୍ୟକ୍ରମ ହାତକୁ ନେଇ ତୁରନ୍ତ ଆରମ୍ଭ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ରିଆମାଳ ବ୍ଲକରେ ପୋଟଳ ଏବଂ ପିଆଜ, ତିଲେଇବଣି ବ୍ଲକର ସଡୋ ଅଞ୍ଚଳରେ ବିଲାତି ବାଇଗଣ ଚାଷ ଏବଂ ବାରକୋଟ ବ୍ଲକ ଅଞ୍ଚଳରେ ଲିଚୁ ଓ ତରଭୁଜ ଚାଷର ପ୍ରୋତ୍ସାହନ ଉପରେ ଗୁରୁତ୍ୱାରୋପ କରାଯାଇଥିଲା।

## ଚାଲି ଚାଲି ବିହାର ଫେରୁଛନ୍ତି ୫ ଶ୍ରମିକ

**ଘଣ୍ଟାପଡା,୧୧।୫(ଡି.ଏନ.ଏ.)**

ଦେଶରେ ତାଲା ବନ୍ଦ ଯୋଗୁ ରାୟଗଡାରେ ଫସି ରହିଥିବା ବିହାର ରାଜ୍ୟ ପୂର୍ବ ଚମ୍ପାରନ ଜିଲାର ୫ ଶ୍ରମିକ ଅନ୍ୟ ଉପାୟ ନ ପାଇ ଚାଲି ଚାଲି ବିହାର ଫେରୁଛନ୍ତି। ଏହି ଶ୍ରମିକମାନେ ହେଲେ ସୁବୋଧ କୁମାର, ନକୁଲ କୁମାର, ଅମିତ କୁମାର, ଭୋଲା ରାମ ଏବଂ ମଞ୍ଜିତ କୁମାର ଠାକୁର । ବୌଦ୍ଧ ଜିଲା ସୀମାନ୍ତ ଖୁଣ୍ଟିଗୋରା ଠାରେ ସେମାନଙ୍କ ସହ ସ୍ଥାନୀୟ ସାମାଜିକ କର୍ମୀ ସୁଶାନ୍ତ ବାରିକଙ୍କ ସାକ୍ଷାତ ହୋଇଥିଲା । ସୁଶାନ୍ତ କୁଆଡ଼େ ଯାଉଛନ୍ତି ବୋଲି ପଚାରିବାରକୁ ସେମାନେ ନିଜର ସମସ୍ୟା କହିଥିଲେ।

# ରାସ୍ତାକଡ଼ରେ ଗୋରସ ବିକୁଛନ୍ତି ଗୋମତିନ

**ନୂଆପଡ଼ା**

- ଲକ୍‌ଡାଉନ ବେଳେ ପରିବାର ଲାଗି ସାଜିଛନ୍ତି ସାହାରା
- ୭୦ବର୍ଷ ବୟସରେ ବି ଚାଲିଛି ଜୀବନ ସଂଗ୍ରାମ

**ନୂଆପଡ଼ା ଅଫିସ,୧୧।୫**

ଲକଡାଉନ ସମୟରେ କେହି ପଦାକୁ ନ ଯିବା ପାଇଁ ସରକାର କଟକଣା ଜାରି କରିଛନ୍ତି । ଏଥିପାଇଁ ଗରିବ ଖଟିଖିଆଙ୍କଠାରୁ ଆରମ୍ଭ କରି ଦୋକାନୀ ମାନଙ୍କୁ ପରିବାର ପ୍ରତିପୋଷଣ ସକାଶେ ବିଭିନ୍ନ ପ୍ରକାର ସହାୟତା ଯୋଗାଇ ଦିଆଯାଇଛି। ହେଲେ ଏମିତି ବି ବହୁ ପରିବାର ଅଛନ୍ତି ଯେଉଁମାନେ ଏବେ ବି ଭୋକ ଉପାସରେ ଦିନ କାଟୁଛନ୍ତି। ଏମାନଙ୍କ ମଧ୍ୟରୁ ଜଣେ ବୃଦ୍ଧା ମହିଳା ହେଉଛନ୍ତି ଗୋମତିନ ବାଈ। ବୟସ ୭୦ ଛୁଇଁଥିଲେ ମଧ୍ୟ ସେ ଜୀବନ ଯୁଦ୍ଧରେ ହାରିନାହାନ୍ତି । ରାସ୍ତାକଡରେ ଦୁଗ୍ଧ ବିକ୍ରି କରି ନିଜ ପରିବାର ପାଇଁ କିଛି ରୋଜଗାର କରୁଛନ୍ତି।

ନୂଆପଡା ଜିଲା ସଦର ମହକୁମାଠାରୁ ୧୦ କିମି ଦୂର କୁରୁମପୁରୀ ଗାଁରେ ଗୋମତିନଙ୍କ ଘର। ତାଙ୍କର ଜମିବାଡି ବୋଲି କିଛି ନାହିଁ । ପରିବାର କହିଲେ ଦୁଇ ପୁଅ, ବୋହୂ, ନାତି ନାତୁଣୀଙ୍କୁ ମିଶାଇ କୋଡିଏ ସଦସ୍ୟ । ପ୍ରଶାସନକୁ ବାରମ୍ବାର ଗୁହାରି କଲା ପରେ ମଧ୍ୟ ରାଶନ କାର୍ଡଟିଏ ପାଇପାରିନାହାନ୍ତି। ଅନ୍ୟ ଘରେ ଗୋତି ଖଟିଲେ ପରିବାର ଚଳେ । ଆଜିକୁ ଦେଢ ମାସ ହେବ ଲକ୍‌ଡାଉନ ଯୋଗୁ ସବୁ ରୋଜଗାର ବନ୍ଦ ହୋଇଯାଇଛି। ହେଲେ ବୃଦ୍ଧା ଗୋମତିନ ଏଥିରେ ହାରିନାହାନ୍ତି। ସେ ଗାଁର ଗୋପାଳକଙ୍କ ଘରୁ ଦୁଗ୍ଧ ସଂଗ୍ରହ କରି ଦୀର୍ଘବାଟ ଚାଲି ଚାଲି ନୂଆପଡା ସହରକୁ ଆସିଥାନ୍ତି । ଜାତୀୟ ରାଜପଥ କଡ ଓ ସହରର ମୁଖ୍ୟ ଛକରେ ଠିଆ ହେଇ ଗ୍ରାହକଙ୍କୁ ଅପେକ୍ଷା କରିଥାନ୍ତି। ଦୁଗ୍ଧ ବିକ୍ରି କରିବା ପରେ ଦିନ ଦ୍ୱିପ୍ରହରେ ଘରକୁ ଫେରିଥାନ୍ତି। ଏଥିରୁ ତାଙ୍କୁ ଦିନକୁ ୨ରୁ ୩ଶହ ଟଙ୍କା ଲାଭ ମିଳେ। ଲକଡାଉନ ସମୟରେ ଏହି ରୋଜଗାର ତାଙ୍କ ପରିବାର ପାଇଁ ଦାନା ଯୋଗାଇଥାଏ ବୋଲି ଗୋମତିନ ପ୍ରକାଶ କରିଛନ୍ତି। ହେଲେ ଜୀବନର ସାୟାହ୍ନରେ ମଧ୍ୟ ପ୍ରଶାସନର କାଣିଚାଏ ସହାୟତା ପାଉ ନ ଥିବାରୁ ସେ କ୍ଷୋଭ ପ୍ରକାଶ କରିଛନ୍ତି ।




ଜାତୀୟ ରାଜପଥ ପାର୍ଶ୍ୱରେ ଦୁଗ୍ଧ ବିକ୍ରି କରୁଛନ୍ତି ଗୋମତିନ ବାଈ ।

# ବସ୍ ଭଡ଼ାରେ ସରିଲା ରୋଜଗାର ଟଙ୍କା

**ବରଗଡ଼ ଅଫିସ୍,୧୧।୫**

ଲକ୍‌ଡାଉନ୍ କଟକଣା ଯୋଗୁ ପୁରୀ ଜିଲା କୋଣାର୍କ ନିକଟ ଅଚ୍ୟୁତପୁରର ଏକ ଇଟାଭାଟିରେ ବରଗଡ଼ ଜିଲା ପାଇକମାଳ ବ୍ଲକ ଛେତଗାଁର ୩୫ଜଣ ଶ୍ରମିକ ନିଜ ପିଲାଛୁଆଙ୍କ ସହିତ ଫସି ରହିଥିଲେ। ସ୍ଥାନୀୟ ସାମାଜିକ କର୍ମୀ ଦିବସ କୁମାର ସାହୁଙ୍କ ଉଦ୍ୟମ କ୍ରମେ ସମ୍ପୃକ୍ତ ଶ୍ରମିକମାନେ ନିଜ ରୋଜଗାର ଟଙ୍କାରେ ଏକ ବସ୍ ଭଡ଼ା କରି ସୋମବାର ଗ୍ରାମକୁ ଫେରିଛନ୍ତି ।

ପ୍ରକାଶ ଥାଉକି, ଗତ କିଛିମାସ ତଳେ ଏହି ଶ୍ରମିକମାନେ ଅଚ୍ୟୁତପୁରର ଏକ ଇଟାଭାଟିରେ କାମ କରିବା ପାଇଁ ଯାଇଥିଲେ । ଲକ୍‌ଡାଉନ୍ ଯୋଗୁ କାମଧନ୍ଦା ବନ୍ଦ ହୋଇ ଯାଇଥିଲା । ଫଳରେ ସେମାନେ ଇଟାଭାଟି ନିକଟ ଏକ ଅସୁରକ୍ଷିତ ସ୍ଥାନରେ ରହିଥିଲେ। ଏହି ଖବର ପାଇବା ପରେ ସାମାଜିକ କର୍ମୀ ସାହୁ ସେମାନଙ୍କୁ ଉଦ୍ଧାର କରିବା ପାଇଁ ମୁଖ୍ୟମନ୍ତ୍ରୀ ଓ ପୁରୀ ଜିଲା ପ୍ରଶାସନକୁ ଅନୁରୋଧ କରିଥିଲେ। ଏହାପରେ ଶ୍ରମିକମାନଙ୍କୁ ନିକଟସ୍ଥ ପଞ୍ଚାୟତ ଅଫିସକୁ




ପିଲାଛୁଆଙ୍କ ସହିତ ଗ୍ରାମକୁ ଫେରିଥିବା ପ୍ରବାସୀ ଶ୍ରମିକ

**ଗାଁକୁ ଫେରିଲେ ପ୍ରବାସୀ ଶ୍ରମିକ**

ଅଣାଯାଇ ସେଠାରେ ଆଶ୍ରୟ ଦେବା ସହିତ ସେମାନଙ୍କ ଖାଦ୍ୟପେୟ ବ୍ୟବସ୍ଥା କରାଯାଇଥିଲା। ସେହିପରି ଶ୍ରମିକମାନେ ଘରକୁ ଫେରିବାକୁ ଚାହୁଁଥିଲେ ମଧ୍ୟ ସେଥିରେ ସକ୍ଷମ ହୋଇପାରି ନ ଥିଲେ ଏବଂ ଏ ନେଇ ପୁଣି ସାମାଜିକ କର୍ମୀ ସାହୁଙ୍କୁ ଯୋଗାଯୋଗ କରିଥିଲେ। ଫଳରେ ସାମାଜିକ କର୍ମୀ ସାହୁ ଆଇଜି ଅମିତାଭ ଠାକୁରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଏହାପରେ ଆଇଜି ଠାକୁର ଗାଡ଼ି ପାସ୍ ବ୍ୟବସ୍ଥା କରିଦେବା ପରେ ଶ୍ରମିକମାନେ ଏକ ବସ୍‌କୁ ୩୨ହଜାର ଟଙ୍କାରେ ଭଡ଼ା କରି ନିଜ ଗ୍ରାମକୁ ଫେରିଥିଲେ । ଗାଡ଼ି ଭଡ଼ାରେ ସବୁ ରୋଜଗାର ଟଙ୍କା ସରିଯାଇ ଥିବାରୁ ସମ୍ପୃକ୍ତ ଶ୍ରମିକଙ୍କ ପରିବାର ପୋଷଣ ପାଇଁ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି ହୋଇଛି ।

## ସଂକ୍ଷେପରେ

### ୨ ଏସ୍ଆଇ ନିଲମ୍ବିତ

ରାୟଗଡ଼ା ଅଫିସ,୧୧।୫: କାର୍ଯ୍ୟରେ ଅବହେଳା ଘଟଣାରେ ରାୟଗଡ଼ା ଏସ୍‌ପି ଶର୍ବଣା ବିବେକ ଏମ୍. ୨ ଏସ୍‌ଆଇଙ୍କୁ ନିଲମ୍ବନ କରିଛନ୍ତି। ନିଲମ୍ବିତ ଦୁଇ ଅଧିକାରୀ ହେଲେ ରାୟଗଡ଼ା ଟାଉନ୍ ଥାନା ଏସ୍‌ଆଇ ଟି.ଏ. ଖାନ୍ ଏବଂ କୁମ୍ଭୀକଟା ଏସ୍‌ଆଇ ବିମଳ କହଁର। ଚୋରି ଘଟଣାରେ ଠିକ୍‌ଭାବେ ତଦନ୍ତ ନ କରିବା ନେଇ ଦୁଇ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଇଥିବା ଏସ୍‌ପି କହିଛନ୍ତି।

### ରାୟଗଡ଼ାରେ ଖୋଲିଲା ଧାନମଣ୍ଡି

ରାୟଗଡ଼ା ଅଫିସ,୧୧।୫: ରାୟଗଡ଼ା ଜିଲାରେ ରବିବାର ଧାନ ମଣ୍ଡି ଖୋଲିଛି। ସ୍ଥାନୀୟ ତୁମ୍ପିଗୁଡ଼ା ଛକସ୍ଥିତ ଆର୍‌ଏମ୍‌ସି ୟାର୍ଡଠାରେ ରବି ଧାନ କ୍ରୟ ସକାଶେ ମଣ୍ଡି ଉଦ୍‌ଘାଟିତ ହୋଇଛି। ଅତିରିକ୍ତ ଯୋଗାଣ ଅଧିକାରୀ ସି.ଏଚ୍. ମୂରଲିକ୍ରିଷ୍ଣା ମଣ୍ଡି ଉଦ୍‌ଘାଟନ କରିଛନ୍ତି। ପ୍ରଥମ ଦିନରେ କେବଳ ୨ ଚାଷୀଙ୍କଠାରୁ ୨୬୧ କୁଇଣ୍ଟାଲ ଧାନ କ୍ରୟ କରାଯାଇଥିବା ସୂଚନା ମିଳିଛି।

### ମାଲକାନଗିରି: ୧ହଜାର ରିପୋର୍ଟ ନେଗେଟିଭ୍

ମାଲକାନଗିରି,୧୧।୫ (ଡି.ଏନ୍.ଏ.)- ମାଲକାନଗିରି ଜିଲାରେ ଏପର୍ଯ୍ୟନ୍ତ ୧୪୩୩ ଜଣଙ୍କ ରକ୍ତ ନମୁନା ସଂଗ୍ରହ କରାଯାଇ ପରୀକ୍ଷା ପାଇଁ ଭୁବନେଶ୍ୱର ପଠାଯାଇଥିଲା । ସେଥିରୁ ସୋମବାର ସୁଦ୍ଧା ୧ହଜାର ନମୁନାର ରିପୋର୍ଟ ଆସିଛି। ସବୁ ରିପୋର୍ଟ ନେଗେଟିଭ୍ ରହିଛି। ଅନ୍ୟଗୁଡିକର ରିପୋର୍ଟ ଖୁବ୍ ଶୀଘ୍ର ଆସିଯିବ ବୋଲି ଜିଲାପାଳ ମନୀଷ ଅଗ୍ରୱାଲ କହିଛନ୍ତି।

### ମହିଳାଙ୍କ ମୃତଦେହ ଉଦ୍ଧାର

ତେନ୍ତୁଳିଖୁଣ୍ଟି,୧୧।୫(ଡି.ଏନ.ଏ.)- ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକ ଖାତିଗୁଡା ଥାନା ଅନ୍ତର୍ଗତ ଫଟାଗୁଡା ଗ୍ରାମ ନିକଟରେ ରବିବାର ଇନ୍ଦ୍ରାବତୀ ନଦୀରେ ଜଣେ ମହିଳା ବୁଡି ଯାଇଥିଲେ। ସୋମବାର ତାଙ୍କ ମୃତଦେହ ଉଦ୍ଧାର ହୋଇଛି। ପୋଲିସ ଏହାକୁ ବ୍ୟବଚ୍ଛେଦ ଲାଗି ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ଖବରରୁ ଜଣାପଡିଛି ମଞ୍ଜାଗାଁର ହଳଧର ମାଝିଙ୍କ ସ୍ତ୍ରୀ କେତକୀ ମାଝି(୪୨) ରବିବାର ତାଙ୍କ ବାପଘର ଫଟାଗୁଡା ଗ୍ରାମକୁ ଯାଉଥିଲେ। ସେ ନଦୀପାର ହୋଇ ଯାଉଥିବା ବେଳେ ଜଳ ସ୍ରୋତରେ ଭାସି ଯାଇଥିଲେ। ଏ ସମ୍ପର୍କରେ ଅଗ୍ନିଶମ ବିଭାଗକୁ ଖବର ଦେବା ପରେ କର୍ମଚାରୀମାନେ ପହଞ୍ଚି ନଦୀରେ ଅନେକ ସମୟ ଧରି ଖୋଜାଖୋଜି କରିଥିଲେ ମଧ ତାଙ୍କୁ ପାଇ ନ ଥିଲେ। ସୋମବାର ନଦୀରୁ ତାଙ୍କ ମୃତଦେହ ମିଳିଛି। ଏନେଇ ଖାତିଗୁଡା ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

### ଆକାଉଣ୍ଟରୁ ଟଙ୍କା ଚୋରି ମାମଲା: ଜଣେ ଗିରଫ

ରାୟଗଡ଼ା ଅଫିସ,୧୧।୫: ଏଟିଏମ୍ କାର୍ଡ ମାଧମରେ ଆକାଉଣ୍ଟରୁ ଟଙ୍କା ଚୋରି ଅଭିଯୋଗରେ ରାୟଗଡ଼ା ଟାଉନ୍ ପୋଲିସ ଜଣଙ୍କୁ ଗିରଫ କରିଛି। ଏଥିସହ ଚୋରି କରିଥିବା ୩୯ହଜାର ୫ଶହ ଟଙ୍କା ଅଭିଯୁକ୍ତ ନିକଟରୁ ଜବତ ହୋଇଛି। ଗିରଫ ଅଭିଯୁକ୍ତ ହେଲେ ତେଲଙ୍ଗାନାର କେ. ନରେନ୍ଦ୍ର ବିଡିକି(୨୪)। ସେ ରାୟଗଡ଼ାସ୍ଥିତ ଏକ ମାର୍କେଟିଂ ସଂସ୍ଥାରେ କାମ କରୁଥିଲେ। ସୂଚନାଯୋଗ୍ୟ, ରାୟଗଡ଼ା ଡି. ପି. କନ୍‌ଭେଣ୍ଟ ସ୍କୁଲ ଅଞ୍ଚଳର ମରୀ କୁମାରୀ ବିଡିକାଙ୍କ ଏଟିଏମ୍ କାର୍ଡ ଏପ୍ରିଲ ୩୦ରେ ଗୌତମନଗର ଅଞ୍ଚଳରେ ହଜିଯାଇଥିଲା। କାର୍ଡରେ ପାସ୍‌ୱାର୍ଡ ଲେଖାଥିବାରୁ ଅଭିଯୁକ୍ତ ଆକାଉଣ୍ଟରୁ ସମସ୍ତ ଟଙ୍କା ଉଠାଇ ନେଇଥିଲେ। ଏ ନେଇ ମରୀ ଥାନାରେ ଅଭିଯୋଗ କରିଥିଲେ। ଏହାକୁ ଭିତ୍ତିକରି ଆଇଆଇସି ନିହାର ରଞ୍ଜନ ପ୍ରଧାନ ଘଟଣାର ଅନୁସନ୍ଧାନ ଜାରି ରଖିଥିଲେ।

# ସାନିଟାଇଜର ମେଶିନ ପ୍ରସ୍ତୁତ କଲା ଜିଲା ଶିଳ୍ପ ତାଲିମ କେନ୍ଦ୍ର

ମାଲକାନଗିରି,୧୧।୫ (ଡି.ଏନ୍.ଏ.)

କରୋନାକୁ ନେଇ ସମଗ୍ର ବିଶ୍ୱ ଚିନ୍ତିତ ରହିଛି। ଏହାର ନିରାକରଣ ପାଇଁ କୌଣସି ଔଷଧ ନାହିଁ। କେବଳ ସଚେତନତା ହିଁ ଏହି ରୋଗର ଔଷଧ। ସାମାଜିକ ଦୂରତା, ହାତ ଧୋଇବା, ମାସ୍କ ବାନ୍ଧିବା ନେଇ ଗୁରୁତ୍ୱାରୋପ କରାଯାଉଛି। ଲୋକେ ସାବୁନ୍ ଏବଂ ବିଭିନ୍ନ ସାନିଟାଇଜର ବ୍ୟବହାର କରି ହାତ ଧୋଉଛନ୍ତି। ଗୋଟିଏ ସାବୁନ୍ କିମ୍ବା ସାନିଟାଇଜର ବୋତଲକୁ ଶତାଧିକ ଲୋକ ସ୍ପର୍ଶ କରୁଛନ୍ତି। ଏହା ସମ୍ପୂର୍ଣ୍ଣ ସଂକ୍ରମଣ ମୁକ୍ତ ନୁହେଁ। ଏହାକୁ ଦୃଷ୍ଟିରେ ରଖି ମାଲକାନଗିରି ଜିଲା ଶିଳ୍ପ ତାଲିମ କେନ୍ଦ୍ରର ପ୍ରଶିକ୍ଷକ ଏବଂ ଛାତ୍ରମାନେ ଏକ ନୂଆ ସାନିଟାଇଜର ଯନ୍ତ୍ର ଉଦ୍ଭାବନ କରିଛନ୍ତି। ଜନବହୁଳ ସ୍ଥାନ, କାର୍ଯ୍ୟାଳୟ ଓ ବିଦ୍ୟାଳୟଗୁଡିକରେ ଏହି ଯନ୍ତ୍ର ବ୍ୟବହାର କରାଯାଇପାରିବ। ବିନା ସ୍ପର୍ଶରେ ସାନିଟାଇଜେସନ ବୋତଲରୁ ହାତକୁ ବିଶୋଧନ ତରଳ ପଦାର୍ଥ ଆସିବ । ଏବାବଦରେ ଖର୍ଚ୍ଚ ୮ଶହରୁ ୧ହଜାର ଟଙ୍କା ମଧ୍ୟରେ ହେବ ବୋଲି ଶିଳ୍ପ ତାଲିମ କେନ୍ଦ୍ରର ଅଧକ୍ଷ ରାଜେଶ ତ୍ରିପାଠୀ କହିଛନ୍ତି।



ଉଦ୍‌ଭାବନ ହୋଇଥିବା ସାନିଟାଇଜ୍ ମେସିନ୍ ।

# ବିନାନୁମତିରେ ଆନ୍ଧ୍ର ଲୋକଙ୍କୁ ଗଜପତି ମନା

କାଶୀନଗର ,୧୧।୫(ଡି.ଏନ.ଏ.)

ଗଜପତି ଜିଲାରେ ଥିବା ଓଡ଼ିଶାର ବହୁ ଅଞ୍ଚଳର ସୀମା ଆନ୍ଧ୍ର ସୀମାନ୍ତକୁ ଲାଗି ରହିଛି । ପ୍ରଶାସନର ସମସ୍ତ ସତର୍କତା ସତ୍ତ୍ୱେ ଆନ୍ଧ୍ରର କରୋନା ପ୍ରଭାବିତ ଅଞ୍ଚଳରୁ କେତେଜଣ ଲୋକ ଲୁଚିଛପି, ଗଳାବାଟ ଦେଇ ଗଜପତି ଜିଲା ଭିତରକୁ ପଶି ଆସୁଛନ୍ତି । ତେଣୁ ଆନ୍ଧ୍ରର କୌଣସି ବ୍ୟକ୍ତି ବିନାନୁମତିରେ ଗଜପତି ଆସିପାରିବେ ନାହିଁ ବୋଲି ଜିଲାପାଳ ନିର୍ଦ୍ଦେଶ ଜାରି କରିଥିବା ତହସିଲଦାର ତଥା ମାଜିଷ୍ଟ୍ରେଟ୍ ଶାନ୍ତିସ୍ୱରୂପ ମିଶ୍ର କହିଛନ୍ତି। ତେବେ ଯେଉଁମାନେ ଆନ୍ଧ୍ରରୁ ଗଜପତିକୁ ଆସିବେ ସେମାନେ ଆଗରୁ ଅନୁମତି ନେଇଥିଲେ କେରେଡା ଓ ଗିରିସୋଲା ଦେଇ ଆସିପାରିବେ। ଉଲ୍ଲିଖିତ ସ୍ଥାନର ଗେଟ୍‌ରେ ସେମାନଙ୍କର ରେଜିଷ୍ଟ୍ରେଶନ ଓ ପାସ୍ ଯାଞ୍ଚ କରାଯିବ । ଫର୍ମାଲ ସ୍କ୍ରିନିଂ କରାଯାଇ ସେମାନଙ୍କୁ ଟ୍ରାଞ୍ଜିଟ୍ ପାସ୍ ପ୍ରଦାନ କରାଯିବ। ଗିରିସୋଲାରୁ ଆସିବାକୁ ଚାହୁଁଥିବା ଲୋକଙ୍କୁ ହାଡୁଭାଙ୍ଗି ଗେଟ୍ ଦେଇ ଆସିବାକୁ ହେବ ବୋଲି ତହସିଲଦାର ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ଚେନ୍ନାଇ ଓ ଆନ୍ଧ୍ରରୁ ଆସିବାକୁ ଥିବା ପ୍ରବାସୀ ଓଡିଆଙ୍କୁ ସଙ୍ଗରୋଧରେ ରଖିବା ଲାଗି ପ୍ରଶାସନ ପକ୍ଷରୁ ଖାରଡା, ଶିଆଳି ଓ ଅଲଡାଠାରେ ହୋଇଥିବା ସଙ୍ଗରୋଧ କେନ୍ଦ୍ରକୁ ସୋମବାର ସନ୍ଧ୍ୟାରେ ଜିଲାପାଳ ଅନୁପମ ଶାହା ଓ ଏସପି ସାରା ଶର୍ମା ତଦାରଖ କରିଛନ୍ତି।

## କ୍ୱାରାଣ୍ଟାଇନରେ ଥିବା ୪୭ ଘରକୁ ଗଲେ

କାଶୀନଗର ,୧୧।୫(ଡି.ଏନ.ଏ.)

କାଶୀନଗର ବାରାଣାସୀ ସରକାରୀ ହାଇସ୍କୁଲ ପରିସରରେ ହୋଇଥିବା କ୍ୱାରାଣ୍ଟାଇନ୍‌ରେ ଥିବା ୪୭ ଜଣ ବ୍ୟକ୍ତିଙ୍କ ସ୍ୱାବ୍ ପରୀକ୍ଷା ପାଇଁ ପଠାଯାଇଥିଲା। ରିପୋର୍ଟ ନେଗେଟିଭ ଆସିବା ପରେ ସୋମବାର ସେମାନଙ୍କୁ ମଧ୍ୟାହ୍ନଭୋଜନ ପରେ ଘରକୁ ଛଡ଼ାଯାଇଛି ବୋଲି ତହସିଲଦାର ଶାନ୍ତିସ୍ୱରୂପ ମିଶ୍ର କହିଛନ୍ତି। ବିନା ପରମିଶନରେ କାଶୀନଗରକୁ ପଶି ଆସିଥିବା ୧୦୭ ଜଣ ବାହାର ରାଜ୍ୟର ବ୍ୟକ୍ତି ଏବେ ଖରଡା କ୍ୱାରାଣ୍ଟାଇନ୍ କେନ୍ଦ୍ରରେ ଅଛନ୍ତି । ଆବଶ୍ୟକ ପ୍ରମାଣପତ୍ର ନ ଥାଇ ଆନ୍ଧ୍ରରୁ ଆସି ମଧ୍ୟପ୍ରଦେଶ ଯିବାକୁ ଥିବା ୧୧ଜଣଙ୍କୁ ସିଆଳି କ୍ୱାରାଣ୍ଟାଇନ୍‌ରେ ରଖାଯାଇଛି । କ୍ୱାରାଣ୍ଟାଇନ୍ ଅବଧି ପରେ ସେମାନେ ମଧ୍ୟପ୍ରଦେଶ ଯିବେ ବୋଲି ମିଶ୍ର ସୂଚନା ଦେଇଛନ୍ତି।

# ନିଜ ରାଜ୍ୟକୁ ଫେରିଲେ ୪୧ ପ୍ରବାସୀ

ଜୟପୁର,୧୧।୫(ନି.ପ୍ର.)

ଲକ୍‌ଡାଉନରେ ଫସି ରହିଥିବା ୪୧ ପ୍ରବାସୀ ସୋମବାର ନିଜ ରାଜ୍ୟକୁ ଫେରିଛନ୍ତି । କୋରାପୁଟ ଜିଲା ପ୍ରଶାସନର ଅନୁମତିକ୍ରମେ ୨ଟି ବସ୍‌ରେ ସେମାନେ ଯାଇଛନ୍ତି । ବିହାର ଭାଗଲପୁରର ୨୧ଜଣ ଓ ଝାଡ଼ଖଣ୍ଡର ଗିରିଡିହର ୨୦ ଶ୍ରମିକ ଜୟପୁରରେ ଲୁଗା ବିକ୍ରି,ଫେରିବାଲା, ବଢ଼େଇ କାମ ସହ ଶ୍ରମିକ ଭାବେ କାର୍ଯ୍ୟ କରୁଥିଲେ। ଲକ୍‌ଡାଉନ ଯୋଗୁ ନିଜ ରାଜ୍ୟକୁ ଫେରିପାରି ନ ଥିଲେ। ଏବେ ସେମାନଙ୍କୁ ନିଜ ରାଜ୍ୟକୁ ଫେରିବାକୁ ଜିଲା ପ୍ରଶାସନ ଅନୁମତି ଦେଇଛି। ଜୟପୁର ମୁଖ୍ୟ ଟ୍ରାଫିକ ଛକ ନିକଟରୁ ୨ଟି ଘରୋଇ ବସ୍‌ରେ ଏହି ପ୍ରବାସୀମାନେ ଫେରିଥିଲେ ।



ପ୍ରବାସୀଙ୍କୁ ନେବା ପାଇଁ ଆସିଥିବା ବସ୍ ।

## ଘାଟିରେ ଓଲଟିଲା ଟ୍ରକ୍

ଗୁମ୍ମା,୧୧।୫:

ଗଜପତି ଜିଲା ସେରଙ୍ଗ ଥାନା ଅଧୀନ ନମସ୍ତେ ଘାଟିଠାରେ ସୋମବାର ସନ୍ଧ୍ୟାରେ ଏକ ଇଟା ବୋଝେଇ ଟ୍ରକ୍ ଓଲଟିପଡ଼ିଛି। ଆନ୍ଧ୍ର ପ୍ରଦେଶର ପେଟପୁରୋମ୍‌ଠାରୁ ଏକ ସିମେଣ୍ଟ ଇଟା ବୋଝେଇ ଟ୍ରକ୍(ଏପି୨୭ଟିୱାଇ ୩୪୫୬) ଗୁମ୍ମା ଆସୁଥିଲା। ନମସ୍ତେ ଘାଟି ରାସ୍ତାରେ ଟ୍ରକ୍‌ଟି ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା। ଟ୍ରକଚାଳକ ଓ ହେଲ୍‌ପରଙ୍କ କୌଣସି କ୍ଷତି ହୋଇନାହିଁ। ଖବର ପାଇ ସେରଙ୍ଗ ଆଇଆଇସି ପହଞ୍ଚିଥିଲେ । ଏଥିଯୋଗୁ ଏହି ରାସ୍ତାରେ ଗାଡିମୋଟର ଚଳାଚଳ ବାଧାପ୍ରାପ୍ତ ହୋଇଥିଲା।

## ଯମରାଜ,ଚିତ୍ରଗୁପ୍ତ ବେଶରେ ସଚେତନତା

ପାରଳାଖେମୁଣ୍ଡି,୧୧।୫ (ସ୍ୱ.ପ୍ର.)

ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡିଠାରେ ଜିଲା ପୋଲିସ ପକ୍ଷରୁ ଆରକ୍ଷୀ ଅଧୀକ୍ଷକ ସାରା ଶର୍ମାଙ୍କ ନେତୃତ୍ୱରେ ପୁଣି ଏକ ଅଭିନବ ଉପାୟରେ ଜନସାଧାରଣଙ୍କୁ ସଚେତନ କରାଯାଇଛି । ପୋଲିସ ପକ୍ଷରୁ ସହରର ବିଭିନ୍ନ ସ୍ଥାନ ପରିକ୍ରମା କରାଯାଇ ପଥପ୍ରାନ୍ତ ନାଟକ ମାଧ୍ୟମରେ ଲୋକଙ୍କୁ କରୋନା ଭୂତାଣୁକୁ ରୋକିବା ପାଇଁ କିପରି ସଚେତନ ହେବା ଆବଶ୍ୟକ ସେ ବିଷୟରେ ଅବଗତ କରାଯାଇଥିଲା। ଏଥିପାଇଁ ଯମରାଜ ଏବଂ ଚିତ୍ରଗୁପ୍ତ ବେଶରେ ବିଭିନ୍ନ କଳାକାରଙ୍କୁ ସଜ୍ଜିତ କରାଯାଇ ପଥପ୍ରାନ୍ତ ନାଟକ ମଞ୍ଚସ୍ଥ ହୋଇଥିଲା। ମୁଖ୍ୟତଃ ମାସ୍କ ପରିଧାନ କରିବା ଏବଂ ସାମାଜିକ ଦୂରତା ରକ୍ଷା କରିବା ଏବଂ ବାରମ୍ବାର ହାତ ଧୋଇବା ନେଇ ନାଟକ ମାଧ୍ୟମରେ କୁହାଯାଇଥିଲା ।

# ନବୀକରଣ କରି ନ ଥିବାରୁ ୮ ଶ୍ରମିକଙ୍କୁ ମିଳିଲାନି ସହାୟତା

ଜୟପୁର,୧୧।୫(ଡି.ଏନ.ଏ )

ସାରା ଦେଶରେ ଲକ୍‌ଡାଉନ ଯୋଗୁ ବିଭିନ୍ନ ନିର୍ମାଣ କାର୍ଯ୍ୟ ବନ୍ଦ ରହିଛି । ଏହାକୁ ଦୃଷ୍ଟିରେ ରଖି ଶ୍ରମିକମାନଙ୍କୁ ସରକାରଙ୍କ ପକ୍ଷରୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି । ମାତ୍ର କେତେଜଣ ଶ୍ରମିକଙ୍କ ନାମ ପଞ୍ଜୀକରଣରେ ସମସ୍ୟା ଯୋଗୁ ଏହି ଟଙ୍କା ମିଳିନାହିଁ । କୋରାପୁଟ ଜିଲା ଜୟପୁର ବ୍ଲକର ଏକମ୍ବା ଗ୍ରାମର ସୁନାମଣି ଫାଲାମ, ମୁକ୍ତା ଫାଲାମ, ଡମ୍ବୁଣି ଫାଲାମ, ମଣିମା ଗୁଣ୍ଡା ଏବଂ ଶୁକ ଗୁଣ୍ଡା, ଲୋକନାଥ ଫାଲାମ, ଗଦା ଫାଲାମ, ଜଗନ୍ନାଥ ଫାଲାମ ମୋଟ ୮ ଶ୍ରମିକଙ୍କୁ ୧୫୦୦ ଟଙ୍କା ଲେଖାଏ ସହାୟତା ରାଶି ମିଳିନାହିଁ। ସେମାନଙ୍କୁ ଏହା ମିଳିବା ନେଇ ଠିକ୍ ପଞ୍ଜୀକରଣ କରିବାକୁ ଶ୍ରମ ଅଧିକାରୀଙ୍କ ଦ୍ୱାରସ୍ଥ ହୋଇଥିଲେ। ସୂଚନାଯୋଗ୍ୟ, ଏହି ୮ଶ୍ରମିକ ୨୦୧୫ରୁ ଶ୍ରମ ବିଭାଗରେ ନାମ ପଞ୍ଜୀକରଣ କରିଛନ୍ତି। ଗତ ଏକବର୍ଷରୁ ଊର୍ଦ୍ଧ୍ୱ ହେଲା ସେମାନେ ନବୀକରଣ କରିନାହାନ୍ତି। ଜିଲା ଶ୍ରମ ଅଧିକାରୀ ସରକାରୀ କାର୍ଯ୍ୟରେ କୋରାପୁଟ ଯାଇଥିବାରୁ ଶ୍ରମିକମାନଙ୍କର ତାଙ୍କ ସହ ସାକ୍ଷାତ ହୋଇପାରିନାହିଁ। ସେମାନେ କାର୍ଯ୍ୟାଳୟରେ ଲିଖିତ ଭାବେ ଆବେଦନକରି ଫେରିଛନ୍ତି ।


ଶ୍ରମ ଅଧିକାରୀଙ୍କୁ ଭେଟିବାକୁ ଆସିଥିବା ଶ୍ରମିକ ।

# ତାମିଲନାଡୁରେ ଫସିଛନ୍ତି ୫୦ ପ୍ରବାସୀ ଓଡ଼ିଆ

ଦଶମନ୍ତପୁର,୧୧।୫( ଡି.ଏନ୍.ଏ.)

ତାମିଲନାଡୁର ତିରୁପୁର ଜିଲା ଅବିନାଶୀ ବ୍ଲକ୍‌ର ସୁନ୍ଦୁକା ପାଲାୟାମ ଗାଁରେ ଫସି ରହିଛନ୍ତି ୫୦ ପ୍ରବାସୀ ଓଡ଼ିଆ। ଘରକୁ ଫେରାଇନେବା ପାଇଁ ସେମାନେ ରାଜ୍ୟ ସରକାରଙ୍କୁ ନିବେଦନ କରିଛନ୍ତି। ସେମାନେ ସେଠାରେ ଥିବା ଏକ ଟେକ୍ସଟାଇଲ ମିଲ୍‌ରେ ଦୀର୍ଘ ବର୍ଷ ହେବ ଶ୍ରମିକ ଭାବେ କାମକରି ଆସୁଛନ୍ତି। କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ଗିର୍ଲିଗୁମ୍ମା ପଞ୍ଚାୟତ ଗିର୍ଲି ଗ୍ରାମର ନରେନ୍ଦ୍ର ବିଶୋଇ, ବୋରିଗୁମ୍ମା ବ୍ଲକ ଘାଟୁଆଲଗୁଡ଼ା ଗ୍ରାମର ଦୁର୍ଯ୍ୟୋଧନ ବିଶୋଇ, ବଦ୍ରିନାଥ ବିଶୋଇ, ପଦ୍ମନ ବିଶୋଇ ଓ ପ୍ରହ୍ଲାଦ ବିଶୋଇ ଉକ୍ତ ମିଲ୍‌ରେ କାମ କରୁଛନ୍ତି। ସେହିପରି ବୌଦ୍ଧ ଜିଲାର କଣ୍ଟାମାଳ ବ୍ଲକ ରାକସଖୁଟି ଗ୍ରାମର ୮ ଜଣ, ଗଜପତି ଜିଲା ଆର.ଉଦୟଗିରି ବ୍ଲକର ଛେଲାଗଡ଼ ଗ୍ରାମରୁ ୮ ଜଣ, ବରଗଡ଼ ଜିଲା ସେହେଲା ବ୍ଲକ ଘୁମୁନିପାଲି ଗ୍ରାମର ୭ ଜଣ, ବରଗଡ଼ ଜିଲାର ଗାଇସିଲେଟ ବ୍ଲକ୍‌ର କେନ୍ଦୁମାଳ ଗାଁର ୪ ଜଣ, ସୋନପୁର ଜିଲା ଉଲୁଣ୍ଡା ବ୍ଲକ ବଦାଲି ଗ୍ରାମର ୧୦ ଜଣ ସେଠାରେ କାମ କରୁଛନ୍ତି। ଲକ୍‌ଡାଉନ ଯୋଗୁ ଶ୍ରମିକମାନେ ଫସି ରହିଛନ୍ତି। ଘରକୁ ଫେରିବା ପାଇଁ ପଞ୍ଜୀକରଣ କରିଥିଲେ ହେଁ ଏଯାଏଁ ସେମାନଙ୍କୁ ନେବା ପାଇଁ କୌଣସି ବ୍ୟବସ୍ଥା କରାଯାଇନାହିଁ ବୋଲି ସେମାନେ କହିଛନ୍ତି। ଲକ୍‌ଡାଉନ ଜାରି ହେବା ଦ୍ୱାରା ଉକ୍ତ ମିଲ୍‌ରେ ବର୍ତ୍ତମାନ କାମ ବନ୍ଦ ରହିଛି। ଫଳରେ ମିଲ୍ ମାଲିକ ସେମାନଙ୍କ ପାଇଁ କୌଣସି ବ୍ୟବସ୍ଥା କରୁନାହାନ୍ତି କି ଉପଯୁକ୍ତ ପାରିଶ୍ରମିକ ମଧ୍ୟ ଦେଉ ନ ଥିବା ଜଣାଇଛନ୍ତି । ଫଳରେ ବହୁ ସମସ୍ୟାରେ ରହିଛନ୍ତି ବୋଲି ଶ୍ରମିକମାନେ ଅଭିଯୋଗ କରିଛନ୍ତି। ଘରକୁ ଫେରାଇନେବା ପାଇଁ ବ୍ୟବସ୍ଥା କରନ୍ତୁ ବୋଲି ସେମାନେ ସରକାରଙ୍କୁ ନିବେଦନକରି ଜଣାଇଛନ୍ତି।


ତାମିଲନାଡୁରେ ଫସିରହିଥିବା ଶ୍ରମିକ ।

# ସିଟି କୋର୍ଡିନେଶନ କମିଟି ପକ୍ଷରୁ ବିକ୍ଷୋଭ

ଜୟପୁର ୧୧।୫ (ନି. ପ୍ର.)

ସର୍ବଭାରତୀୟ ପ୍ରତିବାଦ ଦିବସ ପରିପ୍ରେକ୍ଷୀରେ ଜାତୀୟ ରାଜପଥ ୨୬ସ୍ଥିତ ଶ୍ରମିକ ଭବନଠାରେ ସାମାଜିକ ଦୂରତା ରକ୍ଷାକରାଯାଇ ପ୍ଲାକାର୍ଡ ଧରି ସିଟି କୋର୍ଡିନେଶନ କମିଟି ଅଫ୍ ୟୁନିୟନ୍ସ ଆଣ୍ଡ ଆସୋସିଏଶନ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏନେଇ ସୋମବାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଉପଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ଦାବିପତ୍ରରେ ଉଲ୍ଲେଖ ଅଛି ଯେ କରୋନା ପରି ବିଶ୍ୱ ମହାମାରୀ ସମୟରେ ଶ୍ରମିକ ଶ୍ରେଣୀ ସବୁଠାରୁ କଠିନ ସମୟ ଦେଇ ଗତି କରୁଛି । ସଙ୍ଗଠିତ କ୍ଷେତ୍ରରେ ଥିବା ଠିକାଶ୍ରମିକଙ୍କୁ ସରକାରୀ ଘୋଷଣା ଅନୁଯାୟୀ ମଜୁରି ମିଳୁନାହିଁ । ଅସଙ୍ଗଠିତ କ୍ଷେତ୍ରର ଶ୍ରମିକଙ୍କ ଅବସ୍ଥା ଦୟନୀୟ ହୋଇପଡ଼ିଲାଣି। ଏଭଳି ସଙ୍କଟ ସମୟରେ ଶ୍ରମିକ କର୍ମଚାରୀଙ୍କ ଜୀବନ ଓ ଜୀବିକାର ସୁରକ୍ଷା କମିଟି ଦାବି କରିଛି । ଡ୍ରାଇଭର, ହେଲ୍‌ପର ଏବଂ ଟ୍ରାନ୍ସପୋର୍ଟ କ୍ଷେତ୍ରରେ କାମ କରୁଥିବା ସମସ୍ତ କର୍ମଚାରୀ, ଛୋଟ ବ୍ୟବସାୟୀ , ଉଠା ଦୋକାନୀ, ପରିବା ଦୋକାନୀଙ୍କୁ ରିଲିଫ ଓ ଆର୍ଥିକ ସହାୟତା ଯୋଗାଇଦେବା, ବିଭିନ୍ନ ରାଜ୍ୟରେ ଥିବା ଶ୍ରମିକଙ୍କୁ ନିଜ ଗ୍ରାମକୁ ଫେରିନେବା ବ୍ୟବସ୍ଥା କରିବା, ସେମାନଙ୍କୁ ସୁରକ୍ଷା ଯୋଗାଇଦେବା ସହ ଅନ୍ୟାନ୍ୟ ଦାବି ରହିଛି। ଦାବିପତ୍ର ପ୍ରଦାନ ସମୟରେ ପ୍ରମୋଦ ମହାନ୍ତି, ଯୁଧିଷ୍ଠିର ରାଉଳ, ସୁଦର୍ଶନ ବିଷୋୟୀ, ରାମକୃଷ୍ଣ ଦାସ, ସୁରେଶ ଗୌଡ଼ଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ ।



ସିଟି କୋର୍ଡିନେଶନ କମିଟି ପକ୍ଷରୁ ସଦସ୍ୟମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି ।

## ଗୋଆରୁ ଗଜପତି : ଟ୍ରେନ୍ ଟ୍ରାକ୍,ସାଇକେଲରେ ଆସିଲେ ମହେଶ୍ୱର

ପାରଳାଖେମୁଣ୍ଡି, ୧୧।୫(ସ୍ୱ.ପ୍ର.)

ସୁଦୂର ଗୋଆରୁ ଟ୍ରେନ୍ ଟ୍ରାକ୍‌ରେ ଚାଲିଚାଲି ଏବଂ ସାଇକେଲ ଯୋଗେ କେତେଜଣ ପ୍ରବାସୀ ଓଡ଼ିଆ ଶ୍ରମିକ ଗଜପତି ଜିଲାରେ ପହଞ୍ଚିଛନ୍ତି। ଜିଲାର ମୋହନା ବ୍ଲକ ଶିଙ୍କୁଲିପଦର ପଞ୍ଚାୟତ ଡେଙ୍ଗାମା କଲୋନୀର ମହେଶ୍ୱର ଶବର ଗୋଆରେ ଶ୍ରମିକ ଭାବେ କାର୍ଯ୍ୟ କରୁଥିଲେ। କରୋନା ଯୋଗୁ ମହେଶ୍ୱର ଅସୁବିଧାରେ ପଡିଥିଲେ। ଶେଷରେ ସେ ଟ୍ରେନ୍ ଟ୍ରାକ୍‌ରେ ଚାଲିଚାଲି ୭ଦିନ ପରେ ଆନ୍ଧ୍ରରେ ରହୁଥିବା ନିଜର ଜଣେ ସାଙ୍ଗଙ୍କ ନିକଟରେ ପହଞ୍ଚିଥିଲେ। ସେଠାରେ ସାଙ୍ଗଙ୍କୁ ସାଇକେଲଟିଏ କିଣି ଦେବାକୁ ଅନୁରୋଧ କରିଥିଲେ। ସାଙ୍ଗ ଜଣକ ସାଇକେଲ ବ୍ୟବସ୍ଥା କରିଦେବାରୁ ସେ ସାଇକେଲ ଧରି ଗ୍ରାମକୁ ଆସିଥିଲେ। ମହେଶ୍ୱର ରବିବାର ଗଜପତି ଜିଲାର ମୋହନାରେ ପହଞ୍ଚିବା ପରେ ବ୍ଲକ ଅଧିକାରୀ ବଂଶୀଧର ଖୋସ୍‌ଲାଙ୍କ ପରାମର୍ଶରେ ସେ ଲୁହାଗୁଡ଼ିସ୍ଥିତ କ୍ୱାରାଣ୍ଟାଇନ କେନ୍ଦ୍ରରେ ରହିଥିଲେ। କ୍ୱାରାଣ୍ଟାଇନ୍ ଅବଧି ପରେ ମହେଶ୍ୱର ତାଙ୍କ ଘରକୁ ଫେରିବେ ବୋଲି ଖୋସ୍‌ଲା କହିଛନ୍ତି।

# ୨୦ କୁଇଣ୍ଟାଲ ଗଞ୍ଜେଇ ଜବତ, ୪ ଗିରଫ

ମାଲକାନଗିରି/ କୋରୁକୋଣ୍ଡା, ୧୧।୫(ଡି.ଏନ୍.ଏ.)

ମାଲକାନଗିରି ଜିଲା ଓର୍କେଲ ପୋଲିସ ୨୦ କୁଇଣ୍ଟାଲ ୪ କିଲୋ ୮୦୦ ଗ୍ରାମ ଗଞ୍ଜେଇ ଜବତକରି ୪ ଜଣଙ୍କୁ ଗିରଫ କରିଛି। ଏହାର ମୂଲ୍ୟ ୧ କୋଟି ୨୦ ଲକ୍ଷ ହେବ। ଗିରଫ ଅଭିଯୁକ୍ତମାନେ ହେଲେ ତେନ୍ତୁଳିଗୁଡ଼ା ଗ୍ରାମର ଚୈତନ ମୁଦୁଲି, ଏମ୍‌ଭି-୫୪ ଗ୍ରାମର ଅଜିତ ସର୍ଦ୍ଦାର, ଏମ୍‌ଭି-୧୨୩ ଗ୍ରାମର ନାରାୟଣ ସର୍ଦ୍ଦାର ଏବଂ ଏମ୍‌ଭି-୩୩ ଗ୍ରାମର ଅଜୟ ମଣ୍ଡଳ। ଖବରରୁ ଜଣାପଡ଼ିଛି ରବିବାର ସନ୍ଧ୍ୟାରେ ନିଲାକାମ୍ବେରୁ ପଞ୍ଚାୟତର ସୋରଲୁକୋଣ୍ଡା ହାଟ ଛକଠାରେ ଏସ୍‌ଆଇ ରଜନୀକାନ୍ତ ଦୀପଙ୍କ ନେତୃତ୍ୱରେ ଏକ ଟିମ୍ ପାଟ୍ରୋଲିଂ କରୁଥିଲା। ଏହି ସମୟରେ ଏକ ଭ୍ୟାନ୍(ଓଡି ୩୦ସି-୨୪୧୬)କୁ ପୋଲିସ ସନ୍ଦେହରେ ଅଟକାଇଥିଲା। ଏହାକୁ ଯାଞ୍ଚ ପରେ ଗାଡ଼ିରୁ ୬୬ ପ୍ୟାକେଟ ଗଞ୍ଜେଇ ମିଳିଥିଲା। ପରେ ଡ୍ରାଇଭର ସମେତ ୩ ଜଣକୁ ଗିରଫ କରାଯାଇଥିଲା। ସେମାନଙ୍କୁ ଥାନାକୁ ଆଣି ପଚରାଉଚରା କରିବାରୁ ସେମାନେ ଏହି ଗଞ୍ଜେଇ ଏମ୍‌ଭି-୩୩ ଗ୍ରାମର ଅଜୟ ମଣ୍ଡଳ(୨୩)ଙ୍କର ବୋଲି କହିଥିଲେ। ପରେ ପୋଲିସ ଅଜୟଙ୍କୁ ଗିରଫ କରିଥିଲା। ସେମାନେ ଏହି ଗଞ୍ଜେଇକୁ ତେନ୍ତୁଳିଗୁଡ଼ାରୁ ଛତିଶଗଡ଼କୁ ନେଉଥିବା ତଦନ୍ତକାରୀ ଅଧିକାରୀ ମିଳନ ମଜୁମଦାର କହିଛନ୍ତି। କେସ୍ ନଂ. ୯୧/୨୦ ।


ଜବତ ଗଞ୍ଜେଇ ଓ ଗିରଫ ୪ ଅଭିଯୁକ୍ତ ।

# ଲକ୍‌ଡାଉନରେ ଆନ୍ଧ୍ରକୁ ଚାଲାଣ ହେଉଛି ବାଲି

ରାୟଗଡ଼ା ଅଫିସ,୧୧।୫:

- ରେଡ୍ ଜୋନ୍‌ରୁ ଆସି ଉଠାଉଛନ୍ତି ବାଲି
- ଜିଲାପାଳଙ୍କୁ ଭେଟିଲେ ସୀମାନ୍ତ ଗ୍ରାମବାସୀ

ଓଡ଼ିଶା-ଆନ୍ଧ୍ର ସୀମାନ୍ତ ରାୟଗଡ଼ା ସଦର ବ୍ଲକ୍ ଅଧୀନ କେରେଡ଼ା ଗ୍ରାମ ନିକଟ ନାଗାବଳୀ ନଦୀପଠାରୁ ପ୍ରତ୍ୟେକ ଦିନ ଆନ୍ଧ୍ରପ୍ରଦେଶକୁ ବାଲି ଚାଲାଣ କରାଯାଉଥିବା ଅଭିଯୋଗ ହୋଇଛି। ଲକ୍‌ଡାଉନ ଯୋଗୁ ସମସ୍ତ କାର୍ଯ୍ୟ ବନ୍ଦ ରହିଥିଲେ ମଧ ଜେସିବି ଓ ବଡ଼ ମେଶିନ ସାହାଯ୍ୟରେ ବାଲି ଉଠାଇ ଆନ୍ଧ୍ରପ୍ରଦେଶର ବିଜୟନଗରମ୍, ପାର୍ବତୀପୁର, ବିଶାଖାପାଟଣାକୁ ଯାଉଥିବା ଜଣାପଡ଼ିଛି। ଏ ନେଇ ସୋମବାର କେରେଡ଼ା ଗ୍ରାମ ମହିଳା ସଂଘ ପକ୍ଷରୁ ଜିଲାପାଳ ପ୍ରମୋଦ କୁମାର ବେହେରାଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି । ସୀମାନ୍ତ ଆନ୍ଧ୍ରପ୍ରଦେଶରେ କରୋନା ସଂକ୍ରମିତଙ୍କ ସଂଖ୍ୟା ବଢୁଥିବାରୁ ରେଡ୍ ଜୋନ୍ ଘୋଷଣା କରାଯାଇଛି। ଏହାସତ୍ତ୍ୱେ ରେଡ୍ ଜୋନ୍‌ରୁ ସୀମା ପାର ହୋଇ ବାଲି ଚାଲାଣ କରାଯାଉଛି। ଫଳରେ ସଂକ୍ରମଣ ଆଶଙ୍କା ରହିଥିବା ଗ୍ରାମବାସୀ ଜିଲାପାଳଙ୍କୁ ଜଣାଇଛନ୍ତି। ଏ ନେଇ ଅତିରିକ୍ତ ତହସିଲଦାର କହିଛନ୍ତି, ଘାଟର ଲିଜ୍ ରହିଛି। ଏଠାରୁ ପୂର୍ବରୁ ବାଲି ଉଠାଣ ଚାଲିଥିଲା। କରୋନା ସମୟରେ ଏହାକୁ ସ୍ଥଗିତ ରଖାଯାଇଛି । ତେବେ ଲକ୍‌ଡାଉନ୍ ସମୟରେ ମଧ୍ୟ ବାଲା ଚାଲାଣ କରାଯାଉଥିବା ଖବର ପାଇ ଏହାକୁ ବନ୍ଦ କରାଯାଇଥିଲା। ଏବେ ପୁଣି ଗ୍ରାମବାସୀ ଅଭିଯୋଗ କରିଛନ୍ତି, ଏହାର ଅନୁସନ୍ଧାନ କରି କାର୍ଯ୍ୟାନୁଷ୍ଠାନ ନିଆଯିବ।



ଗ୍ରାମବାସୀ ଜିଲାପାଳଙ୍କୁ ଦାବିପତ୍ର ଦେଉଛନ୍ତି ।

## ସଂକ୍ଷେପରେ

### ନୀରବ ମୋଦିଙ୍କ ପ୍ରତ୍ୟର୍ପଣ ଶୁଣାଣି ଆରମ୍ଭ



**ନୂଆଦିଲ୍ଲୀ,୧୧।୫:** ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କର ୧୩୦୦୦ କୋଟି ଋଣ ଠକେଇ ମାମଲାରେ ଅନ୍ୟତମ ମୁଖ୍ୟ ଅଭିଯୁକ୍ତ ନୀରବ ମୋଦିଙ୍କ ପ୍ରତ୍ୟର୍ପଣ ମାମଲା ଲଣ୍ଡନରେ ଶୀଘ୍ର ଆରମ୍ଭ ହୋଇଛି। ତାଙ୍କୁ ସୋମବାର ଲଣ୍ଡନର ଏକ କୋର୍ଟରେ ଶୁଣାଣି ଲାଗି ହାଜର କରାଯାଇଥିଲା। ୫ ଦିନ ଧରି ଚାଲିବାକୁ ଥିବା ଏହି ଶୁଣାଣି କରୋନା ଭାଇରସ୍ ଯୋଗୁ ଭିଡିଓ କନଫରେନ୍ସିଂ ଯୋଗେ ହେଉଛି। ଗତ ବର୍ଷ ମାର୍ଚ୍ଚରେ ନୀରବ ଗିରଫ ହେବା ପରେ ତାଙ୍କୁ ଦକ୍ଷିଣ ପଶ୍ଚିମ ଲଣ୍ଡନର ୱାଣ୍ଡସୱର୍ଥ ଜେଲରେ ରଖାଯାଇଛି। ୱେଷ୍ଟମିନଷ୍ଟର ମାଜିଷ୍ଟ୍ରେଟ ଅଦାଲତରେ ଭିଡିଓ କନ୍‌ଫରେନ୍ସିଂ ଯୋଗେ ତାଙ୍କୁ ହାଜର କରାଯାଇଥିବା ଜଣାପଡ଼ିଛି।

### ଟିଭିଏସ୍ ୟୁରୋଗ୍ରୀପ୍‌ର ଇ-ଅର୍ଡରିଂ ଫାସିଲିଟି

**ନୂଆଦିଲ୍ଲୀ,୧୧।୫:** ଟିଭିଏସ୍ ଶ୍ରୀଚକ୍ର ଲିମିଟେଡ୍ ଇ-ଅର୍ଡରିଂ ଫାସିଲିଟି ଶୁଭାରମ୍ଭ ହୋଇଛି। ରିଟେଲର ଆପ୍ ଟିଭିଏସ୍ ୟୁରୋଗ୍ରୀପ୍ ବନ୍ଧନ ଦ୍ୱାରା ଏହି ସୁବିଧା ଉପଲବ୍ଧ ହେବ। ଅର୍ଡର ପ୍ଲେସିଂ ଏବଂ ଟ୍ରାକିଂ କ୍ଷେତ୍ରରେ ଏହା ପ୍ରମୁଖ ଭୂମିକା ଗ୍ରହଣ କରିବ ବୋଲି କମ୍ପାନୀ ପକ୍ଷରୁ ସୂଚନା ରହିଛି। ବିକ୍ରିର ଡିଜିଟାଇଜେଶନ କ୍ଷେତ୍ରରେ ଏହା ଏକ ମାଇଲଖୁଣ୍ଟ ସାବ୍ୟସ୍ତ ହେବା ନେଇ କମ୍ପାନୀ ଆଶାବାଦୀ ରହିଛି। ରିଟେଲ ପାର୍ଟନରଙ୍କ ଲାଗି କଣ୍ଟାକ୍ଟଲେସ ଅର୍ଡରିଂରେ ଏହା ସହାୟକ ହୋଇପାରିବ।

# ଗ୍ରାହକ ନିରାପତ୍ତାକୁ ଫୋକସ୍

**କୋଭିଡ୍ ଯୋଗୁ ବଜାର ସ୍ଥିତି ସମ୍ପୂର୍ଣ୍ଣ ବିଗିଡ଼ିଛି। କଟକଣା କୋହଳ ହେଉଥିବାରୁ ବଜାର ଧୀରେ ଧୀରେ ସ୍ୱାଭାବିକ ହେଉଛି। ଲୋକଙ୍କ ମନରେ ଦ୍ୱନ୍ଦ୍ୱ ରହୁଥିବାରୁ ସେମାନେ ବାହାରକୁ ବାହାରିବାକୁ ଡରୁଛନ୍ତି। ବଜାର ସ୍ୱାଭାବିକ ହେଉଥିଲେ ମଧ୍ୟ ଲୋକ ଆସିବା କମ୍ ରହୁଛି। କେତେକ କ୍ଷେତ୍ରରେ ସରକାର ଜାରି କରିଥିବା କଟକଣା ହେଉ କିମ୍ବା ଗ୍ରାହକଙ୍କ ମଧ୍ୟରେ ଡର ଯୋଗୁ ବଜାର ପ୍ରଭାବିତ ରହିଛି। କାରବାର ଟିକିଏ ଭଲ ସ୍ଥିତିକୁ ଆସିବା ଲାଗି ସମୟ ଲାଗିବ। ଚାହିଦା ହ୍ରାସ ସହ ଅନ୍ୟ ସମସ୍ୟା ଏବେ ବଜାରରେ ଲାଗି ରହିଛି। କଟକଣା ସହ କାରବାର ଏବଂ ଗ୍ରାହକ, କର୍ମଚାରୀଙ୍କ ନିରାପତ୍ତାକୁ ବାଣିଜ୍ୟିକ ସଂସ୍ଥାଗୁଡ଼ିକୁ ଗୁରୁତ୍ୱ ଦେଉଥିବା ଜଣାପଡ଼ିଛି। ନିରାପତ୍ତା କୋଭିଡ୍-୧୯ ଯୋଗୁ ବଜାରରେ ଉପୁଜିଥିବା ସ୍ଥିତିକୁ ନେଇ କାରବାର ସହ ଜଡ଼ିତ ବ୍ୟକ୍ତିବିଶେଷ ଦେଇଥିବା ପ୍ରତିକ୍ରିୟା...**



“ସକାଳ ୭ରୁ ସନ୍ଧ୍ୟା ୬ ଯାଏ ଷ୍ଟୋର ଖୋଲିବା ଲାଗି କୁହାଯାଇଛି। ବାଣିଜ୍ୟିକ ଦୃଷ୍ଟିକୋଣରୁ ଏହି ସମୟ କାରବାର ଲାଗି ଠିକ୍ ହେଉନି। କାରଣ ଲୋକମାନେ ସାଧାରଣତଃ ସନ୍ଧ୍ୟାରେ ଆସି କିଣାକିଣି କରିଥାନ୍ତି। ଦୋକାନ ୬ଟା ବେଳେ ବନ୍ଦ ହୋଇଯାଉଛି। ସନ୍ଧ୍ୟାରେ କିଣାକିଣି କରିବାକୁ ଲୋକଙ୍କର ଦୀର୍ଘଦିନର ଅଭ୍ୟାସ ରହିଛି। ଖରାବେଳେ ଲୋକେ ଆସୁନାହାନ୍ତି। ସରକାରଙ୍କ କଟକଣା ଠିକ୍ । ମାତ୍ର କାରବାର ସମୟ ସକାଳ ୧୦ରୁ ରାତି ୮ ଯାଏ ରହିଲେ ଭଲ ହୁଅନ୍ତା। ହୁଏତ ମାର୍କେଟ କିଛି ଭଲ କରନ୍ତା। ମାର୍କେଟରେ କାରବାର ସମ୍ଭାବନା ରହିଛି। କାରଣ ବଜାର ଗତ କିଛି ସପ୍ତାହ ଧରି ସମ୍ପୂର୍ଣ୍ଣ ବନ୍ଦ ରହିଥିବାରୁ ଲୋକେ ଦରକାର ମୁତାବକ ମଧ୍ୟ ଠିକ୍‌ରେ କ୍ରୟ କରି ପାରିନାହାନ୍ତି। କରୋନା ଭ୍ୟାକ୍ସିନ ଆସି ନ ଥିବାରୁ କଟକଣା ସହ ଆଗକୁ ବଢ଼ିବାକୁ ହେବ। ଷ୍ଟୋରରେ ଲୋକଙ୍କୁ ସଚେତନ କରାଯାଉଛି। ଷ୍ଟୋରରେ ମାସ୍କ ମଧ୍ୟ ପ୍ରଦାନ କରାଯାଉଛି। କଟକଣା ରହିଥିବାରୁ ବଜାର ସମ୍ପୂର୍ଣ୍ଣ ଭଲ ସ୍ଥିତିକୁ ଆସିନି।

**-ଅନିଲ ଅଗ୍ରୱାଲ, ଏମ୍‌ଡି, ରୂପକଲ୍ୟାଣୀ**



“ଭୁବନେଶ୍ୱରରେ ପ୍ରାୟ ସବୁ ଦୋକାନ ଖୋଲିଗଲାଣି। ଆମେ ମଧ୍ୟ ସ୍ଥିତିକୁ ଦେଖି ଗତ ୨ ଦିନ ହେବ ଷ୍ଟୋର ଖୋଲିଛୁ। କଷ୍ଟମର ଫ୍ଲୋ ସେତେ ନାହିଁ। ଆମର ଲକ୍ସ୍ୟୁରି ଆଇଟମ୍ ଶୋ'ରୁମ୍ ହୋଇଥିବାରୁ କଷ୍ଟମର ଆସିବା ଲାଗି ଟିକିଏ ସମୟ ଲାଗିବ। କଷ୍ଟମର ବର୍ତ୍ତମାନ ଆସୁଛନ୍ତି। ହେଲେ ସଂଖ୍ୟା ବହୁତ କମ୍ ରହିଛି। ଲୋକ ବର୍ତ୍ତମାନର ସ୍ଥିତିକୁ ନେଇ ବହୁ ସଚେତନ ଅଛନ୍ତି। ସରକାରଙ୍କ କଟକଣାକୁ ମାନୁଛନ୍ତି। ଲକ୍ସ୍ୟୁରି ଆଇଟମ ରହିଥିବାରୁ ଗ୍ରାହକ ପ୍ରଡକ୍ଟ କ୍ରୟ କରୁଛନ୍ତି। ଫିଟିଂ କରିବା ବେଳେ ଲୋକ ସେମାନଙ୍କ ଘରକୁ ଯାଆନ୍ତୁ ବୋଲି ଚାହୁଁନାହାନ୍ତି। କମ୍ପାନୀ ଏବଂ ଷ୍ଟୋର ପକ୍ଷରୁ ସୁରକ୍ଷାକୁ ଧ୍ୟାନରେ ରଖାଯାଇଛି। କଷ୍ଟମରଙ୍କ ପାଇଁ ସୁରକ୍ଷାକୁ ପ୍ରାଥମିକତା ଦିଆଯାଇଛି। ଯଦି ୧୫ ଦିନ କିମ୍ବା ୧ ମାସ ମଧ୍ୟରେ ବଜାର ଟିକିଏ ସୁଧୁରେ ତେବେ କାରବାର ଭଲ ହେବା ନେଇ ଆଶାବାଦୀ।

**-ଇନ୍ଦ୍ରଜିତ ମହାନ୍ତି, ଏଏସ୍‌ଏମ୍, ଷ୍ଟାଇଲ ସା**

“ଚାହିଦା କମ୍ ରହିଥିବାରୁ ବର୍ତ୍ତମାନ ପ୍ରଡକ୍ସନ ନାହିଁ। ଲୋକମାନେ ଜରୁରୀ ସାମଗ୍ରୀ କ୍ରୟକୁ ବିଚାର କରୁଛନ୍ତି। କରୋନା ଯୋଗୁ ଖରାଦିନ କାରବାର ସମ୍ପୂର୍ଣ୍ଣ ଚଳିତ ବର୍ଷ ବିଗିଡିଯାଇଛି। ବର୍ତ୍ତମାନ ଲୋକଙ୍କ ନିକଟରେ ନଗଦ କମିଥିବାରୁ ଆଇସକ୍ରିମ ଚକୋଲେଟ ଶିଳ୍ପ ଉପରେ ଗଭୀର ପ୍ରଭାବ ରହିଛି। କରୋନା ସହ ଆମକୁ ଏମିତି ବଢ଼ିବାକୁ ହେବ। କଟକଣା ଯୋଗୁ ବର୍ତ୍ତମାନ ବାହାଘର ଏବଂ ଅନ୍ୟ କାର୍ଯ୍ୟକ୍ରମ ବନ୍ଦ ରହିଥିବାରୁ ବଜାରରେ ଦୀର୍ଘମିଆଦୀ ପ୍ରଭାବ ରହିବ। ମାର୍ଚ୍ଚ, ଏପ୍ରିଲ, ମେ ଏବଂ ଜୁନ ପିକ୍ ସିଜନ ରହିଥାଏ। ମାତ୍ର କରୋନା ଯୋଗୁ କାରବାର କ୍ଷତିଗ୍ରସ୍ତ। ଆଗାମୀ ଦିନରେ ସ୍ଥିତି ସାମାନ୍ୟ ସୁଧୁରିଲେ ମଧ୍ୟ ବଜାର ଉପରେ ପ୍ରଭାବିତ ରହିବ। ଭ୍ୟାକ୍ସିନ୍ ନ ଥିବାରୁ ଲୋକଙ୍କ ମନରେ ଭୟ ରହିବ। ବଜାରକୁ ଦେଖି ସେହି ଅନୁସାରେ ଆଗାମୀ କାର୍ଯ୍ୟପନ୍ଥା ଗ୍ରହଣ କରାଯିବ।



**-କରିମ କବିରୁଦ୍ଦିନ, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ, ହେଲ୍‌ଥ ଫୁଡ୍ ପ୍ରଡକ୍ଟ ପ୍ରାଇଭେଟ ଲିମିଟେଡ୍**



“ଗତ ୩ ଦିନ ହେବ ପୁରୀ ଷ୍ଟୋର ଖୋଲାଯାଇଛି। ଭୁବନେଶ୍ୱର ଷ୍ଟୋର ଗୋଟିଏ ଦିନ ଖୋଲିବା ପରେ ବନ୍ଦ ରହିଛି। କାରବାର ସମ୍ପୂର୍ଣ୍ଣ ପ୍ରଭାବିତ ରହିଛି। ଷ୍ଟୋର ଖୋଲିଲେ ମଧ୍ୟ ଗ୍ରାହକ ଏତେଟା ଆସୁନାହାନ୍ତି। ହ୍ୟାଣ୍ଡଲୁମ୍ ପ୍ରଡକ୍ଟ ଚାହିଦା ପର୍ଯ୍ୟଟକଙ୍କ ସହ ଲିଙ୍କ୍ ରଖୁଛି। ବର୍ତ୍ତମାନ କରୋନା ଯୋଗୁ ପର୍ଯ୍ୟଟନ ଶିଳ୍ପ ସମ୍ପୂର୍ଣ୍ଣ ବିଗିଡ଼ିଥିବାରୁ ହ୍ୟାଣ୍ଡଲୁମ୍ ପ୍ରଡକ୍ଟର ବିକ୍ରି ନାହିଁ। ବଜାର ଧୀରେ ଧୀରେ ଖୋଲିଲେ ଏଥିରେ ସାମାନ୍ୟ ପରିବର୍ତ୍ତନ ଆସିବା ନେଇ ଆଶାବାଦୀ।

**-ଲଲାଟେନ୍ଦୁ ମହାନ୍ତି, ପାର୍ଟନର, ପ୍ରିୟଦର୍ଶିନୀ**


**ଜନ୍ମଦିନ ଶୁଭେଚ୍ଛା**



(ଛୋଟୁ)
ଅଂଶୁମାନ୍ ମହାନ୍ତି
ଆଜି ତୋର ପବିତ୍ର ଜନ୍ମଦିନ ଅବସରରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା ସେ ତୋତେ ଦୀର୍ଘାୟୁ କରିବା ସହିତ ତୋ ଚଲାପଥ କୁସୁମିତ କରନ୍ତୁ।
-:ଶୁଭେଚ୍ଛା ସହ:-
ବାବା, ମାମା, ଜେଜେ, ଜେଜେ ମାଆ, ଅଜା, ଆଇ, ବଡ଼ ବାବା, ବଡ଼ ମାଆ, ସାନ ବଡ଼ ବାପା, ଅପା, ପିଉସା, ଅପା, ଭାଇ ଓ ମାମୁ, ମାଇଁ
ଧ-୧୭୨୯୦

**ତୃତୀୟ ଜନ୍ମଦିନ ଶୁଭେଚ୍ଛା**



ରାଜଶ୍ରୀ ମହାନ୍ତି (ବବୁଲୁ)
ଭୀମଟାଙ୍ଗୀ, ଭୁବନେଶ୍ୱର
ତୁମ ତୃତୀୟ ଜନ୍ମଦିନରେ ଅନେକ ଅନେକ ଶୁଭେଚ୍ଛା। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ କୃପାରୁ ତୁମର ଚଲାପଥ ଦୀର୍ଘାୟୁ ଏବଂ କୁସୁମିତ ହେଉ।
-:ଶୁଭେଚ୍ଛା ସହ:-
ବାପା, ମାଆ, ଅଜା, ଆଇ, ମାମୁ, ମାଇଁ, ମଉସା, ମାଉସୀ ଓ ପରିବାରବର୍ଗ।
ଧ-୧୭୨୮୯


## ୨ରୁ ୩ ଦିନରେ ଆସିପାରେ ଆର୍ଥିକ ପ୍ୟାକେଜ: ଗଡକରୀ

**ନୂଆଦିଲ୍ଲୀ, ୧୧।୫:** ଦେଶର ଆର୍ଥିକ ସ୍ଥିତି ବର୍ତ୍ତମାନ ଖରାପ ରହିଛି। ଋଣ ଇଏମ୍‌ଆଇ ଉପରେ ୩ମାସର ମୋରାଟୋରିୟମ ଘୋଷଣା କରାଯିବା ପରେ ମଧ୍ୟ ସ୍ଥିତି ସୁଧୁରିନି। ଆଗାମୀ ୨ରୁ ୩ଦିନ ମଧ୍ୟରେ ସରକାର ଆର୍ଥିକ ପ୍ୟାକେଜ ଘୋଷଣା କରିପାରନ୍ତି ବୋଲି କେନ୍ଦ୍ର ମନ୍ତ୍ରୀ ନୀତିନ ଗଡକରୀ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ, ସରକାର ଶିଳ୍ପଜଗତ ସହିତ ଛିଡ଼ା ହୋଇଛନ୍ତି। ମାତ୍ର ସରକାର ସବୁ କିଛି କରିବେ ତାହା ମଧ୍ୟ ହୋଇପାରିବ ନାହିଁ। ଏଭଳି ପ୍ରସଙ୍ଗକୁ ଅଂଶୀଦାରମାନେ ବିଚାର କରିବାର ଆବଶ୍ୟକତା ରହିଛି। ସମସ୍ତଙ୍କୁ କିଭଳି ସୁବିଧା ପହଞ୍ଚାଯାଇପାରିବ ସେ ପ୍ରସଙ୍ଗକୁ ସରକାର ଫୋକସ କରୁଛନ୍ତି। ସରକାର ତାଙ୍କର ଯଥାସାଧ୍ୟ ଉଦ୍ୟମ ମଧ୍ୟ କରୁଛନ୍ତି। ଟିକସ ରିଫଣ୍ଡ ଶୀଘ୍ର ପ୍ରଦାନ କରିବା ଲାଗି ଅର୍ଥ ମନ୍ତ୍ରଣାଳୟ ସହ ଆଲୋଚନା କରିଥିବା ସେ ମତବ୍ୟକ୍ତ କରିଛନ୍ତି।

## ରିଟେଲ ବିଜ୍‌ନେସ ଆରମ୍ଭ କଲା ହିରୋ



**ନୂଆଦିଲ୍ଲୀ, ୧୧।୫:** ହିରୋ ମୋଟୋକର୍ପ ଲିମିଟେଡ୍ ପକ୍ଷରୁ ଏହାର ରିଟେଲ ବିଜ୍‌ନେସକୁ ପୁଣି ଥରେ ଶୁଭାରମ୍ଭ କରାଯାଇଛି। ବର୍ତ୍ତମାନ ସୁଦ୍ଧା କମ୍ପାନୀ ପକ୍ଷରୁ ୧୫୦୦ ରିଟେଲ ଆଉଟଲେଟ ଶୁଭାରମ୍ଭ କରାଯାଇଛି। କଟକଣା ଉଠିବା ପରଠାରୁ ରିଟେଲ ସେଲ୍‌ସ ବିକ୍ରି ୧୦ ହଜାରରୁ ଊର୍ଦ୍ଧ୍ୱ ୟୁନିଟ ରହିଛି। ସେହିଭଳି ହୋଲ୍‌ସେଲ ଡେସ୍‌ପାଚ୍ ମଧ୍ୟ ଆରମ୍ଭ କରାଯାଇଛି। ୧୨ ଭାଷାରେ ଡିଲରଶିପଗୁଡ଼ିକରେ ରିଷ୍ଟାର୍ଟ ମାନୁଆଲ ପ୍ରଦାନ କରାଯାଇଛି। ୱେବିନାର ଦ୍ୱାରା ଟ୍ରେନିଂ କାର୍ଯ୍ୟକ୍ରମ ମଧ୍ୟ ହାତକୁ ନିଆଯାଇଛି। ସରକାରଙ୍କ ସାମାଜିକ ନିରାପତ୍ତା ନିୟମ ବାଦ୍ ଅନ୍ୟ କାର୍ଯ୍ୟକ୍ରମ ଗ୍ରହଣ କରାଯାଉଥିବା କମ୍ପାନୀ ପକ୍ଷରୁ ସୂଚନା ରହିଛି।

## ବେତନ ହ୍ରାସ କରିପାରେ ଟାଟା ଗ୍ରୁପ୍

**ମୁମ୍ବାଇ,୧୧।୫:** ପ୍ରମୁଖ ବାଣିଜ୍ୟିକ ଗ୍ରୁପ୍ ଟାଟା ଗ୍ରୁପ୍ ଅଫ କମ୍ପାନିଜ୍ ଏହାର କର୍ମଚାରୀଙ୍କ ବେତନ ହ୍ରାସ ବିଚାର କରୁଛି । ଗତ ୩ମାସ ହେଲା ଏହି ଗ୍ରୁପର ୭୦% ସଂସ୍ଥା ବ୍ୟାପକ କ୍ଷତିରେ ଚାଲୁଥିବାରୁ କମ୍ପାନୀ ଏଭଳି ନିଷ୍ପତ୍ତି ନେବାକୁ ଚିନ୍ତା କରୁଛି। ଟାଟା ଗ୍ରୁପର ତାଜ୍ ହୋଟେଲ, ଭିସ୍ତାର ବିମାନ ସେବା, ଟାଟା ମୋଟର୍ସ ଭଳି ପ୍ରମୁଖ କମ୍ପାନୀ ଏବେ ଲକ୍‌ଡାଉନ ପାଇଁ ବନ୍ଦ ହୋଇ ରହିଥିବାରୁ କାରବାର ସମ୍ପୂର୍ଣ୍ଣ ପ୍ରଭାବିତ ହୋଇଛି।

## ୪୬୮ ଶ୍ରମିକ ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ

**ନୂଆଦିଲ୍ଲୀ, ୧୧।୫:** କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ନିର୍ଦ୍ଦେଶ ଅନୁଯାୟୀ ରେଳ ମନ୍ତ୍ରଣାଳୟ ପକ୍ଷରୁ ବର୍ତ୍ତମାନ ସୁଦ୍ଧା ୪୬୮ଟି ଶ୍ରମିକ ସ୍ୱତନ୍ତ୍ର ଟ୍ରେନର ବ୍ୟବସ୍ଥା କରାଯାଇଛି । ସୋମବାର ସୁଦ୍ଧା ୩୬୩ ଟି ଟ୍ରେନ ପହଞ୍ଚି ସାରିଥିବା ବେଳେ ୧୦୮ଟି ଟ୍ରେନ ଗନ୍ତବ୍ୟ ସ୍ଥଳ ଅଭିମୁଖେ ବାହାରି ସାରିଛି। ଲକ୍‌ଡାଉନ୍‌ରେ ଫସି ରହିଥିବା ଲୋକମାନଙ୍କୁ ଯାତ୍ରା ସୁବିଧା ପ୍ରଦାନ କରିବାକୁ ଏଭଳି ବ୍ୟବସ୍ଥା ହୋଇଛି।

# ଖେଳ ଖବର

### ଛେତ୍ରୀଙ୍କୁ ଆଦର୍ଶ ମାନିବାକୁ ବିଜୟନ୍‌ଙ୍କ ପରାମର୍ଶ

**ନୂଆଦିଲ୍ଲୀ,୧୧।୫ (ପି.ଟି.):** ଦେଶର ଯୁବ ଫୁଟବଲରଙ୍କୁ କିମ୍ବଦନ୍ତୀ ଫୁଟବଲର ଆଇ.ଏମ୍. ବିଜୟନ ଭାରତୀୟ ଦଳ ଅଧିନାୟକ ସୁନୀଲ ଛେତ୍ରୀଙ୍କ ପଦାନୁସରଣ ଓ ତାଙ୍କୁ ଆଦର୍ଶ ମାନିବାକୁ ଯୁବ ଫୁଟବଲରମାନଙ୍କୁ ପରାମର୍ଶ ଦେଇଛନ୍ତି। ଗତ ମାସ ବିଜୟନ୍ ୫୧ବର୍ଷରେ ପଦାର୍ପଣ କରିଛନ୍ତି। ୩୫ ବର୍ଷରେ ପଦାର୍ପଣ କରିଥିଲେ ମଧ୍ୟ ଦୀର୍ଘଦିନ ଧରି ନିରବଚ୍ଛିନ୍ନ ଭାବେ ଖେଳ ଜାରି ରଖିଥିବାରୁ ସେ ଛେତ୍ରୀଙ୍କୁ ତାରିଫ୍ କରିଛନ୍ତି। ଏଥିରୁ ଯୁବ ଖେଳାଳିମାନେ ବହୁତ କିଛି ଶିକ୍ଷା କରିପାରିବେ ବୋଲି ଛେତ୍ରୀଙ୍କ ସହ ଇନ୍‌ଷ୍ଟାଗ୍ରାମ୍‌ରେ ଏକ ଲାଇଭ୍ ଚାଟ୍‌ରେ ଅଂଶଗ୍ରହଣ କରିବା ଅବସରରେ ସେ ଏହି କଥା କହିଛନ୍ତି। ତୁମର ମ୍ୟାଚ୍‌ଗୁଡିକୁ ନିୟମିତ ଭାବେ ଦେଖିଥାଏ। ନିଜ କ୍ଲବ ଓ ଦେଶ ପାଇଁ ଯେଉଁଭଳି ଉତ୍ସର୍ଗୀକୃତ ମନୋଭାବ ନେଇ ଖେଳୁଛ, ତାହା ବାସ୍ତବରେ ଶିକ୍ଷଣୀୟ ବୋଲି ଛେତ୍ରୀଙ୍କୁ ସମ୍ବୋଧନ କରି ବିଜୟନ କହିଛନ୍ତି।

## ସାନିଆଙ୍କୁ ଫେଡ୍ କପ୍ ହାର୍ଟ ଆୱାର୍ଡ

**ନୂଆଦିଲ୍ଲୀ, ୧୧।୫ (ପି.ଟି.)**



ଷ୍ଟାର ଟେନିସ ଖେଳାଳି ସାନିଆ ମିର୍ଜା ପ୍ରଥମ ଭାରତୀୟ ଭାବେ ଫେଡ୍ କପ୍ ହାର୍ଟ ଆୱାର୍ଡ ଜିତିଛନ୍ତି। ମାତୃତ୍ୱ ଲାଭ ପରେ ଟେନିସ କୋର୍ଟକୁ ସଫଳ ପ୍ରତ୍ୟାବର୍ତ୍ତନ ପାଇଁ ତାଙ୍କୁ ଏହି ପୁରସ୍କାର ମିଳିଛି। ସାନିଆ ଏସିଆ/ଓସେନିଆ ଜୋନ୍‌ରୁ ଏହି ଆୱାର୍ଡ ପାଇଛନ୍ତି। ଚଳିତ ବର୍ଷର ୩ ରିଜିଓନାଲ ଗ୍ରୁପ୍-୧ ପ୍ରାର୍ଥୀଙ୍କ ଲାଗି ମୋଟ ୧୬,୯୮୫ ଜଣ ମତ ସାବ୍ୟସ୍ତ କରିଥିଲେ। ସାନିଆଙ୍କୁ ୧୦,୦୦୦ରୁ ଅଧିକ ଭୋଟ ମିଳିଥିଲା। ଫେଡ୍ କପ୍ ହାର୍ଟ ଆୱାର୍ଡ ପାଇଁ ଅନ୍‌ଲାଇନ୍ ଭୋଟିଂ ହୋଇଥାଏ। ମେ' ୧ ତାରିଖରୁ ଏକ ସପ୍ତାହ ଧରି ଏହା ଚାଲିଥିଲା। ଫେଡ୍ କପ୍ ପ୍ରତିଯୋଗିତାରେ ସାନିଆ ବିଶ୍ୱର ଜଣେ ଲୋକପ୍ରିୟ ଖେଳାଳି। ପ୍ରଥମ ଭାରତୀୟ ଭାବେ ଫେଡ୍ କପ୍ ହାର୍ଟ ଆୱାର୍ଡ ଜିତିଥିବାରୁ ମୋ ପାଇଁ ଏକ ଗର୍ବର ବିଷୟ ବୋଲି ସାନିଆ କହିଛନ୍ତି। ଏହି ପୁରସ୍କାରକୁ ମୁଁ ସମଗ୍ର ଦେଶ ଓ ମୋର ସମର୍ଥକମାନଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ କରୁଛି ବୋଲି ସାନିଆ କହିଛନ୍ତି। ସେ ଆହୁରି ମଧ୍ୟ ଯେଉଁମାନେ ତାଙ୍କୁ ଭୋଟ ଦେଇଛନ୍ତି ସେମାନଙ୍କୁ ଧନ୍ୟବାଦ ଜଣାଇଛନ୍ତି। ସାନିଆ ୪ବର୍ଷ ପରେ ଫେଡ୍ କପ୍‌କୁ ପ୍ରତ୍ୟାବର୍ତ୍ତନ କରିଥିଲେ। ଭାରତକୁ ପ୍ରଥମ ଥର ପ୍ଲେ-ଅଫ୍‌ରେ ପହଞ୍ଚାଇବାରେ ତାଙ୍କର ପ୍ରମୁଖ ଭୂମିକା ରହିଥିଲା। ୨୦୧୮ ଅକ୍ଟୋବରରେ ପୁତ୍ର ସନ୍ତାନ ଇଝାନ୍‌ଙ୍କ ଜନ୍ମ ପରେ ସାନିଆ ଜାନୁୟାରୀରେ କୋର୍ଟକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ନାଡିଆ କିଚେନୋକ୍‌ଙ୍କ ସହିତ ହୋବାର୍ଟ ଇଣ୍ଟରନ୍ୟାଶନାଲରେ ମହିଳା ଡବଲ୍ସ ଟାଇଟଲ ଜିତିଥିଲେ। ପୂର୍ବତନ ନମ୍ବର ୱାନ ଡବଲ୍ସ ଏବଂ ୬ଥର ଗ୍ରାଣ୍ଡସ୍ଲାମ ଚାମ୍ପିୟନ ସାନିଆ ଇଣ୍ଡୋନେସିଆର ୧୬ବର୍ଷୀୟା ପ୍ରିସ୍କା ମେଡିଲିନ୍ ନୁଗ୍ରୋହୋଙ୍କୁ ପଛରେ ପକାଇ ଏସିଆ/ଓସେନିଆ ରିଜିଓନାଲ କାଟେଗୋରୀରେ ପୁରସ୍କାର ଜିତିଥିଲେ। ପ୍ରତ୍ୟେକ କାଟେଗୋରୀର ବିଜେତା ପୁରସ୍କାର ବାବଦରେ ୨୦୦୦ ଆମେରିକୀୟ ଡଲାର ପୁରସ୍କାର ମିଳିବ। ୩୩ ବର୍ଷୀୟା ହାଇଦ୍ରାବାଦୀ ତାଙ୍କ ପୁରସ୍କାର ରାଶିକୁ କୋଭିଡ୍-୧୯ ମହାମାରୀ ବିରୋଧରେ ଲଢେଇ ପାଇଁ ତେଲଙ୍ଗାନା ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ପ୍ରଦାନ କରିଛନ୍ତି।

## 'ଲକ୍‌ଡାଉନ୍ ଉଠିଲେ ତାରକା ଆଥ୍‌ଲେଟଙ୍କ ଟ୍ରେନିଂ'



**ନୂଆଦିଲ୍ଲୀ,୧୧।୫ (ପି.ଟି.):** କୋଭିଡ୍-୧୯ କାରଣରୁ ଚାଲିଥିବା ଲକ୍‌ଡାଉନ୍ ଉଠାଇ ଦିଆଗଲେ ତାରକା ତଥା ଆଗଧାଡିର ଆଥ୍‌ଲେଟମାନେ ସେମାନଙ୍କ ଟ୍ରେନିଂ ଆରମ୍ଭ କରିପାରିବେ ବୋଲି କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ କିରେନ ରିଜିଜୁ କହିଛନ୍ତି। ତେଣୁ କ୍ରୀଡ଼ାବିତ୍ ଓ କ୍ରୀଡ଼ା ସହିତ ଜଡିତ ରହିଥିବା ବ୍ୟକ୍ତିମାନଙ୍କୁ ଧୈର୍ଯ୍ୟ ଧରିବାକୁ ସେ ପରାମର୍ଶ ଦେଇଛନ୍ତି।

ଆଥ୍‌ଲେଟଙ୍କ ସ୍ୱାସ୍ଥ୍ୟକୁ ପ୍ରାଥମିକ ଭାବେ ଗୁରୁତ୍ୱ ଦିଆଯିବ ବୋଲି ତାଙ୍କ ପୁରୁଣା କଥାକୁ ସେ ଦୋହରାଇଛନ୍ତି। ମେ ୧୭ ତାରିଖରେ ଲକ୍‌ଡାଉନ୍ ଶେଷ ହେବ। କରୋନା ଭାଇରସ ସଂକ୍ରମଣ ମାମଲା ବୃଦ୍ଧି ହେବାରୁ ଲକ୍‌ଡାଉନ୍‌କୁ ଦୁଇଥର ବୃଦ୍ଧି କରା ଯାଇଥିଲା।

ଆଗ ଧାଡିର ଆଥ୍‌ଲେଟଙ୍କ ଟ୍ରେନି ଆରମ୍ଭ ହେବା ପରେ ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ (ସାଇ) ଟ୍ରେନିଂ ସେଣ୍ଟରରେ ଅନ୍ୟ ଆଥ୍‌ଲେଟମାନେ ମଧ୍ୟ ପର୍ଯ୍ୟାୟକ୍ରମେ ପ୍ରଶିକ୍ଷଣ ଆରମ୍ଭ କରିପାରିବେ। ତେବେ ଏ ନେଇ ଅତ୍ୟଧିକ ଉତ୍ସାହିତ ହୋଇ ତରବର ନ ହେବାକୁ ସେ ସମସ୍ତଙ୍କୁ ପରାମର୍ଶ ଦେଇଛନ୍ତି।


**ମନେ ପଡ଼ନ୍ତି**

ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତା ସସ୍ମିତା ପାଢୀ
ଆର ଆର ଆଇଟି କଲୋନୀ, ସୁନ୍ଦରଗଡ
ଆବିର୍ଭାବ: ୨୫।୧୧।୧୯୬୫
ତିରୋଧାନ: ୨୪।୦୫।୨୦୧୯
ଆଜିକୁ ବର୍ଷେ ବିତିଗଲା। ସଂସାର ଯୁଦ୍ଧରେ ହାରିଗଲେ ମଧ୍ୟ ତୁମର ତ୍ୟାଗ, ସ୍ନେହ, ଶ୍ରଦ୍ଧା, ଆଦର୍ଶ ଓ ନିଷ୍ଠାପର କର୍ତ୍ତବ୍ୟପରାୟଣତା ଆଜିବି ଅବିସ୍ମରଣୀୟ ହୋଇ ରହିଯାଇଛି ଓ ସର୍ବଦା ଉଜ୍ଜୀବିତ ହୋଇ ସମସ୍ତଙ୍କୁ ବାଟ ଦେଖାଉଥିବ। ତୁମର ଅମର ଆତ୍ମାର ସଦ୍‌ଗତି ପାଇଁ ଜଗତର ନାଥ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
-:ଶୋକସନ୍ତପ୍ତ:-
ସ୍ୱାମୀ: ପ୍ରତାପ ଚନ୍ଦ୍ର ତ୍ରିପାଠୀ, ପୁଅ: ରାଜ କୁମାର ଓ ରାଜେଶ କୁମାର ଏବଂ ପାଢୀ ଓ ତ୍ରିପାଠୀ ପରିବାରବର୍ଗ ।
ଧ-୧୭୨୯୧


## ସେପ୍ଟେମ୍ବର ପର୍ଯ୍ୟନ୍ତ ୫୪ ଏନ୍‌ଏସ୍‌ଏଫ୍‌କୁ ସ୍ୱୀକୃତି

**ନୂଆଦିଲ୍ଲୀ,୧୧।୫ (ପି.ଟି.):** କେନ୍ଦ୍ର କ୍ରୀଡ଼ା ମନ୍ତ୍ରଣାଳୟ ଦେଶର ୫୪ ଜାତୀୟ ସ୍ପୋର୍ଟ୍ସ ଫେଡେରେଶନ (ଏନ୍‌ଏସ୍‌ଏଫ୍) ଗୁଡ଼ିକୁ ସ୍ୱୀକୃତି ପ୍ରଦାନ କରିଛି। ଚଳିତବର୍ଷ ସେପ୍ଟେମ୍ବର ପର୍ଯ୍ୟନ୍ତ ଏହି ସ୍ୱୀକୃତି ବଳବତ୍ତର ରହିବ। ତେବେ ପାରା ଅଲିମ୍ପିକ୍ କମିଟି ଅଫ୍ ଇଣ୍ଡିଆ (ପିସିଆଇ) ଓ ରୋଇଂ ଫେଡେରେଶନକୁ ଏଥିରୁ ବାଦ୍ ଦିଆଯାଇଛି। ନୂଆକରି ଅଲ୍ ଇଣ୍ଡିଆ କ୍ୟାରମ ଫେଡେରେଶନକୁ ମଧ୍ୟ ମନ୍ତ୍ରଣାଳୟ ସ୍ୱୀକୃତି ଦେଇଛି। କିନ୍ତୁ ପିସିଆଇ, ରୋଇଂ ଫେଡେରେଶନ ଅଫ୍ ଇଣ୍ଡିଆ (ଆରଏଫ୍‌ଆଇ) ଓ ସ୍କୁଲ ଗେମ୍ସ ଫେଡେରେଶନ ଅଫ୍ ଇଣ୍ଡିଆ (ଏସ୍‌ଜିଏଫ୍‌ଆଇ)କୁ ସ୍ୱୀକୃତି ପ୍ରଦାନ କରାଯାଇ ନାହିଁ। ନ୍ୟାଶନାଲ ସ୍ପୋର୍ଟ୍ସ କୋଡ୍‌ର ଉଲ୍ଲଂଘନ କରିଥିବାରୁ ପିସିଆଇ ଓ ଆରଏଫ୍‌ଆଇକୁ ଏଥିରୁ ବାଦ୍ ଦିଆଯାଇଛି। ସେହିପରି ସୁଶୀଲ କୁମାରଙ୍କ ନେତୃତ୍ୱାଧୀନ ଏସ୍‌ଜିଏଫ୍‌ଆଇକୁ ମିସ୍ ମ୍ୟାନେଜମେଣ୍ଟ ପାଇଁ ଏଥିରୁ ବଞ୍ଚିତ ହେବାକୁ ପଡିଛି। ପ୍ରତିବର୍ଷ ଏପରି ସ୍ୱୀକୃତି ପ୍ରଦାନ କରାଯାଇଥାଏ। ଏଥର କିନ୍ତୁ ସେପ୍ଟେମ୍ବର ପର୍ଯ୍ୟନ୍ତ ସ୍ୱୀକୃତି ପ୍ରଦାନ କରାଯାଇଥାଏ। ତେବେ ଏ ସଂକ୍ରାନ୍ତରେ ଭାରତୀୟ ଅଲିମ୍ପିକ୍ ଆସୋସିଏଶନ (ଆଇଓଏ) ଅଧ୍ୟକ୍ଷ ନରିନ୍ଦର ବାତ୍ରା ପ୍ରଶ୍ନ




ଉଠାଇଛନ୍ତି। ସେପ୍ଟେମ୍ବର ପର୍ଯ୍ୟନ୍ତ କାହିଁକି, ଡିସେମ୍ବର ପର୍ଯ୍ୟନ୍ତ କାହିଁକି ନୁହଁ ବୋଲି ସେ ପ୍ରଶ୍ନ କରିଛନ୍ତି। ତେବେ କ୍ରୀଡ଼ା ମନ୍ତ୍ରଣାଳୟ ତରଫରୁ ଏ ନେଇ କୌଣସି ସଫେଇ ଦିଆଯାଇନାହିଁ। ଏନ୍‌ଏସ୍‌ଏଫ୍‌ଗୁଡିକ ଦୈନନ୍ଦିନ ଖର୍ଚ୍ଚ ପାଇଁ ସରକାରଙ୍କ ଉପରେ ନିର୍ଭର କରିଥାନ୍ତି। ତେଣୁ ମନ୍ତ୍ରଣାଳୟ ସ୍ୱୀକୃତ ବେଶ୍ ଗୁରୁତ୍ୱ ବହନ କରିଥାଏ।

## ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ଓଡ଼ିଶା ଏଫ୍‌ସିର ସହାୟତା

**ଭୁବନେଶ୍ୱର, ୧୧।୫(କ୍ରୀଡ଼ା ପ୍ରତିନିଧି):** କୋଭିଡ-୧୯ କାରଣରୁ ସମସ୍ତ ଖେଳ ବନ୍ଦ ରହିଥିବାବେଳେ ବିଭିନ୍ନ ଅନୁଷ୍ଠାନ, କ୍ଲବ ଏବଂ ବ୍ୟକ୍ତିବିଶେଷ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ସହାୟତାର ହାତ ବଢ଼ାଉଛନ୍ତି। ଏଥିରେ ସାମିଲ ହୋଇଛି ଭୁବନେଶ୍ୱର ଭିତ୍ତିକ ଇଣ୍ଡିଆନ ସୁପରଲିଗ୍ (ଆଇଏସଏଲ) କ୍ଲବ ଓଡ଼ିଶା ଏଫ୍‌ସି। ''ଓଡ଼ିଶା ସମେତ ସମଗ୍ର ବିଶ୍ୱ ପାଇଁ ସାମ୍ପ୍ରତିକ ସମୟ ଅତ୍ୟନ୍ତ ହୃଦୟ ବିଦାରକ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଉଚିତ ପଦକ୍ଷେପ ନିଆଯାଇଥିବାରୁ ରାଜ୍ୟରେ ସ୍ଥିତି ନିୟନ୍ତ୍ରଣାଧୀନ ରହିଛି। ଏହି ଲଢ଼େଇରେ ସାମିଲ ହୋଇ ଓଡ଼ିଶା ଏଫ୍‌ସି ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ସହାୟତା କରିବାକୁ ଉଚିତ ମନେ କରୁଛି। ଆମକୁ ଅଜସ୍ର ଭଲପାଇବା ଦେଇଥିବା ଓଡ଼ିଶାବାସୀଙ୍କ ହିତରେ ଏହା ଲାଗି ପାରିବା ନେଇ ଆମେ ଆଶାବାଦୀ'' ବୋଲି ଜିଏମ୍‌ଏସ୍ (ଓଡ଼ିଶା ଏଫ୍‌ସିର ମୁଖ୍ୟ)ର ମୁଖ୍ୟ କାର୍ଯ୍ୟନିର୍ବାହୀ ଡ. ଅନିଲ ଶର୍ମା ପ୍ରକାଶ କରିଛନ୍ତି।

## ଆମେରିକା ୨ୟ, ଭାରତ ୫ମ

**ମାନିଲା(ଫିଲିପାଇନ୍ସ),୧୧।୫**

**ଚାଇନା ଜିତିଲା ନେସନ୍ସ କପ୍**

ଫିଡେ଼ ଚେସ୍ ପକ୍ଷରୁ ଆୟୋଜିତ ସର୍ବପ୍ରଥମ ଅନ୍‌ଲାଇନ୍ ନେସନ୍ସ କପ୍ ଚେସ୍ ଟୁର୍ନାମେଣ୍ଟରେ ଚାଇନା ଚାମ୍ପିୟନ ହୋଇଛି। ଚାଇନା ଓ ଆମେରିକା ମଧ୍ୟରେ ଅନୁଷ୍ଠିତ ସୁପର ଫାଇନାଲ ୨-୨ ସ୍ଥିତିରେ ଶେଷ ହୋଇଥିଲା। ଫଳରେ ରାଉଣ୍ଡ ରବିନ୍ ଭିତ୍ତିରେ ଚାଇନା ଟାଇଟଲ ହାସଲ କରିଥିଲା। କେବଳ ଗ୍ରାଣ୍ଡମାଷ୍ଟରଙ୍କୁ ନେଇ ୬ଟି ଦେଶ ମଧ୍ୟରେ ୨,୦୦,୦୦୦ ଡଲାର ପୁରସ୍କାର ରାଶି ବିଶିଷ୍ଟ ଏହି ଟୁର୍ନାମେଣ୍ଟ ହୋଇଥିଲା। ଏହାକୁ ବିଭିନ୍ନ ଭାଷାଭାଷୀ ପ୍ରାୟ ଏକ ମିଲିଅନରୁ ଊର୍ଦ୍ଧ୍ୱ ଦର୍ଶକ ଉପଭୋଗ କରିଥିଲେ। ତାରକା ଖେଳାଳି ୟୁ ୟାଙ୍ଗୟି (୨୭୩୮ ରେଟିଂ) ଫିଲିପାଇନ୍ସ ଜନ୍ମିତ ଆମେରିକାର ୱେସ୍‌ଲି ସୋ(୨୭୪୧)ଙ୍କୁ ହରାଇ



ଚାଇନାକୁ ମହତ୍ତ୍ୱପୂର୍ଣ୍ଣ ଅଗ୍ରଣୀ କରିଥିଲେ। ଡିଙ୍ଗ୍ ଲିରେନ(୨୮୩୬)-ହିକାରୁ ନାକାମୁରା(୨୮୨୯) ଏବଂ ହୋ ୟିଫାନ(୨୬୨୧)-ଇରିନା କ୍ରୁଶ(୨୩୯୨) ମ୍ୟାଚ ଡ୍ର ରହିଥିଲା। ଆମେରିକାର ଫାବିଆନୋ କାରୁଆନା(୨୭୭୩) ଚାଇନାର ୱେଇ ୟି(୨୭୫୨)ଙ୍କୁ ହରାଇଥିଲେ ହେଁ କିଛି ଫରକ ପଡ଼ି ନ ଥିଲା।

ଆୟୋଜକ ଅନ୍ତର୍ଜାତୀୟ ଚେସ୍ ଫେଡେରେଶନ ପକ୍ଷରୁ ପ୍ରତି ଦଳକୁ ୨୪,୦୦୦ ଡଲାର ପ୍ରଦାନ କରାଯାଇଛି। ଚାମ୍ପିୟନ ଚାଇନା ଅଧିକ ୨୪,୦୦୦ ଡଲାର ଏବଂ ଆମେରିକା ୧୨,୦୦୦ ଡଲାର ହାସଲ କରିଛି। ୧୦ ରାଉଣ୍ଡ ବିଶିଷ୍ଟ ପ୍ରତିଯୋଗିତାରେ ଚାଇନା ସର୍ବାଧିକ ୨୫.୫, ଆମେରିକା ୨୨ ଓ ୟୁରୋପ ଦଳ ୨୧.୫ ପଏଣ୍ଟ ସହ ପ୍ରଥମ ୩ ସ୍ଥାନ ଅଧିକାର କରିଛି। ଅନ୍ୟ ଦଳଗୁଡ଼ିକ ମଧ୍ୟରେ ରୁଷିଆ ୧୯, ଭାରତ ୧୭.୫ ଓ ଅବଶିଷ୍ଟ ବିଶ୍ୱ ଦଳ ୧୪.୫ ପଏଣ୍ଟ ପାଇ ଶେଷ ୩ ସ୍ଥାନରେ ରହିଛନ୍ତି ।



3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ